# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, July 2/2019 | ★★★★★★

୪୫ଶ ଭାଗ ୨୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଆକ୍ସନ ପାଇଁ ପ୍ରସିଦ୍ଧି ପାଇଛି**

ଆକ୍ସନ ପାଇଁ ବଲିଉଡରେ ପ୍ରସିଦ୍ଧି ଅର୍ଜନ କରିବା ସହିତ ଦର୍ଶକଙ୍କ ପ୍ରଶଂସାଭାଜନ ହୋଇପାରିଥିବା କହିଛନ୍ତି ବଲିଉଡ ଅଭିନେତା ଅକ୍ଷୟ କୁମାର। ୦୮

୦୮

**ଭାରତୀୟ ଦଳରେ ମୟଙ୍କ**

ଆଘାତଜନିତ ସମସ୍ୟା ଲାଗି ଚଳିତ ଆଇସିସି ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିବା ବିଜୟ ଶଙ୍କରଙ୍କ ସ୍ଥାନରେ ମୟଙ୍କ ଅଗ୍ରୱାଲଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି।

୧୮



# ଅପରେଶନ ପାଇଁ ଡିସେମ୍ବର ଯାଏ ଅପେକ୍ଷା

**ବଦଳିପାରୁନି କଟକ ଶିଶୁଭବନର ଦୁରବସ୍ଥା**

- ଦିନକୁ ୫ରୁ ଅଧିକ ଶିଶୁଙ୍କ ମୃତ୍ୟୁ
- ୨ବର୍ଷ ଧରି ଜରୁରିକାଳୀନ ଓଟି ବନ୍ଦ
- ୬ବର୍ଷ ହେଲା ଆସିନି ନୂଆ ଯନ୍ତ୍ରପାତି




ନିର୍ମଳ ପଣ୍ଡା

କଟକ ଅଫିସ, ୧।୭

୨୦୧୫ ଅଗଷ୍ଟ ଶେଷ ସପ୍ତାହରେ କଟକ ଶିଶୁଭବନ ଜାତୀୟ ଗଣମାଧ୍ୟମର ଆକର୍ଷଣରେ ରହିଥିଲା। କାରଣ ଗୋଟିଏ ସପ୍ତାହରେ ଏହି ପ୍ରିମିୟର ସ୍ୱାସ୍ଥ୍ୟାନୁଷ୍ଠାନରେ ୫୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଫଳରେ ତତ୍କାଳୀନ ଶିଶୁଭବନ ଅଧୀକ୍ଷକ, ପ୍ରଶାସନିକ ଅଧିକାରୀ ଓ କେତେଜଣ ଡାକ୍ତରଙ୍କୁ ବଦଳି କରାଯାଇଥିଲା। ହସ୍ପିଟାଲର ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ସହାୟତା ମାଗିଲେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେତେବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ। ଶିଶୁଭବନ ଶିଶୁମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୪ବର୍ଷ ବିତିଛି। ହେଲେ ଭିତ୍ତିଭୂମିରେ ସାମାନ୍ୟ ସୁଧାର ଆସିନାହିଁ। ପୂର୍ବଭଳି ଶିଶୁ ମୃତ୍ୟୁହାର ଅପରିବର୍ତ୍ତିତ ରହିଥିବା ବେଳେ ରୋଗୀମାନେ ଚିକିତ୍ସା ପାଇବା ପାଇଁ ହୀନସ୍ତା ହେଉଛନ୍ତି।

୪୧୬ ବେଡ୍ ବିଶିଷ୍ଟ ଏହି ହସ୍ପିଟାଲର ଆଉଟ୍‌ଡୋରକୁ ଦୈନିକ ୪୫୦ରୁ ୫୦୦ ରୋଗୀ ଆସୁଥିବା ବେଳେ ଇନ୍‌ଡୋରରେ ୬୦ରୁ ୭୦ ରୋଗୀ ଭର୍ତ୍ତି ହେଉଛନ୍ତି। ବର୍ଷକୁ ଏଠାରେ ପ୍ରାୟ ୧୫୦୦ ଅପରେଶନ କରାଯାଉଥିବାବେଳେ ସେଥିରୁ ୪୦୦ ନବଜାତ ଶିଶୁ ରହିଛନ୍ତି। କିନ୍ତୁ ହସ୍ପିଟାଲର ଜରୁରିକାଳୀନ ଓଟି ୨ବର୍ଷ ହେବ ବନ୍ଦ ରହିଛି। ଓଟି ବନ୍ଦ ରହିବା ପଛର କାରଣ ହେଉଛି ଯନ୍ତ୍ରପାତି ଓ ନିଶ୍ଚେତକ ଡାକ୍ତରଙ୍କ ଅଭାବ। ୬ବର୍ଷ ହେଲା ମେଡିକାଲ ପକ୍ଷରୁ ଯନ୍ତ୍ରପାତି ପାଇଁ ସରକାରଙ୍କୁ ବାରମ୍ବାର ତାଲିକା ଦିଆଯାଉଥିବା ବେଳେ ତାହା ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ (ଓଏସ୍‌ଏମ୍‌ସିଏଲ୍)ରେ ପଡ଼ି ରହିଥିବା ଶିଶୁଭବନର ଜଣେ ବରିଷ୍ଠ ଡାକ୍ତର କହିଛନ୍ତି। ଏଭଳି ସ୍ଥିତିରେ କଳଙ୍କି ଲଗା ପୁରୁଣା ଯନ୍ତ୍ରପାତିରେ ଅପରେଶନ କରାଯାଉଥିବା ସମ୍ପୃକ୍ତ ଡାକ୍ତର ଜଣକ କହିଛନ୍ତି। ମୁଖ୍ୟତଃ ଜରୁରିକାଳୀନ ଓଟି ବନ୍ଦ ରହିଥିବାରୁ ଗୋଟିଏ ଓଟି ଉପରେ ସମସ୍ତ ରୋଗୀଙ୍କୁ ନିର୍ଭର କରିବାକୁ ପଡୁଛି। ଫଳରେ ଅପରେଶନ ପାଇଁ ରୋଗୀଙ୍କୁ ଅପେକ୍ଷା କରିବାକୁ କୁହାଯାଇ ଆସନ୍ତା ଡିସେମ୍ବର ପର୍ଯ୍ୟନ୍ତ ସମୟ ଦିଆଯାଇଥିବା ଜଣାପଡ଼ିଛି।

ଶିଶୁଭବନ ଭିତ୍ତିଭୂମିକୁ ନେଇ ଏଭଳି ସମସ୍ୟା ଲାଗି ରହିଥିବା ବେଳେ ଏଠାରେ ଶିଶୁ ମୃତ୍ୟୁହାରରେ ମଧ୍ୟ ସାମାନ୍ୟ ପରିବର୍ତ୍ତନ ଆସିନାହିଁ। ୨୦୧୭ରେ ଶିଶୁଭବନରେ ୨୦୫୪ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୧୮ରେ ୨୧୩୧ ଓ ୨୦୧୯ ମେ ସୁଦ୍ଧା ୮୬୬ଜଣଙ୍କ ପ୍ରାଣହାନି ହୋଇଛି। ଏହି ହାରରେ ଦେଖିଲେ ମାସକୁ ୧୭୭ରୁ ଅଧିକ ଶିଶୁଙ୍କ ମୃତ୍ୟୁ ଘଟୁଥିବାବେଳେ ଦିନକୁ ମୃତ୍ୟୁହାର ୫ରୁ ଅଧିକ ରହୁଛି। ୨୦୧୫ ଅଗଷ୍ଟ ୨୯ରେ ଶିଶୁଭବନରେ ୨୪ଘଣ୍ଟାରେ ୧୦ଜଣ ଶିଶୁଙ୍କ ମୃତ୍ୟୁକୁ ନେଇ ତୁମ୍ବିତୋଫାନ ଆରମ୍ଭ ହୋଇଥିଲା। କିନ୍ତୁ ଏବେ ବି ଗୋଟିଏ ଦିନରେ ୧୦ଜଣ ଶିଶୁଙ୍କ ମୃତ୍ୟୁ ଘଟୁଥିବା ଦେଖାଯାଇଛି। ଉଦାହରଣ ଭାବେ ଗତ ଜୁନ ୩ରେ ଶିଶୁଭବନରେ ୧୦ଜଣ ଶିଶୁଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିଭିନ୍ନ ସଂକ୍ରାମକ ରୋଗ ଯୋଗୁ ବର୍ଷର ଜୁଲାଇରୁ ଅକ୍ଟୋବର ପର୍ଯ୍ୟନ୍ତ ଶିଶୁ ମୃତ୍ୟୁହାର ଅଧିକ ରହେ। ୨୦୧୭ ଜୁଲାଇରେ ଶିଶୁଭବନରେ ୧୯୬ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ଅଗଷ୍ଟରେ ୧୯୫, ସେପ୍ଟେମ୍ବରରେ ୧୯୬, ଅକ୍ଟୋବରରେ ୧୯୦ଜଣଙ୍କ ପ୍ରାଣହାନି ହୋଇଥିଲା। ସେହିପରି ୨୦୧୮ ଜୁଲାଇରେ ୧୭୯, ଅଗଷ୍ଟରେ ୨୨୫, ସେପ୍ଟେମ୍ବରରେ ୨୨୪ ଓ ଅକ୍ଟୋବରରେ ୧୯୮ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁଇବର୍ଷକୁ ତୁଳନା କଲେ ଶିଶୁମୃତ୍ୟୁ ବୃଦ୍ଧି ପାଉଛି। ଚଳିତବର୍ଷ ଏହି ସଂକ୍ରାମକ ସମୟ ଆରମ୍ଭ ହୋଇଯାଇଥିବାବେଳେ ଶିଶୁଭବନର ଦୁର୍ବଳ ସ୍ଥିତିକୁ ନେଇ ଚିନ୍ତା ଘାରିଛି।

ଭିତ୍ତିଭୂମି ଓ ଶିଶୁ ମୃତ୍ୟୁହାର ସମ୍ପର୍କରେ ପଚରାଯିବାରୁ ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ସରୋଜ ଶତପଥୀ କୁହନ୍ତି, ୧୧୭ କୋଟି ଟଙ୍କା ବ୍ୟୟରେ ଶିଶୁଭବନ ପରିସରରେ ୭ମହଲା କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟ ଶେଷ ହେବା ପରେ ଅନେକ ସମସ୍ୟାର ସମାଧାନ ହୋଇଯିବ। ଏହାବାଦ୍ ନିଶ୍ଚେତକ ଡାକ୍ତର ଅଭାବ ଯୋଗୁ ଜରୁରିକାଳୀନ ଓଟି ବନ୍ଦ ରହୁଥିବା ଡାକ୍ତର ଶତପଥୀ ସ୍ୱୀକାର କରିଥିଲେ।

■ ଶିଶୁଙ୍କୁ ବିଷ ଦେଇ ମା’ଙ୍କ ଆତ୍ମହତ୍ୟା ଘଟଣା

# ବାଚସ୍ପତିଙ୍କ ତଦନ୍ତ ନିର୍ଦ୍ଦେଶ

**ଭୋକର ଭୂଗୋଳ ମାଲକାନଗିରି**

■ ବିଧାନସଭାରେ ସରକାରଙ୍କୁ ଘେରିଲେ ବିରୋଧୀ

ଭୁବନେଶ୍ୱର, ୧।୭(ବ୍ୟୁରୋ)

ରାଜ୍ୟରେ କେହି ଗରିବ ରହିବେ ନାହିଁ। ଭୋକ ଉପାସରେ କାହାରିକୁ ମରିବାକୁ ଦିଆଯିବନାହିଁ। ଏମିତି ଅନେକ ପ୍ରତିଶ୍ରୁତି ଦିଆଯାଉଛି। ଯୋଜନା ପରେ ଯୋଜନା କରାଯାଉଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଖାଦ୍ୟ ନିରାପତ୍ତା ଯୋଜନା ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି। ଏହାସତ୍ତ୍ୱେ ମାଲକାନଗିରି ଜିଲା ପାଲଟିଛି ଭୋକର ଭୂଗୋଳ। ଏବେ ବି ଏହି ଜିଲାର ଅନେକେ ଅଖାଦ୍ୟ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ଏପରି କି ଦାରିଦ୍ର୍ୟର କଷାଘାତରେ ଗରିବ ଆଦିବାସୀ ମା’ ନିଜ ଶିଶୁକୁ ବିଷ ଦେଇ ହତ୍ୟା କରିବାକୁ ପଛାଉନାହାନ୍ତି। ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି ମାଲକାନଗିରି ଜିଲାର ଗୌଡ଼ଗୁଡ଼ା ଗ୍ରାମରେ। ଜଣେ ଆଦିବାସୀ ମହିଳା ନିଜ ପିଲାଙ୍କ ମୁହଁରେ ମୁଠେ ଆହାର ଦେଇ ନ ପାରି ରବିବାର ବିଷ ପିଆଇ ଦେଇଥିଲେ। ଏହା ପରେ ନିଜେ ବିଷ ପାଇ ଆତ୍ମହତ୍ୟା କରିଥିଲେ। ସୌଭାଗ୍ୟବଶତଃ ୨ ଶିଶୁ ବଞ୍ଚି ଯାଇଛନ୍ତି। ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଉଭୟେ ଚିକିତ୍ସାଧୀନ ଅଛନ୍ତି ଓ ସେମାନେ ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି। ତେବେ ଭୋକରେ ଆଉଟୁପାଉଟୁ ହେଉଥିବା ପରିବାରଙ୍କ କରୁଣ କାହାଣୀ ରାଜ୍ୟ ପାଇଁ ଲଜ୍ଜା ଆଣିଦେଇଛି। ଏହାକୁ ନେଇ ସୋମବାର ବିଧାନସଭାରେ ସରକାରଙ୍କୁ ଘେରିଥିଲେ ବିରୋଧୀ। ପରିସ୍ଥିତିକୁ ଦେଖି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର। ମାଲକାନଗିରି ଜିଲାପାଳଙ୍କ ସହ କଥା ହୋଇ ତଦନ୍ତ ପାଇଁ ବାଚସ୍ପତି ରାଜସ୍ୱ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୋମବାର ବିଧାନସଭାରେ ଏଭଳି ହୃଦୟବିଦାରକ ବିଷୟ ଉଠାଇଥିଲେ ମାଲକାନଗିରି ଭାଜପା ବିଧାୟକ ଆଦିତ୍ୟ ମାଢ଼ୀ। ଶୂନ୍ୟକାଳରେ ସେ ମାଲକାନଗିରି ଜିଲାର ଗୌଡ଼ଗୁଡ଼ା ଗ୍ରାମରେ ଜଣେ ଆଦିବାସୀ ମହିଳା ନିଜର ୨ ଛୁଆଙ୍କୁ ବିଷ ଦେବା ଓ ନିଜେ ଆତ୍ମହତ୍ୟା କରିବା ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଯକ୍ଷ୍ମାରେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ତାଙ୍କ ଦୁଇ ପିଲାଙ୍କୁ ଦିନକୁ ମୁଠାଏ ଖାଇବାକୁ ଦେଇପାରୁ ନ ଥିଲେ। ପଞ୍ଚାୟତ ଅଫିସଠାରୁ ଦେଢ଼ କି.ମି. ମଧ୍ୟରେ ତାଙ୍କର ଏକ ଭଙ୍ଗାଦଦରା ପଲିଥିନ ଘର ଥିଲେ ମଧ୍ୟ କୌଣସି ସରକାରୀ ବାବୁଙ୍କର ସେଠାରେ ଆଖି ପଡି ନ ଥିଲା। ସମ୍ପୃକ୍ତ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ମିଳିପାରିଲା ନାହିଁ। ଯକ୍ଷ୍ମାରେ ଛଟପଟ ହେଉଥିଲେ ବି ତାଙ୍କୁ ସ୍ୱାସ୍ଥ୍ୟସେବା ଟିକେ ମିଳିଲା ନାହିଁ। ରାଜ୍ୟ ସରକାର ସମସ୍ତଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ କଥା କହୁଛନ୍ତି। ବାସ୍ତବରେ ତାହା ଗରିବ ଆଦିବାସୀଙ୍କ ନିକଟରେ ଅପହଞ୍ଚ ହୋଇ ରହିଛି। ସେହି ଗରିବ ମହିଳାଙ୍କୁ ରାଶନ କାର୍ଡ ମିଳିଥିଲେ ମଧ୍ୟ ୪ ବଦଳରେ ୨ ଜଣଙ୍କ ପାଇଁ ୧୦ କେଜି ଚାଉଳ ମିଳୁଥିଲା। ଏଥିରେ ସେ କିପରି ବଞ୍ଚିଥାଆନ୍ତେ। ଏହି ଘଟଣାର ତଦନ୍ତ ହେଉ ବୋଲି ମାଢ଼ୀ ଦାବି କରିଥିଲେ। ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର ଏହି ପ୍ରସଙ୍ଗକୁ ଅତି ସମ୍ବେଦନଶୀଳ କହିବା ସହ ସରକାରଙ୍କୁ କଡ଼ାଭାଷାରେ ସମାଲୋଚନା କରିଥିଲେ। କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ ଉକ୍ତ ପ୍ରସଙ୍ଗରେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ, ଗରିବ ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ବେଳେ ଆଦିବାସୀମାନେ ପେଟକୁ ମୁଠେ ଖାଇବାକୁ ପାଉନାହାନ୍ତି। ମାଲକାନଗିରି ଘଟଣା ଭଳି ଦୁର୍ଭାଗ୍ୟ କ’ଣ ହୋଇପାରେ ବୋଲି ସେ ପ୍ରଶ୍ନ କରିଥିଲେ। ସରକାରଙ୍କୁ କଟାକ୍ଷ କରି କହିଥିଲେ, ନବୀନବାବୁଙ୍କ ବେଳା ଭଲ ପଡ଼ିଛି। ସ୍କୁଲ୍ ଘର ଖଣ୍ଡେ କରି ନ ଥିବା ନବୀନବାବୁ ୫ଥର ମୁଖ୍ୟମନ୍ତ୍ରୀ ହେଲେଣି। ଯେତେଥର ମୁଖ୍ୟମନ୍ତ୍ରୀ ହୁଅନ୍ତୁ ପଛେ ଗରିବଙ୍କ ପାଇଁ କାମ କରନ୍ତୁ ବୋଲି ରାଉତରାୟ କହିଥିଲେ।

# ଖାତରେ ବସ୍ ଖସି ୩୫ ମୃତ



ଦୁର୍ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ କରାଯାଉଛି।

**ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ସହାୟତା**

ଶ୍ରୀନଗର, ୧।୭

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲା ସିର୍ଗୱାରି ଅଞ୍ଚଳରେ ଏକ ମିନିବସ୍ ଖାତ ଭିତରେ ଖସିପଡ଼ିବାରୁ ସେଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୩୫ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୧୭ ଜଣ ଆହତ ହୋଇଥିବାବେଳେ ସେମାନଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୩ ଗୁରୁତରଙ୍କୁ ବିମାନ ଯୋଗେ ଜମ୍ମୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଏବଂ ଓମାର ଅବଦୁଲ୍ଲା ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

ସୋମବାର ସକାଳ ପ୍ରାୟ ୭ଟା ୩୦ରେ ମିନିବସ୍‌ଟି କେଶୱାନ୍‌ରୁ କିସ୍ତୱାର ଅଭିମୁଖେ ଯାଉଥିଲାବେଳେ ଏହି ଦୁର୍ଘଟଣା ଘଟିଥିଲା। କିସ୍ତୱାର ଡେପୁଟି କମିଶନର ଅଙ୍ଗ୍ରେଜ ସିଂ ରାଣାଙ୍କ କହିବାନୁଯାୟୀ ଦୁର୍ଘଟଣାବେଳେ ୨୮ ସିଟର ମିନିବସ୍‌ରେ ୫୨ଜଣ ଯାତ୍ରୀ ଥିଲେ। ଅଧିକ ଯାତ୍ରୀ ପରିବହନ, ଜୋର୍‌ରେ ଗାଡ଼ି ଯିବା ଓ ଖରାପ ପାଗ ଯୋଗୁ ସମସ୍ୟା ଦେଖାଦେଇ ଥାଇପାରେ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଦୁର୍ଘଟଣାରେ ରାଜ୍ୟପାଳ ସତ୍ୟପାଲ ମଲିକ ଗଭୀର ଶୋକ ବ୍ୟକ୍ତ କରିଥିବାବେଳେ ମୃତ ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ଏଥିସହ ଆହତଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବାଲାଗି ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି। ଏଥିସହ ଅନୁପଯୁକ୍ତ ଗାଡ଼ି ଓ ଅଣତାଲିମପ୍ରାପ୍ତ ଡ୍ରାଇଭରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟପାଳ ପରିବହନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉ କି, ଗତ ଜୁନ୍ ୨୭ରେ ମୋଗଲ ରୋଡ୍ ନିକଟରେ ଏକ ମିନିବସ୍ ଖାତରେ ଖସିପଡ଼ିବାରୁ ଏକ ଘରୋଇ କମ୍ପ୍ୟୁଟର ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ର ୧୧ ଛାତ୍ରୀଛାତ୍ର ପ୍ରାଣ ହରାଇଥିଲେ।

# ଶ୍ରେଣୀଗୃହରେ ଶିକ୍ଷୟିତ୍ରୀଙ୍କୁ କଟୁରିରେ ଆକ୍ରମଣ

**ଛାତ୍ରୀଛାତ୍ର ଆତଙ୍କିତ**



ଅଭିଯୁକ୍ତ ବିଭୂତି ମହାନ୍ତି

ନିଆଳି, ୧।୭(ଡି.ଏନ୍.ଏ.)

ନିଆଳି ଥାନା ଅନ୍ତର୍ଗତ ବିନିଶିପୁର ପଞ୍ଚାୟତ ଆମ୍ବପଡ଼ା ପ୍ରାଥମିକ ବିଦ୍ୟାଳୟରେ ସୋମବାର ପୂର୍ବାହ୍ନରେ ପାଠପଢ଼ା ଚାଲିଥିବାବେଳେ ଆତଙ୍କ ଖେଳିଯାଇଥିଲା। କାରଣ ବିଭୂତି ମହାନ୍ତି(୪୩) ନାମକ ଜଣେ ଯୁବକ କଟୁରି ଧରି ଶ୍ରେଣୀ ଗୃହରେ ପଶି ଶିକ୍ଷୟିତ୍ରୀ ଶୁଚିସ୍ମିତା ମୁଦୁଲିଙ୍କୁ ହାଣି ପକାଇଥିଲେ। ଏଥିରେ ଶୁଚିସ୍ମିତାଙ୍କ ଦୁଇହାତ, ମୁଣ୍ଡ, ବେକ ଓ ପିଠିରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଓ ଆହତ ଶିକ୍ଷୟିତ୍ରୀଙ୍କ ଖୁଡୀ ନିଆଳି ଥାନାରେ ପୃଥକ୍ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ. ୧୫୩/୧୯) ରୁଜୁ କରି ଆକ୍ରମଣକାରୀ ବିଭୂତିଙ୍କୁ ଥାନାରେ ଅଟକ ରଖିଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ୪୦ ମିନିଟ୍‌ରେ ଏହି ଘଟଣା ଘଟିଥିଲା। ଆକ୍ରମଣ ପରେ ଶୁଚିସ୍ମିତା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶ୍ରେଣୀଗୃହରେ ଅଚେତ ହୋଇପଡିଥିଲେ। ଛାତ୍ରୀଛାତ୍ରମାନେ ଆତଙ୍କିତ ହୋଇ ଚିତ୍କାର କରିବାରୁ ଘଟଣାସ୍ଥଳରେ ପ୍ରଧାନଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ପହଞ୍ଚି ଯାଇଥିଲେ। ଏମାନଙ୍କୁ ଦେଖି ବିଭୂତି ଦୌଡି ପଳାଇଯାଇଥିଲେ। ଶୁଚିସ୍ମିତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଚାରିଛକ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହାପରେ ଚାରିଛକ ବଜାରରେ ବିଭୂତିଙ୍କୁ ଲୋକମାନେ କାବୁ କରିବା ସହ ନିର୍ଘୁମ ପିଟିଥିଲେ। ପୋଲିସ ପହଞ୍ଚି ବିଭୂତିଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି। ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି, ବିଭୂତି କାହିଁକି ଆକ୍ରମଣ କଲେ ସେ ସମ୍ପର୍କରେ ଜଣାପଡିନାହିଁ। ତାଙ୍କୁ ପଚରାଉଚରା କରାଯାଉଛି।


ଆଜି ନବଯୌବନ ଦର୍ଶନ | ଢେଙ୍କାନାଳରେ ଯୋଡ଼ାଶିଶୁ ଜନ୍ମ ୩


**ଆଜିର ସମ୍ପାଦକୀୟ**

ସାଙ୍ଗ ନ ହେଲେ ଶତ୍ରୁ

**ଆଜିର ମନ୍ତବ୍ୟ**

“ ସ୍ୱାଧୀନତା ପରଠାରୁ ଜମ୍ମୁ-କଶ୍ମୀରକୁ କଂଗ୍ରେସ ଅଣଦେଖା କରିଆସୁଥିଲା। ଆମେ ଏହାକୁ ଶକ୍ତି ଦେଇଛୁ।

–ଅମିତ ଶାହ, କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ ଗୃହ ମୂଲ୍ୟ ଅଭିବୃଦ୍ଧି ୩.୬%ରେ ପହଞ୍ଚିଛି।

–ଭାରତୀୟ ରିଜର୍ଭ ବ୍ୟାଙ୍କ


NECC NATIONAL EGG CO-ORDINATION COMMITTEE | 01.07.2019 | Venky's Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 104 | 163 | 173 |
| CTC | 104 | 163 | 173 |
| DKL | 101 | 159 | 169 |
| BDK | 100 | 158 | 168 |
| BLS | 100 | 158 | 168 |
| ANG | 102 | 161 | 171 |

*Conditions Apply

Eggs Retail Price- 52/-Dozen

Issued in the Interest of Consumers










"ବିହାରରେ ଏନ୍‌ସେଫାଲାଇଟିସ୍ ଜନିତ ଶିଶୁମୃତ୍ୟୁକୁ ନେଇ ରାଜନୀତି କରାଯିବା ଅନୁଚିତ। ସରକାର ଏଥିରେ କୌଣସି ଅବହେଳା ପ୍ରଦର୍ଶନ କରିନାହାନ୍ତି।
- ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ଫିଲ୍ମ ନିର୍ଦ୍ଦେଶକଙ୍କୁ ଗୁଳିକରି ହତ୍ୟା

ବାଘ୍‌ପତ୍, ୧।୭(ପି.ଟି.): ଉତ୍ତରପ୍ରଦେଶର ବାଘ୍‌ପତ୍ ଜିଲାସ୍ଥିତ ଜିମାନା ଗ୍ରାମରେ ସୋମବାର ଜଣେ ଆଞ୍ଚଳିକ ଚଳଚ୍ଚିତ୍ର ଅଭିନେତା, ପ୍ରଯୋଜକ ତଥା ନିର୍ଦ୍ଦେଶକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ତାଙ୍କ ନାମ ସଂସାର ସିଂ (୭୦) ବୋଲି ପୋଲିସ କହିଛି। ଅଭିଯୁକ୍ତ ଜୀବନଙ୍କୁ ପୋଲିସ ଗିରଫ କରିଥିବା ଏସ୍‌ପି ଶୈଳେଶ କୁମାର ପାଣ୍ଡେ କହିଛନ୍ତି। ପାରିବାରିକ କଳହକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି। ସଂସାରଙ୍କ ପୁତୁରା ୨୦ ବର୍ଷ ତଳେ ଜୀବନଙ୍କ ବାପାଙ୍କୁ ହତ୍ୟା କରିଥିଲେ। ଏହାକୁ ନେଇ ବିବାଦ ଉଗ୍ରରୂପ ନେଇଥିଲା। ଏବେ ଏହି ଘଟଣାତ ପୋଲିସ ତଦନ୍ତ ଆରମ୍ଭ ହୋଇଛି। ପ୍ରକାଶଥାଉ କି, ସଂସାର ସିଂ ପଶ୍ଚିମ ଉତ୍ତର ପ୍ରଦେଶର ଜଣେ କଳା ପେମୀ। ଚଳଚ୍ଚିତ୍ର 'ଧକଡ଼ ଛୋରା', 'କିଷାନ୍', 'ଭଗଓ୍ୱାନ୍' ଓ ଅନ୍ୟ କେତେକ ଫିଲ୍ମରେ ତାଙ୍କର ଅତୁଳନୀୟ ଅବଦାନ ରହିଛି।

### ଦୁର୍ନୀତି ମାମଲାରେ ଜର୍ଦ୍ଦାରୀ ଗିରଫ



ଲାହୋର, ୧।୭ (ପି.ଟି.): ଏକ ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରୀଙ୍କୁ ଦୁର୍ନୀତି ବିରୋଧୀ ଶାଖା ପକ୍ଷରୁ ସୋମବାର ଗିରଫ କରାଯାଇଛି। ଜର୍ଦ୍ଦାରୀ ବହୁ କୋଟି ଟଙ୍କା ମନି ଲଣ୍ଡରିଂ ମାମଲାରେ ଏବେ ନ୍ୟାଶନାଲ ଆକାଉଣ୍ଟିବିଲିଟି ବ୍ୟୁରୋ (ଏନ୍‌ଏବି) ହେପାଜତ୍‌ରେ ଅଛନ୍ତି। ଇସ୍‌ଲାମାବାଦ୍ ହାଇକୋର୍ଟରେ ସେ କରିଥିବା ମଧବର୍ତ୍ତିକାଳୀନ ଜାମିନ୍ ଆବେଦନ ପ୍ରତ୍ୟାହାର କରିନେବା ପରେ ତାଙ୍କୁ ଗିରଫ କରାଯାଇଛି। ପାର୍କ ଲେନ୍ ମାମଲାରେ ଏନ୍‌ଏବି ତାଙ୍କୁ ରିମାଣ୍ଡରେ ନେବାର ସମ୍ଭାବନା ରହିଛି। ଦୁର୍ନୀତି ଯୋଗୁ ଜର୍ଦ୍ଦାରୀଙ୍କ ରାଜନୈତିକ କ୍ୟାରିୟର ଶେଷ ହୋଇଥିବା କୁହାଯାଉଛି।

### ମାଲଦାରେ ଭିଡ଼ହତ୍ୟା ୨ ଅଭିଯୁକ୍ତ ଗିରଫ

ମାଲଦା, ୧।୭(ପି.ଟି.): ପଶ୍ଚିମବଙ୍ଗର ମାଲଦାରେ ଜଣେ ୨୦ ବର୍ଷୀୟ ଯୁବକଙ୍କୁ ବାଇକ୍ ଚୋରି ଅଭିଯୋଗରେ ସ୍ଥାନୀୟ ଲୋକେ ନିସ୍ଠୁକ ମାଡ଼ ମାରିଥିଲେ। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସନାଉଲ୍ ଶେଖ୍‌ଙ୍କୁ ପିଟି ହତ୍ୟା କରିବା ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଥିବା ମାଲଦା ଏସ୍‌ପି ଆଲୋକ ରାଜୋରିଆ କହିଛନ୍ତି। ଚୋରିଯାଇଥିବା ଏକ ବାଇକ୍‌କୁ ସନାଉଲ୍ ପାଇଥିଲେ। ତେବେ ସେ ଉକ୍ତ ବାଇକ୍‌କୁ ଚୋରି କରିଥିଲେ ବୋଲି ଅଭିଯୋଗ କରି ଗତ ବୁଧବାର ବୈଷ୍ଣବନଗର ବଜାରରେ ତାଙ୍କୁ ସ୍ଥାନୀୟ ଲୋକେ ମାଡ଼ ମାରିଥିଲେ। ଆକ୍ରମଣ ବେଳର ଏକ ଭିଡିଓ ଭାଇରାଲ ହୋଇଛି। ଏଥିରୁ କେତେଜଣ ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇଥିବା ଏସ୍‌ପି କହିଛନ୍ତି।

## ■ ମୁମ୍ବାଇରେ ପ୍ରବଳ ବର୍ଷା: ଜନଜୀବନ ଅସ୍ତବ୍ୟସ୍ତ

# ଟ୍ରେନ୍ ଓ ଗାଡ଼ି ଚଳାଚଳ ବ୍ୟାହତ

ମୁମ୍ବାଇ, ୧।୭(ପି.ଟି.)





ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବିଭିନ୍ନ ସ୍ଥାନରେ ପାଣି ଜମି ରହିବା ଫଳରେ ଟ୍ରେନ୍ ଓ ଗାଡ଼ି ଚଳାଚଳ ବ୍ୟାହତ ହୋଇଛି। ମୁମ୍ବାଇ ସମେତ ଥାନେ, ପାଲଘର ଓ ଏହାର ଆଖପାଖ ଅଞ୍ଚଳରେ ଆଉ ୩ ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ଲୋକଙ୍କ ଚିନ୍ତା ଆହୁରି ବଢ଼ିଯାଇଛି। ଚେମ୍ବୁର ସମେତ ଅନ୍ୟ କେତେକ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଯାଇଛି। ସେହିପରି ହିନ୍ଦ୍‌ମାତା, ପାରେଲ, ଲାଲବାଗ୍, ସେନାପତି ବାପଟ ରୋଡରେ ପାଣି ଜମି ରହିଛି। ୧୨ଟି ସ୍ଥାନରେ କାନ୍ଥ ଭୁଶୁଡିଥିବା ଜଣାପଡିଛି। ମୁମ୍ବାଇରେ ଦୁଇଦିନରେ ୫୪୦ ମିଲିମିଟର ବର୍ଷା ହୋଇଥିବା ମ୍ୟୁନିସିପାଲ କମିଶନର ପ୍ରବୀଣ ପରଦେଶୀ କହିଛନ୍ତି। ସହରରେ ବର୍ଷାଜନିତ ଦୁର୍ବିପାକ ପାଇଁ ସେ ଜଳବାୟୁ ପରିବର୍ତ୍ତନ ଓ ଭୌଗୋଳିକ ସ୍ଥିତିକୁ ଦାୟୀ କରିଛନ୍ତି।

ସିଓନ ଏବଂ ମାଟୁଙ୍ଗା ଷ୍ଟେଶନ ମଧ୍ୟରେ ରେଳଧାରଣା ବୁଡିଯାଇଥିବାରୁ ଟ୍ରେନ ଚଳାଚଳ ବନ୍ଦ ରହିଛି। ଦାଦରର ହିନ୍ଦ୍‌ମାତା ଅଞ୍ଚଳରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଚାଲୁଥିବାରୁ ସେଥିରେ ପିଲାମାନେ ସନ୍ତରଣ କରୁଥିବା ଦେଖିବାକୁ ମିଳିଛି। ପାଣି ନ କମିବା ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ି ନ ଚଳାଇବାକୁ ବିଏମ୍‌ସି ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଟ୍ରେନ ଚଳାଚଳରେ ବିଳମ୍ବ ଯୋଗୁ ବିଭିନ୍ନ ଷ୍ଟେଶନରେ ପ୍ରବଳ ଗହଳି ଦେଖାଯାଇଛି। ପାଲଘର ଜିଲାରେ ପ୍ରବଳ ବର୍ଷା ସାଙ୍ଗକୁ ପୁନେର ଲୋନାଭାଲା ହିଲ୍‌ଷ୍ଟେଶନରେ ରେଳଲାଇନ କ୍ଷତିଗ୍ରସ୍ତ ହୋଇଥିବାରୁ ସକାଳେ ୨୭ଟି ଦୂରଗାମୀ ଟ୍ରେନ୍ ଚଳାଚଳକୁ ବାତିଲ କରିଦିଆଯାଇଥିଲା। ସେହିପରି କେତେକ ସ୍ଥାନରେ ରେଳଲାଇନ ପାଣିରେ ବୁଡ଼ି ରହିଥିବାରୁ ଅନ୍ୟ କେତେକ ଟ୍ରେନ୍‌ର ଚଳାଚଳକୁ ସଂକ୍ଷିପ୍ତ କରାଯାଇଥିଲା। ସେହିପରି କରଜାଟ ଏବଂ ଲୋନାଭାଲା ମଧ୍ୟବର୍ତ୍ତୀ ପଶ୍ଚିମଘାଟ ସେକ୍ସନ୍‌ରେ ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହେବାରୁ ଉକ୍ତ ଲାଇନରେ ଟ୍ରେନ ଚଳାଚଳ ବ୍ୟାହତ ହୋଇଥିଲା। ମୁମ୍ବାଇ ଓ ପୁନେ ମଧ୍ୟରେ ଯାତାୟାତ କରୁଥିବା ସଟଲ୍ ଟ୍ରେନଗୁଡିକର ଚଳାଚଳ ମଧ୍ୟ ବ୍ୟାହତ ହୋଇଥିଲା। ସୋମବାର ହଜାର ହଜାର ସରକାରୀ ଓ ଘରୋଇ କର୍ମଚାରୀ ବର୍ଷା ଯୋଗୁ କାର୍ଯ୍ୟରେ ଯୋଗ ଦେଇପାରି ନାହାନ୍ତି। ରାସ୍ତାରେ ପଟ୍‌ହୋଲ୍ ଲୋକମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି ବୋଲି ଦୈନନ୍ଦିନ ୱେଷ୍ଟର୍ନ ଏକ୍ସପ୍ରେସ୍ ହାଇୱେରେ ଯାତାୟାତ କରୁଥିବା ଜଣେ ବ୍ୟକ୍ତି କହିଛନ୍ତି।

### କାବୁଲରେ ତାଲିବାନର ଆକ୍ରମଣ ବିସ୍ଫୋରଣରେ ୩୪ ମୃତ

କାବୁଲ, ୧।୭(ଆଇଏଏନ୍‌ଏସ୍)

ଆଫଗାନିସ୍ତାନ ରାଜଧାନୀ କାବୁଲରେ ସୋମବାର ସକାଳେ ଶକ୍ତିଶାଳୀ ବିସ୍ଫୋରଣରେ ୩୪ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୬୮ ଆହତ ହୋଇଛନ୍ତି। ଏଥିପାଇଁ ତାଲିବାନ୍ ନିଜକୁ ଦାୟୀ କରିଛି। ଆଫଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ପାଇଁ କାତାରଠାରେ ଆମେରିକା ଏବଂ ତାଲିବାନ୍ ପ୍ରତିନିଧି ଦଳ ମଧ୍ୟରେ ସପ୍ତମ ପର୍ଯ୍ୟାୟ ଆଲୋଚନା ଜାରି ରହିଥିବା ସମୟରେ ଏହି ଆକ୍ରମଣ କରାଯାଇଛି। ତାଲିବାନ୍ ଉଗ୍ରପନ୍ଥୀମାନେ ପ୍ରଥମେ ବିସ୍ଫୋରକ ଭର୍ତ୍ତି ଏକ କାର୍‌କୁ ଉଡାଇଦେବା ସହିତ ନିରାପତ୍ତାରକ୍ଷୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଆକ୍ରମଣସ୍ଥଳ ନିକଟରେ ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ଶାଖା କାର୍ଯ୍ୟାଳୟ, ସ୍ପୋର୍ଟସ ଷ୍ଟାଡିୟମ୍, ସୂଚନା ଓ ସଂସ୍କୃତି ମନ୍ତ୍ରଣାଳୟର ଶାଖା ଏବଂ ଅନ୍ୟାନ୍ୟ ଅଟ୍ଟାଳିକା ରହିଛି। ଏକ ନିର୍ମାଣାଧୀନ କୋଠାର ପ୍ରବେଶ ପଥରେ ପ୍ରଥମେ ବିସ୍ଫୋରଣ କରାଯିବାପରେ ଆତଙ୍କବାଦୀମାନେ ଏହା ଭିତରେ ପ୍ରବେଶ କରିଥିଲେ ଏବଂ ଏଥିରେ ଥିବା ଲୋକଙ୍କ ଉପରକୁ ଗୁଳି ଚଳାଇଥିଲେ। ଆକ୍ରମଣରେ ପ୍ରତିରକ୍ଷା ମନ୍ତ୍ରଣାଳୟର କେତେକ ଅଫିସର ଏବଂ ନିରାପତ୍ତା କର୍ମଚାରୀ ନିହତ ହୋଇଛନ୍ତି। ବିସ୍ଫୋରଣର ଶବ୍ଦ କିଛି କିଲୋମିଟର ପର୍ଯ୍ୟନ୍ତ ଶୁଭାଯାଇଥିଲା।

## ■ ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ଅବଧି ବଢ଼ିଲା

# ପ୍ରସ୍ତାବ ରାଜ୍ୟ ସଭାରେ ଗୃହୀତ

ନୂଆଦିଲ୍ଲୀ, ୧।୭(ପି.ଟି.)



■ ବିଜେଡି, ଏସ୍‌ପିର ସମର୍ଥନ
■ ସଂରକ୍ଷଣ (ସଂଶୋଧନ) ବିଲ୍‌କୁ ମଞ୍ଜୁରୀ

ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ କାର୍ଯ୍ୟକାଳ ଆଉ ୬ ମାସ ବଢ଼ାଇବା ପ୍ରସ୍ତାବ ସୋମବାର ରାଜ୍ୟସଭାରେ ଗୃହୀତ ହୋଇଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଉକ୍ତ ପ୍ରସ୍ତାବ ଆଗତ କରିଥିଲେ। ଚଳିତ ବର୍ଷ ଶେଷ ସୁଦ୍ଧା ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ରାଷ୍ଟ୍ରପତି ଶାସନ ମିଆଦ ବଢ଼ାଇବା ଆବଶ୍ୟକ ପଡୁଛି ବୋଲି ସେ କହିଥିଲେ। ପ୍ରସ୍ତାବକୁ ବିଜେଡି ଏବଂ ସମାଜବାଦୀ ପାର୍ଟି (ଏସ୍‌ପି) ସମର୍ଥନ ଜଣାଇଥିଲେ। ଜୁଲାଇ ୩ରୁ ଆଉ ୬ ମାସ ପାଇଁ ଲାଗୁ ହେବାକୁ ଥିବା ରାଷ୍ଟ୍ରପତି ଶାସନ ପ୍ରସ୍ତାବ ଗତ ଶୁକ୍ରବାର ଲୋକ ସଭାର ଅନୁମୋଦନ ଲାଭ କରିଥିଲା।

ବିଧାନସଭା ନିର୍ବାଚନ ବିଳମ୍ବକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇବାରୁ ଶାହ କହିଥିଲେ, ପୂର୍ବରୁ କେବେ ରମଜାନ ମାସରେ ଜମ୍ମୁ-କଶ୍ମୀରରେ ନିର୍ବାଚନ ହୋଇ ନଥିଲା। ଜୁନ୍ ୩୦ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଅମରନାଥ ଯାତ୍ରା ଏବଂ ଅକ୍ଟୋବର ପର୍ଯ୍ୟନ୍ତ ବକରୱାଲ ସମ୍ପ୍ରଦାୟ ପର୍ବତାରୋହଣରେ ଯାଉଥିବାରୁ ଏହା ପରେ ନିର୍ବାଚନ କରିବାକୁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି।

ସେହିପରି ରାଜ୍ୟ ସଭାରେ ଶାହ ଆଣିଥିବା ଜମ୍ମୁ-କଶ୍ମୀର ସଂରକ୍ଷଣ (ସଂଶୋଧନ) ବିଲ୍, ୨୦୧୯ ମଧ୍ୟ ବାଚନିକ ଭୋଟରେ ଗୃହୀତ ହୋଇଯାଇଛି। ଏହି ବିଲ୍ ମଧ୍ୟ ପୂର୍ବରୁ ଲୋକ ସଭାରେ ଗୃହୀତ ହୋଇଥିଲା।

### ପାକିସ୍ତାନ ଜେଲ୍‌ରେ ୨୬୧ ଭାରତୀୟ ବନ୍ଦୀ

ଇସ୍‌ଲାମାବାଦ୍, ୧।୭(ପି.ଟି.): ପାକିସ୍ତାନ ଜେଲ୍‌ରେ ଏବେ ୨୬୧ ଭାରତୀୟ ବନ୍ଦୀ ଅଛନ୍ତି। ସୋମବାର ପାକିସ୍ତାନ ପକ୍ଷରୁ ସେଠାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ତାଲିକା ହସ୍ତାନ୍ତର କରାଯାଇଛି। ପାକିସ୍ତାନର ବୈଦେଶିକ କାର୍ଯ୍ୟାଳୟ କହିଛି, ୨୦୦୮ ମେ ୨୧ ରାଜିନାମା ଅନୁଯାୟୀ ଏଭଳି ତଥ୍ୟ ପ୍ରଦାନ କରାଯାଇଛି। ୨୬୧ ଜଣଙ୍କ ମଧ୍ୟରେ ୨୦୯ ମତ୍ସ୍ୟଜୀବୀ ଅଛନ୍ତି। ଅନୁରୂପଭାବେ ନୂଆଦିଲ୍ଲୀରେ ଅବସ୍ଥାପିତ ପାକିସ୍ତାନ ଉଚ୍ଚାୟୁକ୍ତଙ୍କୁ ସେଠାରେ ବନ୍ଦୀଥିବା ପାକିସ୍ତାନ ନାଗରିକଙ୍କ ତାଲିକା ପ୍ରଦାନ କରିବ ବୋଲି ପାକିସ୍ତାନର ବୈଦେଶିକ କାର୍ଯ୍ୟାଳୟ କହିଛି। ଚୁକ୍ତିରେ ଜାନୁୟାରୀ ପହିଲାରୁ ଜୁଲାଇ ପହିଲା ମଧ୍ୟରେ ପ୍ରତି ଦୁଇବର୍ଷରେ ଥରେ ଉଭୟ ଦେଶ ପରସ୍ପରକୁ ବନ୍ଦୀ ତାଲିକା ପ୍ରଦାନ କରିବେ।

### ୧୨ ଜେୟୁଡ଼ି ଓ ଜେଇଏମ୍ ସଦସ୍ୟଙ୍କୁ ଜେଲ ଦଣ୍ଡାଦେଶ

ଲାହୋର, ୧।୭ (ପି.ଟି.)

ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଥିବା ଆତଙ୍କବିରୋଧୀ ଅଦାଲତ (ଏଟିସି) ନିଷିଦ୍ଧ ଜାମାତ୍ ଉଦ୍ ଦାୱା (ଜେୟୁଡ଼ି) ଓ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଙ୍ଗଠନର ୧୨ ସଦସ୍ୟଙ୍କୁ ସୋମବାର ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ଅଭିଯୋଗ ଏମାନଙ୍କ ବିରୋଧରେ ରହିଥିଲା। ପଞ୍ଜାବ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଆତଙ୍କବିରୋଧୀ ଅଦାଲତରେ ହାଜର କରିବା ପରେ ଶୁଣାଣି ହୋଇଥିଲା। ଜେୟୁଡ଼ିର ୪ ସଦସ୍ୟ ଘର ଅଲି, ଜୁନୈଦ୍ ଇର୍ଶାଦ, ଇଜାଜ୍ ଅହମଦ ଓ ଅବଦୁଲ ଖଲିକ୍‌ଙ୍କୁ ୨ ବର୍ଷ ଲେଖାଏ ଜେଲ ଦଣ୍ଡ ସହ ଜରିମାନାଦେଶ ଦିଆଯାଇଛି। ସେହିଭଳି ୮ ସ୍ଥାନୀୟ ଜେଇଏମ୍ ସଦସ୍ୟଙ୍କୁ ଏଟିସି ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ଇଫ୍‌ତିକାର ଅହମଦ, ମୋହମ୍ମଦ ଅଜମଲ, ବିଲାଲ ମକ୍କି, ଅବରାର୍ ଅହମଦ ଓ ଇର୍ଫାନ୍ ଅହମଦ, ହାଫିଜୁଲ୍ଲାହ, ମଜହର ନୱାଜ ଓ ଅବଦୁଲ ଲତିଫ୍। ଅନ୍ତର୍ଜାତୀୟ ଚାପ ବଢ଼ିବାରୁ ପାକିସ୍ତାନ ଏଭଳି ଆତଙ୍କନିରୋଧୀ ଅଭିଯାନ ଚଳାଇଥିବା ଜଣାପଡ଼ିଛି। ଏପର୍ଯ୍ୟନ୍ତ ଇମ୍ରାନ୍ ଖାନ୍ ସରକାର ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ଗିରଫ କରିଥିବା ପ୍ରକାଶ। ଏମାନଙ୍କ ମଧ୍ୟରେ ଜେଇଏମ୍ ମୁଖ୍ୟ ମାସୁଦ ଆଝାରଙ୍କ ପୁଅ, ଭାଇ ମଧ୍ୟ ସାମିଲ ଅଛନ୍ତି।

# ୨୦୨୧ ଫେବୃୟାରୀରେ ଜନଗଣନା

ନୂଆଦିଲ୍ଲୀ, ୧।୭(ପି.ଟି.)

■ ଅଗଷ୍ଟ ୧୨ରୁ ପ୍ରାକ୍ ପରୀକ୍ଷା
■ ୨୦୨୦ ଏପ୍ରିଲରୁ ଗୃହ ଗଣନା

୨୦୨୧ ଜନଗଣନା ଲାଗି ଆସନ୍ତା ଅଗଷ୍ଟ ୧୨ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସାରା ଦେଶରେ ପ୍ରାକ୍‌ପରୀକ୍ଷା କରାଯିବ ବୋଲି ରେଜିଷ୍ଟ୍ରାର ଜେନେରାଲ ତଥା ଜନଗଣନା କମିଶନର ବିବେକ ଜୋଷୀ ଘୋଷଣା କରିଛନ୍ତି।

ଭାରତର ୧୪୦ ବର୍ଷର ଜନଗଣନା ଇତିହାସରେ ପ୍ରଥମ ଥର ଲାଗି ମୋବାଇଲ ଆପ୍ ବ୍ୟବହାର ହେବାକୁ ଯାଉଛି। ଏହା ବିଶ୍ୱରେ ସର୍ବବୃହତ ଜନଗଣନା କାର୍ଯ୍ୟ ଯେଉଁଥିରେ ମୋଟ ୩୩ ଲକ୍ଷ କର୍ମଚାରୀ ନିୟୋଜିତ ହେବେ। ସେମାନେ ଘରକୁ ଘର ଯାଇ ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରିବେ। ଜନଗଣନା କେବଳ ମୁଣ୍ଡଗଣତି ନୁହେଁ, ଏଥିରୁ ମୂଲ୍ୟବାନ୍ ସାମାଜିକ-ଅର୍ଥନୈତିକ ତଥ୍ୟ ସଂଗ୍ରହ ହୋଇଥାଏ, ଯାହା ସରକାରଙ୍କୁ ବିଭିନ୍ନ ନୀତି ପ୍ରଣୟନ କରିବା ଓ ପାଣ୍ଠି ମଞ୍ଜୁର କରିବାରେ ସହାୟକ ହୋଇଥାଏ।

୨୦୨୧ ଜନଗଣନା ଦୁଇ ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ୨୦୨୦ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଘର ଗଣନା କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରକୃତ ଜନଗଣନା ୨୦୨୧ ଫେବୃୟାରୀ ୯ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ମାର୍ଚ୍ଚ ୧ରୁ ୫ ମଧ୍ୟରେ ଏହାର ପୁନରାବଲୋକନ କରାଯିବ। ତେବେ ତୁଷାରପାତ ହେଉଥିବା ଜମ୍ମୁ-କଶ୍ମୀର, ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡରେ ଜନଗଣନା ୨୦୨୦ ସେପ୍ଟେମ୍ବର ୧୧ରୁ ୩୦ ମଧ୍ୟରେ ହେବ।

## ■ ଅଧ୍ୟକ୍ଷ ପଦ ଛାଡ଼ିବା ନିଷ୍ପତ୍ତିରେ ରାହୁଲ ଅଟଳ

# ମନାଇବାରେ ୫ ମୁଖ୍ୟମନ୍ତ୍ରୀ ବିଫଳ

ନୂଆଦିଲ୍ଲୀ, ୧।୭(ଆଇଏଏନ୍‌ଏସ୍)



ରାହୁଲ ଗାନ୍ଧୀଙ୍କୁ ଭେଟିବା ପରେ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲା ଫେରୁଛନ୍ତି।

ଲୋକ ସଭା ନିର୍ବାଚନରେ କଂଗ୍ରେସର ପରାଜୟ ପରେ ଅଧ୍ୟକ୍ଷ ପଦ ଛାଡିବା ନିଷ୍ପତ୍ତିରେ ରାହୁଲ ଗାନ୍ଧୀ ଅଟଳ ରହିଛନ୍ତି। ସୋମବାର ତାଙ୍କୁ ମନାଇବାକୁ ଉଦ୍ୟମ କରି ୫ କଂଗ୍ରେସ ମୁଖ୍ୟମନ୍ତ୍ରୀ ୯୦ ମିନିଟ ଧରି ଆଲୋଚନା କରିବା ସହ ବିଫଳ ହୋଇଛନ୍ତି। ନିର୍ବାଚନରେ ପରାଜୟ ନୂଆ କଥା ନୁହେଁ ବୋଲି ସେମାନେ ରାହୁଲଙ୍କୁ ବୁଝାଇଥିଲେ। ରାହୁଲ ଆମ କଥା ଶୁଣିଛନ୍ତି ଏବଂ ଠିକ୍ ସମୟରେ ନିଷ୍ପତ୍ତି ନେବେ ବୋଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଗଣମାଧ୍ୟମକୁ କହିଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ଦିନ ସେ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ ସେମାନଙ୍କ ପଦରୁ ଇସ୍ତଫା ଦେବା ଲାଗି ପ୍ରସ୍ତାବ ଦେଇଥିଲେ ବୋଲି ଗେହଲଟ ଖବରଦାତାଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ତେବେ ଦଳ ନେତୃତ୍ୱ ନିଷ୍ପତ୍ତି ହାଇକମାଣ୍ଡ ନେବେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ, ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଏବଂ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ ରାହୁଲଙ୍କୁ ଭେଟିଥିଲେ। ରାହୁଲ ତାଙ୍କ ନିଷ୍ପତ୍ତି ସ୍ପଷ୍ଟ କରିଦେଇଥିବା ପାର୍ଲାମେଣ୍ଟରେ ଖବରଦାତାମାନଙ୍କୁ କହିଛନ୍ତି।

### ଜାପାନୀ ଏନ୍‌ସେଫାଲାଇଟିସ ମୃତ୍ୟୁ ସଂଖ୍ୟା ୨୧କୁ ବୃଦ୍ଧି

ଗୁଆହାଟୀ, ୧।୭(ଆଇଏଏନ୍‌ଏସ୍)

ଆସାମରେ ଜାପାନୀ ଏନ୍‌ସେଫାଲାଇଟିସରେ ୨୧ ଜଣଙ୍କର ମୃତ୍ୟୁ ଘଟିଲାଣି। ପରିସ୍ଥିତି ଅନୁଧ୍ୟାନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ସଞ୍ଜୀବ କୁମାରଙ୍କ ନେତୃତ୍ୱରେ ସେଠାକୁ ଏକ ଟିମ୍ ପଠାଇଛି। ଏହି ଟିମ୍‌ରେ ଜୀବାଣୁ ଓ ଭୂତାଣୁ ଜନିତ ରୋଗ ନିୟନ୍ତ୍ରଣ ଜାତୀୟ କାର୍ଯ୍ୟକ୍ରମର ବରିଷ୍ଠ ଅଧିକାରୀମାନେ ରହିଛନ୍ତି। ଗତ ତିନି ମାସରେ ଆସାମରେ ମୋଟ ୬୯ ଜାପାନୀ ଏନ୍‌ସେଫାଲାଇଟିସ୍ ରୋଗୀ ପଞ୍ଜୀକୃତ ହୋଇଥିବାବେଳେ ସେଥିରୁ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ପରିସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି। ଶିଶୁମାନଙ୍କୁ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବାବେଳେ ବୟସ୍କଙ୍କ ଲାଗି ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଥିବା ସଞ୍ଜୀବ କୁମାର କହିଛନ୍ତି।

# ୮ ବିଦେଶିନୀଙ୍କ ସମେତ ୩୫ ଗିରଫ

## ସ୍ପା ସେଣ୍ଟରରେ ଦେହ ବ୍ୟବସାୟ

ନୋଇଡ଼ା, ୧।୭



ଉତ୍ତରପ୍ରଦେଶର ନୋଇଡ଼ାରେ ଥିବା ସ୍ପା ସେଣ୍ଟର ଉପରେ ପୋଲିସ ଚଢାଉ କରି ୩୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୮ ବିଦେଶିନୀଙ୍କୁ ମିଶାଇ ୨୫ ମହିଳା ଅଛନ୍ତି। ବିଦେଶିନୀମାନେ ଥାଇଲାଣ୍ଡର ବୋଲି ଜଣାପଡ଼ିଛି। ଗିରଫ ୧୦ ପୁରୁଷଙ୍କ ମଧ୍ୟରେ ଗ୍ରାହକଙ୍କ ସହ ସ୍ପା ମ୍ୟାନେଜର ଓ ସୁପରଭାଇଜର ସାମିଲ ଅଛନ୍ତି। ଦୀର୍ଘଦିନ ଧରି ଏଠାରେ ଦେହ ବ୍ୟବସାୟ ଚାଲିଆସୁଥିବା ପୋଲିସ କହିଛି।

ଦେହ ବ୍ୟବସାୟ ଚାଲିଥିବା ଖବର ପାଇ ରବିବାର ରାତିରେ ପୋଲିସ ଯୋଜନାବଦ୍ଧ ଭାବେ ଏକକାଳିନ ସେକ୍ଟର-୧୮ସ୍ଥିତ କମର୍ସିଆଲ ହବ୍‌ର ୧୪ଟି ସ୍ପା ସେଣ୍ଟର ଉପରେ ଚଢାଉ କରିଥିଲା। ଏସ୍‌ଏସ୍‌ପି ବୈଭବ କ୍ରିଷ୍ଣାଙ୍କ ନିର୍ଦ୍ଦେଶରେ ମଧ୍ୟରାତ୍ର ପର୍ଯ୍ୟନ୍ତ ଏହି ଚଢାଉ କରାଯାଇଥିଲା। ୧୪ ପୋଲିସ ଟିମ୍ ସହ ୭ ସର୍କଲ ଅଫିସର, ୮ ଷ୍ଟେଶନ ହାଉସ୍ ଅଫିସର, ୩୦ ଏସ୍‌ଆଇ ଓ କନେଷ୍ଟବଲ ଏହି ଚଢାଉରେ ସାମିଲ ଥିଲେ। ଚଢାଉ ବେଳେ ସ୍ପା ସେଣ୍ଟର୍‌ରୁ ଲକ୍ଷାଧିକ ଟଙ୍କା, କଣ୍ଡୋମ୍, ବିୟର ଓ ଅନ୍ୟ କେତେକ ଆପତ୍ତିଜନକ ଦ୍ରବ୍ୟ ମିଳିଥିବା ଗୌତମ ବୁଦ୍ଧ ନଗର ଏସ୍‌ପି (ରୁରାଲ୍) ଭିନୀତ୍ ଜୈଶୱାଲ ପ୍ରକାଶ କରିଛନ୍ତି। ମୋଟ ୧୪ଟି ସ୍ପା ସେଣ୍ଟର୍‌କୁ ସିଲ୍ କରାଯାଇଥିବାବେଳେ ୩ଟିରେ ବେଧଡ଼କ ଦେହ ବ୍ୟବସାୟ ଚାଲୁଥିଲା ବୋଲି ଜଣାପଡ଼ିଛି। ସ୍ପା ସେଣ୍ଟର୍ ଓ ମାଲିକଙ୍କ ବିରୋଧରେ ପୋଲିସ ମାମଲା ରୁଜୁକରି ତଦନ୍ତ ଜାରିରଖିଥିବା ପ୍ରକାଶ।

### ସ୍ତ୍ରୀ, ଦୁଇ ପିଲାଙ୍କ ତଣ୍ଟିକାଟି କର୍ମଚାରୀଙ୍କ ଆତ୍ମହତ୍ୟା

ଗୁରଗାଁଓ, ୧।୭(ପି.ଟି.)

ହାଇଦ୍ରାବାଦର ଏକ କେମିକାଲ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ ବରିଷ୍ଠ କର୍ମଚାରୀ ପାରିବାରିକ ଅଶାନ୍ତିରୁ ଘରେ ସ୍ତ୍ରୀ, ଝିଅ(୨୨) ଓ ପୁଅ(୧୩)ଙ୍କ ତଣ୍ଟି ଏକ ଧାରୁଆ ଅସ୍ତ୍ରରେ କାଟିଦେବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ପିଏଚ୍‌ଡି ଡିଗ୍ରୀ ହାସଲ କରିଥିବା ପ୍ରକାଶ ସିଂ ନାମକ ଏହି ଯୁବକ ରବିବାର ରାତିରେ ଏଭଳି କାଣ୍ଡ ଭିଆଇବା ପରେ ଘରେ ଥିବା ସିଲିଂ ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ। ସୁଇସାଇଡ୍ ନୋଟ୍‌ରେ ସେ ନିଜ ପରିବାରକୁ କରାୟତ୍ତ କରିବାରେ ଅକ୍ଷମ ଥିବା ଦର୍ଶାଇଛନ୍ତି। ସୋମବାର ଘର ଲୋକଙ୍କ ଦେଖା ନ ମିଳିବାରୁ ସ୍ଥାନୀୟ ଲୋକେ ଏନେଇ ପୋଲିସକୁ ଜଣାଇଥିଲେ। ସୁଇସାଇଡାଲ୍ ନୋଟ୍‌କୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

## ■ ବୈବାହିକ ବଳାତ୍କାର ବିରୋଧରେ ଆଇନ ଆଣିବାକୁ ଆବେଦନ

# ହସ୍ତକ୍ଷେପ ଲାଗି ସୁପ୍ରିମକୋର୍ଟ ମନାକଲେ

ନୂଆଦିଲ୍ଲୀ, ୧।୭



ସ୍ତ୍ରୀଙ୍କ ଇଚ୍ଛା ବିରୋଧରେ ଯୌନସମ୍ପର୍କ ରଖିବା (ବୈବାହିକ ବଳାତ୍କାର)କୁ ଛାଡ଼ପତ୍ରର କାରଣ ଭାବେ ଗ୍ରହଣ କରିବା ଲାଗି ଆଇନ ଆଣିବା ଏବଂ ଏଭଳି ଘଟଣାରେ ଏତଲା ଦାଏର ଲାଗି ଗାଇଡଲାଇନ୍ସ ସ୍ପଷ୍ଟ କରିବା ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ହୋଇଥିବା ଆବେଦନରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଅନୁରୂପ ମାମଲା ଦିଲ୍ଲୀ ହାଇକୋର୍ଟରେ ବିଚାରାଧୀନ ଥିବାରୁ ସେଠାରେ ଆବେଦନ କରିବା ନିମନ୍ତେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ପିଟିଶନର ଆଇନଜୀବୀ ଅନୁଜା କପୁରଙ୍କୁ କହିଛନ୍ତି।

ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଖଣ୍ଡପୀଠରେ ମଧ୍ୟ ସୋମବାର ଏହିଭଳି ଏକ ବୈବାହିକ ମାମଲା ଆସିଥିଲା। ବିବାହ ବନ୍ଧନରେ ଆବଦ୍ଧ ହୋଇ ୭ ବର୍ଷ ବୈବାହିକ ଜୀବନ ବିତାଇବା ପରେ ସେମାନେ ପରସ୍ପରକୁ ଛାଡପତ୍ର ଦେଇଛନ୍ତି। ଏହା ପରେ ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ବିରୋଧରେ ଆଇପିସିର ଧାରା ୩୭୬ରେ ଅଭିଯୋଗ ଆଣିଛନ୍ତି।

ବୈବାହିକ ବଳାତ୍କାର ରୋକିବା ପାଇଁ କୌଣସି ଆଇନ ନାହିଁ। ଏହା ସତ୍ତ୍ୱେ ମହିଳାଙ୍କ ମର୍ଯ୍ୟାଦା ରକ୍ଷା ହେବା ଆବଶ୍ୟକ। ସେଥିପାଇଁ ସୁପ୍ରିମକୋର୍ଟ ସମସ୍ତଙ୍କ କଲ୍ୟାଣ ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରତିପକ୍ଷଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଦେବା ଉଚିତ। ସର୍ବୋଚ୍ଚ ଅଦାଲତ ଆବେଦନର ଶୁଣାଣି କରି ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପିଟିଶନର ଯୁକ୍ତି ବାଢ଼ିଥିଲେ। ବୈବାହିକ ଜୀବନରେ ବଳାତ୍କାର ରୋକିବା ସମୟର ଆବଶ୍ୟକତା ବୋଲି ସେ କହିଥିଲେ। କାରଣ ଏହା ମଧ୍ୟ ମୌଳିକ ତଥା ଆଇନଗତ ଅଧିକାରର ଉଲ୍ଲଂଘନ ବୋଲି ଭାବିବା ନିମନ୍ତେ ମହିଳାମାନଙ୍କ ପାଇଁ ସମୟ ଆସିଛି ବୋଲି ଆବେଦନକାରୀ କହିଛନ୍ତି।




# ଢେଙ୍କାନାଳରେ ଯୋଡ଼ାଶିଶୁ ଜନ୍ମ

ଢେଙ୍କାନାଳ ଅଫିସ/ କଟକ ଅଫିସ,୧।୭

ଚିକିତ୍ସା ବିଜ୍ଞାନର ଚମତ୍କାରିତା ଯୋଗୁ ଅସ୍ତ୍ରୋପଚାର ପରେ ଆରୋଗ୍ୟ ଲାଭ କରିଛନ୍ତି କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆ। ଏହାକୁ ନେଇ ଚର୍ଚ୍ଚାର ଅବସାନ ହୋଇ ନ ଥିବାବେଳେ ଏବେ ଢେଙ୍କାନାଳରେ ଜନ୍ମ ନେଇଛନ୍ତି ଶରୀର ଯୋଡ଼ି ହୋଇ ରହିଥିବା ଯାଆଁଳା ଶିଶୁକନ୍ୟା। ଅବସ୍ଥା ଗୁରୁତର ଥିବାରୁ ନବଜାତକଙ୍କୁ କଟକ ଶିଶୁଭବନ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଥିଲା। ସନ୍ଧ୍ୟାରେ ଅଧିକ ପରୀକ୍ଷା ନିରୀକ୍ଷା ପାଇଁ ଆଡ୍‌ଭାନ୍ସ କେୟାର ରିସର୍ଚ୍ଚ ସେଣ୍ଟର (ଏସିଆର୍‌ସି)କୁ ନିଆଯାଇଛି। ପ୍ରାଥମିକ ପରୀକ୍ଷାରୁ ଉଭୟଙ୍କ ଗୋଟିଏ ହୃତ୍‌ପିଣ୍ଡ ଥିବା ଜଣାପଡ଼ିବା ପରେ ଚିନ୍ତାରେ ପଡ଼ିଛନ୍ତି ପରିବାର ଏବଂ ଡାକ୍ତର।

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରସବ ଲାଗି ଭର୍ତ୍ତି ହୋଇଥିଲେ ପରଜଙ୍ଗ ଥାନା ଖାଲପାଳ ଗ୍ରାମର ପ୍ରଦୀପ ବେହେରା (୩୧)ଙ୍କ ସ୍ତ୍ରୀ ରେଣୁବାଳା (୨୫)। ତାଙ୍କର ୬ବର୍ଷର ଏକ ପୁତ୍ର ସନ୍ତାନ ରହିଥିବାବେଳେ ଏହା ଥିଲା ତାଙ୍କର ଦ୍ୱିତୀୟ ଗର୍ଭ। ମଧ୍ୟାହ୍ନ ୧୨ଟା ୫୫ରେ ସେ ଉକ୍ତ ଯୋଡ଼ା ଶିଶୁଙ୍କୁ ଜନ୍ମ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ପ୍ରସନ୍ନଜିତ କର ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ କରାଇଥିଲେ। ଉଭୟଙ୍କ ଅସ୍ୱାଭାବିକ ଶାରୀରିକ ଗଠନକୁ ନେଇ ଚିନ୍ତାରେ ପଡ଼ିଥିଲେ ଡାକ୍ତର। କାରଣ ଯୋଡ଼ା ଶିଶୁଙ୍କ ଛାତିରୁ ନାଭି ଯାଏ ଯୋଡ଼ି ହୋଇରହିଛି। ଉଭୟଙ୍କ ଓଜନ ୪ କେଜି ୩୦୦ ଗ୍ରାମ ରହିଛି। ସେମାନଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ଏସ୍‌ଏନ୍‌ସିୟୁ ପ୍ରକୋଷ୍ଠରେ ରଖାଯାଇଥିଲା। ସେଠାରେ ଆବଶ୍ୟକ ଚିକିତ୍ସା ସୁବିଧା ଉପଲବ୍ଧ ନ ଥିବାରୁ ଉଭୟଙ୍କୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଥିଲା।

ଏ ସଂକ୍ରାନ୍ତରେ ଜିଲା ଶିଶୁ ବିଭାଗ ବିଶେଷଜ୍ଞ ଡା. ସନ୍ତୋଷ ସାହୁ କୁହନ୍ତି, ନବଜାତ ଶିଶୁ କନ୍ୟା ଦୁହିଁଙ୍କ ଛାତିରୁ ପେଟ ଯାଏ ଯୋଡ଼ି ହୋଇରହିଛି। ସାଲାଇନ ଓ ଅକ୍ସିଜେନ ଦିଆଯିବା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ହୋଇଥିଲା। ସର୍ଜରି ଆବଶ୍ୟକ ଥିବାରୁ ସେମାନଙ୍କୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରଞ୍ଜନ ମିଶ୍ର କୁହନ୍ତି, କଟକ ଶିଶୁ ଭବନ ବିଶେଷଜ୍ଞଙ୍କ ସହ ଆଲୋଚନା କରାଯିବା ପରେ ହିଁ ପରବର୍ତ୍ତୀ ପଦକ୍ଷେପ ନିଆଯାଇପାରିବ।

ଏ ନେଇ କଟକ ଶିଶୁ ଭବନ ଅଧୀକ୍ଷକ ପ୍ରଫେସର ସରୋଜ ଶତପଥୀ କୁହନ୍ତି, ଯୋଡ଼ାଶିଶୁଙ୍କ ଶାରୀରିକ ଗଠନ ଅତ୍ୟନ୍ତ ଜଟିଳ। ଗୋଟିଏ ହୃତ୍‌ପିଣ୍ଡ ଥିବାରୁ ସର୍ଜରି କରିବା ମଧ୍ୟ ସହଜ ହେବନାହିଁ। ଯଦି ବା ସର୍ଜରି କରାଯାଏ, ତେବେ ଏଥିରେ ଆରୋଗ୍ୟ ଲାଭ କରିବା ସମ୍ଭାବନା କମ୍। ପ୍ରାଥମିକ ପର୍ଯ୍ୟାୟରେ ମେଡିସିନ ଏବଂ ସର୍ଜରି ବିଭାଗ ଡାକ୍ତରଙ୍କ ମିଳିତ ତତ୍ତ୍ୱାବଧାନରେ ନବଜାତକଙ୍କ ଚିକିତ୍ସା ଚାଲିଛି। ମଙ୍ଗଳବାର ଏଥିପାଇଁ ଉଚ୍ଚସ୍ତରୀୟ ଡାକ୍ତରୀ ଦଳ ଗଠନ କରାଯିବ। ଆବଶ୍ୟକ ଅନୁଯାୟୀ ଚିକିତ୍ସାରେ ସମସ୍ତ ସହଯୋଗ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆଙ୍କ ଅସ୍ତ୍ରୋପଚାର ସଫଳତାର ସହ ଦିଲ୍ଲୀ ଏମ୍‌ସରେ କରାଯାଇଛି। ସେମାନେ ଖୁବ୍‌ଶୀଘ୍ର ଓଡ଼ିଶା ଫେରିବେ ବୋଲି ଏମ୍‌ସ କର୍ତ୍ତୃପକ୍ଷ ଆଶ୍ୱାସନା ଦେଇସାରିଲେଣି। ଏପରି ସ୍ଥିତିରେ ଢେଙ୍କାନାଳ ଯୋଡ଼ା ଶିଶୁକନ୍ୟାଙ୍କ ଭବିଷ୍ୟତ କ'ଣ ହେବ ସେ ନେଇ ସୃଷ୍ଟି ହୋଇଛି ଅନେକ ପ୍ରଶ୍ନବାଚୀ।

### ଶରୀର ଦୁଇ, ହୃଦୟ ଏକ



- ପେଟରୁ ଛାତି ଯାଏ ଯୋଡ଼ି ହୋଇରହିଛି
- ବିରଳ ଶାରୀରିକ ଗଠନ, ସ୍ୱାସ୍ଥ୍ୟାବସ୍ଥା ଗୁରୁତର
- କଟକ ଶିଶୁ ଭବନରେ ଭର୍ତ୍ତି କରାଗଲା
- ଚିକିତ୍ସା ତଦାରଖ କରିବେ ଉଚ୍ଚସ୍ତରୀୟ ଡାକ୍ତରୀ ଦଳ

# ଆଜି ନବଯୌବନ ଦର୍ଶନ

ପୁରୀ ଅଫିସ, ୧।୭

ଶେଷ ହୋଇଛି ମହାପ୍ରଭୁଙ୍କ ୧୪ ଦିନର ଅଣସର। ଅଗଣିତ ଭକ୍ତଙ୍କୁ ଦର୍ଶନ ଦେବା ଲାଗି ପ୍ରସ୍ତୁତ ହୋଇସାରିଛନ୍ତି ଚତୁର୍ଦ୍ଧାବିଗ୍ରହ। ମଙ୍ଗଳବାର ମଧ୍ୟାହ୍ନରେ ଦଇତାପତିମାନେ ଚକା ଅପସାରଣ କରିବା ପରେ ଫିଟିବ ଅଣସର ତାଟି। ଏହାପରେ ଦାରୁବିଗ୍ରହଙ୍କ ନବଯୌବନ ଦର୍ଶନ ମିଳିବ। ଅନ୍ୟପଟେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ରଥ ନିର୍ମାଣ କାର୍ଯ୍ୟ। ବୁଧବାର ମହାପ୍ରଭୁଙ୍କ ଆଜ୍ଞାମାଳ ମିଳିବା ପରେ ରଥଖଳାରୁ ସିଂହଦ୍ୱାର ଅଭିମୁଖେ ଗଡ଼ିବ ତିନିରଥ। ଗୁରୁବାର ରଥଯାତ୍ରା। ଚତୁର୍ଦ୍ଧାବିଗ୍ରହ ରଥରେ ବିଜେ ହୋଇ ନବଦିନାତ୍ମକ ଯାତ୍ରାରେ ଯିବେ ଜନ୍ମବେଦୀ।

ମଙ୍ଗଳବାର ଅପରାହ୍ନ ସାଢେ ୨ଟାରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଆରମ୍ଭ ହେବ। ପରିମାଣିକ ଦର୍ଶନ ପରେ ଭକ୍ତଙ୍କ ସାହାଣମେଲା ତଥା ସର୍ବସାଧାରଣ ଦର୍ଶନ ହେବ। ଅପରାହ୍ନ ସାଢେ ୨ଟାରୁ ସାଢେ ୩ଟା ପର୍ଯ୍ୟନ୍ତ ପରିମାଣିକ ଦର୍ଶନ ଚାଲିବ। ପରିମାଣିକ ଟିକେଟ ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ଗତବର୍ଷ ଅପେକ୍ଷା ଏଥର ୫୦ ଟଙ୍କା ବୃଦ୍ଧି କରାଯାଇଛି। ସୋମବାର ଶ୍ରୀମନ୍ଦିର ସୂଚନା କେନ୍ଦ୍ରରେ ପରିମାଣିକ ଟିକେଟ ବିକ୍ରି ଆରମ୍ଭ ହୋଇଛି। ପ୍ରାୟ ୫ହଜାର ଟିକେଟ ବିକ୍ରି ଲାଗି ସ୍ଥିର ହୋଇଛି। ପରିମାଣିକ ଟିକେଟଧାରୀ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ଭିତରକାଠ ନିକଟରେ ଟିକେଟଧାରୀ ଦର୍ଶନ କରିବେ। ସାଢେ ୩ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ଭିତରକାଠ ନିକଟରୁ ସର୍ବସାଧାରଣ ବା ସାହାଣମେଳା ଦର୍ଶନ ହେବ। ଏହି ସମୟରେ ଶ୍ରଦ୍ଧାଳୁ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯିବେ ଏବଂ ଅନ୍ୟ ତିନିଦ୍ୱାର ଦେଇ ବାହାରକୁ ବାହାରିବେ।

- ଅପରାହ୍ନ ୨ଟାରେ ଫିଟିବ ଅଣସର ତାଟି
- ସାଢେ ୨ଟାରେ ପରିମାଣିକ ଦର୍ଶନ
- ସାଢେ ୩ଟାରେ ସାହାଣମେଲା ଦର୍ଶନ

## ଖଳି ଲାଗିହେଲେ ମହାପ୍ରଭୁ

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ଖଳିଲାଗି ହୋଇଛି। ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ରଙ୍କ ସୂଚନା ମୁତାବକ, ରବିବାର ରାତିରେ ମହାପ୍ରଭୁଙ୍କ ଘଣା କଟାଯାଇଥିଲା। ଏହାପରେ ପ୍ରଧାପନ ବୁଣାଟ ହୋଇ ଘଣାଲାଗି କରାଯାଇଥିଲା। ପାଟରା ସେବକଙ୍କଠାରୁ ଆସିଥିବା ନାଗନାଗୁଣୀ ଘଣା ଦାରୁବିଗ୍ରହଙ୍କ ଶରୀର (ପେଟ ଓ ଶ୍ରୀପୟର)ରେ ଲାଗି କରାଯାଇଥିଲା। ଗଡ଼ାବସ୍ତ୍ର ଦିଆଯାଇ ସିଲ୍ କରାଯାଇଥିଲା। ଏହି ନୀତି ବଢିବା ପରେ ଅଣସର ଶୁଦ୍ଧ ସୁଆରଙ୍କ ଘରୁ ଖଳି ହାଣ୍ଡି ଅଣାଯାଇ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଇଥିଲା। ଏହାପରେ ଶ୍ରୀମୁଖ ଓତା କପଡ଼ା ପକାଯାଇଥିଲା। ଏହି ନୀତି ସମ୍ପନ୍ନ ପରେ ଦତ୍ତମହାପାତ୍ରଙ୍କ ଘରୁ ଅଣାଯାଇଥିବା ଖଡ଼ି ଲାଗି କରାଯାଇଥିଲା।


ADMISSION GUIDANCE 2019-20
NIIS INSTITUTE OF INFORMATION SCIENCE & MANAGEMENT
SARADA VIHAR, MADANPUR, BHUBANESWAR-752054
Permitted by Govt. of Odisha & Affiliated to Utkal University

+3 SCIENCE (Hons.) (Physics, Chemistry, Mathematics, Zoology, Botany)
+3 COMMERCE (Hons.) (Accounting & Management)
+3 ARTS (Hons.) (Economics, English, Poltical Sc., Psychology & Sociology)

SPECIAL FEATURES
- Expert & Experienced Facultymembers
- E-Library with DELNET
- Doubt Clearing Classes
- Scholarship for SC & ST Students
- Transport Facilities
- Spoken English
- Separate Furnished Hostel both Boys & Girls

Apply to SAMS Contact: 9778899990 / 9778899991 / 9438767679
Visit us: www.niisinst.com | Email: niisadmission2019@gmail.com






Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49 - 50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

Honda Exclusive Authorized Dealerships: ATTAGHAR: Sidhivinayak Honda - 9124260000, 9658080060; BALUGOAN: Khimji Honda - 7735734881, 7735737648; BANKI: Shree Honda - 06723-240099, 9658201234; Bidharpur: Vinayak Honda - 9937060477, 7894446899; BHUBANESWAR: Shivam Honda - 0674-2546296, 7873024320; Gugnani Honda - 0674-2313716, 7852930865; PGL Honda - 0674-2354418, 9090912345; Khimji Honda - 7735734884, 7077726314; CHANDIKHOL: Basanti Honda - 06725-227011, 9853066000; CUTTACK: Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; JAJPUR ROAD: TEZ Honda - 7504991301 7504994444; JAJPUR TOWN: Agasti Honda - 9437518600; KUAKHIA: Sai Honda - 9938906077; SINGHPUR: Ramachandi Honda - 7377688445; JAGATSINGHPUR: Kanchan Murali Honda - 06724-222122, 223112, 7809568988, 9090876483; JAGATPUR: Durga Honda - 9114800118, 0671-2490462; JATNI: PGL Honda - 0674-2492419, 7788001027; KENDRAPADA: Baldev Honda - 9937129275, 9437167191; KEONJHAR: Pritam Honda - 06766-254138, 8908881717; Barbil: Royal Motors- 7008712784; KHURDA: Sai Honda - 07852930002, 06755-223555; NAYAGRAH: Pattnaik Honda - 7205028044, 9937083142; Narsisgh Pur: Baba Honda - 9438057701; NIALI: Hindustan Honda - 9937075187, 0671-2803355; PURI: Shivam Honda - 06752-225555, 9040088747; Kujang:- Kanchan Murali Honda: 0672236122, 9040650040; PARADIP: Anil Honda - 06722-220909, 9438523425; RAHAMA: Navjyoti Honda - 9938339189; UTTARA: Gugnani Honda - 0674-3272244; PATTAMUNDAI: Satya Honda - 9937711139; SALEPUR: S.N.Honda - 9437439076.

For Bulk/Institutional enquiries, please write us at: institutionalsales@honda2wheelersindia.com

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ପୁଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ■ ୮ରୁ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା

# ଆଜିଠୁ ମିଳିବ ଆଡମିଟ୍ କାର୍ଡ

କଟକ ଅଫିସ,୧।୭

ଆସନ୍ତା ୮ତାରିଖରୁ ଆରମ୍ଭ ହେବାକୁ ଯାଉଛି ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା। ଏଥିପାଇଁ ଆଡମିଟ୍ କାର୍ଡ ମଙ୍ଗଳବାରଠାରୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ୱେବସାଇଟ www.bseodisha.ac.inରେ ଉପଲବ୍ଧ ହେବ। ଏହାକୁ ପରୀକ୍ଷାର୍ଥୀ ଡାଉନଲୋଡ କରିପାରିବେ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତି କହିଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟ ସମାନ ଦିନରେ ଆରମ୍ଭ ହେବ। ଏହି ପରୀକ୍ଷାର୍ଥୀମାନଙ୍କ ଆଡମିଟ କାର୍ଡ ଜୁଲାଇ ୩ରେ ୱେବସାଇଟରେ ଉପଲବ୍ଧ ହେବ ବୋଲି ଡ. ମହାନ୍ତି କହିଥିଲେ। ସୂଚନାଥାଉ କି, ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଜୁଲାଇ ୮ରୁ ୧୪ ତାରିଖ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦ୍ୱିତୀୟ ପର୍ଯ୍ୟାୟ ଜୁଲାଇ ୮ରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ୧୨୨ଟି ପରୀକ୍ଷା କେନ୍ଦ୍ରରେ ୨୭,୬୧୬ଜଣ ସପ୍ଲିମେଣ୍ଟାରୀ ପରୀକ୍ଷାର୍ଥୀ ଓ ୫୫ଟି ପରୀକ୍ଷା କେନ୍ଦ୍ରରେ ୯୦୩୩ଜଣ ପରୀକ୍ଷାର୍ଥୀ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦେବେ। ପରୀକ୍ଷାର୍ଥୀମାନେ ବୋର୍ଡର ୱେବସାଇଟ୍‌ରେ ନିଜ ପରୀକ୍ଷା କେନ୍ଦ୍ର ସମ୍ପର୍କରେ ମଧ୍ୟ ସୂଚନା ପାଇପାରିବେ।

# ପୋଲାଭରମ୍ କାର୍ଯ୍ୟ ବନ୍ଦ ରଖିବାକୁ ପ୍ରଧାନମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର, ୧।୭(ବ୍ୟୁରୋ)

ପୋଲାଭରମ ପ୍ରକଳ୍ପର କାର୍ଯ୍ୟ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ମୁଖ୍ୟମନ୍ତ୍ରୀ ପୋଲାଭରମ୍ ନିର୍ମାଣ ପୂର୍ବରୁ ଏହାକୁ ନେଇ ଚାଲିଥିବା ବିବାଦ ସମାଧାନ ପାଇଁ ଅନୁରୋଧ କରିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି, ଯଦି ପ୍ରକଳ୍ପକୁ ନେଇ ରହିଥିବା ସମସ୍ୟାର ସମାଧାନ ନ ହୁଏ, ତେବେ ଏହା ଓଡ଼ିଶା ଏବଂ ଓଡ଼ିଆ ଲୋକଙ୍କ ସ୍ଥାୟୀ କ୍ଷତିର କାରଣ ପାଲଟିବ। ଏହି ପ୍ରକଳ୍ପ ଯଦି କାର୍ଯ୍ୟକାରୀ ହୁଏ, ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଜମି ଜଳମଗ୍ନ ହେବ। ସର୍ବୋପରି ପ୍ରକଳ୍ପ ହେଲେ ବହୁ ଗ୍ରାମବାସୀ ବିସ୍ଥାପିତ ହେବାକୁ ବାଧ୍ୟ ହେବେ। ଏହି ପ୍ରକଳ୍ପ ଦ୍ୱାରା ଦକ୍ଷିଣ ଓଡ଼ିଶାର ମାଲକାନଗିରି ଜିଲ୍ଲା ବିଶେଷକରି ଆଦିମ ଅଧିବାସୀମାନେ ବହୁଳ ଭାବେ ପ୍ରଭାବିତ ହେବେ। ତେଣୁ ସୁପ୍ରିମକୋର୍ଟରେ ପଡି ରହିଥିବା ମାମଲା ଗୁଡିକର ସମାଧାନ ନ ହେବା ଯାଏ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରହୁ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସେହିପରି ଏ ସଂକ୍ରାନ୍ତୀୟ ବିଧିବଦ୍ଧ ସଂକଳ୍ପ ନ ଆସିବା ପୂର୍ବରୁ ଯଦି ପ୍ରକଳ୍ପକୁ ଅନୁମତି ଦିଆଯାଏ ତା'ହେଲେ ଏହା ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ଉପରେ ସ୍ଥାୟୀ ଆଘାତ ପହଞ୍ଚାଇବ ବୋଲି ନବୀନ ଚିଠିରେ ଜଣାଇଛନ୍ତି। ଓଡ଼ିଶା, ତେଲେଙ୍ଗାନା ଏବଂ ଛତିଶଗଡର ଜମି, ଜଙ୍ଗଲ ଏବଂ ଅଧିବାସୀଙ୍କ କ୍ଷତି ନ ହେବାଭଳି ପ୍ରକଳ୍ପର ମଡେଲ ବଦଳାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଦର୍ଶାଇଛନ୍ତି।

ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରକୁ ପୂର୍ବରୁ ଦେଇଥିବା ଚିଠି ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଓଡ଼ିଶା ବାରମ୍ବାର ପ୍ରକଳ୍ପ କାର୍ଯ୍ୟ ବନ୍ଦ ପାଇଁ ଅନୁରୋଧ କରିଥିଲେ ମଧ୍ୟ କେନ୍ଦ୍ର କେବେହେଲେ ଏ ଦିଗରେ କର୍ଣ୍ଣପାତ କରିନାହିଁ। ନବୀନ ଆହୁରି କହିଛନ୍ତି ଯେ, ପ୍ରଭାବିତ ଥିବା ଅଞ୍ଚଳରେ ଜନଶୁଣାଣି କରିବା ପରିବର୍ତ୍ତେ ଆନ୍ଧ୍ର ପ୍ରଦେଶ ସରକାର ଦ୍ରୁତଗତିରେ କାର୍ଯ୍ୟ କରିଚାଲିଛନ୍ତି। ଅନ୍ୟପଟେ ମାଲକାନଗିରିରେ ବିନା ଜନଶୁଣାଣିରେ ପୋଲାଭରମ୍ ପ୍ରକଳ୍ପକୁ ୨୫ ଅକ୍ଟୋବର ୨୦୦୫ରେ ପରିବେଶ ମଞ୍ଜୁରୀ ପ୍ରଦାନ କରାଯାଇଥିଲା ବୋଲି ନବୀନ କହିଛନ୍ତି। ଯଦି ଥରେ ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଏ ତେବେ ପରବର୍ତ୍ତୀ ସମୟରେ ଏହାର ରୂପରେଖ ପରିବର୍ତ୍ତନ କରାଯାଇପାରିବ ନାହିଁ। ଅନ୍ୟପଟେ ଏଯାବତ୍ ଓଡ଼ିଶାରେ ଜନଶୁଣାଣି ହୋଇ ନ ଥିବା ସେ କହିଛନ୍ତି। ଏ ସମ୍ପର୍କରେ ପୂର୍ବତନ ପରିବେଶ ଓ ଜଙ୍ଗଲ କେନ୍ଦ୍ରମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କୁ ଚିଠି ଲେଖିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ, ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ସେ ହର୍ଷ ବର୍ଦ୍ଧନଙ୍କୁ ଅନୁରୋଧ କରିଥିଲେ। ଏହାପରେ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ କୌଣସି ଅଗ୍ରଗତି ଘଟି ନ ଥିବାରୁ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନିକଟରେ ପରିବେଶ ମନ୍ତ୍ରଣାଳୟ ପୋଲାଭରମ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶକୁ ଆଉ ଦୁଇବର୍ଷ ବୃଦ୍ଧି କରିବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଏନେଇ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ଚିଠିରେ ଉଲ୍ଲେଖ କରିଛନ୍ତି।



NAVEEN PATNAIK
CHIEF MINISTER, ODISHA

STATE SECRETARIAT
BHUBANESWAR

D.O. NO. UM-1/2019-47/CM
01.07.2019

Dear Prime Minister Ji,

May I bring to your kind notice that the construction work of Polavaram Project is reportedly progressing at a fast pace. In this regard, my earlier letters dated 16.09.2015, 28.11.2017, 12.07.2018 and 21.11.2018 may kindly be referred to, wherein I had mentioned that the Ministry of Environment, Forests & Climate Change (MoEF & CC) has kept the "Stop Work Order" in abeyance from time to time without taking the views of the State of Odisha into consideration.

2. The Environmental Clearance was given to the Project on 25.10.2005, without conducting the public hearing in the affected areas of Malkangiri district of Odisha. Due to change in the scope of the project, MoEF & CC vide their letter dated 08.02.2011 had directed the Government of Andhra Pradesh not to start construction work of Polavaram Project until further appraisal of the project is made by the MoEF & CC.

3. At the request of the then Chief Minister of Andhra Pradesh, MoEF & CC had kept the "Stop Work Order" in abeyance for a period of six months vide their letter dated 27.02.2013. The "Stop Work Order" was further kept in abeyance for six months by MoEF & CC vide their letter dated 01.01.2014. Thereafter, the "Stop Work Order" has been kept in abeyance on a yearly basis from 03.07.2015 to 02.07.2016, from 03.07.2016 to 02.07.2017, from 03.07.2017 to 02.07.2018 and from 03.07.2018 to 02.07.2019.

4. Now, it is learnt that the "Stop Work Order" has been kept in abeyance for a further period of two years by MoEF & CC, with similar conditions as stipulated in the above mentioned orders i.e. the reservoir of the Polavaram Project will not be impounded without the permission of MoEF & CC and the changes in the design parameters of the Project will be taken care of based on the result of the public hearing.

5. It is worth mentioning that once the Project is completed there shall be impounding of the reservoir and it may not be possible to change the design and operating parameters of the Project thereafter. It is also pertinent to mention here that the public hearing in the State of Odisha has not been carried out till date.

ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଲେଖିଥିବା ଚିଠି।

# ଦୂରଦର୍ଶନରେ ରଥଯାତ୍ରାର ସିଧା ପ୍ରସାରଣ




ରଥଯାତ୍ରା ପ୍ରସାରଣ ସମ୍ପର୍କରେ ଅଧିକାରୀମାନେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୧।୭(ବ୍ୟୁରୋ)

ଦୂରଦର୍ଶନରେ ଆସନ୍ତା ୪ତାରିଖ ଦିନ ବିଶ୍ୱ ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରାର ସିଧା ପ୍ରସାରଣ ହେବ। ଡିଡି ଓଡ଼ିଆରେ ସକାଳ ୮ଟା ୩୦ରୁ ରଥଟଣା ଶେଷ ପର୍ଯ୍ୟନ୍ତ, ଡିଡି ନ୍ୟାଶନାଲରେ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏବଂ ଡିଡି ଭାରତୀ, ଡିଡି ଇଣ୍ଡିଆ ଓ ଡିଡି ବଙ୍ଗଳାରେ ସକାଳ ସାଢ଼େ ୮ଟାରୁ ରଥଟଣା ଶେଷ ପର୍ଯ୍ୟନ୍ତ ପ୍ରସାରଣ ହେବ। ଓଡ଼ିଆ, ହିନ୍ଦୀ, ଇଂଲିଶ, ସଂସ୍କୃତ ତଥା ବଙ୍ଗଳା ଭାଷାରେ ଧାରା ବିବରଣୀ ସହ ପ୍ରସାରଣ କରାଯିବ। ନ୍ୟାଶନାଲ ଇନ୍‌ଫରମେଟିକ୍ସ ସେଣ୍ଟର ଦ୍ୱାରା ଶ୍ରୀଗୁଣ୍ଡିଚା ଯାତ୍ରାର ୱେବ୍‌କାଷ୍ଟ http://rathajatra.nic.in/rathjatra.htmlରେ ପ୍ରସାରିତ ହେବ। ସେହିପରି www.youtube.com/c/ddodisha ମାଧ୍ୟମରେ ରଥଯାତ୍ରାର ଲାଇଭ୍ ଷ୍ଟ୍ରିମିଙ୍ଗ କରାଯିବ। ହ୍ୱାଟ୍‌ସଆପ୍ ମାଧ୍ୟମରେ ଦର୍ଶକଙ୍କ ରଥଯାତ୍ରା ସମ୍ବନ୍ଧୀୟ ଜିଜ୍ଞାସା ତଥା ପ୍ରଶ୍ନର ଉତ୍ତର ବିଶେଷଜ୍ଞଙ୍କ ଦ୍ୱାରା ସିଧା ପ୍ରସାରଣ ସହ ସଂଯୋଗ କରାଯିବ। ଦର୍ଶକଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ପ୍ରଶ୍ନୋତ୍ତରୀ ବ୍ୟବସ୍ଥା ହେବ। ୨ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ଏବଂ ସନ୍ଧ୍ୟା ୬ଟାରେ ଡିଡି ନ୍ୟାଶନାଲରେ ହିନ୍ଦୀରେ ରଥଯାତ୍ରା ପ୍ରସ୍ତୁତି ପର୍ବର ପ୍ରସାରଣ ହେବ। ସେହିପରି ଓଡ଼ିଆରେ ୩ ତାରିଖ ସକାଳ ସାଢ଼େ ୮ଟା ଓ ରାତି ୧୦ଟାରେ ପ୍ରସାରଣ ହେବ।

ସେହିପରି ୧୨ତାରିଖ ଦିନ ସକାଳ ୯ଟାରୁ ରଥଟଣା ଶେଷ ପର୍ଯ୍ୟନ୍ତ ବାହୁଡ଼ା ଯାତ୍ରାର ସିଧା ପ୍ରସାରଣ ହେବ। ୧୩ ତାରିଖ ଅପରାହ୍ନ ୪ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ସୁନାବେଶ, ୧୪ ତାରିଖ ସନ୍ଧ୍ୟା ୬ଟାରୁ ଅଧରପଣା, ୧୫ ତାରିଖ ଅପରାହ୍ନ ୪ରୁ ନୀଳାଦ୍ରିବିଜେର ସିଧା ପ୍ରସାରଣ ହେବ। ଡିଡି ଓଡ଼ିଆରେ ୨ତାରିଖ ଦିନ ସକାଳ ସାଢ଼େ ୮ଟା ଓ ରାତି ସାଢ଼େ ୮ଟାରେ ଗଜପତି ମହାରାଜଙ୍କ ସହିତ ଏକ ଅନ୍ତରଙ୍ଗ ଆଳାପର ପ୍ରସାରଣ ହେବ ବୋଲି ସୋମବାର ଦୂରଦର୍ଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରୋଗ୍ରାମ ହେଡ୍ ନିଳାଦ୍ରୀ ମୋହନ ଶତପଥୀ, ଡେପୁଟି ଡାଇରେକ୍ଟର ଜେନେରୋଲ(ଇଞ୍ଜିନିୟର) ଧ୍ରୁବ ନନ୍ଦ, ଭିଡିଓ ଏକ୍‌ଜିକ୍ୟୁଟିଭ୍ ପାର୍ଥସାରଥୀ ମିଶ୍ର, ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ୍ ଦିପ୍ତୀ ମିଶ୍ର ଓ ପ୍ରବୋଧ କୁମାର ପଟ୍ଟନାୟକ, ସିନିୟର ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ନୃପଲାଲ ଚାନ୍ଦ, ଡାଇରେକ୍ଟର ଇଞ୍ଜିନିୟରିଂ ନିରଞ୍ଜନ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ■ କନିଷ୍ଠ ଯନ୍ତ୍ରୀଙ୍କୁ ବସ୍‌ଉଠ୍ କରାଇବା ମାମଲା

# ଝାରପଡ଼ା ଜେଲ୍‌ରେ ରହିଲେ ପାଟଣାଗଡ଼ ବିଧାୟକ

ଭୁବନେଶ୍ୱର,୧।୭ (ବ୍ୟୁରୋ)

ନିମ୍ନମାନର ରାସ୍ତା କାମକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ (ଜେଇ)ଙ୍କୁ ରାସ୍ତା ଉପରେ ବସ୍‌ଉଠ୍ କରାଇବା ମାମଲାରେ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେରଙ୍କ ଜାମିନ ଆବେଦନର ଶୁଣାଣି ସୋମବାର ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ହୋଇଥିଲା। ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାରୁ ବିଧାୟକ ମେହେର ଓ ଅଭିଯୋଗକାରୀମାନେ ନିଜ ପକ୍ଷ ରଖିଥିଲେ। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅରୁଣ ମଲ୍ଲିକ ଉଭୟ ପକ୍ଷରୁ ଶୁଣିବା ପରେ ମାମଲାର ବିଚାର କରି ପରବର୍ତ୍ତୀ ଶୁଣାଣି ଆସନ୍ତା ୫ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସେପର୍ଯ୍ୟନ୍ତ ବିଧାୟକ ଝାରପଡ଼ା ଜେଲ୍‌ରେ ରହିବେ ବୋଲି କୋର୍ଟ ନିର୍ଦ୍ଦେଶ ଦେବା ପରେ ତାଙ୍କୁ ସେଠାକୁ ପଠାଇ ଦିଆଯାଇଛି। ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଲେ ଜେଲ୍ କର୍ତ୍ତୃପକ୍ଷ ଓ ଡାକ୍ତରଙ୍କ ପରାମର୍ଶ ନେବାକୁ ଆଦେଶ ଦିଆଯାଇଛି।

ବିଧାୟକ ମେହେର ଦର୍ଶାଇଥିଲେ ଯେ, ଯେଉଁ ଦଫା ବଳରେ ତାଙ୍କୁ ଗିରଫ କରାଯାଇଛି, ସେଥିମଧ୍ୟରୁ କେବଳ ୫୩୫ ଦଫାକୁ ଛାଡିଦେଲେ ଅନ୍ୟସବୁ ଜାମିନ ଯୋଗ୍ୟ। ସେ ଜଣେ ଲୋକ ପ୍ରତିନିଧି ହୋଇଥିବାରୁ ପଳାତକ କାର୍ଯ୍ୟ କରିବେ ନାହିଁ। ବିଧାନସଭା ଚାଲିଥିବାରୁ ସେଠାରେ ଲୋକଙ୍କ ସମସ୍ୟା ପହଞ୍ଚାଇବା ନେଇ ଉପସ୍ଥିତ ରହିବା ଆବଶ୍ୟକତା ରହିଛି। ସେ କୋର୍ଟର ସମସ୍ତ ସର୍ତ୍ତକୁ କଡ଼ାକଡ଼ି ପାଳନ କରିବେ। ତେଣୁ ତାଙ୍କୁ ଜାମିନ ଦିଆଯାଉ ବୋଲିସେ ଆବେଦନରେ ଲଲ୍ଲେଖ କରିଛନ୍ତି। ଅପରପକ୍ଷରେ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବର ଓ ତାଙ୍କ ସ୍ତ୍ରୀ ତଥା ମାମଲାର ଅଭିଯୋଗକାରୀ ମଧ୍ୟ କୋର୍ଟରେ ହାଜର ହୋଇ ପକ୍ଷ ରଖିଥିଲେ। ସେମାନଙ୍କୁ ଅନେକ ଅଜଣା ମୋବାଇଲ୍ ନମ୍ବରରୁ ଧମକପୂର୍ଣ୍ଣ କଲ୍ ଆସୁଛି। ବିଧାୟକଙ୍କୁ ଜାମିନ ମିଳିଲେ ତାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ସେମାନେ କହିଥିଲେ।

ଗତ ମାସରେ ପାଟଣାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗମ୍ଭାରୀ ଗ୍ରାମରେ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଥିବା ଏକ ରାସ୍ତା କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଥିଲା। ବିଧାୟକ ମେହେର ଲୋକଙ୍କ ସହ ସେଠାରେ ପହଞ୍ଚି କନିଷ୍ଠ ଯନ୍ତ୍ରୀ ଜୟକାନ୍ତଙ୍କୁ ରାସ୍ତା ଉପରେ ବସ୍‌ଉଠ୍ କରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜୟକାନ୍ତଙ୍କ ସ୍ତ୍ରୀ ପାଟଣାଗଡ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଯନ୍ତ୍ରୀ ଜଣକ ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ବିଭିନ୍ନ ସଂଗଠନ ପକ୍ଷରୁ ବିଧାୟକଙ୍କୁ ଗିରଫ ଦାବି ଜୋର୍ ଧରିଥିଲା। ଗତ ୨୪ ତାରିଖରେ ନୂଆପଡାରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲଙ୍କ ଅନ୍ଦୋଳନ ଚାଲିଥିବାରୁ ପାଟଣାଗଡ ଏଡିଜେ ତାଙ୍କ ଜାମିନ ଉପରେ ଶୁଣାଣି ନ କରି ଜୁଲାଇ ୧ ତାରିଖରେ ଭୁବନେଶ୍ୱର ହେବାକୁ ଧାର୍ଯ୍ୟ କରିଥିଲେ। ଜେଲରେ ବିଧାୟକ ଅସୁସ୍ଥ ହେବାପରେ ୨୫ ତାରିଖଠାରୁ ପାଟଣାଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତେବେ ରବିବାର ଅପରାହ୍ନରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇ ପାଟଣାଗଡ଼ ଜେଲ୍‌କୁ ପଠାଇ ଦିଆଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଭାଗ୍ୟ ସ୍ଥାନକୁ ଛଅଟି ଗ୍ରହ ପ୍ରଭାବିତ କରୁଥିବାରୁ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ପାଇବା ନିଶ୍ଚିତ। ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିନେବାର ପ୍ରଯତ୍ନ କରିବା ଦିଗରେ ସଫଳତା ପାଇପାରିବେ। ମଙ୍ଗଳଙ୍କ ବଳହୀନତା କାରଣରୁ ଶାରୀରିକ କ୍ଳାନ୍ତି ଓ ଅବସାଦ ସ୍ୱାସ୍ଥ୍ୟ ପ୍ରତି ପ୍ରତିକୂଳ ପ୍ରଭାବ ସୃଷ୍ଟିକରିବା ଆଶଙ୍କା ରହିଛି।

**ବୃଷ** ମୁଖଭାବରେ ଚତୁଃଗ୍ରହଯୋଗ ଆପଣଙ୍କ ପ୍ରଭାବଶାଳୀ ପ୍ରକାଶଭଙ୍ଗୀ, ପରିଚାଳନା ଦକ୍ଷତାକୁ ବୃଦ୍ଧି କରିବା ସହ ପରିବାରରେ, କର୍ମକ୍ଷେତ୍ରରେ, ସଭାସମିତିରେ ଆପଣ ବହୁଚର୍ଚ୍ଚିତ ହୋଇପାରନ୍ତି। ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦୌଡ଼ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**ମିଥୁନ** ରାଶିରେ ଏକାଧିକ ଗ୍ରହ ଶାରୀରିକ ଓ ମାନସିକ ସ୍ଥିତିକୁ ବିକ୍ଷିପ୍ତ କରାଇପାରନ୍ତି। କିନ୍ତୁ ବିବାଦୀୟ ସ୍ଥିତି, ମାଲିମକଦ୍ଦମା, ସଙ୍ଗଠନ, ପରିଜନ ସହ ଯାତ୍ରା କ୍ଷେତ୍ରରେ ସଫଳତା ନିଶ୍ଚିତ। ଜମିଜମା କିମ୍ବା ଗୃହ ସମ୍ପର୍କିତ ସମସ୍ୟାର ସମାଧାନ ଦିଗରେ ସାହାଯ୍ୟ,ସହଯୋଗର ଅଭାବ ରହିବନାହିଁ। ଶିଳ୍ପ, ବ୍ୟବସାୟ ଓ ପରିବହନରୁ ସନ୍ତୋଷ ଲାଭ କରିପାରନ୍ତି।

**କର୍କଟ** ଦ୍ୱାଦଶସ୍ଥ ଗ୍ରହମାନେ ଆପଣଙ୍କୁ କର୍ମମୁଖର କରାଇ ଅବସର ଦେଇ ନ ପାରନ୍ତି। କାର୍ଯ୍ୟବ୍ୟସ୍ତତା କାରଣରୁ ଆପଣଙ୍କ ବ୍ୟବହାରରେ ରୁକ୍ଷତା ବନ୍ଧୁଙ୍କ ମନଦୁଃଖର କାରଣ ହୋଇପାରେ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଦୁଶ୍ଚିନ୍ତା ସାୟାହ୍ନେ ଦୂରହେବ। କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହେବା ସୂଚନା ରହିଛି।

**ସିଂହ** ଆଜିର ଅନୁକୂଳ ଗ୍ରହ ସ୍ଥିତି ଆପଣଙ୍କ ପାଇଁ ସୁସ୍ଥ ବାତାବରଣ ସୃଷ୍ଟିକରି ବନ୍ଧୁପ୍ରିୟ କରାଇବ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼କରିବା ସକାଶେ ବିଭିନ୍ନ ପ୍ରକାର ଫନ୍ଦି ଫିକର କରି ସଫଳତା ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରକାଶନ,ପ୍ରଶାସନ ଏଜେନ୍ସି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ଦଶମ ସ୍ଥାନରେ ଏକାଧିକ ଗ୍ରହ ଆପଣଙ୍କ କର୍ମକ୍ଷେତ୍ରକୁ ଚଳଚଞ୍ଚଳ କରାଇବେ। ବୃହସ୍ପତିଙ୍କ ଭାଗ୍ୟସ୍ଥାନକୁ ଦୃଷ୍ଟିଫଳରେ ପରିବାର,ବନ୍ଧୁମିଳନ, ସଭାସମିତି, ଆନୁଷ୍ଠାନିକ କାମ ସମ୍ପନ୍ନ କରିବାରେ ସମର୍ଥ ହୋଇପାରନ୍ତି। କିନ୍ତୁ ଚିତ୍ରା ନକ୍ଷତ୍ର କୌଣସି କଥାକୁ ଭଲ ରୂପେ ବିଚାର ନ କରି କାମକଲେ ସମସ୍ୟା ଭିତରକୁ ଟାଣିହୋଇଯିବେ।

**ତୁଳା** ପକ୍ଷୀର ଡେଣା ପରି ଦୁଇ, ତିନି ଓ ନଅ, ଦଶମ ସ୍ଥାନରେ ଗ୍ରହମାନେ ଆପଣଙ୍କୁ ଧନ, ସମ୍ମାନ, ଉଚ୍ଚ ପଦବୀ ଓ ବିଶିଷ୍ଟ ବନ୍ଧୁମାନଙ୍କ ସଙ୍ଗଲାଭ କରାଇପାରନ୍ତି। କୌଣସି ଜିନିଷ କ୍ରୟ କରିବା ସକାଶେ ଅର୍ଥ ପାଇଁ ଚିନ୍ତା କରିବାକୁ ପଡ଼ିବନାହିଁ। ଅବଶ୍ୟ ପରିବାରରେ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବା ଆଶା ରହିଛି।

**ବିଛା** ଆଜିର ଗ୍ରହ ସ୍ଥିତି ଆପଣଙ୍କୁ ଭଲମନ୍ଦର ମିଶ୍ରିତଫଳ ପ୍ରଦାନ କରିବ। ଅଷ୍ଟମଭାବସ୍ଥ ଗ୍ରହ ପ୍ରଭାବରେ ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବା ଫଳରେ ମନଟା ଭଲ ଲାଗିବ ନାହିଁ। ପାରିବାରିକ ପ୍ରତିରୋଧ ଆପଣଙ୍କ କାମକୁ ଦୀର୍ଘସମୟଧରି ବିଶେଷ ବିଶୃଙ୍ଖଳିତ କରି ରଖିବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**ଧନୁ** ସପ୍ତମ କେନ୍ଦ୍ରରେ ଏକାଧିକ ଗ୍ରହ ଯାତ୍ରାରେ ଦ୍ୱନ୍ଦ୍ୱ, ବିବାଦରେ ପରାଜୟ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଜନିତ ଚିନ୍ତା ସୃଷ୍ଟିକରେ। କର୍ମାଧିପ ଅଷ୍ଟମସ୍ଥାନରେ ଥିବାରୁ ଅପମାନଜନକ ବ୍ୟବହାର ମନରେ ଆଘାତ ସୃଷ୍ଟି କରିବ । କଳା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ କରିପାରିବେ।

**ମକର** ଷଷ୍ଠ ଓ ଦ୍ୱାଦଶସ୍ଥ ଗ୍ରହ ପ୍ରଭାବରୁ ପରୋକ୍ଷ ଶତ୍ରୁତା,ସ୍ୱାସ୍ଥ୍ୟହାନି ଓ ଅର୍ଥସଙ୍କଟ ମାନସିକ ସ୍ଥିତିକୁ ବିପନ୍ନ କରିବ। କିନ୍ତୁ ତୃତୀୟାଧିପତିଙ୍କ ଶୁଭଦୃଷ୍ଟିରୁ ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପାଖ ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି।

**କୁମ୍ଭ** ଆଜିର ଗ୍ରହ ପ୍ରଭାବରେ ଆପଣ ଯେକୌଣସି କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବା କଷ୍ଟକର ହୋଇପାରେ। କର୍ମକ୍ଷେତ୍ରରେ ନିଜର ସ୍ଥିତି ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜ ଲୋକମାନେ ଯେତେ ପ୍ରକାର ସମସ୍ୟା ସୃଷ୍ଟିକଲେ ମଧ୍ୟ ଆପଣଙ୍କର କୌଣସି ଅସୁବିଧା ହେବ ନାହିଁ। ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

**ମୀନ** ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ଚନ୍ଦ୍ରଙ୍କ ଅଶୁଭତ୍ୱ ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ। ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ ସମସ୍ୟାର କାରଣ ହୋଇପାରେ। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପ୍ରତ୍ୟେକ ଅସୁବିଧାଜନକ ପରିସ୍ଥିତିକୁ ସୁଧାରିନେବାରେ ସମର୍ଥ ହେବେ।

ଆଜି ଶ୍ରୀମନ୍ଦିରରେ ନେତ୍ରୋତ୍ସବ ଓ ଶ୍ରୀଜୀଉଙ୍କର ନବଯୌବନ ଦର୍ଶନ, ରଥଯାତ୍ରାର ଅଧିବାସ କର୍ମ, ଆଷାଢ଼ ଅମାବାସ୍ୟା ମଙ୍ଗଳବାର, ଜୁଲାଇ ୨ ତାରିଖ, ଅନ୍ତର୍ଜାତୀୟ କ୍ରୀଡ଼ା ସାମ୍ବାଦିକତା ଦିବସ, କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ, ହୋମିଓପ୍ୟାଥିକର ଜନକ ହାନିମ୍ୟାନ୍‌ଙ୍କ ତିରୋଧାନ ଦିବସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ, ରାଶିନକ୍ଷତ୍ର-ମୃଗଶିରା/ମିଥୁନ, ଦିବା ଘ୯।୦୭ମି. ପରେ ଆରଦ୍ରା ନକ୍ଷତ୍ର ହେବ, ଅମାବାସ୍ୟାର ଶ୍ରାଦ୍ଧ,କନ୍ୟାରାଶିର ଘାତଚନ୍ଦ୍ର,ମକର ରାଶିର ଘାତବାର , ଅମାବାସ୍ୟାର ନିଶା ପାଳନ। ଦିବା ଘ୮।୨୮ମି. ମଧ୍ୟେ ଘ୧୦।୦୭ମି. ଗତେ, ଘ୧୧।୪୬ ମଧ୍ୟେ ଅମୃତବେଳା।


# classifieds Everyday
0674-2580101, 2549302



**SALE**

2BHK flat near Garage Chhak, Bhubaneswar NH-side buyer. 8763449127. D-65659

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ଼କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡକୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। **9583725970.** D-66721

Ready 2BHK/3BHK flats sales at Chandrasekharpur, Patia. 7008346486, 9937009250. D-66583

Residential plot- Boundary covered residential plot adjoined to PMGSY road at Hanspal (Balianta) for immediate construction @ 750.00 per sqft. 7008978497. D-66914

ଭୁବନେଶ୍ୱର Tamando Kendriya vihar କଲୋନୀଠାରେ Yellowzone 30' ରାସ୍ତାଥାଇ plot କିଣନ୍ତୁ। 9348767829. D-66708

Gharabari yellowzone stitiban plot available at Malipada mainroad 500 meters from SUM Hospital, DAV School, Bhubaneswar 1600/- sqft. 9777063609. D-66156

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ **Grandbazar** ସମ୍ମୁଖରେ ଘରବାରି **plot** କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। **9438525948.** D-66717

ପିତାପଲ୍ଲୀ ଛକ NH ପାଖରେ sqft-399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

**BDAର Southcityରେ ନିର୍ମିତ ବୃହତ୍ତମ IIT Arugulଠାରେ ପିଚୁରାସ୍ତା ଏବଂ Electric ସୁବିଧାଥାଇ ଘରବାରି plot ଶସ୍ତାରେ କିଣନ୍ତୁ। 7978773097.** D-66719

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**Schedule caste ଘରବାରି ପାଚେରି ପ୍ଲଟ ପିଚୁରୋଡ sideରେ ଅରଗୁଳ Railway Station and Spintonic college 4400sqft. 8,80,000/-. 9439006524.** D-66720

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-66584

ଘରବାରୀ **demarcation plot sale** ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରାସ୍ତାକଡ଼ରେ **2400sqft. 13,20,000/-9437306208.** D-66722

ଭୁବନେଶ୍ୱର CV Raman College front ରେ developed plot 10,00,000/- ରେ ପାଚେରି ସହିତ ବିକ୍ରିହେବ। 9178217222. D-66723

ଫୁଲନଖରାସ୍ଥିତ **Delhi Public School**କୁ ଲାଗି ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ। **9438432164.** D-66718



Fully refreshed/ relaxed body massage by expert therapist, Shastri Nagar. 7377984773. D-66588

Rejuvenate and ayurvedic full body massage by smart therapist: 9114402304. D-66587

Experience full body massage with us (ex-pert). Call: 7377048581, 0674-2597822. D-66589

Full body massage with refreshment, expert therapist. 7381239385, 0674-2540855. D-66591

Herbal full body massage by smart/expert therapist. Contact: 8338067247. D-66590

Kajal ayurvedic massage club fully relaxed by smart lady, home service available. 9937637219. D-66916

Monalisa Massage Club: Monsoon Dhamaka/ Full body massage with hiprofile smart lady therapist hurryup! 9708545108. D-13217

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



## ଜିଲ୍ଲା ଟିଠି କେନ୍ଦ୍ରାପଡ଼ା

# କାଳ ସାଜିଛି ଚିଙ୍ଗୁଡ଼ି ଘେରି

କୃଷିଭିତ୍ତିକ ଅର୍ଥନୀତିରେ ସମୃଦ୍ଧ କେନ୍ଦ୍ରାପଡ଼ା ଜିଲାରେ ଚାଷ ଜମି କମିବାରେ ଲାଗିଛି। ଚାଷ ଜମି ସହ ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ ବିଭିନ୍ନ ନାଳ ଓ ଯୋର ଆଦି ଚିଙ୍ଗୁଡି ବ୍ୟବସାୟୀଙ୍କ ହାତକୁ ଚାଲିଯାଉଛି। ଏଥିଯୋଗୁ ଦୁର୍ଦ୍ଦିନରେ ଥିବା ଧାନ ଓ ପରିବା ଚାଷୀ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଏନେଇ ଅଞ୍ଚଳବାସୀ ବିରୋଧ କରୁଛନ୍ତି। ମାତ୍ର ଚିଙ୍ଗୁଡି ଘେରିକୁ ମୁଖ୍ୟ ବ୍ୟବସାୟ କରି ମାଲାମାଲ ହେଉଥିବା ବ୍ୟବସାୟୀଙ୍କ ଉପରେ ଏହାର ପ୍ରଭାବ ପଡୁନାହିଁ। ସେମାନେ ବେଆଇନ ଭାବେ ଚିଙ୍ଗୁଡ଼ି ଘେରି କରି ଦେଶ ବିଦେଶକୁ ପ୍ରାୟ ୧୧ ପ୍ରକାର ଚିଙ୍ଗୁଡି ରପ୍ତାନି କରୁଛନ୍ତି। ସେହି ଲାଭ ଟଙ୍କାରୁ ସ୍ଥାନୀୟ ପ୍ରଶାସକ, ରାଜନେତା ଓ ବନବିଭାଗ କର୍ମଚାରୀଙ୍କ ହାତ ଚିକ୍କଣ ହେଉଛି। କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ୪ ରାଜସ୍ୱ ସର୍କଲର ମୋଟ ୩୭୮ ଏକର ଜମିରେ ବେଆଇନ ଭାବେ ୭୦୩ ଚିଙ୍ଗୁଡ଼ି ଘେରି ରହିଛି। ରଙ୍ଗଣୀ ରାଜସ୍ୱ ସର୍କଲର ୬ଗ୍ରାମର ୨୫୧ ଏକର ଜମିରେ ୨୪୧, ତାଳଚୁଆର ୫ଟି ହାମଲେଟ ଗ୍ରାମର ୩୯ ଏକର ଜମିରେ ୩୮୫ ବେଆଇନ ଚିଙ୍ଗୁଡ଼ି ଘେରି ରହିଛି। ସେହିପରି ରିଘାଗଡ଼ ରାଜସ୍ୱ ସର୍କଲର ୬ ଗ୍ରାମର ୭୪ ଏକର ଜମିରେ ୬୯, ଗୁପ୍ତି ରାଜସ୍ୱ ସର୍କଲର ୨ଟି ଗ୍ରାମର ୧୪ ଏକର ଜମିରେ ୮ଘେରି ରହିଛି। ତେବେ ବାସ୍ତବ ତଥ୍ୟ ଭିନ୍ନ। କେବଳ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ୫୦ ବର୍ଗ କିଲୋମିଟରରୁ ଉର୍ଦ୍ଧ୍ୱ ଜମି ଚିଙ୍ଗୁଡି ଘେରି ମାଲିକଙ୍କ ହାତକୁ ଚାଲିଯାଇଥିବା ବେଳେ ରାଜନଗର, ମହାକାଳପଡା ଓ ରାଜକନିକା ବ୍ଲକର ବିଭିନ୍ନ ସ୍ଥାନରେ ଚିଙ୍ଗୁଡି ଘେରି ବୃଦ୍ଧି ପାଇବାରେ ଲାଗିଛି। ଏହି ଚାଷ ଏବେ କେବଳ କେନ୍ଦ୍ରାପଡ଼ା ଜିଲାବାସୀଙ୍କର ହୋଇ ରହିନାହିଁ। ବହୁ ବାଂଲା ଅନୁପ୍ରବେଶକାରୀ ସ୍ଥାନୀୟ ଅଞ୍ଚଳରେ ରହି ଚିଙ୍ଗୁଡି ଘେରି ନିର୍ମାଣ କରି ଲୋକଙ୍କୁ ନାକେଦମ କରୁଛନ୍ତି। ପ୍ରଶାସନ ପକ୍ଷରୁ ଏସବୁ ଘେରି ଉଚ୍ଛେଦ ନେଇ ସ୍ଥାଣୁତା ପ୍ରକାଶ ପାଇବା ପରେ ଏହି ସମସ୍ୟା ଉଚ୍ଚ ନ୍ୟାୟାଳୟରେ ପହଞ୍ଚିଛି। ହାଇକୋର୍ଟ ଏଥିରେ କ୍ଷୋଭ ପ୍ରକାଶ କରି ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଏଥିସହ ଜିଲାର ବିଭିନ୍ନ ଅଞ୍ଚଳରେ ବଢି ଚାଲିଥିବା ଘେରିଗୁଡିକୁ ଉଚ୍ଛେଦ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଜିଲା ପ୍ରଶାସନ ନାମକୁ ମାତ୍ର ଘେରି ଉଚ୍ଛେଦ କରୁଥିବା ଅଭିଯୋଗ ହୋଇଛି। ଏସବୁ ଘେରିର ଗୋଟିଏ ପାର୍ଶ୍ୱ ବନ୍ଧରୁ ପ୍ରାୟ ୫ରୁ ୧୦ ଫୁଟ ଚଉଡା ଘେରି ଭାଙ୍ଗି ଦିଆଯାଇଛି ବୋଲି କାଗଜପତ୍ରରେ ଦର୍ଶାଯାଉଛି। ଏହା ଘେରି ମାଲିକଙ୍କ ଉପରେ କୌଣସି ଫରକ ପକାଉନାହିଁ। ଭଙ୍ଗାଯିବାର ଗୋଟିଏ ଦିନ ପରେ ପୁନର୍ବାର ଘେରି ବନ୍ଧ ନିର୍ମାଣ କରି ପୂର୍ବପରି ଚିଙ୍ଗୁଡି ଚାଷ କରାଯାଉଛି। ବ୍ରାହ୍ମଣୀ, ବୈତରଣୀ ଓ ଧାମରା ନଦୀ ମୁହାଣରେ ଥିବା ବିସ୍ତୃତ ଲୁଣା ଜଙ୍ଗଲ ଚିଙ୍ଗୁଡ଼ି ଚାଷ ପାଇଁ ଉପଯୁକ୍ତ। ସମୁଦ୍ରର ଲୁଣି ପାଣି ଏହି ଅଞ୍ଚଳକୁ ମାଡ଼ି ଆସି ପୁଣି ଫେରିଯାଏ। ଏହି ପାଣିକୁ ଘେରି ମାଧ୍ୟମରେ ଅଟକାଯାଇ ଅଥବା ନାଳ ଖୋଳି ଘେରି ନିକଟକୁ ଅଣାଯାଇ ସେଥିରେ ଚିଙ୍ଗୁଡ଼ି ଚାଷ କରାଯାଏ। ଏହି ଚାଷ ପାଇଁ ଚିଙ୍ଗୁଡ଼ି ବ୍ୟବସାୟୀମାନେ ଭିତରକନିକା ଜାତୀୟ ଉଦ୍ୟାନର ନିଷିଦ୍ଧାଞ୍ଚଳକୁ ସୁରକ୍ଷିତ ମନେକରି ସେଠାରେ ଚାଷ କରି ଆସୁଥିଲେ। ଏବେ ସେହି ନିଷିଦ୍ଧାଞ୍ଚଳରେ ଧାନ ଓ ଅନ୍ୟାନ୍ୟ ପରିବା ଚାଷ କରାଯାଉଛି। ମାତ୍ର ଚିଙ୍ଗୁଡି ଚାଷ ଯୋଗୁ ଜମିରେ ନାଳ, ଯୋର, ମାହାରା ଆଦିର ଲୁଣି ପାଣି ମାଡି ଯାଉଛି। ଫଳରେ ଧାନ ଚାଷ ନଷ୍ଟ ହେଉଛି। ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ରାସାୟନିକ ଦ୍ରବ୍ୟର ପ୍ରଭାବ ଭିତରକନିକାର ହେନ୍ତାଳ ବଣ, ସାମୁଦ୍ରିକ ଜୀବ ଓ ବନ୍ୟ ପ୍ରାଣୀ ଉପରେ ପଡୁଛି। ଏଥିଯୋଗୁ ଆଗାମୀ ଦିନରେ ଭିତରକନିକାର ଜୈବବିବିଧତା ନଷ୍ଟ ହେବ। ସେଥିପାଇଁ ଭିତରକନିକା ଜାତୀୟ ଉଦ୍ୟାନର ମାନ୍ୟତା ହରାଇବାର ଆଶଙ୍କା ରହିଛି।

– ଜଗନ୍ନାଥ ଧଳ

# ପୋଲିସ ସାଜିଲା ଲୁଟେରା

■ ପୋଲିସ ସ୍ପେଶାଲ ସ୍କ୍ୱାଡ୍ ନାଁରେ ଲୁଟ୍‌ପାଟ

■ ହାବିଲଦାରଙ୍କ ସମେତ ୩ ଗିରଫ



ବୁଢ଼େନ ଥାନା

ପଦ୍ମପୁର,୧୭(ଡି.ଏନ.ଏ.)

ବରଗଡ଼ ଜିଲା ପୋଲିସର ଖାକିରେ ପୁଣି କଳାଦାଗ। ଏଥର ବୁଢ଼େନ ଥାନାର ପୋଲିସ ହାବିଲଦାର ଶ୍ୟାମସୁନ୍ଦର ଦୀପଙ୍କ ଅପକର୍ମ ପଦାକୁ ଆସିଛି। ହାବିଲଦାର ଦୀପ ଓ ଅନ୍ୟ ୪ଜଣ ପୋଲିସ ସ୍ପେଶାଲ ସ୍କ୍ୱାଡ୍ ନାଁରେ ବିରିପାଲି ଗ୍ରାମର ଲକ୍ଷ୍ମଣ ବେହେରାଙ୍କ ଘରକୁ ଯାଇ ଲୁଟ୍‌ପାଟ୍ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ବୁଢ଼େନ ପୋଲିସ ହାବିଲଦାର ଦୀପଙ୍କ ସମେତ ବୁଢ଼େନ ଥାନା ଦର୍ଲିଗୁଡ଼ା ଗ୍ରାମର ଆଡ଼ଭୋକେଟ୍ ମାଣିକ ଦାଶ, ସୁଦାମ ବରିହାଙ୍କୁ ଗିରଫ କରିଛି। ସୋମବାର ସନ୍ଧ୍ୟାରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଲକ୍ଷ୍ମଣଙ୍କ ଏତଲା କ୍ରମେ ସେମାନଙ୍କ ବିରୋଧରେ ବୁଢ଼େନ ଥାନାରେ ଏକ ମାମଲା(ନଂ.୫୨/୧୯) ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ଏହି ମାମଲାରେ ଅନ୍ୟ ୨ଜଣ ସମ୍ପୃକ୍ତ ଥିବାରୁ ପୋଲିସ ତନାଘନା ଚଳାଇବା ସହିତ ବ୍ୟବହୃତ ଜାଇଲୋ ଗାଡ଼ିକୁ ଜବତ କରିବା ପାଇଁ ଉଦ୍ୟମ ଜାରି ରଖିଛି।

ପୋଲିସ ସୂଚନା ଅନୁସାରେ, ଗତ ୨୪ତାରିଖ ରାତିରେ ଉପରୋକ୍ତ ଅଭିଯୁକ୍ତମାନେ ଏକ ଜାଇଲୋ ଗାଡ଼ିରେ ବିରିପାଲି ଗ୍ରାମର ଲକ୍ଷ୍ମଣଙ୍କ ଘରକୁ ଯାଇ ନିଜକୁ ସ୍ୱତନ୍ତ୍ର ପୋଲିସ ସ୍କ୍ୱାଡ୍ ବୋଲି ପରିଚୟ ଦେଇଥିଲେ। ହାବିଲଦାର ଦୀପ ପୋଲିସ ପୋଷାକରେ ଥିବାରୁ ଲକ୍ଷ୍ମଣ ସେମାନଙ୍କୁ ପୋଲିସ ସ୍କ୍ୱାଡ୍ ବୋଲି ଭାବି ନେଇଥିଲେ। ଅଭିଯୁକ୍ତମାନେ ଘର ଯାଞ୍ଚ କରିବା ଆଳରେ ଲକ୍ଷ୍ମଣଙ୍କ ଘରେ ଥିବା ନଗଦ ୨୦ହଜାର ଟଙ୍କା, ସୁନା ଗହଣା ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇ ପଳାଇଥିଲେ। ଘଟଣାଟି ପଦାକୁ ଆସି ନ ଥିଲା ଏବଂ ପୋଲିସ ଭୟରେ ଲକ୍ଷ୍ମଣ ମଧ୍ୟ ଚୁପ୍ ଥିଲେ। ମାତ୍ର ଏକଥା ପ୍ରଘଟ ହେବା ପରେ ସେ ଏ ନେଇ ଏତଲା ଦେଇଥିଲେ। ଏତେଦିନ ଧରି ଲକ୍ଷ୍ମଣ କାହିଁକି ଏତଲା ଦେବାକୁ ଭୟ କରୁଥିଲେ, ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହା ପଛରେ କଫ୍ ସିରପ ତଥା ନିଶା କାରବାରର ଲିଙ୍କ୍ ରହିଛି। ଅନ୍ୟପକ୍ଷେ ଏତଲା ନ ଦେବା ପାଇଁ ପୋଲିସ ପକ୍ଷରୁ ଚାପ ପଡିଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ବିଗତ ଦିନରେ ବରଗଡ଼ ଟାଉନ ଥାନା, ସଦର ଥାନା ଏବଂ ଗାଇସିଲେଟ୍ ଥାନାର କେତେକ ପୋଲିସ କର୍ମଚାରୀ ସ୍ପେଶାଲ ସ୍କ୍ୱାଡ୍ ନାମରେ ଲୁଟ୍‌ପାଟ୍ କରିଥିଲେ । ଏପରି ଅଭିଯୋଗରେ ସେମାନେ ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ଅନ୍ୟପକ୍ଷେ ଭେଡ଼େନ ଥାନାରେ ମାଖନୁ ବାଗ ହତ୍ୟା ଘଟଣା ରାଜ୍ୟବ୍ୟାପୀ ଜିଲା ପୋଲିସକୁ ବଦନାମ କରିସାରିଛି।

# ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

ଜୟପାଟଣା,୧୭(ଡି.ଏନ.ଏ.)

ରବିବାର କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ଅନ୍ତର୍ଗତ କୁହୁରୀଗୁମା ଗ୍ରାମରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା। ଏହାର ୨୪ ଘଣ୍ଟା ନ ପୂରୁଣୁ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ଜୟପାଟଣା ବ୍ଲକ୍ ବାଣ୍ଡିଗାଁ ପଞ୍ଚାୟତ ଅନ୍ତର୍ଗତ ନାଇକାଣିଗୁମା ଗ୍ରାମରେ ସ୍ତ୍ରୀଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଥିବା ମହିଳା ହେଲେ ଶାନ୍ତି ଶବର (୨୫)। ଶାନ୍ତିଙ୍କୁ ତାଙ୍କ ସ୍ୱାମୀ ପିଟି ପିଟି ହତ୍ୟା କରିଥିବା ଜୟପାଟଣା ଥାନାରେ ତାଙ୍କ ମା' ଅଭିଯୋଗ କରିଛନ୍ତି। ଏ ନେଇ ଭାରତୀୟ ଦଣ୍ଡବିଧି ଆଇନର ୩୦୨ରେ ଏକ ମାମଲା (ନଂ. ୧୭୪/୧୯) ରୁଜୁ ହୋଇଛି। ମଙ୍ଗଳବାର ଅଭିଯୁକ୍ତ ଦୁର୍ବଳ ଶବର (୩୦)ଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସୁଶାନ୍ତ ସାହୁ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜୟପାଟଣା ବ୍ଲକ୍ ଅନ୍ତର୍ଗତ ବାଣ୍ଡିଗାଁ ପଞ୍ଚାୟତର ନାଇକାଣିଗୁମା ଗ୍ରାମରେ ଦୁର୍ବଳ ଏବଂ ତାଙ୍କ ସ୍ତ୍ରୀ ଶାନ୍ତି ରହୁଥିଲେ। ରବିବାର ରାତି ପ୍ରାୟ ୨ଟା ବେଳେ ଶାନ୍ତି ଫୋନ୍ ଯୋଗେ ତାଙ୍କ ସ୍ୱାମୀ ତାଙ୍କୁ ମାଡ଼ ମାରୁଥିବା ନେଇ ମା' ମଥୁରାଙ୍କୁ ଜଣାଇଥିଲେ। ସୋମବାର ସକାଳେ ଶାନ୍ତିଙ୍କ ମୃତଦେହ ଘରେ ପଡ଼ିଥିଲା। ପଡ଼ୋଶୀ ଲୋକଙ୍କଠାରୁ ଖବର ପାଇ ଶାନ୍ତିଙ୍କ ପରିବାରବର୍ଗ ପହଞ୍ଚି ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଜୟପାଟଣା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବଳାତ୍କାର ଉଦ୍ୟମକୁ ବିରୋଧ କରିବାରୁ ସମ୍ପର୍କୀୟ ପିଉସୀଙ୍କୁ ହତ୍ୟା

କନ୍ଧମାଳ,୧୭ (ଡି.ଏନ.ଏ.)

ବଳାତ୍କାର ଉଦ୍ୟମକୁ ବିରୋଧ କରିବାରୁ ଜଣେ ନାବାଳିକାଙ୍କୁ ହତ୍ୟା କରାଯାଇଛି। ଏଭଳି ଏକ ଘଟଣା ବୌଦ୍ଧ ଜିଲା କନ୍ଧମାଳ ଥାନା ଅଞ୍ଚଳରେ ଘଟିଛି । ଅଭିଯୁକ୍ତ ଫେରାର ଅଛନ୍ତି ।

ପୋଲିସ ସୂଚନା ଅନୁସାରେ, ରବିବାର ଅପରାହ୍ନ ୫ଟାରେ ଅଭିଯୁକ୍ତ ଘରେ ଥିବାବେଳେ ତାଙ୍କ ସ୍ତ୍ରୀ ନିଜ ବାପଘରକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତଙ୍କ ଦୂର ସମ୍ପର୍କୀୟ ପିଉସୀ ତାଙ୍କ ଘରକୁ ଟିଭି ଦେଖିବାକୁ ଆସିଥିଲେ। ସେଠାରେ ଅଭିଯୁକ୍ତ ତାଙ୍କୁ ଅଶାଳୀନ ବ୍ୟବହାର କରିଥିଲେ । ହେଲେ ନାବାଳିକା ସେଠୁ ଖସି ଆସି ପରିବାର ଲୋକଙ୍କୁ କିଛି କହି ନ ଥିଲେ । ରାତି ୨ଟା ସମୟରେ ନାବାଳିକା ଜଣକ ତାଙ୍କ ଆଈଙ୍କ ପାଖରେ ଶୋଇଥିବା ବେଳେ ଅଭିଯୁକ୍ତ ସେଠାକୁ ଯାଇ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ । ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ଛୁରିରେ ତାଙ୍କ ବେକକୁ କାଟି ଦେଇ ଫେରାର ହୋଇ ଯାଇଥିଲେ। ନାବାଳିକଙ୍କ ଚିତ୍କାର ଶୁଣି ପରିବାର ଲୋକେ ଉଠି ତାଙ୍କୁ ଗୁରୁତର ଅବସ୍ଥାରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ସୋମବାର ଅପରାହ୍ନରେ ହସ୍ତାନ୍ତର କରିଛି । ଏ ନେଇ କନ୍ଧମାଳ ଥାନାରେ ଦଫା ୩୦୨ରେ ଏକ ମାମଲା (ନଂ.୧୧୫/୧୯) ରୁଜୁ ହୋଇଛି । ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ କହିଛନ୍ତି।

■ ଭଡ଼ା ବୃଦ୍ଧି ଦାବିରେ ଟ୍ରକ୍ ମାଲିକ ସଂଘର ଆନ୍ଦୋଳନ

# ସଡ଼କ ପଥରେ କୋଇଲା ପରିବହନ ବନ୍ଦ

ତାଳଚେର,୧୭(ନି.ପ୍ର.)

ଭଡ଼ା ବୃଦ୍ଧି ଦାବିରେ ତାଳଚେର ଟ୍ରକ୍ ମାଲିକମାନେ ରବିବାର ମଧ୍ୟରାତ୍ରିରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ତାଳଚେର କୋଲ୍‌ଫିଲଡ୍‌ସରୁ ଟ୍ରକ୍ ଯୋଗେ କୋଇଲା ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସମସ୍ତ କ୍ଷେତ୍ରରେ ଦରବୃଦ୍ଧି ଘଟିଥିବା ବେଳେ ଭଡ଼ା ବୃଦ୍ଧି କରାଯାଉ ନ ଥିବାରୁ ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ପୂର୍ବରୁ ଅସନ୍ତୋଷ ଲାଗି ରହିଥିଲା। ସେମାନେ ୩ ବର୍ଷ ହେଲା ଭଡା ବୃଦ୍ଧି ପାଇଁ ଦାବି କରୁଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଟ୍ରକ୍ ମାଲିକ ସଂଘ ପୂର୍ବ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏହି ଆନ୍ଦୋଳନରେ ୩ରୁ ୪ ହଜାର ଟ୍ରକ୍ ମାଲିକ ସାମିଲ ହୋଇଛନ୍ତି। ଆରଟିଓ ରିପୋର୍ଟ ଅନୁସାରେ ଗାଡ଼ି ପରମିଟ୍, ଫିଟନେସ, ଟ୍ୟାକ୍ସ, ଇନସ୍ୟୁରାନ୍ସ ଖର୍ଚ୍ଚ ଆଦିକୁ ଦୃଷ୍ଟିରେ ରଖି ସରକାର କି.ମି. ପିଛା ନୂତନ ଭଡ଼ା ଧାର୍ଯ୍ୟ କରନ୍ତୁ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଏହା ନ ହେଲେ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

NIMAPARA AUTONOMOUS COLLEGE
ADMISSION TO POST GRADUATE COURSE IN GEOLOGY, COMMERCE AND ODIA
Notice No.68 Date: 29.06.2019
Online applications are invited from the candidates for admission to Post Graduate course in Geology, Commerce & Odia for the session 2019.
The details of forms prospects are available in the college website www.nimaparacollege.org.in. The last date for submission of forms is 15.07.2019. Applicant can collect the form from the college office by depositing of Rs.500/- in the college counter during office hour.
LECTURER WANTED IN GEOLOGY & MATHEMATICS.
Candidate having 56% mark and above mark in PG Level may attend walk in interview on 08.07.2019 in the office of the undersigned at 11.00 A.M.
Sd./- PRINCIPAL

SALE
DAMAGED STRUCTURAL MATERIALS, STOCK OF VARIOUS NATURE AVAILABLE FOR SALE AT BHUBANESWAR /CUTTACK. OFFER INVITED WITH 10% EMD IN SEALED COVER TO BE SENT WITHIN 7 DAYS TO
SNM CONSULTANTS
1/1A, VANSITTART ROW
B.B.D.BAG
KOLKATA – 700001
MOB: 9830871642

JOINTLY DEVELOPED BY
GOVT. OF INDIA & GOVT. OF ODISHA
STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org
ADMISSIONS OPEN

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English as one of the subjects (Minimum 50% marks) | 25 Years as on 1st July 2019 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

■ ଦମ୍ପତିଙ୍କୁ ଖୁଣ୍ଟରେ ବାନ୍ଧି ବିଷ୍ଠା ଖୁଆଇବା ଘଟଣା

# ଉଭୟ ପକ୍ଷରୁ ୭ ଜେଲ୍ ଗଲେ

■ ଲାଗି ରହିଛି ଚାପା ଉତ୍ତେଜନା

■ ଗାଁରେ ପୋଲିସ ପଇଁତରା

ପୁରୁଷୋତ୍ତମପୁର,୧୭(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ଥାନା ରାଣୀଗାଁରେ ରବିବାର ଗୁଣି ଗାରେଡି ସନ୍ଦେହରେ କେତେଜଣ ବ୍ୟକ୍ତି ଏକ ଦମ୍ପତିଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ସହ ଦାନ୍ତ ଭାଙ୍ଗି ବିଷ୍ଠା ଖୁଆଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣା ଜଣାପଡିବା ପରେ ଚାପା ଉତ୍ତେଜନା ଲାଗି ରହିଛି। ଗାଁରେ ପୋଲିସ ପଇଁତରା ମାରିବା ସହ ପରିସ୍ଥିତି ଉପରେ କଡ଼ା ନଜର ରଖିଛି। ଉକ୍ତ ଘଟଣାକୁ ନେଇ ଦମ୍ପତିଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିବା ବେଳେ ସାହି ବାସିନ୍ଦାଙ୍କ ପକ୍ଷରୁ ଜଣେ ମହିଳା ଥାନାରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭିତ୍ତିକରି ୨ ମାମଲା ରୁଜୁ ହୋଇଛି । ଉଭୟ ପକ୍ଷରୁ ୭ ଜଣଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା । ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି।

ତାଙ୍କ ଗ୍ରାମର ୧୦ଜଣ ବ୍ୟକ୍ତି ମାରଣାସ୍ତ୍ର ଧରି ବଳପୂର୍ବକ ଘରେ ପଶି ତାଙ୍କୁ ଓ ପରିବାର ଲୋକଙ୍କୁ ଆକ୍ରମଣ କରିଥିବା ନିର୍ଯାତନାର ଶିକାର ହୋଇଥିବା ଦମ୍ପତିଙ୍କ ପୁଅ ଅରୁଣ ଦାସ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ରୁଜୁ ହୋଇଥିବା ମାମଲା (ନଂ.୧୪୯/୧୯)ରେ ନୀଳା ଦାସ, କଂଗ୍ରେସ ଦାସ, ପପୁନ ଦାସ, ଉପେନ୍ଦ୍ର ଦାସ, ବଳରାମ ଦାସଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଅନ୍ୟ ଜଣେ ଫେରାର ଅଛନ୍ତି। ଅନ୍ୟପକ୍ଷରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସ୍ୱାମୀ, ଦାଦା ଶ୍ୱଶୁର ଓ ପୁଅଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା କଂଗ୍ରେସ ଦାସଙ୍କ ସ୍ତ୍ରୀ ମାମିଙ୍କ ପାଲଟା ଅଭିଯୋଗକୁ ଭିତ୍ତି କରି ପୋଲିସ ଅନ୍ୟ ଏକ ମାମଲା(ନଂ.୧୫୦/୧୯) ରୁଜୁ କରିଛି। ଉକ୍ତ ମାମଲାରେ ଅରୁଣ ଓ ତାଙ୍କ ବାପା ତଥା ନିର୍ଯାତିତ ବଂଶୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ବଂଶୀଙ୍କ ସ୍ତ୍ରୀ, ଝିଅ ଓ ଭଉଣୀଙ୍କୁ ସିଆରପିସିର ଧାରା ୪୧ ଅନୁଯାୟୀ ନୋଟିସ ଦେଇ ଥାନାରୁ ଛାଡି ଦିଆଯାଇଥିବା ମାମଲାର ତଦନ୍ତ କରୁଥିବା ଏଏସ୍‌ଆଇ ପଦ୍ମନାଭ ଗୌଡ କହିଛନ୍ତି।

ଜନ୍ମଦିନ ଶୁଭେଚ୍ଛା



Happy Birthday to "PUTY"
ଆଜି ୯ମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
Best Wishes From:
Papin, Mama, Unguda, Oh My God, Jeja, Maa, Chini & Swain Family
ଧ–୧୩୨୧୬

CLASSIFIED DISPLAY

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
Estd.2000
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ



ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ମେଘନାଦ ବରାଳ
ବାଟଗାଁ, କାମାକ୍ଷାନଗର
ଆବିର୍ଭାବ: ୦୧।୦୯।୧୯୫୭
ତିରୋଧାନ: ୨୨।୦୬।୨୦୧୯
ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ପାଥେୟ ହେଉ। ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ।
ଧ–୬୬୮୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ଲକ୍ଷ୍ମୀ ସାଇଁ
ଆବିର୍ଭାବ - ୨୧.୦୪.୧୯୨୦
ତିରୋଧାନ- ୨୩.୦୬.୨୦୧୯
ତିନିଘରିଆ, କଟକ-୪
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ- ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ପରିବାରବର୍ଗ।
ଧ–୬୬୫୯୨

■ ଆୟ ବହିର୍ଭୂତ ସମ୍ପତ୍ତି ଜବତ ଘଟଣା

# ଜେଲ ଗଲେ ପୌର ନିର୍ବାହୀ ଅଧିକାରୀ

ଫୁଲବାଣୀ ଅଫିସ/ବ୍ରହ୍ମପୁର ଅଫିସ, ୧୭

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଘଟଣାରେ ଛନ୍ଦି ହୋଇ ପଡିଥିବା ଫୁଲବାଣୀ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଧାମୋହନ ବେହେରାଙ୍କୁ ସୋମବାର ଭିଜିଲାନ୍ସ ବିଭାଗ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗ ହାଜତକୁ ୧୪ ଦିନ ପାଇଁ ପଠାଇ ଦିଆଯାଇଛି। ରବିବାର ଭିଜିଲାନ୍ସ ବିଭାଗ ବେହେରାଙ୍କୁ ଗିରଫ କରିଥିଲା। ବିଚାରପତି ଭଗବାନ ପ୍ରଧାନ ବେହେରାଙ୍କ ଜାମିନ ଆବେଦନ ଖାରଜ କରିଛନ୍ତି।

ପୌର ନିର୍ବାହୀ ଅଧିକାରୀ ବେହେରା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ସର୍ଚ୍ଚ ୱାରେଣ୍ଟ ଅଣାଯାଇ ଗତ ୨୮ ତାରିଖରେ ବେହେରାଙ୍କ ଅଫିସ ଚାମ୍ବର, ସରକାରୀ ବାସଭବନ, ତାଙ୍କ ଅଫିସର ଜଣେ ସହକର୍ମୀଙ୍କ ଘର, ବ୍ରହ୍ମପୁରସ୍ଥିତ ବାସଭବନ ଓ ଜରଡାସ୍ଥିତ ଶ୍ୱଶୁରଙ୍କ ବାସଭବନ ଉପରେ ଏକ ସଙ୍ଗେ ଚଢାଉ କରାଯାଇଥିଲା। ଚଢାଉ ବେଳେ ବେହେରାଙ୍କର ୧ କୋଟି ୩୨ ଲକ୍ଷ ୮ ହଜାର ୨୫୫ ଟଙ୍କାର ସମ୍ପତ୍ତି ଥିବା ଆକଳନ କରାଯାଇଥିଲା। ବେହେରାଙ୍କ ଚାକିରି କାଳ ମଧ୍ୟରେ ହୋଇଥିବା ଆୟ ଓ ବ୍ୟୟର ହିସାବ କରିବାରେ ସେ ମାତ୍ର ୧୧ ଲକ୍ଷ ୭୭ ହଜାର ୩୧୦ ଟଙ୍କା ସଞ୍ଚୟ କରିଥିଲେ। ବାକି ୧ କୋଟି ୨୦ ଲକ୍ଷ ୩୦ ହଜାର ୯୪୫ ଟଙ୍କାର ହିସାବ ସେ ଦେଇ ପାରି ନ ଥିଲେ। ଫଳରେ ଭିଜିଲାନ୍ସ ବିଭାଗ ବେଆଇନ ଭାବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରିଥିଲା। ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ.୧୫/୧୯ ମାମଲା ରୁଜୁ ହୋଇଛି।

ଏପରି ଜୋଶ୍ ଭରା ଆବେଗ ଯାହା ଆପଣଙ୍କ ସାଥୀଙ୍କୁ ଅଧିକ ଉତ୍ତେଜିତ କରେ...
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ



ସୌଖୀନ ବ୍ୟକ୍ତି ଥରେ ନିଶ୍ଚୟ ଆପଣାନ୍ତୁ
୧ କ୍ୟାପ୍‌ସୁଲ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
କେବଳ ପ୍ରଭାବ
ପ୍ଲେ-ୱିନ୍® କ୍ୟାପ୍‌ସୁଲ





ତେଲ କ୍ୟାପ୍‌ସୁଲ
ଏକ୍ସଟ୍ରା ଟାଇମିଂ ପାଇଁ
ଗୁପ୍ତରୋଗ ଏବଂ ଶୀଘ୍ରପତନକୁ ଦୂର କରିବା, ପିଲାବେଳର ଭୁଲ୍ କାରଣରୁ ଯଦି ଆପଣ ଗୁପ୍ତରୋଗରେ ପୀଡ଼ିତ, ଯେପରିକି ଇନ୍ଦ୍ରିୟର ସମସ୍ୟା, ନପୁଂସକତା ଭଳି ସମସ୍ତ ସମସ୍ୟାକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦାକୁ ଦୁର୍ବଳ ଇନ୍ଦ୍ରିୟରେ ମାଲିସ୍ କରିବା ପାଇଁ ବ୍ୟବହାର କରନ୍ତୁ ଏବଂ ଉପରୋକ୍ତ ସମସ୍ତ ସମସ୍ୟାରୁ ମୁକ୍ତି ପାଇ ବୈବାହିକ ଜୀବନର ଭରପୂର ଆନନ୍ଦ ନିଅନ୍ତୁ।
ଜୋଶ୍, ଶକ୍ତି ଓ ଏକ୍ସଟ୍ରା ଟାଇମିଂ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋରରେ ଉପଲବ୍ଧ
www.playwincapsule.com
SS : Mahendra Pharma / ODD
Trade Enquiry : 8291288119 / 8657520093

ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ। ତାଙ୍କର ଆଡ଼ମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେତେବେଳେ ବି ବଶୀଭୂତ ହେବ ନାହିଁ। -ଶ୍ରୀଅରବିନ୍ଦ



# ସାଙ୍ଗ ନ ହେଲେ ଶତ୍ରୁ

ଉତ୍ତର କୋରିଆରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୩୦ ଜୁନ୍, ୨୦୧୯ରେ ପାଦ ଦେବା ପରେ ସମଗ୍ର ବିଶ୍ୱରେ ଚହଳ ପଡ଼ିଯାଇଛି। ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ସୀମା ବା ଅଣସାମରିକ ମଣ୍ଡଳ (ଡିଏମ୍‌ଜେଡ୍) ଅତିକ୍ରମ କରି ପ୍ୟୋଙ୍ଗୟାଙ୍ଗ୍ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କୁ ସାକ୍ଷାତ୍ କରିବାରେ ଟ୍ରମ୍ପ ହେଉଛନ୍ତି ଦାୟିତ୍ୱରେ ଥିବା ପ୍ରଥମ ଆମେରିକା ରାଷ୍ଟ୍ରପତି। ଉଲ୍ଲେଖଯୋଗ୍ୟ ଯେ, ଡିଏମ୍‌ଜେଡ୍ ହେଉଛି କୋରିଆ ଉପଦ୍ୱୀପକୁ ଦୁଇ ଭାଗରେ ବିଭକ୍ତ କରୁଥିବା ସୀମା, ଯାହା ଅସ୍ତ୍ରବିରତି ଅଞ୍ଚଳ ଭାବେ ଜଣାଶୁଣା। ସିଓଲରେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍‌ଙ୍କ ସହ ଭେଟଘାଟ ପରେ ଟ୍ରମ୍ପ ଯେତେବେଳେ ଉତ୍ତର କୋରିଆରେ ପାଦ ଥାପି କିମ୍‌ଙ୍କ ସହ କରମର୍ଦ୍ଦନ କଲେ, ଏହା ବିଶ୍ୱ କୂଟନୈତିକ ଦୁନିଆକୁ ଦୋହଲାଇ ଦେଇଛି। ୧୯୫୦ରେ ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ଭୟଙ୍କର ଯୁଦ୍ଧ ଆରମ୍ଭ ହୋଇ ୧୯୫୩ରେ ଶେଷ ହୋଇଥିଲା। ଆର୍ମିଷ୍ଟାଇସ୍ ବଳରେ କୋରିଆ ଯୁଦ୍ଧର ଅବସାନ ଘଟିବା ପରଠାରୁ ଉତ୍ତର କୋରିଆ ଓ ଆମେରିକାର କୌଣସି ନେତା ଡିଏମ୍‌ଜେଡ୍‌ରେ ଏକାଠି ହୋଇ ନ ଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ୨୦୧୭ରେ ଉତ୍ତର କୋରିଆ ବାରମ୍ବାର ଆଣବିକ କ୍ଷେପଣାସ୍ତ୍ର ପରୀକ୍ଷଣ କରିବା ପରେ ୱାଶିଂଟନ ସହ ପ୍ୟୋଙ୍ଗୟାଙ୍ଗ୍‌ର ତିକ୍ତତା ବୃଦ୍ଧି ପାଇଥିଲା। ହେଲେ ୨୦୧୮ ଜୁନ୍‌ରେ ଦୁଇ ନେତା ସିଙ୍ଗାପୁରରେ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିଥିଲେ। ଅନୁରୂପ ଭାବେ ଫେବୃୟାରୀ ୨୦୧୯ରେ ଭିଏତ୍‌ନାମ ରାଜଧାନୀ ହାନୋଇଠାରେ ଉଭୟଙ୍କ ମଧ୍ୟରେ ଦେଖାସାକ୍ଷାତ୍ ହୋଇଥିଲା। ଏହା ସତ୍ତ୍ୱେ ଦୁଇ ରାଷ୍ଟ୍ର ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇପାରି ନାହିଁ। ବିଶେଷଜ୍ଞଙ୍କ ମତରେ ଟ୍ରମ୍ପ ଯେଉଁଭଳି ଭାବେ ନିଜ ଆଡ଼ୁ ସମ୍ପର୍କ ବୃଦ୍ଧି ସକାଶେ ସୂତ୍ରପାତ କଲେ, ତାହା ଦୁଇ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସ ଦିଗରେ ନୂଆ ଦିଗ ଉନ୍ମୋଚନର ସମ୍ଭାବନା ସୃଷ୍ଟି କରିଛି।

ଏକଜିଦିଆ ଓ ଆକ୍ରମଣାତ୍ମକ ଚରିତ୍ରର ବ୍ୟକ୍ତିଦ୍ୱୟ ହେଉଛନ୍ତି ଡୋନାଲ୍ଡ ଟ୍ରମ୍ପ ଓ କିମ୍ ଜଙ୍ଗ୍ ଉନ୍। ସେମାନଙ୍କ କାର୍ଯ୍ୟକଳାପକୁ ନିଜ ଦେଶ ସମେତ ବିଶ୍ୱସ୍ତରରେ ନିନ୍ଦା କରାଯାଇଆସୁଛି। ଅନ୍ତର୍ଜାତୀୟ ସ୍ତରରେ ଟ୍ରମ୍ପଙ୍କୁ ଯେତେ ନାପସନ୍ଦ କରାଯାଉଥିଲେ ମଧ୍ୟ କିମ୍‌ଙ୍କୁ ଭେଟି ସେ ଶାନ୍ତିର ଯେଉଁ ବୀଜବପନ କଲେ, ତାହା ଅନ୍ୟ ବିବାଦଗ୍ରସ୍ତ ରାଷ୍ଟ୍ର ପ୍ରତି ନୂଆ ସନ୍ଦେଶ ଦେବ ବୋଲି କୁହାଯାଇପାରିବ। ପ୍ରତ୍ୟେକେ ସାମାନ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇପାରିଲେ ବୃହତ୍ ଓ ସାମୂହିକ ମଙ୍ଗଳ ପାଇଁ ପଥ ଉନ୍ମୁକ୍ତ ହୋଇଯିବା ସ୍ୱାଭାବିକ।

ଏଭଳି ପ୍ରଚ୍ଛଦପଟରେ ଭାରତର କୂଟନୈତିକ ଯାତ୍ରା ଉପରେ ଦୃଷ୍ଟି ଦିଆଯାଇପାରେ। ନୂଆଦିଲ୍ଲୀ ଏବେ ବି ୧୯୫୦ ଦଶକର କୂଟନୀତି ଆପଣାଇ ଅନ୍ୟ ଉପରେ ବିଜୟ ଲାଭ କରିବାକୁ ପ୍ରୟାସ ଚଳାଇଲା ଭଳି ମନେହେଉଛି। କିନ୍ତୁ ବାସ୍ତବତା ହେଉଛି, ଭାରତର ଅର୍ଥନୈତିକ ପରିସ୍ଥିତିକୁ ଦେଖିଲେ ତାହା ଯୁଦ୍ଧ ସକାଶେ ପ୍ରସ୍ତୁତ ଥିବା ଭଳି ମନେହେଉ ନାହିଁ। ଆଧୁନିକ ଯୁଗରେ ଯୁଦ୍ଧ କେବେହେଲେ ସ୍ୱଳ୍ପ ସମୟରେ ମୀମାଂସିତ ହେବ ନାହିଁ। ଭାରତର ସବୁଠାରୁ ବଡ଼ କୂଟନୈତିକ ବିଫଳତା ତା'ର ପଡ଼ୋଶୀ ଦେଶମାନଙ୍କ ସହିତ ଅପଡ଼ ହେବାରେ ପରିଲକ୍ଷିତ ହେଉଛି। ଏବେ ମଧ୍ୟ ନୂଆଦିଲ୍ଲୀର କୂଟନୀତି-ଆମ ସହ ବନ୍ଧୁତ୍ୱ ସ୍ଥାପନ କର, ନ ହେଲେ ତୁମେ ଶତ୍ରୁ-ରେ ଅଟକିଯାଇଛି। ଫଳରେ ଭାରତ କଳା ଧଳା ସ୍ତରରେ ରହିଯାଉଛି। ପଡ଼ୋଶୀ ଦେଶ ସହ ଉତ୍ତମ ସମ୍ପର୍କ ରହିପାରୁ ନ ଥିବାରୁ ସବୁ ସୀମାରୁ ବିପଦ ଲାଗି ରହିଛି। ସୀମାନ୍ତରେ ପ୍ରତିଦିନ ଭାରତୀୟ ଯବାନଙ୍କ ପ୍ରାଣହାନି ଘଟୁଥିବା ବେଳେ ଜମ୍ମୁ ଓ କଶ୍ମୀରଠାରୁ ଅରୁଣାଚଳ ପ୍ରଦେଶ ଯାଏ ଥିବା ଭାରତୀୟ ଭୂଖଣ୍ଡର କିଛି କିଛି ଅଞ୍ଚଳକୁ ଚାଇନା ପ୍ରାୟ ମାଡ଼ି ଚାଲିଛି। ସେଥିପାଇଁ ଆମ ଦେଶର କୂଟନୀତିକୁ ପୁନର୍ବିଚାର କରାଯିବା ଆବଶ୍ୟକ।

## ଚିରନ୍ତନୀ

ମାସେ ହେଲେ କାହୁଁ ଦେବ
ଦେଖାଯିବ ଏହିନାଗେ
ଧନୀ ସାଉ ଦୋକାନରୁ
ସେଥିଲାଗି ଫୁସୁଲାଏ
ନାହିଁ ତାର ଭାବନା ତ
ଚକେ ଗଲେ ବାରହାତ।
ଦି'ଅଣା ହୋଇଛି ବାକି
ଦେବା ପାଇଁ ମିଛ ସାକ୍ଷୀ।
(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୨ ଜୁଲାଇ ୧୯୯୪**

- ମରିଟାନିଆ ଏୟାର ୱେଜର ଏକ ଫେବର-୨୮ ବିମାନ ଆଜି ତିଜ୍‌କମା ବିମାନ ବନ୍ଦରରେ ଅବତରଣ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୭୦ ଯାତ୍ରୀ ମୃତ।
- ବାଣିଜ୍ୟ ସଂକ୍ରାନ୍ତ ବିବାଦର ସମାଧାନ ପାଇଁ ଭାରତ ଉଦ୍ୟମଶୀଳ ଥିବା ଦୃଷ୍ଟିରୁ ଆମେରିକା ସରକାର ନୂଆଦିଲ୍ଲୀ ବିରୋଧରେ ସ୍ୱତନ୍ତ୍ର-୩୦୧ ଆଇନ ବଳରେ ବାଣିଜ୍ୟ କଟକଣାକୁ ଏକବର୍ଷ ପାଇଁ ସ୍ଥଗିତ କରିଛି।
- ଡ୍ରଗ୍‌ସ ସେବନ ଅଭିଯୋଗରେ ଆର୍ଜେଣ୍ଟିନା ଫୁଟବଲ ଦଳ କ୍ୟାପଟେନ ଡିଏଗୋ ମାରାଡୋନା ଚଳିତ ବିଶ୍ୱକପର ଅବଶିଷ୍ଟ ମ୍ୟାଚରୁ ବାଦ ପଡିଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | B | 1 | | | | | 3 | | 5 | 6 | 2 | | | 4 |
| | E | 3 | 6 | | | | 7 | | | 8 | | 9 | | |
| 7 | | | | | 8 | 9 | 5 | | | | | | | |
| 2 | | | | | 3 | | | 8 | | | E | | 7 | A |
| 0 | D | | A | | | 4 | 6 | | | | | | | |
| | C | D | | 2 | | | | | 0 | 5 | | | | 1 |
| | | | | | 6 | | | C | 4 | | | | | |
| 4 | A | | | | E | 3 | | | | 2 | | | C | B |
| 3 | 2 | | | | 1 | | D | | C | | | | | |
| | 6 | | | D | 0 | A | | 5 | | | | | E | |
| | | | E | | C | D | A | | | | | | 4 | |
| E | | B | 8 | 3 | | C | 9 | 6 | | | | | | |
| | 0 | | 1 | 9 | | | 2 | 4 | 7 | | C | | A | E |
| | | | | | 4 | 8 | | | | D | | | | 3 |
| | | | | A | 2 | | | | | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 2 | 7 | 6 | 5 | D | E | B | 0 | 1 | 3 | 4 | 8 | 9 | A |
| E | A | 8 | 7 | 9 | 1 | 3 | 5 | 4 | 0 | 2 | D | B | C | 6 |
| 6 | 3 | B | 8 | 0 | C | D | 7 | A | 5 | 9 | E | 1 | 2 | 4 |
| 4 | 1 | 5 | 3 | E | 2 | 8 | 6 | 9 | A | B | C | D | 0 | 7 |
| 0 | 9 | D | B | A | 4 | 1 | 2 | C | 8 | 7 | 6 | 3 | E | 5 |
| B | 4 | 0 | E | 3 | 6 | C | 9 | 1 | 7 | A | 5 | 2 | D | 8 |
| 1 | 7 | E | 5 | 8 | 9 | 0 | D | 2 | C | 4 | B | A | 6 | 3 |
| 8 | 6 | 3 | D | 7 | 0 | A | 4 | B | 2 | 1 | 9 | C | 5 | E |
| 5 | C | A | 2 | 1 | B | 7 | E | 8 | 6 | D | 3 | 0 | 4 | 9 |
| 2 | D | 9 | 4 | C | A | 5 | 3 | 6 | E | 8 | 0 | 7 | 1 | B |
| A | 0 | 2 | 9 | B | 5 | 4 | C | 3 | D | 6 | 7 | E | 8 | 1 |
| D | B | 1 | 0 | 6 | 7 | 2 | A | 5 | 9 | E | 8 | 4 | 3 | C |
| 9 | 8 | 6 | 1 | D | 3 | B | 0 | E | 4 | C | A | 5 | 7 | 2 |
| 7 | E | C | A | 4 | 8 | 6 | 1 | D | 3 | 5 | 2 | 9 | B | 0 |
| 3 | 5 | 4 | C | 2 | E | 9 | 8 | 7 | B | 0 | 1 | 6 | A | D |

ଗତକାଲିର ଉତ୍ତର

# ନିଖିଳର କବି କାଳିନ୍ଦୀଚରଣ

ଡ. ହୃଷୀକେଶ ମଲ୍ଲିକ

ଗତ ଶତାବ୍ଦୀର ଓଡ଼ିଆ ଗଦ୍ୟ ଓ କବିତାରେ କାଳିନ୍ଦୀଚରଣ ହେଉଛନ୍ତି ଏକ ସଶକ୍ତ ଉଚ୍ଚାରଣ। ୧୯୨୦ ମସିହା ପରେ, ଅର୍ଥାତ୍ ସତ୍ୟବାଦୀ ଯୁଗର ଜାତୀୟତାବାଦୀ ସୋପାନଟି ଅତିକ୍ରମ କଲାପରେ ଓଡ଼ିଆ କବିତାରେ ଯେଉଁ ନୂଆ ଯୁଗଟି ଆସେ, ସେହି ଯୁଗର ଅତ୍ୟତମ ପ୍ରମୁଖ ବିନ୍ଧାଣି ସେ। 'ମାଟିର ମଣିଷ' ଉପନ୍ୟାସ ରଚନା କରି ଓଡ଼ିଆ ଉପନ୍ୟାସ ସାହିତ୍ୟରେ ସେ ଯେପରି ଏକ ଦିଗବାରେଣୀ, 'ମନେ ନାହିଁ', 'କ୍ଷଣିକ ସତ୍ୟ' ଓ 'ମହାଦୀପ' ଭଳି କବିତାଗ୍ରନ୍ଥ ରଚନା କରି ଓଡ଼ିଆ କବିତାରେ ସେହିପରି ଭିନ୍ନ ଏକ ବୁନିଆଦିର ନିର୍ମାତା। ତାଙ୍କ ତାରୁଣ୍ୟ ଭାରତୀୟ ରାଜନୀତିର ଏପରି ସମୟଖଣ୍ଡରେ ଉଦ୍ଦୀପିତ, ଯେତେବେଳେ କି 'କଂଗ୍ରେସ'ରେ ପ୍ରବେଶ କରୁଛି 'ସମାଜବାଦ'। ଏହି ସମୟକୁ ପୁଣି ଓଡ଼ିଶାରେ ଅଭ୍ୟୁଦୟ ଘଟୁଛି କମ୍ୟୁନିଷ୍ଟ ଚିନ୍ତନର। ରାଜାରାଜୁଡ଼ାଙ୍କ ଏକଚ୍ଛତ୍ର ସ୍ଥିତି ବିପକ୍ଷରେ ଦାନା ବାନ୍ଧୁଛି ମେହନତି ମଣିଷର ପ୍ରତିବାଦୀ ସ୍ୱର। ଯଦିଓ କାଳିନ୍ଦୀଙ୍କ ପ୍ରାଥମିକ କବିତା ଥିଲା 'ସ୍ୱପ୍ନ' ଓ 'ଯୌବନ'ର ନିରାଜନା; କିନ୍ତୁ ତା'ର ସମାନ୍ତରାଳରେ ଉଧାଉଥିଲା ଓଡ଼ିଆ କବିତାରେ ଏକ ସାମ୍ୟବାଦୀ ଚେତନାର ଅଭୀକତା। ଈଶ୍ୱର ନୁହେଁ, ଈଶ୍ୱରଙ୍କଠୁଁ ନିରାଶ ହୋଇ ମୁହଁ ଫେରାଉଥିବା ନିରାଶ୍ରୟୀ ମଣିଷର ଅଭିଷେକ ଓଡ଼ିଆ କବିତାରେ ରଚିଥିଲା ମାନବବାଦର ଏକ ନୂଆ ଯୁଗ। ଏପରି ଏକ ସନ୍ଧିକ୍ଷଣରେ କାଳିନ୍ଦୀ ଓଡ଼ିଆ କବିତାରେ ଆବିର୍ଭୂତ ହୋଇ, ଓଡ଼ିଆ କବିତାର ଯେଉଁ ବିନୀତ ଓ କାନ୍ଦୁରା ଯୁଗଟିକୁ ବାଟ ବଢ଼େଇ ଆଣିଥିଲେ ସତ୍ୟବାଦୀର ସାହିତ୍ୟସାଧକମାନେ, ତାକୁ ପ୍ରଦାନ କରିଥିଲେ ପ୍ରତିବଦ୍ଧତାର ନିଶଙ୍କ ବଜ୍ର-କବଚ।

କାଳିନ୍ଦୀ ଐତିହ୍ୟ ସୂତ୍ରରୁ ପାଇଥିଲେ ଓଡ଼ିଆ କାବ୍ୟଭାଷାର ଯେଉଁ ଖାନ୍‌ଦାନି, ତାକୁ ଆଧାର କରି ଗଢ଼ିଥିଲେ ନିଜସ୍ୱ ଏକ କାବ୍ୟଧାରା, ଯହିଁରେ 'ମଣିଷ' ଥିଲା କେନ୍ଦ୍ରରେ। ଅଙ୍ଗେନିଭା ଅନୁଭୂତିକୁ ସେ ଦେଇଥିଲେ କାବ୍ୟଭାଷାର ଗୌରବ। 'ଗାନ୍ଧାରୀର ଆଶୀର୍ବାଦ' ଓ 'ପାସୋରି ଦେଲିରେ ଶିମୁଳିପାଳ' କବିଙ୍କର ଦୁଇ ଅମର କାବ୍ୟକୃତି। ଏଥିରେ ଅଛି 'ଆଦର୍ଶ' ଓ 'ଜୀବନର ତାଜାପଣ'। ଦେହକୁ କସ୍ମିନ୍‌କାଳେ ଅସ୍ୱୀକାର ନ କରି ମଧ୍ୟ ଜୀବନକୁ ଛୁଇଁଛନ୍ତି ମହାକାଶୀ ଉଚ୍ଚତାରେ। 'ଯୌବନ' ତାଙ୍କ କବିତାର ଯଦିଓ ପାଦପ୍ରଦୀପ, କିନ୍ତୁ ସେହି ପ୍ରଦୀପରେ ଆଲୋକିତ ନିଖିଳବିଶ୍ୱର ସାମଗ୍ରିକତା। ମଣିଷ ଆଖିର ଏପରି ବୁନ୍ଦାଏ ଲୁହ ନାହିଁ, ଯାହା ତାଙ୍କ କବିତାର ଶବ୍ଦ ଦେଇ ଝରିଯାଇନାହିଁ। ଦୀନଦୁଃଖୀର ଏପରି ଟୋପାଏ ସ୍ୱେଦ ନାହିଁ, ଯାହା ତାଙ୍କ କବିତାର ଅତି ସୁକୁମାର ଶବ୍ଦଙ୍କୁ ବି ଖାଲେଇ ଦେଇନାହିଁ। ତାଙ୍କର ପ୍ରତ୍ୟେକଟି ପରିଣତ କବିତାରେ ରାତିଶେଷର ଦୂର ଆଡ଼ବଂଶୀ ପରି ଶୁଭିଛି ଖଟିଖିଆର ନିରୁପାୟ ଦୀର୍ଘଶ୍ୱାସ। ଗାଁ ମହାଜନର ଅତ୍ୟାଚାରରେ ନିପୀଡ଼ିତ ସର୍ବହରାର

### ଜୟନ୍ତୀ ଉପଲକ୍ଷେ



ଦୁର୍ଦ୍ଦଶାକୁ ରୂପ ଦେବାକୁ ଯାଇ କାଳିନ୍ଦୀ ତାଙ୍କର 'ଚାଷୀର ଭାଗ୍ୟ' (ମହାଦୀପ) କବିତାରେ ଲେଖିଛନ୍ତି:

''କିଣିଥିଲା ଛଡ଼ାଟିଏ, ପିଲାଏ ଖାଇବେ ଦୁଧ
ମହାଜନ ଦେଖି ତାହା, ତାଗିଦା କରିଛି ସୁଧ!
ଜମିଦାରି ପିଆଦାକୁ, ଆଠଣା ଦେଇଛି କାଲି
ଏ ବରଷ ଖଜଣାଟା, ସତାରିବ ମାସେ ଖାଲି।''

ରାଜନୀତିରେ ଭୋଟ୍ ବେଳ ଆସିଲେ ଗାଁ ଗାଁରେ କେତେ ସଭା ହୁଏ, କେତେ ମିଠା ମିଠା ବୋଧନା ଦିଆଯାଏ; ଅଥଚ ଭୋଟ୍ ସରିଲେ କାଣିଆ କିଏ ନା କପିଳା କିଏ? ଗରିବର ଭାଗ୍ୟ ଯେଉଁ ତିମିରେକୁ ସେଇ ତିମିରେ। ରାଜନୀତିର ଏଇ ଚିରାଚରିତ ପ୍ରବଞ୍ଚନାକୁ କାଳିନ୍ଦୀ ରୂପ ଦିଅନ୍ତି ଏହିପରି ତାଙ୍କ କବିତାରେ-''ଆପଣା ବରାଦ ଆପେ, କରିବାକୁ ହେବ ଆଜି/ଗଲାଣି ସେ ବେଳକାଳ, କରିବାକୁ ହାଁ ଜୀ ହାଁ ଜୀ!/କରିବାକୁ ହେବ ରଡ଼ି, ନାହିଁ ନାହିଁ ନାହିଁ ଯାହା/କରାମତି ଦେଖାଇବ, କେଡ଼େ ଘାସକଟା ଦାଆ!'' (ଚାଷୀର ଭାଗ୍ୟ, ମହାଦୀପ)। ପ୍ରବଞ୍ଚକଙ୍କ ବିରୋଧରେ ଉତ୍ତୋଳିତ ହୋଇଥିଲା କି ଆଗରୁ ଚାଷୀର ଏ ତୃଷାର୍ତ୍ତ ଘାସକଟା ଦାଆ କାଳିନ୍ଦୀଙ୍କ ପୂର୍ବରୁ, ଏତେ ଅ'ଣ ଉପ୍ରୋଧ?

'ଚାଳଘର', 'ବ୍ୟଥାର ସାଧନ' ଓ 'ଯାଦୁଘର' ଭଳି କବିତା ରଚନା କରି କାଳିନ୍ଦୀ ଓଡ଼ିଆ କବିତାରେ ସାଧାରଣ ଜନତାର ସ୍ୱରକୁ ଏପରି ଶାଣିତ କରିଯାଇଛନ୍ତି ଯେ, ତାହା ଆଜି ସୁଦୂର ଅନ୍ତରୀକ୍ଷରେ ବି ପ୍ରତିଧ୍ୱନିତ ହେଉଛି ରହି ରହି। ସମକାଳର 'କଟକ'ର ରାଜନୈତିକ ବିରୂପତାକୁ କାଳିନ୍ଦୀ ଯେପରି ପ୍ରତ୍ୟକ୍ଷ କରି ଆଙ୍କିଛନ୍ତି ତାଙ୍କ କବିତାରେ, ତା'ର ବିକଳ୍ପ ଖୋଜିଲେ ତାଙ୍କ ସମଧର୍ମା ସହକବିଙ୍କ କବିତାରେ କ୍ୱଚିତ୍ ମିଳେ। ଯଥା: ''ସୁବିଧାବାଦର ଫିଟାଇ ନୂତନ ରାହା/କାମଠାରୁ ବଡ଼ ହୋଇଅଛି କରତାଳି/ ସବୁଠାରୁ ବଳି ଖବରକାଗଜ-ମାୟା/କଟକେ କେବଳ ରାଜନୀତି ଆଜିକାଲି।'' (କଟକ-ରାଜନୀତି)। ୧୯୪୦ରେ ଲେଖୁଛନ୍ତି କବି ତାଙ୍କର ଏ କବିତା, ଯେତେବେଳେ ସେ ନିଜେ ବି ଉଣା ଅଧିକେ ରାଜାଶ୍ରିତ ବା ଶାସନର ଅଂଶୀଦାର, ବେତନଭୁକ୍।

ଦଳିତ, ଲାଞ୍ଛିତ ଓ ସର୍ବହରାଙ୍କୁ ନେଇ ଓଡ଼ିଆରେ ୧୯୪୦ ପରବର୍ତ୍ତୀ ପର୍ଯ୍ୟାୟରେ ହୁଏତ ଅନେକ କବିତା ଲେଖାଯାଇଛି, କିନ୍ତୁ ଖୁବ୍ କମ୍ କବି ତାଙ୍କ କବିତାରେ ଗୋଟିପଣେ ଦଳିତ, ଲାଞ୍ଛିତ ଓ ସର୍ବହରାର ହାହାକାର ଭିତରେ ନିଜକୁ ମିଳାଇ ଦେଇଛନ୍ତି, ଯେପରି କରିଛନ୍ତି କାଳିନ୍ଦୀଚରଣ। ଖୁବ୍ କମ୍ କବିତାରୁ ଶୁଭୁଛି 'ବ୍ୟକ୍ତିସତ୍ତା'ର 'ସମଗ୍ର'ରେ ବିସର୍ଜନର ଏ ଅଶ୍ରୁଧ୍ୱନି- ''ଦଳିତ ପୀଡ଼ିତ ମୋ' ତହୁଁ ଅଧିକ କିଏ?/ମୋ ତହୁଁ ଉଷ୍ଣ ନିଃଶ୍ୱାସ ଢାଳିଦିଏ/ ବୁହାଏ ମୋ' ତହୁଁ ଅଧିକ କିଏ ବା ଝାଳ/ ରୁଧିର କାହାର ମୋ' ତହୁଁ ତୀବ୍ର ଲାଲ?/ମଣିଷ ପାଖରେ ବନ୍ଧୁତା କଲେ ଯାଇ/ ସେହି ଛୁରି ଲୋଡ଼ା ନିଜକୁ ରଖିବା ପାଇଁ। ('ମୋ ବାଣୀ', 'ଛୁରିଟିଏ ଲୋଡ଼ା')। ୧୯୩୯ରେ କାଳିନ୍ଦୀ ଲେଖୁଛନ୍ତି ଏ କବିତା, ଯେତେବେଳେ ସାରା ଦେଶ ମାତିଛି ଏକ ବିବର୍ତ୍ତନର ସନ୍ଧାନରେ। ଲକ୍ଷ୍ୟ କରିବାର କଥା ଯେ, କାଳିନ୍ଦୀଙ୍କ କବିତାରେ 'ଛୁରି' ଏଠି 'ଲୁହା'ର ଶାଣଦିଆ ଛୁରି ନୁହେଁ, ଏ 'ଛୁରି' ବନ୍ଧୁତାର, ସମନ୍ୱୟର ଓ ପରକୁ ଆପଣେଇ ନେବାର ଉତ୍ସବମୟତା। ଦେବତାର ଦୁଆରେ ଦରିଦ୍ରର ଡାକବାଜି ଫେରି ଆସୁଛି, ଅଥଚ କବି କହୁଛନ୍ତି, ଏ ପ୍ରତ୍ୟାଖ୍ୟାନରେ ଦେବତାର ଟେକ ରଖିବାକୁ କାଟିଦେବାକୁ ହେବ ନିଜର ବେକ।

କାଳିନ୍ଦୀଙ୍କ କବିତାରେ ଆଉ ଏକ ଲକ୍ଷ୍ୟ କରିବାର କଥା ଯେ, ସେ ତାଙ୍କ କବିତାରେ 'ଶଳା' ଓ 'ଶାଳୀ' ପରି ଇତରୋଚିତ ଶବ୍ଦର ପ୍ରୟୋଗ କରିଥିଲେ ବି କଦାପି ଏ ଶବ୍ଦସବୁକୁ ପ୍ରତିପକ୍ଷ ବିରୋଧରେ ମର୍ଯ୍ୟାଦାହୀନ ଭାବେ ନିୟୋଜିତ କରିନାହାନ୍ତି। 'କିଏ ଶଳା ସଇତାନ'(୧୯୪୪) ଶୀର୍ଷକ ତାଙ୍କର ଏକ ଚର୍ଚ୍ଚିତ କବିତାର ଏଇ ପଙ୍‌କ୍ତିଟିକୁ ଲକ୍ଷ୍ୟ କରନ୍ତୁ- ''ଜନ୍ମ ଆମର ମଣିଷ କୁଳରେ/ନାହିଁ ଇଜ୍ଜତ ମାନ/ଆମ ଝିଅବୋହୂ ସବୁରି ଶାଳୀ ହେ/ଆମେ ଶଳା ସଇତାନ।'' 'ଶଳା' ଓ 'ଶାଳୀ' ଶବ୍ଦ ଏଠି ନିଜ ପ୍ରତି 'ଆତ୍ମଧିକ୍କାର', ଯଦିଓ କବିତାର ଶେଷ ପର୍ଯ୍ୟାୟରେ ସେ କହନ୍ତି 'ବଳେ ଜଣାଯିବ କିଏ ଶଳା ସଇତାନ' ବୋଲି। ପ୍ରତି ଯୁଗର ପ୍ରତ୍ୟେକ ପ୍ରତିଭାବାନ କବି ସ୍ଥିତ ଭାଷାର ନବନିର୍ମାଣ କରିଥାନ୍ତି। କାଳିନ୍ଦୀ ତାହା ତ କରିଛନ୍ତି, କିନ୍ତୁ ଏଥି ସହିତ ନିଜର ସକଳ ନିଷ୍ଠା ଦେଇ ସେ ଉତ୍ତ୍ର ବାଗ୍‌ଦେବୀଙ୍କର ଯେଉଁ ଚାମର ସେବା କରିଯାଇଛନ୍ତି, ତାହା ଓଡ଼ିଆ କବିତାରେ ଅବଶ୍ୟ ଦୁର୍ଲଭ।

ଓଡ଼ିଆ ଭାଷାର ଅପାଠୁଆ, ଅପାଠୋଇଙ୍କ ତୁଣ୍ଡରୁ ଶବ୍ଦ ଛଡ଼େଇଆଣି ନିଜ କବିତାକୁ ଯେପରି ନିକ କରି ଗଢ଼ିଯାଇଛନ୍ତି କାଳିନ୍ଦୀଚରଣ, ତା'ର ପଟାନ୍ତର କେବଳ ଓଡ଼ିଆ ଭାଷାରେ ନୁହେଁ, ତାଙ୍କ ସମକାଳୀନ ଭାରତର ଅନ୍ୟ କବିତାରେ ମଧ୍ୟ ବିରଳ। କବିଙ୍କର ଆଜି ପବିତ୍ର ଜନ୍ମତିଥି। ଏ ଅବକାଶରେ ମହାର୍ଘ ଏହି କବିଙ୍କର ଗୋଟିଏ କବିତାଂଶ ଉଦ୍ଧାର କରି ତାଙ୍କୁ 'ଧରିତ୍ରୀ' ଓ ସମଗ୍ର ଓଡ଼ିଆ ଜାତିର ଶ୍ରଦ୍ଧାଞ୍ଜଳି ବାଢ଼ିଦେବା ହିଁ ହେବ ତାଙ୍କ ପ୍ରତି ଓଡ଼ିଆ ଭାଷାର କାମ୍ୟ କୃତଜ୍ଞତା- ''ମୃତ୍ୟୁ ପରେ କି ସୁଖ ଅଛି/କି ଅବା ବିଭୀଷିକା/ କଳ୍ପନାର ରାଇଜେ ବୁଲ କାହିଁ?/ନିଭିଲେ ଥରେ ନ ଜଳେ ଆଉ/ ଜୀବନ-ଦୀପଶିଖା/ଜୀବନ ପରେ ନାହିଁରେ କିଛି ନାହିଁ!'' ('ଅମର ଆଶା', 'ମନେ ନାହିଁ')

ମୋ-୯୮୫୩୨୮୭୭୫୫

# ମୁଁ କ'ଣ ସତରେ ବୋକା



ସୁଧାକର ଦାସ

ମତେ ପିଲାଦିନେ ସମସ୍ତେ କହୁଥିଲେ ବୋକା। ଅରୁଆ ଧାନ ଗୋଟେ ବିଲରେ ଆଉ ଉଷୁନା ଧାନ ଆଉ ଗୋଟେ ବିଲରେ ଫଳେ ବୋଲି ମୁଁ ବି.ଏ. ପଢିବା ପର୍ଯ୍ୟନ୍ତ ଜାଣିଥିଲି। ଗାଁ ସାର୍‌ଙ୍କ ପାଖରୁ ଟ୍ୟୁଶନ ସାରି ଫେରିବା ବାଟରେ ମୋ ସାଙ୍ଗ ଅଭୟ ଘରକୁ ଯାଇ ତାଙ୍କ ପିଣ୍ଡାରେ ଜଳୁଥିବା ଲଣ୍ଠନ ପାଖରେ ମୋ ଲଣ୍ଠନଟା ରଖିଦେଇ ପଚାରୁଥିଲି ଆରେ ଏତେ ଲଣ୍ଠନ କାହିଁକି ଜଳେଇଛୁ ବଡ଼ବୋଉ?

ମତେ ଅଧିକାଂଶ ଦିନ ଘିଅଭାତ ଖାଇବାକୁ ଭଲ ଲାଗେ। ବୋଉ ବି ଏକଥା ଜାଣେ। ଦିନେ ଦିନେ ଘିଅ ନ ଥିବା ବେଳେ, ବୋଉ ମୋ ଭାତରେ ମରା ନଡିଆ ତେଲ ପକେଇଦେଇ କହେ ଏଇଟା ମଇଁଷି ଘିଅ। ମୁଁ ପରମ ସନ୍ତୋଷରେ ଖାଇଦିଏ। ଏ କଥାଟା ମୁଁ ବଡ଼ ହେଲା ପରେ ଜାଣିଲି।

ମାଟ୍ରିକ ପରୀକ୍ଷା ଦେବାବେଳେ ମୋ ସିଟ୍ ଥିଲା ଠିକ୍ ଡୋର୍ ପାଖାପାଖି। ସ୍କ୍ୱାଡ୍ ଆସିଲା ବୋଲି ହଲ୍ଲା ହେଇଯିବା ପରେ ପଛରେ ବସି କପି କରୁଥିବା ପିଲା ସବୁ କପିଗୁଡା ଡୋର୍ ଆଡକୁ ପକେଇଦେଲେ ଆଉ ମତେ କାଳେ ସ୍କ୍ୱାଡ୍ ବାଲା ଧରିବେ ବୋଲି ମୁଁ ମୋ ସିଟ୍‌ରୁ ଉଠିପଡି ସବୁଗୁଡା କପି ବାରଣ୍ଡା ଆଡକୁ ପାଦରେ ଠେଲୁଥିବା ବେଳେ ସ୍କ୍ୱାଡ୍ ବାଲା ମତେ ଆସି ଧରି ମୋ ଆଡ୍‌ମିଟ କାର୍ଡ ନେଇଗଲେ। ବେଳ ଭଲ ସେମାନେ ମୋ ଖାତା ଚେକ୍ କରି କ'ଣ ବୁଝିଲେ କେଜାଣି ମତେ ମାଲ୍‌ପ୍ରାକ୍ଟିସରେ ବୁକ୍ କଲେନି। ମୁଁ ବଞ୍ଚିଗଲି।

କଲେଜରେ ପଢ଼ିବା ବେଳେ, ଯୋଗମାୟା ମତେ ହିଁ କଣେଇ କଣେଇ ଚାହେଁ ଓ ହସେ ବୋଲି ବିଶ୍ୱାସ ଦେଇ ମୋ ସାଙ୍ଗମାନେ ମୋ'ଠୁ ଆଲୁଦମ୍ ଦହିବରା ଖା'ନ୍ତି ଆଉ ସିଗାରେଟ୍ ଟାଣନ୍ତି। ୟୁ ଆର୍ ଏ ଜୁଏଲ କହି ବର୍ଷ ସାରା ପାଠ ନ ପଢି ମଉଜମସ୍ତିରେ ଟାଇମ୍ ବିତେଇଥିବା ସାଙ୍ଗମାନେ ମୋ ନୋଟ୍‌ବୁକ୍ ନେଇ ଘୋଷି ପକାନ୍ତି କି କପି କରିଦିଅନ୍ତି ଆଉ ରେଜଲ୍ଟ ବାହାରିଲା ବେଳକୁ ମୋ ମାର୍କ ଆଉ ସେମାନଙ୍କର ମାର୍କ ପ୍ରାୟ ପାଖାପାଖି ଥାଏ।

ବହୁତ ଚେଷ୍ଟା, ଅନେକ ପରୀକ୍ଷା ଦେବା ପରେ ଚାକିରିଟେ ନ ମିଳିବାରୁ ମୋ ସାଙ୍ଗର ବଡ଼ଭାଇ, ଯାହାଙ୍କର ଅନେକ ରାଜନୈତିକ ପତିଆରା, ତାଙ୍କ ମାଧ୍ୟମରେ ସରକାରୀ ଚାକିରିଟେ ପାଇବି ବୋଲି ଭରସାରେ ତାଙ୍କ ହାତକୁ ତିନି ଲକ୍ଷ ଟଙ୍କା ଟେକି ଦିଏ, ଯାହା ଆଜି ଯାଏ ଅନାଦେୟ ହେଇ ରହିଯାଇଛି। ମୁଁ ତୁମକୁ ସାରା ଜୀବନ ଅପେକ୍ଷା କରିବି ବୋଲି ବାରମ୍ବାର ମତେ କହିଥିବା ଅର୍ପିତା ତା' ଶେଷ ଚିଠିରେ ମତେ ଲେଖିଥିଲା ମୁଁ ସିନା ଅନ୍ୟତ୍ର ବାହା ହେଇ ଯାଉଛି, ହେଲେ ତୁମ ପରି ହୃଦୟଟେ ମୁଁ ସାରା ସଂସାରରେ ପାଇବିନି। ସାରା ଜୀବନ ତମେ ହିଁ ମୋ' ପ୍ରିୟତମ ହୋଇ ରହିବ, ତୁମକୁ ନେଇ ପ୍ରେମ କରିହୁଏ, ସଂସାର ନୁହେଁ। ବାହାଘର ପରେ ମୁଁ ମୋ ସ୍ତ୍ରୀ ହାତକୁ ଦରମା ଗଣ୍ଡାକ ଟେକି ଦେଉଥିଲି। ଗାଁରେ କେବେ ଭୋଜିଭାତ ପଡିଲେ ପତ୍ନୀ କହୁଥିଲା ତା' ହାତ ପୂରା ଖାଲି। ଅଗତ୍ୟା ଜିପିଏଫ୍‌ରୁ ଟଙ୍କା କାଢୁଥିଲି, ନ ହେଲେ ଧାରକରଜ। ହେଲେ ମୋ ପତ୍ନୀ ବର୍ଷକୁ ବେଶ୍ ପଇସା ସୁନାହୀରା କିଣିବାରେ ଖର୍ଚ୍ଚ କରୁଥିଲା ଆଉ ତା' ବଡ଼ଭିଣୋଇ ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ହେଇଥିବାରୁ ତାଙ୍କ ପିଲାମାନଙ୍କର ସମସ୍ତ ଖର୍ଚ୍ଚ ଉଠଉଥିଲା।

ମୋ ପିଲାମାନେ ବଡ଼ ହେଉଥିଲେ। ତାଙ୍କ ହାତରେ କେବେ ବହି ଧରିବା ଦେଖେନି। ମୋବାଇଲ ନ ହେଲେ କମ୍ପ୍ୟୁଟର୍। ପଚାରିଲେ କୁହନ୍ତି, ଏବେ ପାଠ ସବୁ ଇଣ୍ଟର୍‌ନେଟ୍‌ରେ। କିଛି ଭିତରି କଥା ପଚାରିଲେ, ପତ୍ନୀ ଗର୍ଜନ କରି ମାଡିଆସେ- ବହିପତ୍ର ନ କିଣି ସେମାନେ କେତେ ପଇସା ତମର ସେଭ୍ କରୁଛନ୍ତି? ତମେ କିଛି ବୁଝିନ ସେ ସବୁ। ପାଠପଢାର ଧାରା ବଦଳିଗଲାଣି। ତମେ ଗଲ, ତମ ଚା' ଥଣ୍ଡା ହେଉଛି।

ମୋ ପତ୍ନୀ ଏବେ ସବୁବେଳେ କୁହେ ତମେ ଏତେ ବୋକା ଲୋକ! ଫଳ, ପନିପରିବା ଯିଏ ଯାହା ଧରେଇଦେଲା, କମ୍ ପଇସାରେ ମିଳୁଛି ବୋଲି ଧରି ଘରକୁ ପଳେଇ ଆସିଲ? ପୁଅଝିଅ କୁହନ୍ତି- ବାପା, ତମେ ସତରେ ବଡ଼ ବୋକା। ପ୍ରତି ମାସରେ ଅନାଥାଶ୍ରମ, ବାଳାଶ୍ରମ, ମନ୍ଦିର ଏସବୁକୁ ପଇସା ପଠେଇବା କ'ଣ ଦରକାର? ସେତିକି ପଇସା ତମେ ସେୟାର୍ ମାର୍କେଟରେ ଲଗଉନ, କେତେ ଲାଭ ମିଳିବ ଦେଖିବ। ମତେ ବୋକା ବୋଲି କହୁଥିବା ଓ ଭାବୁଥିବା ସମସ୍ତଙ୍କୁ ମୁଁ ବେଳେବେଳେ ମନେ ପକାଏ। ମୋ' ବୋଉ, ମୋ କଲେଜ ସାଙ୍ଗ, ଅର୍ପିତା ଦାସ, ମୋ ପତ୍ନୀ ଓ ମୋ ପିଲାମାନେ, ଯୋଉମାନେ ମତେ ନିହାତି ବୋକା ବୋଲି ଆଜି ଯାଏ ଭାବି ଆସିଛନ୍ତି। ମୋ ସରଳପଣରେ ମୁଁ ଯଦି ବୋଉର ସ୍ନେହକୁ ସତ ମାନିନେଲି, ମୋ ନିଛନ୍ଦ ମନରେ ଯଦି ସାଙ୍ଗମାନଙ୍କୁ ବିଶ୍ୱାସ କରିଗଲି, ହତାଶାର ଶିକାର ହୋଇ ଭରସା କରି ଚାକିରି ପାଇଁ ଯଦି ସାଙ୍ଗର ଭାଇ ହାତକୁ ୩ ଲକ୍ଷ ଟଙ୍କା ଟେକିଦେଲି, ଉଚ୍ଛୁଳା ଭାବାବେଗ ଆଉ ପ୍ରଗାଢ଼ ପ୍ରେମରେ ଯଦି ଅର୍ପିତାକୁ ଭଲପାଇଲି, ସାଂସାରିକ ମୋହରେ ମୋ ପତ୍ନୀ ଓ ପିଲାମାନଙ୍କୁ ବିଶ୍ୱାସ କରିଗଲି, ମଲ୍‌କୁ ନ ଯାଇ ରାସ୍ତାକଡ ପରିବାବିକାଳିଠୁ କିଛି ପନିପରିବା କିଣି ଆଣିଲି, ସଂସାରରେ ଅନାଥ ଓ ଅସହାୟଙ୍କ ପାଇଁ ମୋ ନିଜ ଆୟର କିଛି ଅଂଶ ଦାନ କରିଦେଲି ତେବେ ଏହା କ'ଣ ମୋର ସତରେ ବୋକାମି? ଆଉ ପ୍ରତିଥର ଏମାନଙ୍କ ଭାବନା ବିଷୟରେ ଭାବିବାବେଳେ ଉପସଂହାରରେ ଗୋଟିଏ ପ୍ରଶ୍ନ ମୋ ମନକୁ ଆସେ, ମୁଁ କ'ଣ ସତରେ ବୋକା?

ମୋ- ୯୪୩୭୨୭୪୮୫୭

## ପାଠକ ଶ୍ରେଷ୍ଠ ବିଚାରକ

### ହ୍ରାସ ପାଉଛି ଶିକ୍ଷାର ମାନ

ମହାଶୟ,

ଶିକ୍ଷା ମନୁଷ୍ୟର ମୌଳିକ ଅଧିକାର- ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିଶୁ ପାଠ ପଢିବା ଏବଂ ବିଦ୍ୟାଳୟକୁ ଯିବାକୁ ବାଧ୍ୟତାମୂଳକ କରାଯାଇଛି। ୨୦୦୯ ଶିକ୍ଷା ଅଧିନିୟମରେ ମଧ୍ୟ ସମସ୍ତ ବର୍ଗର ଶିଶୁମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ଯୋଜନା ହେଉଛି। ମଧ୍ୟାହ୍ନଭୋଜନ, ପାଠ୍ୟପୁସ୍ତକ ଓ ପୋଷାକପତ୍ର ସବୁ ସରକାର ଯୋଗାଇବା ସତ୍ତ୍ୱେ ସରକାରୀ ସ୍କୁଲରେ ବେଶି ପିଲା ପଢୁନାହାନ୍ତି। ଘରୋଇ ବିଦ୍ୟାଳୟ ପ୍ରତି ଆଗ୍ରହ ଦେଖାଯାଉଛି। ସର୍ବଶିକ୍ଷା ଅଭିଯାନ ଦ୍ୱାରା ଶିକ୍ଷାର ମୂଲ୍ୟ ବୃଦ୍ଧି ହେଉନାହିଁ। ସରକାର ଏଥିପ୍ରତି ଦୃଷ୍ଟି ନ ଦେଇ ପିଲାମାନଙ୍କୁ ଲାଞ୍ଚଖୋର କରୁଛନ୍ତି। ଉପସ୍ଥାନ ବଢିବା ପାଇଁ ପ୍ରୋତ୍ସାହନ ଦିଆଯିବ, ୧ କି.ମି. ଦୂରରୁ ଆସିଲେ ଗସ୍ତଖର୍ଚ୍ଚ ମିଳିବ। କିନ୍ତୁ ଶିକ୍ଷାର ମାନ କେତେ ବଢୁଛି ତାହା ଦେଖିବାର କଥା।

ବାଳକୃଷ୍ଣ ଷଡ଼ଙ୍ଗୀ, ରାମଚନ୍ଦ୍ରପୁର, ରଣପୁର, ନୟାଗଡ଼

### ପଲିଥିନ କଟକଣା

ଧରିତ୍ରୀ(୧୬।୬)ର ଫଟୋ ଖବରରୁ ବରଗଡ଼ରେ ପଲିଥିନ ନିଷିଦ୍ଧ ଘୋଷଣା ପରେ ଜଣେ ବାଳିକା ଟିଫିନ ବକ୍ସ ଓ ବ୍ୟାଗ୍ ଧରି ଜଳଖିଆ ନେବା ପାଇଁ ହୋଟେଲକୁ ଆସିଛନ୍ତି ଦେଖି ଖୁସି ଲାଗିଲା। ପଲିଥିନ ନିଷିଦ୍ଧ ବହୁ ପୂର୍ବରୁ କରାଯିବା କଥା। କାରଣ ଯେପରି ଭାବେ ଗାଁ ସହର ସବୁ ପଲିଥିନ ଆବର୍ଜନାରେ ପୂର୍ଣ୍ଣ ହୋଇଯାଉଛି ଅବସ୍ଥା ଅସମ୍ଭାଳ ହୋଇପଡିବ। ଏଣିକି ଘରୁ କନା ବ୍ୟାଗ୍ ନେଇ ଲୋକେ ବାହାରନ୍ତୁ।

କୁବେର ଚନ୍ଦ୍ର ଜୋଷୀ, ଡୁଙ୍ଗୁରିପାଲି, ସୋନପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଆସାମ ତିନସୁକିଆର ୪୦ବର୍ଷୀୟ ଡି. କ୍ରିଷ୍ଣ କୁମାର ସ୍କୁଟରରେ ମା'ଙ୍କୁ ୧୭ଟି ତୀର୍ଥସ୍ଥଳ ଭ୍ରମଣ କରାଇବାକୁ ବାହାରି ପଡିଛନ୍ତି। ପାଖାପାଖି ୪୦,୩୮୦ କିଲୋମିଟର ଭ୍ରମଣ କରିବାର ଲକ୍ଷ୍ୟ ରଖିଛନ୍ତି କ୍ରିଷ୍ଣ କୁମାର। ଏଥିସହ ସେ ନେପାଳ ଓ ଭୁଟାନର କିଛି ତୀର୍ଥସ୍ଥଳ ମଧ୍ୟ ଭ୍ରମଣ କରିବେ। ଏଥିପାଇଁ ତାଙ୍କୁ ଦେଢ ବର୍ଷ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି। ଆଧୁନିକ ଯୁଗର ଏହି ଶ୍ରବଣକୁମାର ତାଙ୍କର ୭୦ ବର୍ଷୀୟା ମା' ଚୁଡ଼ରତ୍ନାଙ୍କୁ ବିଭିନ୍ନ ତୀର୍ଥସ୍ଥାନ ବୁଲାଇବାକୁ ବାହାରିଥିବା ବେଳେ ମା' ତାଙ୍କର ଏଭଳି ପୁଅ ପାଇ ବେଶ୍ ଗର୍ବିତ ବୋଲି କହିଛନ୍ତି। ୨୦୧୮ ଜାନୁୟାରୀ ୧୬ରୁ ଏମାନେ ଯାତ୍ରା ଆରମ୍ଭ କରିଥିବା ବେଳେ ଇତିମଧ୍ୟରେ ତାମିଲନାଡୁ, ପଣ୍ଡିଚେରୀ, କର୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର, ଗୋଆ, ଛତିଶଗଡ଼, ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ସିକିମ, ନେପାଳ ଓ ଭୁଟାନ ଭ୍ରମଣ କରିସାରି ଏବେ ଆସାମରେ ପହଞ୍ଚିଛନ୍ତି। ଏହାପରେ ସେ ଅରୁଣାଚଳ ପ୍ରଦେଶର ପର୍ଶୁରାମ କୁଣ୍ଡ ଗସ୍ତ କରିବେ।

# ଅମୃତର ନାଭି

ଡ. ଲାବଣ୍ୟଚନ୍ଦ୍ର ସାହୁ

ଗାଈ ବା ଗାଭୀକୁ ବେଦରେ ଅମୃତର ନାଭି କୁହାଯାଇଛି- ''ମାତା ରୁଦ୍ରାଣାଂ ଦୁହିତା ବସୂନାଂ ସ୍ୱସାଦିତ୍ୟାନାମମୃତସ୍ୟ ନାଭିଃ।'' ଅର୍ଥାତ୍ ଗାଈ ହେଉଛି ରୁଦ୍ରଗଣଙ୍କ ମାତା, ବସୁମାନଙ୍କର ପୁତ୍ରୀ, ଆଦିତ୍ୟମାନଙ୍କର ଭଗ୍ନୀ ଏବଂ ଦୁଗ୍ଧ, ଦଧି ଓ ଘୃତ ରୂପକ ଅମୃତର ସୃଜନସ୍ଥଳୀ। ଭାରତୀୟ ସଂସ୍କୃତିରେ ଗୋସେବାକୁ ଆର୍ଥିକ ଓ ପରମାର୍ଥିକ ଦୃଷ୍ଟିରୁ ବିଚାର କରାଯାଉଥିଲା। ଦୈନିକ ଅଗ୍ନିହୋତ୍ର ବା ହୋମ ପାଇଁ ଘୃତ ଅନିବାର୍ଯ୍ୟ ଥିଲା। ସମସ୍ତ ମାଙ୍ଗଳିକ କାର୍ଯ୍ୟରେ ପଞ୍ଚାମୃତ ଏବଂ ପ୍ରାୟଶ୍ଚିତ୍ତ କ୍ରିୟାରେ ପଞ୍ଚଗବ୍ୟର ଆବଶ୍ୟକତା ପଡ଼ିଥାଏ। ପୁରାଣ, ସଂହିତାରେ ଗୋମାତାକୁ ସର୍ବଦେବମୟୀ କୁହାଯାଇ ଗାଈର ଗୋବର ଓ ମୂତ୍ରକୁ ମଧ୍ୟ ପବିତ୍ର ମନେ କରାଯାଉଥିଲା। ପ୍ରାଚୀନ ରାଜାମାନଙ୍କ ସମ୍ପଦ କହିଲେ ଗୋସମ୍ପଦକୁ ବୁଝାଉଥିଲା। ଏଣୁ ଦୁର୍ଯ୍ୟୋଧନଙ୍କ ଭଳି ଅଭିମାନୀ କ୍ଷତ୍ରିୟ ବୀର ପାଣ୍ଡବଙ୍କ ଅଜ୍ଞାତବାସ କାଳରେ ଧେନୁ ହରଣ ପାଇଁ ବିରାଟ ରାଜ୍ୟ ଆକ୍ରମଣ କରିଥିଲେ। ଜମଦଗ୍ନି ଆଶ୍ରମରୁ କାମଧେନୁ ହରଣ କଥା ପୁରାଣରେ ରହିଛି।

ମହାଭାରତରେ ଭୀଷ୍ମ, ଯୁଧିଷ୍ଠିରଙ୍କୁ ବୁଝାଇଛନ୍ତି ଯେ, ଗାଈ, ଭୂମି, ବିଦ୍ୟା- ଏହି ୩ଟି ଦାନର ଫଳ ଅମାପ। ଭୂମିର ଉର୍ବରତା ଓ ବାତାବରଣ ଶୁଦ୍ଧି ନିମିତ୍ତ ଗାଈ ବଞ୍ଚିଥିବା ବେଳେ ଉପକାରୀ ଓ ମୃତ୍ୟୁ ପରେ ମଧ୍ୟ ତାହାର ସର୍ବାଙ୍ଗ ଉପଯୋଗ ହୋଇଥାଏ। ପ୍ରାଚୀନ ପୁରାଣରେ ଦୂରତାକୁ 'ଧେନ୍ୱନ୍ତର'ରେ ମପାଯାଉଥିଲା, ଯଥା-ଲିଙ୍ଗରାଜ ମନ୍ଦିରଠାରୁ ମେଘେଶ୍ୱର ୧୭୦୦ ଧେନ୍ୱନ୍ତରରେ ଅବସ୍ଥିତ। ଗୋଟିଏ ପରେ ଗୋଟିଏ ଗାଈକୁ ଠିଆକରି ଦୂରତା ମପାଯାଉଥିଲା। ହଜିଯାଇଥିବା ଗୋରୁକୁ ଖୋଜିବା ଲାଗି ବ୍ୟବହୃତ ହେଉଥିବା ଗବେଷଣା (ଗୋ+ଏଷଣା) ଶବ୍ଦଟି ଆଜି ରିସର୍ଚ୍ଚ ଅର୍ଥରେ ବ୍ୟବହୃତ ହେଉଛି। ଆଜି ବୁଢୀ ଓ ରୋଗଣା ଗୋରୁ ପ୍ରତି ଅବହେଳା ଓ ମାଂସାର୍ଥେ ଚାଲାଣକୁ ନେଇ ବିବାଦ ଦେଖାଦେଉଛି। ହିନ୍ଦୁ ସଂସ୍କୃତିରେ 'ଗାଈ' ଆର୍ଥିକ ଓ ପରମାର୍ଥିକ ଦୃଷ୍ଟିରୁ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ବହନ କରେ।

ଶ୍ରାବସ୍ତୀ, ୩୫, ବସନ୍ତ ବିହାର, ଭୁବନେଶ୍ୱର

# ଘରୋଇ ହସ୍ପିଟାଲରେ ରୋଗୀସେବାକୁ ନେଇ ଉଦ୍‌ବେଗ

ଭୁବନେଶ୍ୱର, ୧।୭(ବ୍ୟୁରୋ)



■ତଦନ୍ତ ପାଇଁ କମିଟି ଗଠନ କରିବାକୁ ଦାବି
■କଳିଙ୍ଗ ହସ୍ପିଟାଲରେ ମୋତେ ଅପମାନିତ କରାଯାଇଛି: ମୋହନ ମାଝି

ଭୁବନେଶ୍ୱରରେ ଥିବା ଘରୋଇ ହସ୍ପିଟାଲଗୁଡ଼ିକ ଗରିବ ରୋଗୀଙ୍କୁ ଶୋଷଣ କରୁଛନ୍ତି। ସରକାରଙ୍କଠାରୁ ବିନା ମୂଲ୍ୟରେ ଜମି ନେଇ ହସ୍ପିଟାଲ କରିଥିବା ସଂସ୍ଥାଗୁଡିକ ଜଣେହେଲେ ଗରିବ ରୋଗୀଙ୍କୁ ମାଗଣାରେ ଚିକିତ୍ସା ସେବା ଦେଉନାହାନ୍ତି। ଚୁକ୍ତି ଅନୁଯାୟୀ ୨୫ ପ୍ରତିଶତ ଗରିବ ଲୋକଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବାକୁ ବ୍ୟବସ୍ଥା ରହିଥିବା ବେଳେ କୌଣସି ଗରିବ ରୋଗୀ ଏହି ସୁବିଧା ପାଉନାହାନ୍ତି। ଘରୋଇ ହସ୍ପିଟାଲଗୁଡିକ ରୋଗୀସେବା ନାଁରେ ଲୋକଙ୍କୁ ଶୋଷଣ କରିଚାଲିଛନ୍ତି। ସରକାରଙ୍କର ସେମାନଙ୍କ ଉପରେ କୌଣସି ନିୟନ୍ତ୍ରଣ ରହୁନାହିଁ। ଏ ନେଇ ସୋମବାର ବିଧାନସଭାରେ ଉଭୟ ଶାସକ ଓ ବିରୋଧୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। କଳିଙ୍ଗ, ଆପୋଲୋ, ସମ୍ ଭଳି ଘରୋଇ ହସ୍ପିଟାଲରେ ରୋଗୀମାନେ ନିର୍ଯାତନାର ଶିକାର ହେଉଛନ୍ତି। ତୁରନ୍ତ ଏଥିପାଇଁ ଏକ କମିଟି ଗଠନ କରାଯାଇ ହସ୍ପିଟାଲଗୁଡ଼ିକର ତଦନ୍ତ କରାଯାଉ। ସ୍ୱାସ୍ଥ୍ୟମନ୍ତ୍ରୀ ଏ ନେଇ ଗୃହରେ ଏକ ବିବୃତି ରଖନ୍ତୁ ବୋଲି ବିରୋଧୀ ସଦସ୍ୟମାନେ ଦାବି କରିଛନ୍ତି।

ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କଳିଙ୍ଗ ହସ୍ପିଟାଲ ପ୍ରସଙ୍ଗ ଉଠାଇ କହିଥିଲେ ଯେ, ଶୁକ୍ରବାର ଆପୋଲୋ ହସ୍ପିଟାଲରେ ମୃତଦେହ ଛାଡ଼ିବା ପାଇଁ କିପରି ଟଙ୍କା ଦାବି କରାଯାଇଥିଲା, ସେ ବିଷୟରେ ବିରୋଧୀ ଦଳ ନେତା ବିଧାନସଭାରେ ଉଠାଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ରୋଗୀଙ୍କ ମୃତ୍ୟୁ ଘଟିବା ପରେ କୌଣସି ପରିସ୍ଥିତିରେ ମୃତଦେହ ଅଟକ ରଖାଯାଇ ପାରିବନାହିଁ। ଏହାସତ୍ତ୍ୱେ ରାଜଧାନୀର ବିଭିନ୍ନ ଘରୋଇ ହସ୍ପିଟାଲରେ ଟଙ୍କା ନ ଦେବା ଯାଏ ମୃତଦେହକୁ ଦୀର୍ଘସମୟ ଧରି ଛଡ଼ାଯାଉନାହିଁ। ଶନିବାର କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକର ବାସୁଦେବ ବାରିକଙ୍କ ପୁଅ ସଚିନ ୨୨ ବର୍ଷରେ ପ୍ରାଣ ହରାଇଥିଲେ ମଧ୍ୟ ଦୀର୍ଘସମୟ ଧରି ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇ ନ ଥିଲା। ବକେୟା ଟଙ୍କା ଡିପୋଜିଟ୍ କରି ନ ଥିବାରୁ ମୃତଦେହକୁ ଦୀର୍ଘସମୟ ଧରି ଛାଡ଼ି ନ ଥିଲେ। ଏ ବିଷୟରେ ସେହି ବ୍ୟକ୍ତି ମୋତେ ଜଣାଇବା ପରେ ମୁଁ କଳିଙ୍ଗ ହସ୍ପିଟାଲ ଡିଜିଏମ୍‌ଙ୍କୁ ଫୋନ୍ କରି ମୃତଦେହ ଛାଡ଼ିବା ପାଇଁ ଅନୁରୋଧ କରିଥିଲି। ମାତ୍ର ସେ ମୋତେ ଦୁର୍ବ୍ୟବହାର କରିଥିଲେ। ପଇସା ଦାଖଲ ନ କଲେ ମୃତଦେହ ଛଡ଼ାଯିବନାହିଁ। ଏହା ବିଧାନସଭା ନୁହେଁ ବୋଲି ପାଲଟା ଧମକ ଦେଇଥିବା ମୋହନ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଜଣାଇବା ପରେ ତଦନ୍ତ କରିବା ପାଇଁ ଏକ ୪ଜଣିଆ କମିଟି ଗଠନ କରାଯାଇଛି ବୋଲି କହିଥିଲେ।

ବାସୁଦେବ ତାଙ୍କ ପୁଅକୁ ଗତ ମେ' ୨୯ରେ କଳିଙ୍ଗ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହାର ଠିକ୍ ମାସକ ପରେ ଅର୍ଥାତ୍ ଜୁନ୍ ୨୯ ତାରିଖରେ ତାଙ୍କ ପୁଅର ମୃତ୍ୟୁ ଘଟିଥିଲା। ଚିକିତ୍ସା ବାବଦରେ ସେ ଧାରକରଜ ଓ ଜମିବାଡ଼ି ବିକ୍ରିକରି ୭ ଲକ୍ଷ ୬୦ ହଜାର ଟଙ୍କା ଜମା ଦେଇଥିଲେ। ଏହା ସତ୍ତ୍ୱେ ସେ ତାଙ୍କ ପୁଅକୁ ହରାଇଥିଲେ। ଏହା ପରେ ଆହୁରି ଅଧିକ ଟଙ୍କା ଜମା ନ କଲେ ହସ୍ପିଟାଲ କର୍ତ୍ତୃପକ୍ଷ ମୃତଦେହ ଛାଡିବେ ନାହିଁ ବୋଲି କହିଥିଲେ। ଯଦି ଏଭଳି ଘଟଣା ଘରୋଇ ହସ୍ପିଟାଲଗୁଡ଼ିକରେ ଘଟି ଚାଲିବ, ତେବେ ଆମକୁ କେହି କ୍ଷମା ଦେବେନାହିଁ। ଘରୋଇ ହସ୍ପିଟାଲଗୁଡିକରେ ଗରିବ ଲୋକଙ୍କୁ କିଭଳି ସେବା ମିଳିପାରିବ, ସେନେଇ ରାଜ୍ୟ ସରକାର ଏକ ସଂସ୍କାରମୂଳକ ପଦକ୍ଷେପ ନିଅନ୍ତୁ। ଅଫିସରସ୍ତରରେ ଏକ କମିଟି ଗଠନ କରାଯାଉ। ବାଚସ୍ପତି ଏ ନେଇ ଏକ ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। ବିଜେଡି ସଭ୍ୟ ଅମର ଶତପଥୀ ଘରୋଇ ହସ୍ପିଟାଲର ସ୍ୱାସ୍ଥ୍ୟସେବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ବିପିଏଲ କାର୍ଡ ଥାଇ ମଧ୍ୟ ଲୋକେ ସେବା ପାଇପାରୁନାହାନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ସେ କହିଥିଲେ। କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ କଳିଙ୍ଗ ହସ୍ପିଟାଲରେ ରୋଗୀସେବାକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ ଯେ, ସରକାର ରୋଗୀସେବା ଉଦ୍ଦେଶ୍ୟରେ ଘରୋଇ ହସ୍ପିଟାଲକୁ ୧ ଟଙ୍କାରେ ଜମି ଯୋଗାଇ ଦେଇଥିଲେ। ଭରସା ଥିଲା, ସେମାନେ ୩୦ ପ୍ରତିଶତ ଗରିବ ରୋଗୀଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇଦେବେ। ମାତ୍ର ଏବେ ତାହାର ବିପରୀତ ଦେଖିବାକୁ ମିଳୁଛି। ଶୁଣିବାକୁ ମିଳୁଛି ଯେ, ଗତ ୩ ମାସ ତଳେ ଏହି ହସ୍ପିଟାଲକୁ ତାମିଲନାଡୁର ଜଣେ ବ୍ୟକ୍ତିଙ୍କୁ ୨ଶହ କୋଟି ଟଙ୍କାରେ ବିକ୍ରି କରିଦିଆଯାଇଛି। କାହା ଅନୁମତି ନେଇ ଏ ହସ୍ପିଟାଲକୁ ହସ୍ତାନ୍ତର କରାଯାଇଛି, କିଏ ପଇସା ନେଇଛନ୍ତି, ସେ ବିଷୟରେ ସରକାର ଜବାବ ଦେବା ଦରକାର। ଆହୁରି ମଧ୍ୟ ରୋଗୀଙ୍କୁ ଭେଣ୍ଟିଲେଟରରେ ରଖି ହସ୍ପିଟାଲ କର୍ତ୍ତୃପକ୍ଷ ପଇସା ଲୁଟୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ।

## ରାଜ୍ୟରେ ମୁଣ୍ଡ ପିଛା ଋଣ ୧୭ ହଜାର

ଭୁବନେଶ୍ୱର, ୧।୭(ବ୍ୟୁରୋ)

ରାଜ୍ୟବାସୀ ବର୍ତ୍ତମାନ ଋଣଭାରରେ ବୁଡି ରହିଛନ୍ତି। ଏପରିକି ଛୁଆଟିଏ ଜନ୍ମ ହେଉ ହେଉ ମୁଣ୍ଡଭାର ତାକୁ ମୁଣ୍ଡାଇବାକୁ ପଡୁଛି। ରାଜ୍ୟ ସରକାର ଏମିତି ତଥ୍ୟ ରଖି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷ ଶେଷସୁଦ୍ଧା ରାଜ୍ୟର ଋଣଭାର ଥିଲା ୭୯,୮୬୬.୦୮ କୋଟି ଟଙ୍କା। ଅର୍ଥାତ୍ ସରକାରଙ୍କ ହିସାବ ଅନୁଯାୟୀ ଏହା ମୁଣ୍ଡ ପିଛା ୧୭ ହଜାର ଟଙ୍କାରୁ ଅଧିକ ବୋଲି ଜଣାପଡିଛି। ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨୩,୫୮୪ କୋଟି ଟଙ୍କାର ଋଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅନ୍ୟପଟେ ୪,୭୦୭ କୋଟି ଟଙ୍କା ଶୁଝିବାକୁ ଲକ୍ଷ୍ୟ ରଖିଥିବା ଜଣାପଡିଛି। ସେହି ଅନୁଯାୟୀ ଚଳିତ ଆର୍ଥିକ ବର୍ଷ ସୁଦ୍ଧା ପୂର୍ବ ଋଣ ସହ ୧୮,୮୭୭ କୋଟି ଟଙ୍କା ଯୋଡ଼ି ହୋଇଯିବ। ସୋମବାର କେନ୍ଦୁଝର ବିଧାୟକ ମୋହନ ମାଝୀ ପଚାରିଥିବା ଏକ ଅଣତାରକା ପ୍ରଶ୍ନରେ ଲିଖିତ ଉତ୍ତର ଦେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ଋଣ ଆହରଣ ସୀମା ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦର ୩ ପ୍ରତିଶତ ହେବ। ଏନେଇ ଚତୁର୍ଦ୍ଦଶ ଅର୍ଥ କମିଶନ ସୁପାରିସ କରିଛନ୍ତି। ମନ୍ତ୍ରୀ ତାଙ୍କ ଉତ୍ତରରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାର ୨୦୦୫-୦୬ଠାରୁ କ୍ରମାଗତଭାବେ ପ୍ରତ୍ୟେକ ବର୍ଷ ରାଜସ୍ୱ ବଳକା ସୃଷ୍ଟି କରିଆସୁଛନ୍ତି। ତେଣୁ ଆହରଣ କରାଯାଉଥିବା ଋଣ ସମ୍ପୂର୍ଣ୍ଣଭାବେ ପୁଞ୍ଜି ଖର୍ଚ୍ଚ ପାଇଁ ବିନିଯୋଗ କରାଯାଉଛି। ୨୦୧୭-୧୮ରେ ସରକାର ୧୪,୪୧୯. ୪୧ କୋଟି ଟଙ୍କା ଋଣ କରିଥିବା ବେଳେ ୨୫,୬୭୪.୧୮ ପୁଞ୍ଜି ଖର୍ଚ୍ଚ କରିଥିଲେ। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ୯,୯୩୬.୩୦ ହଜାର କୋଟି ଟଙ୍କା ଋଣ କରିଥିବା ବେଳେ ୨୮,୭୮୯.୧୩ ପୁଞ୍ଜି ଖର୍ଚ୍ଚ କରିଛନ୍ତି।

ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନରେ ଲିଖିତ ଉତ୍ତର ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ୩୧ ମାର୍ଚ୍ଚ ୨୦୧୯ ଶେଷସୁଦ୍ଧା କେନ୍ଦ୍ର ସରକାରଙ୍କ ଠାରୁ ୭୮୩୬.୫୪ କୋଟି ଟଙ୍କା, ଜାତୀୟ ସ୍ୱଳ୍ପ ସଞ୍ଚୟ ପାଣ୍ଠିରୁ ୯୧୭୨.୯୯ କୋଟି ଟଙ୍କା, ଖୋଲା ବଜାରରୁ ୨୮,୦୩୦.୯୦ କୋଟି, ଭାରତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କରୁ ୧୩୦୯୨.୨୯ କୋଟି, ଜୀବନ ବୀମା ନିଗମରୁ ୦.୪୭ କୋଟି, ସାଧାରଣ ବୀମା ନିଗମରୁ ୬.୩୬ କୋଟି, ଜାତୀୟ ସମବାୟ ଉନ୍ନୟନ ନିଗମରୁ ୭.୩୦ କୋଟି, ଗ୍ରାମ୍ୟ ବିଦ୍ୟୁତ୍‌କରଣ ନିଗମ ଓ ଅନ୍ୟାନ୍ୟରୁ ୧୧୦.୭୧ କୋଟି, ଭବିଷ୍ୟନିଧି ପାଣ୍ଠିରୁ ୨୧,୬୦୮.୫୨ କୋଟି ଟଙ୍କା ଋଣ କରିଛନ୍ତି।

## ବିଧାୟକଙ୍କୁ ମିଳିବ ରଥଯାତ୍ରା କର୍ଡନ ପାସ୍

ଭୁବନେଶ୍ୱର,୧।୭(ବ୍ୟୁରୋ)

ଆସନ୍ତା ୪ ତାରିଖରେ ଶ୍ରୀଜୀଉଙ୍କ ରଥଯାତ୍ରା ପାଳନ ହେବ। ଏହି ରଥଯାତ୍ରାରେ ଯୋଗଦେବାକୁ ଚାହୁଁଥିବା ବିଧାୟକମାନଙ୍କୁ କାର ଓ କର୍ଡନ ପାସ୍ ଦିଆଯିବ। ସେମାନେ ବିଧାନସଭା ସଚିବଙ୍କ ନିକଟରୁ ପାସ୍ ସଂଗ୍ରହ କରିପାରିବେ। ସୋମବାର ଏହା ଘୋଷଣା କରିଛନ୍ତି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର। ବିଧାୟକମାନଙ୍କୁ ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯେପରି କୌଣସି ସମସ୍ୟା ନ ହେବ, ସେଥିଲାଗି ଏଭଳି ବ୍ୟବସ୍ଥା କରାଯାଇଛି।

## ବିଧାନସଭା ସ୍ଥାୟୀ କମିଟି ଅଧ୍ୟକ୍ଷ, ସଦସ୍ୟଙ୍କ ନାଁ ଘୋଷିତ

ଭୁବନେଶ୍ୱର,୧।୭(ବ୍ୟୁରୋ)

■ବାଚସ୍ପତି କଲେ ଘୋଷଣା
■କିଶୋର, ପ୍ରଦୀପ, ସୁବ୍ରତ, ଅଶ୍ୱିନୀ ପ୍ରମୁଖ ଅଧ୍ୟକ୍ଷ

ବିଧାନସଭାର ୧୦ ସ୍ଥାୟୀ କମିଟି ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ନାମ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସୋମବାର ଗୃହରେ ଘୋଷଣା କରିଛନ୍ତି। ଏହି ଅଧ୍ୟକ୍ଷମାନେ ହେଉଛନ୍ତି- କିଶୋର ମହାନ୍ତି, ନୃସିଂହ ସାହୁ, ପ୍ରଫୁଲ୍ଲ ସାମଲ, ଭୂପିନ୍ଦର ସିଂ, ଅଶ୍ୱିନୀ ପାତ୍ର, ନରସିଂହ ମିଶ୍ର, ପ୍ରଦୀପ ଅମାତ, ମୋହନ ମାଝି, ଦେବୀ ପ୍ରସାଦ ମିଶ୍ର ଏବଂ ସୁବ୍ରତ ତରାଇ। ପ୍ରତି କମିଟିରେ ଅଧ୍ୟକ୍ଷଙ୍କ ସମେତ ୧୨ ଜଣ ସଦସ୍ୟ ରହିଛନ୍ତି। ବିଧାନସଭା ସ୍ଥାୟୀ କମିଟି ନଂ-୧ ସ୍ୱରାଷ୍ଟ୍ର, (ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ) ଏବଂ ଆଇନ ବିଭାଗ ପାଇଁ କାର୍ଯ୍ୟ କରିବ। ସେହିଭଳି କମିଟି ନଂ-୨ ଜଳସମ୍ପଦ, କୃଷି(କୃଷକ ସଶକ୍ତୀକରଣ) ମତ୍ସ୍ୟ ଏବଂ ପଶୁସମ୍ପଦ ଉନ୍ନୟନ ବିଭାଗ ପାଇଁ କାର୍ଯ୍ୟ କରିବ। କମିଟି ନଂ-୩ ପୂର୍ତ୍ତ, ପର୍ଯ୍ୟଟନ(ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି), ଗୃହ ଏବଂ ନଗର ଉନ୍ନୟନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପାଇଁ କାର୍ଯ୍ୟ କରିବ। କମିଟି ନଂ-୪ ସ୍କୁଲ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ବିଜ୍ଞାନ ଓ କାରିଗରି(ଇଲେକଟ୍ରୋନିକ୍ସ , ସୂଚନା ଓ ପ୍ରଯୁକ୍ତିବିଦ୍ୟା) ବିଭାଗ ପାଇଁ କାର୍ଯ୍ୟ କରିବ। କମିଟି ନଂ-୫ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି) (ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ) ବିଭାଗ ପାଇଁ କାର୍ଯ୍ୟ କରିବ।

କମିଟି ନଂ-୬ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ କାର୍ଯ୍ୟ କରିବ। କମିଟି ନଂ-୭ ଶିଳ୍ପ, ଇସ୍ପାତ ଓ ଖଣି, ବାଣିଜ୍ୟ, ପରିବହନ, ଜଙ୍ଗଲ ଓ ପରିବେଶ ଏବଂ (ଯୋଜନା ଓ ସଂଯୋଜନା) ଏବଂ (ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା)ଙ୍କ ପାଇଁ କାର୍ଯ୍ୟ କରିବ। ଅନୁରୂପଭାବେ କମିଟି ନଂ-୮ ଏସ୍‌ଟି, ଏସ୍‌ସି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ ବିକାଶ, ଶ୍ରମ ଏବଂ ସରକାରୀ କର୍ମଚାରୀଙ୍କ ରାଜ୍ୟ ବୀମା, ସାଧାରଣ ଉଦ୍ୟୋଗ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗ ପାଇଁ କାର୍ଯ୍ୟ କରିବ। ୯ ନଂ କମିଟି(ପଞ୍ଚାୟତିରାଜ ଓ ପାନୀୟଜଳ) ଏବଂ ଗ୍ରାମ ଉନ୍ନୟନ ପାଇଁ କାର୍ଯ୍ୟ କରିବ। ସେହିଭଳି କମିଟି ନଂ-୧୦ ଶକ୍ତି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା(ଏବଂ ଅବକାରୀ) ବିଭାଗ ପାଇଁ କାର୍ଯ୍ୟ କରିବ। ବାଚସ୍ପତି ପାତ୍ର ପ୍ରତ୍ୟେକ କମିଟି ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ନାଁ ମଧ୍ୟ ଘୋଷଣା କରିଥିଲେ।

# ମୁଲତବୀ ପ୍ରସ୍ତାବକୁ ନେଇ ହଇଚଇ

ଭୁବନେଶ୍ୱର,୧।୭(ବ୍ୟୁରୋ)

କୃଷି ଓ କୃଷକଙ୍କ ମୁଲତବୀ ପ୍ରସ୍ତାବ କାହିଁକି ଗ୍ରହଣ କରାଗଲାନାହିଁ, ଏହାର ଜବାବ ଦିଆଯାଉ ତା'ପରେ ଗୃହ ଚାଲିବ। ସୋମବାର ପ୍ରଶ୍ନୋତ୍ତର ଆରମ୍ଭରୁ କଂଗ୍ରେସ ସଭ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଇଚଇ କରିଥିଲେ। ଫଳରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅଚଳ ହୋଇଯାଇଥିଲା।

ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ସଭାକାର୍ଯ୍ୟ ଚଳାଇବାକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହକୁ ପ୍ରବେଶ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର ଆରମ୍ଭ କରିବା ମାତ୍ରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ନିଜ ଆସନ ନିକଟରେ ଛିଡ଼ାହୋଇ କୃଷି ଓ କୃଷକଙ୍କ ସମସ୍ୟା ନେଇ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା, କାହିଁକି ତାହା ଗ୍ରହଣ କରାଗଲାନାହିଁ କହି ଗୃହର ମଧ୍ୟଭାଗକୁ ମାଡ଼ିଆସିଲେ। ତାଙ୍କ ସହିତ ରମେଶ ଜେନା, ମହମ୍ମଦ ମୋକିମଙ୍କ ସମେତ କଂଗ୍ରେସର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଇଚଇ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ବାଚସ୍ପତି କଂଗ୍ରେସ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ଏହାର କୌଣସି ପ୍ରଭାବ କଂଗ୍ରେସ ସଦସ୍ୟଙ୍କ ଉପରେ ପଡ଼ି ନ ଥିଲା। ବାଚସ୍ପତି ବିଜେଡି ସଭ୍ୟ ସୌଭିକ ବିଶ୍ୱାଳ ପଚାରିଥିବା ପ୍ରଶ୍ନ ନଂ.୧୨୧ର ଉତ୍ତର ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଡାକିଥିଲେ। ମନ୍ତ୍ରୀ ହଇଚଇ ମଧ୍ୟରେ ଉତ୍ତର ଦେଇଥିଲେ। ପାଟିତୁଣ୍ଡ ନ କମିବାରୁ ବାଚସ୍ପତି ଗୃହକୁ ୧୦ଟା ୩୪ରୁ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରି ସର୍ବଦଳୀୟ ବୈଠକ ଡାକିଥିଲେ। ୧୧ଟା ୪୬ରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।



କୃଷି ଓ କୃଷକ ମୁଲତବୀ ପ୍ରସ୍ତାବ ଅଗ୍ରାହ୍ୟକୁ ନେଇ ବିଧାନସଭାରେ କଂଗ୍ରେସ ସଦସ୍ୟଙ୍କ ହଇଚଇ।

### ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ

## ୯ ଜିଲାର ଚାଷୀ ଫସଲ ବୀମା ପାଇନାହାନ୍ତି

ଭୁବନେଶ୍ୱର,୧।୭(ବ୍ୟୁରୋ)

କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ୨୦୧୭ରୁ ଏପର୍ଯ୍ୟନ୍ତ ୯ଟି ଜିଲାର ଚାଷୀ ଫସଲ ବୀମା ପାଇ ନ ଥିବା ବିଷୟ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ ଯେ, ମରୁଡ଼ି ପରେ ଚାଷୀଙ୍କ ଅବସ୍ଥା ଭଲ ନାହିଁ। ସେମାନଙ୍କୁ ସହାୟତା ଲାଗି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ ହୋଇଛି। ମାତ୍ର ଏହାର ସୁଫଳ ଚାଷୀମାନେ ପାଇପାରୁନାହାନ୍ତି। ତୁରନ୍ତ ବୀମା କମ୍ପାନୀକୁ ଡକାଇ ଏହାର ସମାଧାନ କରନ୍ତୁ ବୋଲି ସେ ଦାବି ରଖିଥିଲେ। ବିଜେଡି ସଭ୍ୟ ଜଗନ୍ନାଥ ନାୟକ, ଭାଜପା ସଭ୍ୟ ସୁଶାନ୍ତ ନାୟକ ଏବଂ ନିତ୍ୟାନନ୍ଦ ଗଣ୍ଡ ନିଜ ନିର୍ବାଚନମଣ୍ଡଳୀରେ ଥିବା ସମସ୍ୟା ସମ୍ପର୍କରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ରାଜ୍ୟର ଅଧା ଜିଲା ମାଓବାଦୀ ପ୍ରଭାବିତ

ଭୁବନେଶ୍ୱର,୧।୭(ବ୍ୟୁରୋ)

ରାଜ୍ୟର ଅଧା ଜିଲା ମାଓବାଦୀ କାର୍ଯ୍ୟକଳାପ ଦ୍ୱାରା ପ୍ରଭାବିତ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଶ୍ରେଣୀ ବିଭାଗ ଅନୁଯାୟୀ କୋରାପୁଟ ଏବଂ ମାଲକାନଗିରି ଅତ୍ୟନ୍ତ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଜିଲା। ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ବିଧାନସଭାରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ଉତ୍ତର ରଖିଛନ୍ତି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଅଣତାରକା ପ୍ରଶ୍ନ ନଂ-୨୫୫ର ଉତ୍ତର ଦେଇ ସୋମବାର ରାଷ୍ଟ୍ରମନ୍ତ୍ରୀ ମିଶ୍ର ଏହି କଥା କହିଛନ୍ତି। ଗତ ୬ ବର୍ଷ ଅର୍ଥାତ ୨୦୧୪ରୁ ୨୦୧୯ ମଧ୍ୟରେ ମାଓବାଦୀମାନେ ମୋଟ ୧୦୫ ସାଧାରଣ ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି। ଅନ୍ୟପକ୍ଷେ ସୁରକ୍ଷା ବାହିନୀ ସହିତ ଗୁଳି ବିନିମୟ ଏବଂ ଅନ୍ୟାନ୍ୟ ଘଟଣାରେ ୮୬ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ମନ୍ତ୍ରୀଙ୍କ ଉତ୍ତରରେ ଉଲ୍ଲେଖ କରାଯାଇଛି।

ରାଜ୍ୟରେ ଡକାୟତି, ଲୁଣ୍ଠନ ଏବଂ ବଳାତ୍କାର ପରି ମାମଲା ଦିନକୁ ଦିନ ବୃଦ୍ଧି ପାଉଥିବା ଜଣାପଡ଼ିଛି। ରାଜ୍ୟ ସରକାର ବିଧାନସଭାରେ ରଖିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ୨୦୧୮ରେ ୫୫୮ଟି ଡକାୟତି ମାମଲା ହୋଇଛି। ଏହା ପୂର୍ବ ବର୍ଷ ଅର୍ଥାତ ୨୦୧୭ରେ ଡକାୟତି ସଂଖ୍ୟା ୫୩୪ ରହିଥିଲା। ସେହିପରି ଗତବର୍ଷ ୨୧୨୫ଟି ଲୁଣ୍ଠନ ମାମଲା ହୋଇଥିବା ଜଣାପଡ଼ିଛି। ୨୦୧୭ରେ ୨୦୪୮ଟି ଲୁଣ୍ଠନ ମାମଲା ସଙ୍ଗଠିତ ହୋଇଥିଲା। ରାଜ୍ୟରେ ମହିଳାଙ୍କ ପ୍ରତି ନିର୍ଯାତନା ମଧ୍ୟ ବୃଦ୍ଧି ପାଇଛି। ୨୦୧୮ରେ ରାଜ୍ୟରେ ୨୫୦୨ ବଳାତ୍କାର ମାମଲା ହୋଇଥିବା ସ୍ୱରାଷ୍ଟ୍ର ବିଭାଗ ସ୍ୱୀକାର କରିଛି। ଏହା ପୂର୍ବ ବର୍ଷ ରାଜ୍ୟରେ ୨୨୨୧ଟି ବଳାତ୍କାର ମାମଲା ହୋଇଥିବା ଗୃହରେ ତଥ୍ୟ ରଖାଯାଇଛି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟଙ୍କ ଅଣତାରକା ପ୍ରଶ୍ନ ସଂଖ୍ୟା-୨୫୯ର ଉତ୍ତର ଦେଇ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ଏହା କହିଛନ୍ତି।

■ ବିଧାନସଭାରେ ଉଠିଲା ପଶ୍ଚିମ ଓଡ଼ିଶା ହାଇକୋର୍ଟ ବେଞ୍ଚ୍ ପ୍ରସଙ୍ଗ

# ସରକାର ଆଇନ ଅନୁଯାୟୀ ପ୍ରସ୍ତାବ ଦେଉନାହାନ୍ତି

ଭୁବନେଶ୍ୱର,୧।୭(ବ୍ୟୁରୋ)

**ହାଇକୋର୍ଟରେ ଅଚଳାବସ୍ଥା ଦୂର କରିବାକୁ ଦାବି**

ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ୍ ସ୍ଥାପନ ଏବଂ ହାଇକୋର୍ଟରେ ଚାଲିଥିବା ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନେଇ ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଲୋକମାନେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଦୀର୍ଘ ୮ ମାସ ହେବ ପଶ୍ଚିମ ଓଡ଼ିଶାରେ ଏସ୍‌ଡିଜେଏମ୍ କୋର୍ଟରୁ ଆରମ୍ଭକରି ଜିଲା କୋର୍ଟ ପର୍ଯ୍ୟନ୍ତ ସବୁଠି ଅଚଳାବସ୍ଥା ସୃଷ୍ଟି ହୋଇଛି। ତୁରନ୍ତ ସରକାର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଲାଗି ପଦକ୍ଷେପ ନିଅନ୍ତୁ ଏବଂ ଲୋକଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଉଭୟ ଶାସକ ଏବଂ ବିରୋଧୀ ଦଳର ସଦସ୍ୟମାନେ ଶୂନ୍ୟକାଳରେ ଦାବି ଉଠାଇଥିଲେ। କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ରାଜ୍ୟରେ ଆଇନର ଶାସନ ନାହିଁ କି ଲୋକଙ୍କୁ ନ୍ୟାୟ ପ୍ରଦାନ କରାଯାଉନାହିଁ। ରାଜ୍ୟରେ ଅରାଜକତା ବ୍ୟାପିଲାଣି। ବର୍ଷ ବର୍ଷ ଧରି ମକଦ୍ଦମା ତଳକୋର୍ଟରୁ ଆରମ୍ଭକରି ହାଇକୋର୍ଟ ଯାଏ ପଡ଼ିରହିଛି। ପିଢ଼ି ପରେ ପିଢ଼ି ମାମଲା ଗଡ଼ିଚାଲିଛି। ଓକିଲମାନେ ଷ୍ଟ୍ରାଇକ୍ କରୁଛନ୍ତି। ରାଜ୍ୟରେ ଏକ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଏହା ଉପରେ ବିବୃତି ଦିଅନ୍ତୁ ଏବଂ ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ୍ ସ୍ଥାପନ ପାଇଁ କି ପଦକ୍ଷେପ ନେଇଛନ୍ତି, ତାହା ସ୍ପଷ୍ଟ କରନ୍ତୁ। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କର କୌଣସି ଆପତ୍ତି ନାହିଁ ବୋଲି କହୁଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର କହୁଛନ୍ତି ଯେ, ରାଜ୍ୟ ସରକାର ଆଇନ ଅନୁଯାୟୀ କେନ୍ଦ୍ରକୁ ଚିଠି ଲେଖୁନାହାନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଓ ଯଶୋବନ୍ତ ସିଂହଙ୍କ ରିପୋର୍ଟ ଆଧାରରେ ରାଜ୍ୟ ସରକାର କାହିଁକି ଚିଠି ଲେଖୁନାହାନ୍ତି ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। ଲୋକଦେଖାଣିଆ ଭାବେ କେବଳ ଚିଠି ଲେଖି ସରକାର ବସିପାଉଛନ୍ତି। ମୁଖ୍ୟମନ୍ତ୍ରୀ ଏ ବିଷୟରେ ଉକ୍ତ ଅଧିବେଶନ କାଳରେ ଯେକୌଣସି ଦିନ ଗୃହରେ ବିବୃତି ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ନରସିଂହ ଉଠାଇଥିବା ପ୍ରସଙ୍ଗକୁ ସମର୍ଥନ କରି କହିଥିଲେ ଯେ, ଦୀର୍ଘ ୮ ମାସ ହେଲା ତଳ କୋର୍ଟରୁ ଜିଲା କୋର୍ଟ ପର୍ଯ୍ୟନ୍ତ ବନ୍ଦ ରହିଛି। ଲୋକେ ନ୍ୟାୟ ପାଇପାରୁନାହାନ୍ତି। ଶନିବାର ରାଜ୍ୟ ସରକାର ଏ ନେଇ ଏକ କମିଟି ଗଠନ କରିଛନ୍ତି। ଆମେ ଗୃହ ବିଭାଗର ଅତିରିକ୍ତ ସଚିବଙ୍କୁ ଦେଖାକରିଥିଲୁ। ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟରେ ଏକ ସ୍ଥାୟୀ ବେଞ୍ଚ୍ ସ୍ଥାପନ କରିବାରେ ଆମର କିଛି ଆପତ୍ତି ନାହିଁ। ତେବେ ଦକ୍ଷିଣ ଓଡ଼ିଶାର ଜୟପୁରଠାରେ ସ୍ଥାୟୀ ବେଞ୍ଚ୍ ସ୍ଥାପନ କରିବାକୁ ସେ ଦାବି କରିଥିଲେ। ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସମେତ ୩ଟି କୋର୍ଟକୁ ବର୍ଜନ କରାଯାଇଥିବା ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ, କଲେଜିୟମ ଅନୁଯାୟୀ ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଆମ ରାଜ୍ୟରୁ କାହାରିଙ୍କୁ ବିଚାରପତି ଭାବେ ନିଯୁକ୍ତ କରାଯାଉନାହିଁ। ଓଡ଼ିଶାରେ ଏହାର ବ୍ୟତିକ୍ରମ ଦେଖାଦେଉଛି ବୋଲି ଓକିଲମାନେ ଦାବି କରୁଛନ୍ତି। ଏଥିଯୋଗୁ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ତୁରନ୍ତ ଆଇନ ମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଅଚଳାବସ୍ଥା ଦୂର କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଦାବି କରିଥିଲେ।

ବିଜେଡି ସଭ୍ୟ ଅନନ୍ତ ଦାସ ଉତ୍ତର ଓଡ଼ିଶାରେ ସ୍ଥାୟୀ ବେଞ୍ଚ୍ ସ୍ଥାପନ କରିବାକୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଓକିଲମାନଙ୍କ କାର୍ଯ୍ୟବନ୍ଦ ଯୋଗୁ ରାଜ୍ୟରେ ନ୍ୟାୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି ବୋଲି କହିଥିଲେ। ବିଚାରପତି ଓ ଓକିଲଙ୍କ କଳହ ଯୋଗୁ ଲୋକେ କ୍ଷତିଗ୍ରସ୍ତ ହେଉଛନ୍ତି। ଆମେ ରାଜନୀତି କରୁଛୁ। ଆମକୁ ବିପଦ ଆସିବ ବୋଲି ନ୍ୟାୟାଳୟ ବିଷୟରେ ଆମେ କିଛି କହିପାରୁନାହୁଁ। ଅଯଥାରେ ଅଚଳାବସ୍ଥା ସୃଷ୍ଟି କରାଯାଉଛି। ବରିଷ୍ଠ ଓକିଲ ନରସିଂହ ମିଶ୍ର କହିଥିଲେ ଯେ, ବାଚସ୍ପତିଙ୍କୁ ନେଇ ଏକ କମିଟି ଗଠନ କରି ସମସ୍ୟାର ସମାଧାନ କରାଯାଉ। ନ୍ୟାୟାଳୟକୁ ଅଚଳ କରିବାର ଅଧିକାର କାହାରିକୁ ଦିଆଯାଇନାହିଁ ବୋଲି ସେ କହିଥିଲେ।

TENDER CALL NOTICE

Tenders are invited from reputed civil Contractors, havin gregistration with govt. of Odisha as class B or above for construction of building. The tender document will be available at the Samarpana office up to dt-01/07/2019, and will be received up to 2pm on date 16/07/2019 during office hours and will be opened at 3.30pm on the same day,in presence of the contractor or their representatives.The name of work is "Construction of Girls Hostel at Jalespatta", which has plinth area of G.F.-15183 Sft., F.F-13211 sft. and S.F-13211 sft.

I.S.D of rupees one Lakh by cheque payable to Samarpana will have to be deposited along with tender papers. The cheque will be refunded to the unsuccessful bidders on the date of opening of the tender. The cost of the tender paper will be Rs.500/- only. The contractor should visit the site of work& examine the tender document before submitting the tender. The ISD will be forfeited if the selected bidder fails to sign the agreement on the fixed date by the office.

**Samarpana Charitable Trust**
**Viswa Hindu Parisad , Viswanath Mandir, Canal Road**
**College Chhak Cuttack, Contact No- 9437071674**

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ପୁରୁଣା କଳଙ୍କି କ୍ଷତିଗ୍ରସ୍ତ ସିଆଇ ପାଇପ ଆର୍‌ସିସି ଓଏଚ୍ ଟାଙ୍କି ବଦଳାଇବା ପାଇଁ ଟେଣ୍ଡର ବିଜ୍ଞପ୍ତି

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଆର୍-ଟି-୪୯-୧୯-୨୦ ତାରିଖ: ୨୭।୦୬।୧୯। କାର୍ଯ୍ୟ: ଫିଲ୍‌ଟର୍ ହାଉସ୍‌ରୁ ଆର୍‌ସିସି ଓଏଚ୍ ଟାଙ୍କି ନଂ.୨ ପର୍ଯ୍ୟନ୍ତ ପୁରୁଣା କଳଙ୍କି କ୍ଷତିଗ୍ରସ୍ତ ସିଆଇ ପାଇପ୍ ଲାଇନ୍ ଏବଂ ଡବ୍ଲ୍ୟୁଆର୍‌ଏସ୍ କଲୋନୀଠାରେ ଶାଖା ଓ ସର୍ଭିସ୍ ପାଇପ୍ ଲାଇନ୍‌କୁ ବଦଳାଇବା। ଟେଣ୍ଡର ମୂଲ୍ୟ: ୨,୩୬,୯୭,୮୬୨/-, ଇଏମ୍‌ଡି: ୨,୬୮,୫୦୦/-, ଟେଣ୍ଡର ଦାଖଲ: ତା।୨୫।୦୭।୨୦୧୯ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡର ଖୋଲାଯିବ: ତା।୨୫।୦୭।୨୦୧୯ରିଖ ୧୧.୦୦ ଘଟିକା। ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଭିଜନ୍ (ସିଓ.)/ରାୟପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ।

ଡିଭିଜନାଲ ଇଞ୍ଜିନିୟର (II)
ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.)ଙ୍କ ପାଇଁ
PR/R/ENGG/AP/54 ଏସ୍‌ଇସି ରେଳପଥ, ରାୟପୁର
ସ୍ୱଚ୍ଛ ଭାରତ ଅଭିଯାନ

ପୂର୍ବ ତଟ ରେଳପଥ

ଭଡ଼ା ସୂତ୍ରରେ ଗାଡ଼ି

ଫାଇଲ୍ ସଂ. DRM/Engg/KUR/19-20/E-Tender/19 ତା.25.06.2019ରିଖ

ଟେଣ୍ଡର ବିଜ୍ଞପ୍ତି ସଂ. e-Tender-HQ-KUR-107-2019, ତା.17.06.2019ରିଖ

ବିବରଣୀ : 21 (ଏକୋଇଶି) ମାସ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଟ୍ରାକ୍ / ଖୋର୍ଦ୍ଧା ରୋଡ୍‌ଙ୍କ ନିମନ୍ତେ ଗୋଟିଏ ଏବଂ 15 (ପନ୍ଦର) ମାସ ଅବଧି ନିମନ୍ତେ ସହାୟକ ମଣ୍ଡଳ ଯନ୍ତ୍ରୀ / ସେଟେଲମେଣ୍ଟ / ଖୋର୍ଦ୍ଧା ରୋଡ୍‌ଙ୍କ ନିମନ୍ତେ ଗୋଟିଏ ହିସାବରେ ପ୍ରସ୍ତାବିତ 02 ଗୋଟି ହାଲୁକା ମୋଟର ଗାଡ଼ି (ଟାଟା ସୁମୋ / ବୋଲେରୋ) ଭଡ଼ା ସୂତ୍ରରେ ନେବା।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 13.80 ଲକ୍ଷ, EMD (ଟଙ୍କାରେ) : 27,600/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 21 (ଏକୋଇଶି) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.07.2019 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-199(A)/K/19-20

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨ ଜୁଲାଇ, ୨୦୧୯



ମଙ୍ଗଳବାର ଦକ୍ଷିଣ ପାସିଫିକ୍ ଏବଂ ଦକ୍ଷିଣ ଆମେରିକାର କେତେକ ଅଞ୍ଚଳରେ ସୂର୍ଯ୍ୟୋପରାଗ ଦୃଶ୍ୟମାନ ହେବ। ତେବେ ଏହା ଭାରତକୁ ଦେଖାଯିବ ନାହିଁ। ଭାରତୀୟ ସମୟ ରାତ୍ର ୧୦ଟା ୨୫ରୁ ଏହା ଆରମ୍ଭ ହୋଇ ରାତ୍ର ୧୦ଟା ୨୯ରେ ସର୍ବମୋକ୍ଷ ହେବ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି। କିଛି ଟିଭି ଚ୍ୟାନେଲ୍ ଏହାର ସିଧା ପ୍ରସାରଣ ମଧ କରିବେ ବୋଲି କୁହାଯାଉଛି।



### ସଙ୍କଟ ଆଡ଼କୁ ମୁହାଁଉଛି କୁମାରସ୍ୱାମୀ ସରକାର

# ଦୁଇ କଂଗ୍ରେସ ବିଧାୟକଙ୍କ ଇସ୍ତଫା

ବେଙ୍ଗାଲୁରୁ, ୧୭(ଆଇଏଏନ୍ଏସ୍)



ଏଚ୍.ଡି. କୁମାରସ୍ୱାମୀ

କର୍ଣାଟକ ବିଧାନସଭାରୁ ୨ ଜଣ କଂଗ୍ରେସ ବିଧାୟକ ଇସ୍ତଫା ଦେବା ଫଳରେ ଏଚ୍.ଡି. କୁମାରସ୍ୱାମୀ ସରକାରରେ ସଙ୍କଟ ଦେଖାଦେଇଛି। ବିଦ୍ରୋହୀ ବିଧାୟକ ରମେଶ ଜରକିହୋଲି ଏବଂ ଆନନ୍ଦ ସିଂ ସୋମବାର ସେମାନଙ୍କ ଇସ୍ତଫାପତ୍ର ବାଚସ୍ପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ତାଙ୍କୁ କ୍ୟାବିନେଟରୁ ବାଦ୍ ଦେଇ କଂଗ୍ରେସ ଦଳ ତାଙ୍କ ବରିଷ୍ଠତାକୁ ଅଣଦେଖା କରିଥିବା ଜରକିହୋଲି ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ତାଙ୍କୁ ଦଳ ଏବଂ ମେଣ୍ଟ ସରକାରରେ ଅଣଦେଖା କରାଯିବାରୁ ସେ ଇସ୍ତଫା ଦେଲେ ବୋଲି କହିଛନ୍ତି। ଜରକିହୋଲି ଗୋକକ୍ ଆସନରୁ ବିଧାୟକ ଅଛନ୍ତି।

ସେହିପରି ବିଜୟନଗରର କଂଗ୍ରେସ ବିଧାୟକ ଆନନ୍ଦ ସିଂ ସୋମବାର ସକାଳେ ତାଙ୍କ ଇସ୍ତଫାପତ୍ର ବାଚସ୍ପତିଙ୍କ ପାଖକୁ ପଠାଇଥିଲେ। ତାଙ୍କ ଇସ୍ତଫା ଗୃହୀତ ହୋଇ ନ ଥିବା କୁହାଯିବାରୁ ସେ ପୁଣି ଥରେ ଇସ୍ତଫା ଦେବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ କୌଣସି ଇସ୍ତଫାପତ୍ର ପାଇ ନ ଥିବା ବାଚସ୍ପତି କହିଛନ୍ତି। ରାଜ୍ୟପାଳ ବଜୁଭାଇ ଭାଲାଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ତାଙ୍କ ଇସ୍ତଫାର କାରଣ ସମ୍ପର୍କରେ ଜଣାଇବେ ବୋଲି ଆନନ୍ଦ କହିଛନ୍ତି। ବେଲାରୀରେ ୩୬୬୭ ଏକର ଜମି ଜେଏସ୍‌ଡବ୍ଲୁ ଷ୍ଟିଲ୍ କମ୍ପାନୀକୁ ବିକ୍ରି ଲାଗି ମେଣ୍ଟ ସରକାରଙ୍କ ଯୋଜନାକୁ ବିରୋଧ କରି ଆନନ୍ଦ ଇସ୍ତଫା ଦେଇଥିବା କୁହାଯାଉଛି। କିଛିଦିନ ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ସେ ଜେଏସ୍‌ଡବ୍ଲୁ ଷ୍ଟିଲ୍‌କୁ ଜମି ବିକ୍ରିର ପ୍ରତିବାଦ କରିଥିଲେ। ଦଳ ଅପେକ୍ଷା ଜିଲ୍ଲା ସ୍ୱାର୍ଥର ସୁରକ୍ଷା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଆନନ୍ଦ ଭାଜପାରେ ଯୋଗଦେଇପାରନ୍ତି ବୋଲି ଅନୁମାନ କରାଯାଉଛି। ଗତବର୍ଷ କଂଗ୍ରେସ ଦଳରେ ମତଭେଦ ଚରମ ସୀମାରେ ପହଞ୍ଚିଥିବାବେଳେ ଆନନ୍ଦ କୁଆଡେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନଥିଲା। ଗତ ଜାନୁୟାରୀରେ ବେଙ୍ଗାଲୁରୁ ଉପକଣ୍ଠର ଏକ ରିସୋର୍ଟରେ ତାଙ୍କର ଅନ୍ୟତମ କଂଗ୍ରେସ ବିଧାୟକ ଜେ.ଏନ୍. ଗଣେଶଙ୍କ ସହ ଧସ୍ତାଧସ୍ତି ହୋଇଥିଲା ଏବଂ ସେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। କଂଗ୍ରେସର ଆଉ ୬ ବିଧାୟକ ଦଳ ବିରୋଧରେ ବିଦ୍ରୋହ ଯୋଜନା କରୁଥିବା ଖବର ପ୍ରକାଶ ପାଇଛି।

ଜଣକ ପରେ ଜଣେ କଂଗ୍ରେସ ବିଧାୟକଙ୍କ ଇସ୍ତଫା ରାଜ୍ୟର ମେଣ୍ଟ ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଅନ୍ୟପକ୍ଷରେ ନ୍ୟୁଜର୍ସିରେ କାଳଭୈରବେଶ୍ୱର ମନ୍ଦିରର ଶିଳାନ୍ୟାସ ପାଇଁ ଆମେରିକା ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ରାଜ୍ୟରେ ଘଟୁଥିବା ସବୁ ଘଟଣା ସମ୍ପର୍କରେ ଜାଣିଥିବା ଟୁଇଟ୍ କରିଛନ୍ତି। ଏଥିପାଇଁ ସେ ଭାଜପାକୁ ଦାୟୀ କରିଛନ୍ତି। ସରକାରରେ ଅସ୍ଥିରତା ସୃଷ୍ଟି ଲାଗି ଗୈରିକ ଦଳ ଦିବାସ୍ୱପ୍ନ ଦେଖୁଥିବା ସେ କହିଛନ୍ତି। ତେବେ ମେଣ୍ଟ ସରକାରରେ ଅସ୍ଥିରତା ସୃଷ୍ଟି ଅଭିଯୋଗକୁ ପୂର୍ବରୁ ଅସ୍ୱୀକାର କରିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ଭାଜପା ସଭାପତି ବି.ଏସ୍.ୟେଦ୍ୟୁରପ୍ପା କଂଗ୍ରେସରୁ ଅଧିକ ବିଧାୟକ ଇସ୍ତଫା ଦେବେ ବୋଲି ପୂର୍ବାନୁମାନ କରିଛନ୍ତି। ମେଣ୍ଟକୁ ନେଇ ୨୦ ବିଧାୟକ ଅସନ୍ତୁଷ୍ଟ ରହିଛନ୍ତି। ଆଗକୁ କ'ଣ ହେଉଛି ଦେଖିବାକୁ ଅପେକ୍ଷା କରିବୁ ବୋଲି ସେ କହିଛନ୍ତି। ଦୁଇ ବିଧାୟକଙ୍କ ଇସ୍ତଫା ପରେ ରାଜ୍ୟ ବିଧାନସଭାରେ ଭାଜପାର ୧୦୪ ବିଧାୟକ ଥିବାବେଳେ କଂଗ୍ରେସର ୭୮ ଓ ଜେଡିଏସ୍‌ର ୩୭ ବିଧାୟକ ରହିଛନ୍ତି। ଜଣେ ବିଏସ୍‌ପି ଏବଂ ଜଣେ ସ୍ୱାଧୀନ ବିଧାୟକ ମେଣ୍ଟ ସରକାରକୁ ସମର୍ଥନ ଦେଉଛନ୍ତି।

## ଚିଟ୍‌ଫଣ୍ଡ ଦୁର୍ନୀତି: ୨୨ ସ୍ଥାନରେ ସିବିଆଇ ଚଢ଼ାଉ

ନୂଆଦିଲ୍ଲୀ, ୧୭ (ପି.ଟି.)

ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାକୁ ନେଇ ପଶ୍ଚିମବଙ୍ଗର ୨୨ଟି ସ୍ଥାନରେ ସୋମବାର ସିବିଆଇ ପକ୍ଷରୁ ଚଢାଉ କରାଯାଇଛି। ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ନ୍ୟୁ ଲ୍ୟାଣ୍ଡ ଆଗ୍ରୋ ଇଣ୍ଡଷ୍ଟ୍ରିଜ୍‌ର ପ୍ରମୋଟର୍ସ ଓ ଡିରେକ୍ଟର୍ସଙ୍କ ବାସଭବନ ଉପରେ ଚଢାଉ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି କମ୍ପାନୀ ବିରୋଧରେ ୨୦୧୭ ମେ ମାସରେ ମାମଲା ରୁଜୁ କରାଯାଇଥିଲା। ଚିଟ୍‌ଫଣ୍ଡ ମାମଲାରେ ସମ୍ପୃକ୍ତ ଥିବା ସମସ୍ତ କମ୍ପାନୀ ବିରୋଧରେ ତଦନ୍ତ କରିବା ଲାଗି ଏସଆଇଟିକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୨୫୦ ଏଜେଣ୍ଟ ୨୫୦ କୋଟି ଟଙ୍କା ଜମା ଦେଇଥିବାବେଳେ ଏହି ଟଙ୍କାକୁ ପ୍ରମୋଟର୍ସ ଓ ଡିରେକ୍ଟର୍ସ ଠକି ନେଇଥିବା ଅଭିଯୋଗ ହୋଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁରୁ ଘର ଖାଇ**
**ପାଣ୍ଡବ ଘର ଚିନ୍ତା କରଇ ।**

ସ୍ୱାର୍ଥୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ଯେକୌଣସି ସ୍ତରକୁ ଖସିଯାଇପାରନ୍ତି, ଦରକାର ପଡ଼ିଲେ ନିଜ ଲୋକଙ୍କୁ ମଧ ପର କରି ଦେଇପାରନ୍ତି। ନିଜର ଲାଭ ବା ଉନ୍ନତି ପାଇଁ ଉପକାରୀ ବ୍ୟକ୍ତି ପ୍ରତି ଛଳ କରିବାକୁ କେବେ ପଶ୍ଚାତପଦ୍ ହୋଇ ନ ଥାନ୍ତି। ଜଣଙ୍କର ଖାଇ ଅନ୍ୟ ଜଣଙ୍କର ଗୁଣଗାନ କରିବା ତଥା ତାଙ୍କ ଭଲମନ୍ଦ ପାଇଁ ଚିନ୍ତାପ୍ରକଟ କରିବା ବେଇମାନି ଅର୍ଥରେଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କିଣିଲି ଯେତେ ବିକିଲି ସେତେ**
**ଘରକୁ ଫେରିଲି ଶୁଖିଲା ହାତେ ।**

ଜୀବନର ଏହା ହିଁ ଏକ ଧାରା। ଲାଭ ବା କ୍ଷତି କାହାକୁ ନ ଛୁଇଁ ଜୀବନ ତା' ବାଟରେ ଗଡ଼ିଚାଲେ। ଜୀବନ ଏକ ହାଟ ସଉଦା। ହାଟ ସରିଗଲେ ଯେଝା ବାଟରେ ଯିଏ ଚାଲିଗଲା ପରି ଶେଷରେ କିଛି ନ ନେଇ ଜୀବନ ପରପାରିକୁ ଚାଲିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## 'ସୂର୍ଯ୍ୟବଂଶୀ'ରେ ଅକ୍ଷୟଙ୍କ ଷ୍ଟଣ୍ଟ୍

**ମୁମ୍ବାଇ:** ଆକ୍ସନ ପାଇଁ ବଲିଉଡରେ ପ୍ରସିଦ୍ଧି ଅର୍ଜନ କରିବା ସହିତ ଦର୍ଶକଙ୍କ ପ୍ରଶଂସାଭାଜନ ହୋଇପାରିଛି ବୋଲି ବଲିଉଡ ଅଭିନେତା ଅକ୍ଷୟ କୁମାର ପ୍ରକାଶ କରିଛନ୍ତି। ୫୧ ବର୍ଷୀୟ ଏହି କଳାକାର ୧୯୯୧ରେ 'ସୌଗନ୍ଧ'ରୁ କ୍ୟାରିୟର ଆରମ୍ଭ କରିଥିଲେ। ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଆକ୍ସନ୍ ଷ୍ଟାରଙ୍କ ମଧ୍ୟରୁ ଅକ୍ଷୟ କୁମାର ଅନ୍ୟତମ। 'ଖିଲାଡି' ସିରିଜ୍‌ରେ ତାଙ୍କ ଭିନ୍ନ ରୁଚିର କଳାର ପରିଚୟ ମିଳିଥାଏ। 'ଖିଲାଡି', 'ମେଁ ଖିଲାଡି ତୁ ଅନାଡି', 'ସବ୍‌ସେ ବଡା ଖିଲାଡି', 'ଖିଲାଡିଓଁ କା ଖିଲାଡି', 'ଇଣ୍ଟରନ୍ୟାଶନାଲ ଖିଲାଡି', 'ଖିଲାଡି ୪୨୦' ଏବଂ 'ଖିଲାଡି ୭୮୬' ଆଦି ସିରିଜରେ ଅକ୍ଷୟଙ୍କ କଳାତ୍ମକ ପ୍ରଦର୍ଶନର ପରିଚୟ ଦେଖିବାକୁ ମିଳେ।



ଅକ୍ଷୟ ବର୍ତ୍ତମାନ ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ 'ସୂର୍ଯ୍ୟବଂଶୀ'ରେ ଅଭିନୟ କରୁଛନ୍ତି। ଏଥିରେ କିଛି ଷ୍ଟଣ୍ଟ କରିଥିବାର ଭିଡିଓ ସେ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଦୀର୍ଘ ୯ ବର୍ଷର ବ୍ୟବଧାନ ପରେ ଅକ୍ଷୟ ତାଙ୍କର ଦୀର୍ଘ ଦିନର ସହଯୋଗୀ କାଟ୍ରିନା କୈଫ୍‌ଙ୍କ ସହିତ 'ସୂର୍ଯ୍ୟବଂଶୀ'ରେ ଏକତ୍ର ହେବାର ସୁଯୋଗ ପାଇଛନ୍ତି। ଏହି ଫିଲ୍ମ ୨୦୨୦ ମାର୍ଚ୍ଚ ୨୭ରେ ରିଲିଜ ହେବାର ଅଛି।

## ପିଓକେକୁ ଲୋକ ସଭା ଆସନ ଘୋଷଣା ଆବେଦନ ଖାରଜ

ନୂଆଦିଲ୍ଲୀ, ୧୭(ପି.ଟି.)

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଏବଂ ଗିଲ୍‌ଗିଟକୁ ଲୋକ ସଭା ଆସନ ଭାବେ ଘୋଷଣା କରିବା ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏଭଳି ଆବେଦନ କରିଥିବା ପୂର୍ବତନ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ର) ଅଧିକାରୀଙ୍କ ଉପରେ ଅଦାଲତ ୫୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ପୂର୍ବତନ ଗୋଇନ୍ଦା ଅଧିକାରୀ ରାମ କୁମାର ଯାଦବଙ୍କ ଜନସ୍ୱାର୍ଥ ମାମଲା ଶୁଣାଣି ଯୋଗ୍ୟ ନୁହେଁ କହି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏହାକୁ ଖାରଜ କରିଦେଇଥିଲେ। ଏହା କ'ଣ ଜନସ୍ୱାର୍ଥ ମାମଲା କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

## ଭାରତୀୟ ଶିଖ୍‌ଙ୍କ ପାଇଁ ଖୋଲିଲା ପାକିସ୍ତାନ ଗୁରୁଦ୍ୱାର

ଲାହୋର, ୧୭(ପି.ଟି.)

ପାକିସ୍ତାନର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ସିଆଲକୋଟରେ ୫୦୦ବର୍ଷର ଏକ ପୁରାତନ ବବେ-ଦେ-ବର ଗୁରୁଦ୍ୱାର ଭାରତୀୟ ଶିଖ୍ ତୀର୍ଥଯାତ୍ରୀଙ୍କ ପାଇଁ ଉନ୍ମୁକ୍ତ ହୋଇଛି। ପୂର୍ବରୁ ଭାରତୀୟମାନଙ୍କୁ ଏହି ଗୁରୁଦ୍ୱାରକୁ ପ୍ରବେଶ ଲାଗି ଅନୁମତି ମିଳୁ ନ ଥିଲା। ଏଠାରୁ ପାଖାପାଖି ୧୪୦କିଲୋମିଟର ଦୂରସ୍ଥ ସିଆଲକୋଟ ସିଟିରେ ଗୁରୁଦ୍ୱାର ଅବସ୍ଥିତ। ପଞ୍ଜାବରେ ଥିବା ଧର୍ମପୀଠଗୁଡ଼ିକୁ ଅନେକ ଦେଶର ଶିଖ୍‌ମାନେ ପରିଦର୍ଶନରେ ଆସିଥାଆନ୍ତି। ପାକିସ୍ତାନ, ୟୁରୋପ, କାନାଡା ଏବଂ ଆମେରିକାର ତୀର୍ଥଯାତ୍ରୀଙ୍କୁ ଗୁରୁଦ୍ୱାର ପରିଦର୍ଶନ ପାଇଁ ଅନୁମତି ମିଳେ। ପଞ୍ଜାବ ରାଜ୍ୟପାଳ ମହମ୍ମଦ ସରୱାର ଭାରତୀୟ ଶିଖଯାତ୍ରୀମାନଙ୍କୁ ବିଦେଶୀ ପର୍ଯ୍ୟଟକଙ୍କ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଔକଫ୍ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଭାରତୀୟମାନେ ସିଆଲକୋଟ ଗୁରୁଦ୍ୱାରକୁ ପରିଦର୍ଶନ କରିବାର ସୁଯୋଗ ପାଇବେ। ପ୍ରତିବର୍ଷ ହଜାର ହଜାର ଭାରତୀୟ ଶିଖ୍ ଭକ୍ତ ଗୁରୁ ନାନକଙ୍କ ଜନ୍ମ ଓ ଶ୍ରାଦ୍ଧ ବାର୍ଷିକୀରେ ପାକିସ୍ତାନ ଗସ୍ତ କରିଥାଆନ୍ତି। ଗୁରୁ ନାନକ ହେଉଛନ୍ତି ଶିଖ୍ ଧର୍ମର ପ୍ରତିଷ୍ଠାତା ତଥା ପ୍ରଥମ ଗୁରୁ। ଶିଖ୍ ପରମ୍ପରା ଅନୁଯାୟୀ, ଗୁରୁ ନାନକ ଷୋଡଶ ଶତାବ୍ଦୀରେ କଶ୍ମୀରରୁ ଆସି ସିଆଲକୋଟଠାରେ ପହଞ୍ଚିଥିଲେ। ସେ ଏକ ବେରି ବୃକ୍ଷମୂଳରେ ଆଶ୍ରୟ ନେଇଥିଲେ। ସର୍ଦ୍ଦାର ନାଥ ସିଂ ସେଠାରେ ନାନକଙ୍କ ସ୍ମୃତି ବହନ କରୁଥିବା ଏକ ଗୁରୁଦ୍ୱାର ନିର୍ମାଣ କରିଥିଲେ।

## ପଶ୍ଚିମବଙ୍ଗ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ୍

ନୂଆଦିଲ୍ଲୀ, ୧୭(ପି.ଟି.)

ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଜାମିନରେ ମୁକ୍ତ କରିବାରେ ବିଳମ୍ବକୁ ନେଇ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ସରକାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବ୍ୟଙ୍ଗଚିତ୍ର ସୋସିଆଲ ମିଡିଆରେ ପୋଷ୍ଟିଂ କରିବା ଅଭିଯୋଗରେ ଭାଜପା ଯୁବମୋର୍ଚ୍ଚା ନେତ୍ରୀ ପ୍ରିୟଙ୍କା ଶର୍ମାଙ୍କୁ ଗତ ମାସରେ ଗିରଫ କରାଯାଇଥିଲା। ତାଙ୍କୁ ଜାମିନରେ ଛାଡିବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗୋଟିଏ ଦିନ ବିଳମ୍ବରେ ଛଡାଯାଇଥିଲା। ଏହାକୁ ଅଦାଲତ ଅବମାନନା ଦର୍ଶାଇ ସୁପ୍ରିମକୋର୍ଟରେ ମାମଲା ଦାଏର ହୋଇଥିଲା। ମେ ୧୦ରେ ପଶ୍ଚିମବଙ୍ଗ ପୋଲିସ ଆଇପିସିର ଧାରା ୫୦୦ (ମାନହାନି) ଅନୁଯାୟୀ ପ୍ରିୟଙ୍କାଙ୍କୁ ଗିରଫ କରିଥିଲେ। ତାଙ୍କୁ ତୁରନ୍ତ ମୁକ୍ତ କରିବା ଲାଗି ୧୪ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

[ଇତିହାସର ଆଇନାରେ]

## ଜୁଲାଇ ୨ର ପ୍ରମୁଖ ଘଟଣା

୧୯୪୦ ଜୁଲାଇ ୨ରେ ଭାରତର ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷଙ୍କୁ କୋଲକାତାରେ ଗିରଫ କରାଯାଇଥିଲା। ୧୮୯୭ ଜାନୁୟାରୀ ୨୩ରେ ଜନ୍ମିତ ସୁଭାଷ ଭାରତର ଜଣେ ଜାତୀୟତାବାଦୀ ନେତା ଥିଲେ। ତାଙ୍କର ପ୍ରଗାଢ଼ ଦେଶପ୍ରେମ ତାଙ୍କୁ ଭାରତର ବୀର ନାୟକର ପରିଚୟ ଦେଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାଙ୍କର ବିୟୋଗ ଏବେ ବି ରହସ୍ୟଜନକ ହୋଇ ରହିଛି।

୨୦୧୩ ଜୁଲାଇ ୨ରେ ଇଣ୍ଡୋନେସିଆରେ ଭୂକମ୍ପ ଯୋଗୁ ୪୨ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୪୨୦ ଆହତ ହୋଇଥିଲେ। ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ ହୋଇଥିବା ଏହି ଭୂକମ୍ପର ତୀବ୍ରତା ଥିଲା ୬.୧। ସୁମାତ୍ରାର ଉତ୍ତରଭାଗରେ ହୋଇଥିବା ଭୂକମ୍ପରେ ପାଖାପାଖି ୪,୩୦୦ ବାସଗୃହ ଭାଙ୍ଗିରୁଜି ଯାଇଥିଲା।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

DHANLAXMI FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-25 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନ ରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
9078839971

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ କିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873

See Color Display Classified on every Tuesday & Friday

ASTROLOGY

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ୱେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର।
9719339390

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ରାଜ୍ୟରେ ୨୮୫୧ ଡାକ୍ତର ପଦବୀ ଖାଲି

ଭୁବନେଶ୍ୱର, ୧୭(ବ୍ୟୁରୋ)- ରାଜ୍ୟରେ ବର୍ତ୍ତମାନ ୨୮୫୧ ଡାକ୍ତର ପଦବୀ ଖାଲି ପଡ଼ିଛି। ଏଥିମଧ୍ୟରୁ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୧୯୯ଟି ପଦବୀ ରହିଛି। ସେହିଭଳି ଗଞ୍ଜାମରେ ୧୮୯ ଡାକ୍ତର ପଦବୀ ଖାଲି ପଡ଼ିଥିବାବେଳେ ସୁନ୍ଦରଗଡରେ ୧୫୭, କଳାହାଣ୍ଡି ଓ ବାଲେଶ୍ୱରରେ ୧୩୨, କୋରାପୁଟରେ ୧୧୨, କେନ୍ଦୁଝରରେ ୧୧୦, ବରଗଡ଼ର ୧୦୫, ଢେଙ୍କାନାଳରେ ୧୦୩, ବଲାଙ୍ଗୀରରେ ୧୦୨, ନବରଙ୍ଗପୁରରେ ୯୯, ପୁରୀ ଓ ଭଦ୍ରକରେ ୯୮, ଅନୁଗୋଳରେ ୯୭ଟି ଡାକ୍ତର ପଦବୀ ଖାଲି ରହିଛି। ତେବେ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ସବୁଠାରୁ କମ୍ ୨୧ଟି ଡାକ୍ତର ପଦବୀ ଖାଲି ଥିବାବେଳେ ରାଉରକେଲା ଆରଜିଏଚ୍‌ରେ ୩୮ଟି ପଦବୀ ଖାଲି ରହିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ବିଧାନସଭାରେ ବିଜେଡି ବିଧାୟକ ଭୂପିନ୍ଦର ସିଂହଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଉତ୍ତର ଦେଇ କହିଛନ୍ତି ଯେ, ଖାଲି ଥିବା ପଦବୀଗୁଡ଼ିକୁ ଲୋକ ସେବା ଆୟୋଗ ଦ୍ୱାରା ଚୟନ, ବିଭାଗୀୟ ପଦୋନ୍ନତି, ଆଉହକ ନିଯୁକ୍ତି ତଥା ଚୁକ୍ତି ଭିତ୍ତିକ ନିଯୁକ୍ତି ଦ୍ୱାରା ପୂରଣ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି।

### ପ୍ରଦୀପ୍ତ, ଭେନୁଗୋପାଳଙ୍କୁ ମୁଖ୍ୟ ଶାସନ ସଚିବ ପାହ୍ୟା

ଭୁବନେଶ୍ୱର,୧୭(ବ୍ୟୁରୋ)- ରାଜ୍ୟରେ କାର୍ଯ୍ୟରତ ୧୯୮୮ ବ୍ୟାଚ୍‌ର ଦୁଇଜଣ ଆଇଏଏସ୍ ଅଫିସର ପ୍ରଦୀପ୍ତ ମହାପାତ୍ର ଏବଂ ସି.ଜେ. ଭେନୁଗୋପାଳ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ସେମାନେ ନିଜ ପୂର୍ବ ଦାୟିତ୍ୱର କାର୍ଯ୍ୟ ଜାରି ରଖିବେ। ପଦୋନ୍ନତି ହୋଇଥିବାରୁ ଏହି ଦୁଇ ପ୍ରଶାସନିକ ଅଧିକାରୀ ଲେଭଲ-୧୭ ଅନୁଯାୟୀ ସରକାରଙ୍କଠାରୁ ଦରମା ପାଇବେ।

# ଆହୁରି ଦୁଇଦିନ ବର୍ଷିବ

ଭୁବନେଶ୍ୱର, ୧୭(ବ୍ୟୁରୋ)

ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି। ରବିବାରଠାରୁ ଆରମ୍ଭ ହୋଇଥିବା ବର୍ଷା କେତେବେଳେ ଛେଚୁଛି ତ' ଆଉ କେତେବେଳେ ଝିପିଝିପି ହେଉଛି। ସୋମବାର ସୁଦ୍ଧା ଓଡ଼ିଶାର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଅଞ୍ଚଳ ସବୁଠି ବର୍ଷା ଲାଗି ରହିଛି। ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଇତିମଧ୍ୟରେ ୱେଲ୍‌ମାର୍କ ଲୋ ପ୍ରେସରର ରୂପ ନେଇସାରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅବପାତର ରୂପ ନେବ। ଫଳରେ ୩ ତାରିଖ ଯାଏ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବ। ତେବେ ଉତ୍ତର ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ମଙ୍ଗଳବାର ପାଇଁ ଭାରତୀୟ ପାଣିପାଗ ବିଭାଗ ୧୨ ଜିଲାକୁ ଏଲୋ ୱାର୍ନିଂ ଜାରି କରିଛି। ଉକ୍ତ ଜିଲାଗୁଡ଼ିକ ହେଲା ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ବରଗଡ଼, ନୂଆପଡ଼ା, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ। ବର୍ଷା ସମୟରେ ୪୦ ରୁ ୫୦ କିଲୋମିଟର ବେଗରେ ପବନ ବୋହିବ। ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି। ଅନ୍ୟପକ୍ଷରେ ଉପରମୁଣ୍ଡ ଓ ତଳମୁଣ୍ଡରେ ବର୍ଷା ହେବା ଯୋଗୁ ନଦୀର ଜଳସ୍ତର ବଢ଼ିବାର ସମ୍ଭାବନା ରହିଛି। ସମ୍ଭାବ୍ୟ ବନ୍ୟା ଓ ଜଳବନ୍ଦୀ ସ୍ଥିତିର ମୁକାବିଲା ଲାଗି ରାଜ୍ୟ ସରକାର ସମସ୍ତ ଜିଲାପାଳଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ରାଜଧାନୀରେ ସୋମବାର ହୋଇଥିବା ବର୍ଷାର ଦୃଶ୍ୟ।

- ୧୨ ଜିଲାକୁ ଏଲୋ ୱାର୍ନିଂ
- ଚାନ୍ଦବାଲିରେ ସର୍ବାଧିକ ୬୭ ମିମି ବର୍ଷା
- ଜୁନ୍‌ରେ ବର୍ଷା ପରିମାଣ ୩୧ ପ୍ରତିଶତ କମ୍

ଅନ୍ୟପକ୍ଷରେ ସୋମବାର ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଚାନ୍ଦବାଲିରେ ସର୍ବାଧିକ ୬୭ ମିଲି ମିଟର (ମିମି) ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିଭଳି ବାଲେଶ୍ୱରରେ ୪୫ମିମି, ପାରାଦୀପରେ ୨୨ମିମି, କଟକରେ ୨୧.୨ମିମି, ସୁନ୍ଦରଗଡ଼ ଓ ମାଲକାନଗିରିରେ ୧୪ମିମି, କେନ୍ଦୁଝରରେ ୧୨ମିମି, ଭୁବନେଶ୍ୱର ୧୦.୩ମିମି, ଅନୁଗୋଳ ଓ ବାରିପଦାରେ ୧୦ମିମି, ଝାରସୁଗୁଡ଼ା ୯ମିମି, ସମ୍ବଲପୁର ୭ମିମି, ତାଳଚେରରେ ୬ମିମି, ଫୁଲବାଣୀରେ ୨.୨ମିମି, ଗୋପାଳପୁର ଓ ସୋନପୁରରେ ୨ମିମି ଓ ପୁରୀରେ ୦.୧ମିମି ବର୍ଷା ହୋଇଛି। ଚଳିତ ବର୍ଷ ଜୁନ୍ ମାସରେ ଯେତିକି ବର୍ଷା ହେବା କଥା ସେତିକି ହୋଇନାହିଁ। ୩୧ ପ୍ରତିଶତ କମ୍ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂତ୍ରରୁ ଜଣାପଡିଛି। ବିଳମ୍ବରେ ମୌସୁମୀ ଆସିବା ଓ ଆରମ୍ଭରୁ ବର୍ଷା ନ ହେବା ଯୋଗୁ ଲୋକେ ଗରମ ଓ ଗୁଳୁଗୁଳିରେ ଛଟପଟ ହେଉଥିଲେ। ଏବେ ବର୍ଷା ଯୋଗୁ ସେଥିରୁ ଆଶ୍ୱସ୍ତି ମିଳିଥିଲେ ମଧ୍ୟ ବର୍ଷା ଲାଗି ରହିବା ଫଳରେ ସାଧାରଣ ଜନଜୀବନ ପ୍ରଭାବିତ ହୋଇଛି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

■ ଯାଜପୁର ଜିଲା ବିକାଶର ଓଲଟା ଚିତ୍ର

# ୧୩୩ ଗ୍ରାମକୁ ସଡ଼କ ନାହିଁ

ଯାଜପୁର ଅଫିସ,୧୭

ନିର୍ବାଚିତ ପ୍ରତିନିଧିମାନେ ଯାଜପୁରକୁ ବିକଶିତ ଜିଲା ବୋଲି ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଜିଲାର ମୋଟ ୧୭୮୧ ଗ୍ରାମ ମଧ୍ୟରୁ ୧୩୩ଟିକୁ ଅଦ୍ୟାବଧି ସଡ଼କ ସଂଯୋଗ ହୋଇ ନାହିଁ। କେନ୍ଦୁଝର ବିଧାୟକ ମୋହନଚରଣ ମାଝୀଙ୍କ ଦ୍ୱାରା ଉତ୍ଥାପିତ ବିଧାନସଭା ପ୍ରଶ୍ନସଂଖ୍ୟା ୧୯୬ (ତାରକା ଚିହ୍ନିତ) ଉତ୍ତରରେ ଏହା ଜଣାପଡ଼ିଛି।

ଯେଉଁ ଅଞ୍ଚଳର ଗମନାଗମନ ଯେତେ ସୁଦୃଢ଼ ସେହି ଅଞ୍ଚଳ ସେତେ ଉନ୍ନତ ବୋଲି ବିଶ୍ୱାସ ରହିଛି। କିନ୍ତୁ ଦୁର୍ବଳ ନେତୃତ୍ୱ ତଥା ଠିକାଦାରି ରାଜନୀତି ବିକାଶ ଧାରାକୁ ପଛରେ ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ବିରୋଧୀ ଦଳର ପ୍ରଭାବ ନଗଣ୍ୟ ଥିବାରୁ ଜିଲାର ବିକାଶ ଗତାନୁଗତିକ ଭାବେ ଚାଲିଛି, ଯାହାର ଉଦାହରଣ ନଗଡ଼ା ଚିତ୍ରରୁ ସ୍ପଷ୍ଟ ବାରି ହେଉଛି। କେବଳ ନଗଡା ନୁହେଁ, ଜିଲାର ୧୩୩ଟି ଗ୍ରାମକୁ ଅଦ୍ୟାବଧି ସଡକ ସଂଯୋଗ ନ ହେବା ଦୁର୍ଭାଗ୍ୟଜନକ। ସୁକିନ୍ଦା ବ୍ଲକ ପଲାସଖୋଲି, ଧରମାସାହି, ସଂସାଇଲୋ ପଞ୍ଚାୟତର ଡୁବିଖାଲ, ସୁକିନ୍ଦାଗଡ ପଞ୍ଚାୟତର ପୁରୁଣାପାଣି ପ୍ରଭୃତି ଗ୍ରାମକୁ ରାସ୍ତା ନ ଥିବା ଜଣାପଡିଛି। ସେହିପରି ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ତାରକା ଚିହ୍ନିତ ପ୍ରଶ୍ନସଂଖ୍ୟା-୨୦୪ ଉତ୍ତରରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୬୧.୫୦ କି.ମି. ଓ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା-୨ରେ ୭୪.୫୨୩ କି.ମି. ସଡ଼କ ନିର୍ମାଣ କରିବାକୁ ଦର୍ଶାଯାଇଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ୫ ବର୍ଷ ଅବଧି ପୂର୍ଣ୍ଣ କରାଯାଇଥିବା ସମୁଦାୟ ୪୫୪.୪୭ କି.ମି. ପରିମିତ ରାସ୍ତା ମଧ୍ୟରୁ ସମ୍ପ୍ରତି ୯୮.୮୫ କି.ମି. ରାସ୍ତା ଅବସ୍ଥା ଠିକ୍ ନାହିଁ ଏବଂ ଏହି ରାସ୍ତାର ମରାମତି ନିମନ୍ତେ ଉପରିସ୍ଥ ଅଧିକାରୀଙ୍କୁ ପ୍ରସ୍ତାବ ଦିଆଯାଇଛି ବୋଲି ଉତ୍ତରରେ କୁହାଯାଇଛି। ତେବେ ଗ୍ରାମ୍ୟ ନିର୍ମାଣ ବିଭାଜନ ଜାରକା ଡିଭିଜନ୍‌ରେ ସମସ୍ତ ଗ୍ରାମକୁ ସଡ଼କ ନିର୍ମାଣ ହୋଇଛି ବୋଲି ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀ ବିଧାନସଭା ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି। ନିର୍ବାଚିତ ପ୍ରତିନିଧିମାନେ ନିଜ ଅଞ୍ଚଳର ବିକାଶ ହେଉଛି ବୋଲି ଦର୍ଶାଉଥିଲେ ହେଁ ଏହି ବିଧାନସଭା ପ୍ରଶ୍ନର ଉତ୍ତରରେ କେତେ ବିକାଶ ହୋଇଛି ତାହା ସ୍ପଷ୍ଟ ପରିଲକ୍ଷିତ ହୋଇଛି। ତେବେ ସଡ଼କ ନ ଥିବା ଗ୍ରାମକୁ ୨୦୧୯-୨୦ ସୁଦ୍ଧା ସଂଯୋଗୀକରଣ କରାଯିବାର ଯୋଜନା ରହିଛି ଏବଂ ଏଥିପାଇଁ ୪୮୨.୭୦ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣା ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

## ଶହୀଦଙ୍କ ପରିବାରକୁ ମିଳିଲା ସହାୟତା

ଭୁବନେଶ୍ୱର, ୧୭(ବ୍ୟୁରୋ)

ଶହୀଦ ମନୋଜ କୁମାର ବେହେରା ଏବଂ ପ୍ରସନ୍ନ କୁମାର ସାହୁଙ୍କ ପରିବାରକୁ ସୋମବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଆର୍ଥିକ ସହାୟତା ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସହାୟତା ପରିମାଣର ଚେକ୍ ଦୁଇ ଶହୀଦଙ୍କ ପରିବାରକୁ ପ୍ରଦାନ କରିଛନ୍ତି। ଖରିଆର ରୋଡ ବରିଷ୍ଠ ନାଗରିକ ସଂଘ ଏବଂ ମୁମ୍ବାଇ ରୋଟାରୀ କ୍ଲବ ପକ୍ଷରୁ ସହାୟତା ମିଳିଛି। ଏହାସହ ନୂଆପଡା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମଧ୍ୟ ଏହି ଦୁଇ ଶହୀଦଙ୍କ ପରିବାରକୁ ସହାୟତା ପ୍ରଦାନ କରିଛନ୍ତି। ଅନ୍ୟପଟେ ଶହୀଦଙ୍କୁ ସହାୟତା ଦେଇଥିବା ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

# 'ବାତ୍ୟା ଘରଭଙ୍ଗା ସର୍ଭେରେ ଜାଲିଆତି ହୋଇଛି'

ଭୁବନେଶ୍ୱର,୧୭(ବ୍ୟୁରୋ)

**ମୁଲତବୀ ଆଲୋଚନା**
- ପୁଣିଥରେ ସର୍ଭେ କରାଯିବ: ମନ୍ତ୍ରୀ
- ଗରିବଙ୍କ କାମ କର, ନଚେତ ଆନ୍ଦୋଳନ ହେବ: କଂଗ୍ରେସ

ଗତ ମେ' ୩ ତାରିଖରେ ହୋଇଥିବା ବାତ୍ୟା ଫନୀକୁ ନେଇ ବିଧାନସଭାରେ ବିରୋଧୀ ଶାସକ ଦଳକୁ ହଲାପଟ । କରିଛନ୍ତି। ପୁରୀ ଜିଲାର ବହୁ ବାତ୍ୟା ବିପନ୍ନଙ୍କ ଘରକୁ ବିଦ୍ୟୁତ୍ ପହଞ୍ଚି ପାରିଲାନାହିଁ। ଲୋକମାନଙ୍କ ଧନୀସମ୍ପତି ଉଜୁଡ଼ିଯାଇଛି। ଏ ପର୍ଯ୍ୟନ୍ତ ଲୋକମାନେ ଘରଭଙ୍ଗା ଟଙ୍କା ପାଇଲେ ନାହିଁ। ଘରଭଙ୍ଗା ସର୍ଭେରେ ଜାଲିଆତି ହୋଇଛି। ଆର୍‌ଆଇମାନେ ଭୁବନେଶ୍ୱରରେ ବଡ଼ ବଡ଼ ବିଲ୍‌ଡରଙ୍କର କାମ କରୁଛନ୍ତି, ଗାଁ ଗହଳିକୁ ଯାଉନାହାନ୍ତି। ତୁରନ୍ତ ଗରିବ ଲୋକଙ୍କ ପାଇଁ କାମ କର, ନଚେତ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ବିରୋଧୀ ଦଳ ଚେତାଇ ଦେଇଛନ୍ତି। ସୋମବାର ବିଧାନସଭାରେ ଭାଜପା ପକ୍ଷରୁ 'ବାତ୍ୟା ଫନୀର ପୁନରୁଦ୍ଧାର ଓ ଥଇଥାନ କରିବାରେ ଓଡ଼ିଶା ସରକାର ବିଫଳ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଗତ କରାଯାଇଥିଲା।

ମୁଲତବୀ ପ୍ରସ୍ତାବ ଆଲୋଚନା ଆରମ୍ଭ କରି ଭାଜପା ସଭ୍ୟ ବିଷ୍ଣୁଚରଣ ସେଠୀ କହିଲେ, ହୁଡ୍‌ହୁଡ୍, ତିତ୍‌ଲିଠାରୁ ଫନୀ ଅଧିକ ପ୍ରଭାବଶାଳୀ ହୋଇଛି। ସରକାର କିଛି କଲେ ନାହିଁ। ରାଜ୍ୟ ସରକାର ୧୫ ଲକ୍ଷ ଲୋକଙ୍କୁ ଆଶ୍ରୟସ୍ଥଳରେ ରଖିଲେ। କେଉଁଠି ରଖିଲେ, ଏହାର ତଦନ୍ତ ହେବା ଦରକାର। ପୁନରୁଦ୍ଧାର ଓ ଥଇଥାନ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ସେ କହିଛନ୍ତି।

କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ସରକାରଙ୍କୁ ସମାଲୋଚନା କରି କହିଲେ, ଫନୀରେ ୧୪ ଜିଲା ଅବସ୍ଥା ଶୋଚନୀୟ। ପୁରୀ ଅବସ୍ଥା ସାଂଘାତିକ। ଗରିବଙ୍କ ଘର ଭାଙ୍ଗିଛି, ଏପର୍ଯ୍ୟନ୍ତ ରିପୋର୍ଟ ହୋଇନି। ଆର୍‌ଆଇ, ଅମିନମାନେ ବିଲ୍‌ଡର କାମ କରୁଛନ୍ତି। ଘରଭଙ୍ଗା ସର୍ଭେ ହୋଇପାରୁ ନାହିଁ। ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଉ ଯେ ତୁରନ୍ତ ଗରିବ ଲୋକଙ୍କ ଘରଭଙ୍ଗା ତଦନ୍ତ କରନ୍ତୁ। ବର୍ଷା ପରେ ଅବସ୍ଥା ସାଂଘାତିକ। ଡ୍ରେନ୍ ବ୍ୟବସ୍ଥା ଫେଲ୍। ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ଏ ସବୁର ପୁନରୁଦ୍ଧାର କିପରି ହେବ ତା'ର ବ୍ୟବସ୍ଥା କରିବା ଦରକାର। ଆନ୍ଧ୍ର, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣାରୁ ଗହମ, ମାଛ, ଅଣ୍ଡା, ପନିପରିବା, ଡାଲି ଆସୁଛି ଆମେ ଖାଉଛୁ। ଆମକୁ ଲଜ୍ଜା ଲାଗିବା କଥା। ରାଜ୍ୟରେ କି ବିକାଶ ହୋଇଛି। ଗରିବଙ୍କ କାମ କର, ନଚେତ୍ ଆନ୍ଦୋଳନ ହେବ ବୋଲି ସେ କହିଥିଲେ।

ଭାଜପା ସଭ୍ୟ ଜୟନ୍ତ ଷଡ଼ଙ୍ଗୀ କହିଲେ, ଯାହାର ରାଶନ କାର୍ଡ ନାହିଁ ସେମାନେ ସହାୟତା ପାଇଲେ ନାହିଁ। ଘରଭଙ୍ଗା ତାଲିକା ତ୍ରୁଟିପୂର୍ଣ୍ଣ ରହିଛି, ଯାହାର ଘର ଭାଙ୍ଗିନି ତାଙ୍କର ନାମ ଅଛି। ଆଉଥରେ ଏହାର ତଦନ୍ତ କରାଯାଉ। ୨ ମାସ ପରେ ବି ଲୋକଙ୍କ ଅବସ୍ଥା ସୁଧୁରି ନାହିଁ। ପଲିଥିନ ଟାଙ୍ଗି ଆଜି ବି ବନ୍ଧବାଡ଼ରେ ଲୋକେ ଅଛନ୍ତି। ବିଦ୍ୟୁତ୍ ଏବେ ବି ନାହିଁ। ଘରଭଙ୍ଗା ତଦନ୍ତରେ ସ୍ୱଚ୍ଛତା ରହୁ। ପୁରୀକୁ ବିଶେଷ ଭାବେ ଦୃଷ୍ଟି ଦେବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

କଂଗ୍ରେସ ସଭ୍ୟ ମହମ୍ମଦ ମୋକିମ୍ କହିଛନ୍ତି ଯେ, ଘରଭଙ୍ଗା ରିପୋର୍ଟରେ ସ୍ୱଚ୍ଛତା ନାହିଁ। ତାଲିକାରେ ଗୋଟିଏ ପରିବାରର ୨/୩ ଜଣଙ୍କ ନାମ ରହିଛି। କଟକ ସହରରେ ଅବସ୍ଥା ଏବେ ବି ଶୋଚନୀୟ। ବିଦ୍ୟୁତ୍ ଅବସ୍ଥା ଠିକ୍ ନାହିଁ। ସହରରେ ଗଛ ଲଗାଇବା ବ୍ୟବସ୍ଥା ହୋଇନାହିଁ। କଟକ ଓ ଏହା ଆଖପାଖ ଅଞ୍ଚଳରେ ଏପର୍ଯ୍ୟନ୍ତ ଆର୍‌ଆଇ ପହଞ୍ଚିନାହାନ୍ତି ବୋଲି ସେ କହିଥିଲେ। ମୁଲତବୀ ପ୍ରସ୍ତାବକୁ ବିରୋଧ କରି ବିଜେଡି ସଭ୍ୟ ପ୍ରଦୀପ ମହାରଥୀ, ଉମାକାନ୍ତ ସାମନ୍ତରାୟ, ରାଜେନ୍ଦ୍ର ସାହୁ ପ୍ରମୁଖ ଫନୀ ପୂର୍ବରୁ ଓ ପରେ ରାଜ୍ୟ ସରକାର କିକି କାମ କରିଛନ୍ତି ସେସବୁର ଅବତାରଣା କରିବା ସହ ଦେଶ ବିଦେଶରେ ଓଡ଼ିଶାର ପ୍ରଶଂସା ହେଉଥିବା ଦର୍ଶାଇଥିଲେ। ମୁଲତବୀ ଆଲୋଚନାର ଉତ୍ତରରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଥିଲେ ଯେ, ୯୧୭୬ ବାତ୍ୟା ଆଶ୍ରୟସ୍ଥଳୀ, ସରକାରୀ କୋଠା ଓ ସ୍କୁଲଗୃହକୁ ୧୫ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଫନୀରେ ୬୪ ଜଣଙ୍କର ମୃତ୍ୟୁ ହୋଇଛି। ଯେଉଁଠି ଘରଭଙ୍ଗା ତଦନ୍ତରେ ସମସ୍ୟା ରହିଛି, ସେଠାରେ ପୁଣି ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯିବ। ଏଥିସହିତ ମନ୍ତ୍ରୀ ଫନୀ ଲାଗି ସରକାର କି ପଦକ୍ଷେପ ନେଇଥିଲେ ସେନେଇ ୫ ପୃଷ୍ଠାର ଉତ୍ତର ପଢ଼ି ଶୁଣାଇଥିଲେ।

# ୮ ଜିଲାରେ ସୁନାର ସନ୍ଧାନ

ଭୁବନେଶ୍ୱର,୧୭(ବ୍ୟୁରୋ)

ରାଜ୍ୟର ୮ଟି ଜିଲାରେ ସୁନାର ସନ୍ଧାନ ମିଳିଛି। ଭାରତୀୟ ଭୂତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଦିଆଯାଇଥିବା ସୂଚନାକୁ ଆଧାରକରି ରାଜ୍ୟ ସରକାର ଏହି ତଥ୍ୟ ସୋମବାର ବିଧାନସଭାରେ ରଖିଛନ୍ତି। ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ଯେ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଅନୁଗୋଳ ଏବଂ ବୌଦ୍ଧରେ ସୁନା ଥିବାର ସୂଚନା ମିଳିଛି।

କେନ୍ଦୁଝର ଜିଲାର ସଲେଇକଣା, ଡିମିରିମୁଣ୍ଡା, କାରଡଙ୍ଗା, ଗୋପୁର, ଗଜାଇପୁର, କୁଶକଲା ଏବଂ ଅଦଲାରେ ସୁନାର ସନ୍ଧାନ ମିଳିଛି। ମୟୂରଭଞ୍ଜର ଯଶୀପୁର, ସୁରେଇଗୁଡା, ରୁଆସିଁ, ଇଡେଲାକୁଚ, ମରେଦିହି, ସୁରେଇପାଟ ପର୍ବତ ଏବଂ ବାଦାମ ପାହାଡ଼ରେ ସୁନା ଥିବା କୁହାଯାଇଛି। ସୁନ୍ଦରଗଡ଼ର ଦିଗଝରଣ, ମାଳଦିହି, ଗୋଗର ଏବଂ ଗିରିଙ୍ଗାକେଲାରେ ସୁନାର ସନ୍ଧାନ ମିଳିଛି। ନବରଙ୍ଗପୁରର କାରକା, କୋରାପୁଟର ରଙ୍ଗପାଟଣା, ଗରିଆ, ଦଶମନ୍ତପୁର, କୋଲାରୁ ଅଞ୍ଚଳ ଏବଂ କୋଲାବ ନଦୀର ତଟବର୍ତ୍ତୀ ଅଞ୍ଚଳରୁ ସୁନାର ସନ୍ଧାନ ମିଳିଛି। ମାଲକାନଗିରିର ସୁନାପଦର, କ୍ୟାଙ୍ଗ୍ ଏବଂ ଗୋବିନ୍ଦପାଲି, ଅନୁଗୋଳର ଟିକିରା, ସାମକୋଇର ଉପତ୍ୟକା ଏବଂ ବୌଦ୍ଧ ଜିଲାର ମହାନଦୀ ଉପତ୍ୟକାରେ ସୁନାର ସନ୍ଧାନ କରାଯାଇଥିବା ଜଣାପଡିଛି। ସର୍ଭେ ସମୟରେ ଜଣାପଡ଼ିଛି ଯେ, ବ୍ୟାପକ ଅଞ୍ଚଳରେ କ୍ଷୁଦ୍ର ସୁନାଖଣି ରହିଥିବାରୁ ସେଥିରୁ ଏହି ହଳଦିଆ ବସ୍ତୁ ଉତ୍ତୋଳନ କରିବା ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ହେବନାହିଁ। ତେଣୁ ସରକାର ଏଯାଏ ସୁନାଖଣି ଖୋଳିବା ନେଇ କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ମନ୍ତ୍ରୀ ମଲ୍ଲିକ କହିଛନ୍ତି।

## ଟ୍ରକ୍‌କୁ ପିଟିଲା ଆମ୍ବୁଲାନ୍ସ, ୨ ମୃତ

ଜଳେଶ୍ୱର, ୧୭(ଡି.ଏନ.ଏ.)

ଜଳେଶ୍ୱର ଥାନା ଅଧୀନ ୬୦ ନଂ. ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଟ୍ରକ ପଛପଟେ ଆମ୍ବୁଲାନ୍ସ ପିଟି ହୋଇଯିବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ଆଉ ୪ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ପଶ୍ଚିମବଙ୍ଗ ରାଜ୍ୟ ବାଙ୍କୁଡ଼ା ଜିଲା ବିଷ୍ଣୁପୁର ଥାନା ବେଲିଆଡ଼ି ଗ୍ରାମର ସେକ୍ ବଦରୁଲ (୪୮) ଓ ସେକ୍ ଆଇନାଲ(୪୫)। ଏମାନେ ସମ୍ପର୍କରେ ୨ ଭାଇ ବୋଲି ଜଣାପଡ଼ିଛି।

ସୋମବାର ଭୋରରେ ଏହି ଆମ୍ବୁଲାନ୍ସ (ଡବ୍ଲ୍ୟୁବି୬୭ବି-୩୫୧୩) ରୋଗୀ ନେଇ ଦ୍ରୁତବେଗରେ କଟକ ଯାଉଥିଲା। ଚାଳକ ରାସ୍ତାକଡରେ ଥିବା ଟ୍ରକକୁ ହଠାତ୍ ଦେଖି ନ ପାରି ଆମ୍ବୁଲାନ୍ସକୁ ସେଥିରେ ପିଟି ଦେଇଥିଲେ।

# ଶାସକ ଦଳକୁ ବିଷ୍ଣୁ, ସୁରେଶଙ୍କ ସମାଲୋଚନା

ଭୁବନେଶ୍ୱର,୧୭(ବ୍ୟୁରୋ)

**ବଜେଟ ଆଲୋଚନା**

ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିସାରିଛନ୍ତି। ଏହା ଉପରେ ସୋମବାରଠାରୁ ବିଧାନସଭାରେ ଆଲୋଚନା ଆରମ୍ଭ ହୋଇଛି। ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ବିଭିନ୍ନ ସ୍ଥାୟୀ କମିଟି ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ନାମ ଘୋଷଣା ପରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ବିତର୍କ ଆରମ୍ଭ କରିଥିଲେ। ବିଷ୍ଣୁ କହିଥିଲେ, ରାଜ୍ୟ ସରକାର ବଜେଟ ପାଇଁ କେନ୍ଦ୍ର ଉପରେ ନିର୍ଭରଶୀଳ। ଆଗତ ବଜେଟ ପୂର୍ଣ୍ଣରୂପେ କେନ୍ଦ୍ର ଆଧାରିତ। ରାଜ୍ୟର ବିଭିନ୍ନ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରେୟ ନେଉଛନ୍ତି। ତେଣୁ ଅସଫଳତାର ଶ୍ରେୟ ବି ତାଙ୍କୁ ଯାଇଥାଏ। ନିଜସ୍ୱ ସମ୍ବଳରୁ ବଜେଟ୍‌ରେ ବିଶେଷ କିଛି କରାଯାଇନାହିଁ। ରାଜ୍ୟରେ ଏବେ ବି ବିଭିନ୍ନ ମଣ୍ଡିରେ ଧାନ ପଡି ଗଜା ହେଲାଣି। ରାଜ୍ୟର ଋଣଭାର ବୃଦ୍ଧି ପାଇବାରେ ଲାଗିଥିବା ସେଠୀ କହିଥିଲେ। ବରିଷ୍ଠ ବିଜେଡି ନେତା ଅମର ଶତପଥୀ ରାଜ୍ୟକୁ ବିଭିନ୍ନ କ୍ଷେତ୍ରରେ କେନ୍ଦ୍ର ଅବିଚାର କରୁଥିବା କଥା କହିଥିଲେ। ଅମରଙ୍କ ପରେ ବିଧାୟକ ପ୍ରଫୁଲ୍ଲ ମଲ୍ଲିକ ବଜେଟକୁ ସମର୍ଥନ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉଲ୍ଲେଖ କରିଥିଲେ। କଂଗ୍ରେସ ସଭ୍ୟ ସୁରେଶ ରାଉତରାୟ ବଜେଟକୁ ବିରୋଧ କରି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। କଥାଛଳରେ ବିଜେଡି ଓ ଭାଜପା ମଧ୍ୟରେ ଥିବା ରାଜନୈତିକ ବୁଝାମଣାକୁ ସମାଲୋଚନା କରିଥିଲେ। ସୁରେଶ କହିଥିଲେ ଯେ, ବିଜେଡି ଡରି ଭାଜପାକୁ ଗୋଟେ ରାଜ୍ୟ ସଭା ସିଟ୍ ଦେଇଛି। ମହାପ୍ରଭୁ କାଳିଆଙ୍କ ନାଁରେ ଯୋଜନା କରାଯାଇଛି। ରାଜ୍ୟ ସରକାର ସମଗ୍ର ଚାଷୀକୁଳକୁ ଅପମାନ କରିଛନ୍ତି। ଯୋଜନାକୁ ସ୍ୱର୍ଗତ ବିଜୁବାବୁ କିମ୍ବା ଅନ୍ୟ କାହା ନାଁରେ କରାଯାଇ ପାରିଥାଆନ୍ତା ବୋଲି ସୁରେଶ କହିଥିଲେ।

ଶାସକ ସଭ୍ୟ ସୁବାସ ଚନ୍ଦ୍ର ବେହେରା ବଜେଟରେ ପ୍ରାଥମିକ ଶିକ୍ଷା ଓ ଉଚ୍ଚ ଶିକ୍ଷା ବାବଦକୁ ଅଧିକ ବ୍ୟୟବରାଦ ହୋଇଥିଲେ ଭଲ ହୋଇ ଥାଆନ୍ତା ବୋଲି ମତ ରଖିଥିଲେ। ଭାଜପା ପକ୍ଷରୁ ଶଙ୍କର ଓରମା ଏକାଧିକ ବିଭାଗରେ ରାଜ୍ୟ ସରକାରଙ୍କ ଦୁର୍ବଳତା ଦର୍ଶାଇ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ଶାସକ ସଭ୍ୟ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଅନନ୍ତ ଦାସ ଏବଂ ଅରବିନ୍ଦ ଢାଲି ବଜେଟକୁ ସମର୍ଥନ କରି ବିତର୍କ କରିଥିଲେ। ଅରବିନ୍ଦଙ୍କ ବକ୍ତବ୍ୟ ଚାଲିଥିବା ସମୟରେ ଆଲୋଚନାକୁ ଅସମ୍ପୂର୍ଣ୍ଣ ବୋଲି ଘୋଷଣା କରି ଗୃହକୁ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ଯାଏ ମୁଲତବୀ ଘୋଷଣା କରାଯାଇଥିଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୮ | ୨୪.୧ |
| ଚାନ୍ଦବାଲି | ୨୭.୮ | ୨୫.୦ |
| କଟକ | ୨୬.୮ | ୨୩.୦ |
| ପାରାଦ୍ୱୀପ | ୨୬.୫ | ୨୫.୫ |
| ଭୁବନେଶ୍ୱର | ୨୬.୮ | ୨୪.୯ |
| ଗୋପାଳପୁର | ୩୦.୬ | ୨୬.୪ |
| ପୁରୀ | ୩୦.୨ | ୨୫.୦ |
| ଅନୁଗୋଳ | ୨୮.୧ | ୨୧.୦ |
| ବାରିପଦା | ୩୦.୦ | ୨୬.୦ |
| ଝାରସୁଗୁଡ଼ା | ୨୯.୮ | ୨୫.୬ |
| କେନ୍ଦୁଝର | ୨୬.୨ | ୨୩.୭ |
| ସମ୍ବଲପୁର | ୩୦.୦ | ୨୫.୬ |
| ସୁନ୍ଦରଗଡ଼ | ୩୫.୦ | ୧୯.୦ |
| ହୀରାକୁଦ | ୩୦.୧ | ୨୫.୮ |
| ତାଳଚେର | ୩୦.୧ | ୨୫.୩ |
| ଭବାନୀପାଟଣା | ୩୩.୮ | ୨୬.୫ |
| ବଲାଙ୍ଗୀର | ୩୦.୫ | ୨୫.୦ |
| କୋରାପୁଟ | ୨୪.୬ | ୧୯.୦ |
| ଫୁଲବାଣୀ | ୨୬.୪ | ୨୫.୩ |
| ଟିଟିଲାଗଡ଼ | ୩୧.୫ | ୨୩.୦ |
| ମାଲକାନଗିରି | ୨୮.୫ | ୨୦.୨ |
| ସୋନପୁର | ୨୯.୨ | ୨୨.୦ |
| ଦାରିଙ୍ଗିବାଡ଼ି | ୨୪.୫ | ୨୦.୦ |

ଡିଗ୍ରୀ ସେଲ୍‌ସିୟସ୍

# ଗ୍ରିଭାନ୍ସ ସେଲକୁ ଧସେଇ ପଶିଲେ ଚାଷୀ

ନୂଆପଡ଼ା ଅଫିସ,୧୭

- ଜିଲାପାଳଙ୍କ ଅଫିସ ଘେରାଉ
- ଧାନ ରଖି ଆନ୍ଦୋଳନ ଚେତାବନୀ

ସୋମବାର ନୂଆପଡ଼ା ଚାଷୀମାନଙ୍କ ଉଗ୍ରରୂପ ପ୍ରଶାସନ ଦେଖିଛି। ଧାନ କିଣା ଅନିୟମିତାକୁ ବିରୋଧ କରି ଚାଷୀମାନେ ଜିଲାପାଳଙ୍କ ଅଫିସ ଘେରାଉ କରିବା ସହିତ ଗ୍ରିଭାନ୍ସ ସେଲକୁ ଧସେଇ ପଶିଥିଲେ। ସେମାନେ ଏ ନେଇ ଘଣ୍ଟାଏ ଧରି ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମଙ୍ଗଳବାର ସୁଦ୍ଧା ଧାନ କିଣା ନ ଗଲେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାନ ରଖି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ରାଜ୍ୟ ସରକାର ନୂଆପଡ଼ା ଜିଲାରୁ ଧାନ କିଣା ଜୁନ ୩୦ ତାରିଖରେ ଶେଷ ହେବ ବୋଲି ଘୋଷଣା କରିଥିଲେ। ସେହିଦିନ ସୁଦ୍ଧା ବଣ୍ଟନ କରାଯାଇଥିବା ଟୋକନରୁ ଧାନ ଉଠାଣ ପାଇଁ ସିଦ୍ଧାନ୍ତ ନିଆଯାଇଥିଲା। ଟୋକନ ମିଳିଥିଲେ ହେଁ ଚାଷୀଙ୍କ ହଜାର ହଜାର ବସ୍ତା ଧାନ ବିକ୍ରି ନ ହୋଇ ପଡିରହିଛି। ସେପଟେ ଛତିଶଗଡ଼ରୁ ଧାନ ଆସି ମିଲର୍ସଙ୍କ ଗୋଦାମରେ ଗଦା ହୋଇଛି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ। ଧାନ ବିକ୍ରି ନ ହେବା ଯାଏଁ ସେମାନେ ଅଭିଯୋଗ ଶୁଣାଣି ଶିବିରରେ ରହିବେ ବୋଲି ଅଡି ବସିଥିଲେ। ପରେ ପୋଲିସ ଉପସ୍ଥିତିରେ ଚାଷୀମାନଙ୍କ ତରଫରୁ ପ୍ରସନ୍ନ କୁମାର ପାଢୀ, ଚତୁର୍ଭୁଜ ଶର୍ମା, ରବୀନ୍ଦ୍ର ମଙ୍ଗରାଜ, ହୋମ ସିଂ ମାଝି ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ, ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ, ଜିଲା ଯୋଗାଣ ବିଭାଗ ଅଧିକାରୀ ଅଶୋକ ଦାସ, ଏଏସ୍‌ପି ସୁନୀଲ କୁମାର ଆଚାର୍ଯ୍ୟ, ଏସ୍‌ଡିପିଓ ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ଦାବିଗୁଡିକ ଉପରେ ଆଲୋଚନା କରିଥିଲେ। ମିଲର୍ସଙ୍କ ଗୋଦାମର ତନଖୀ କରାଯିବା, ଟୋକନ ଥିବା ଚାଷୀଙ୍କ ଧାନକୁ ତୁରନ୍ତ କିଣାଯିବାକୁ ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସେହିପରି ଜିଲାର ଧାନ କିଣା ଟାର୍ଗେଟକୁ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କୁ ଜଣାଇଛୁ। ସରକାର ସମୟ ସୀମା ବୃଦ୍ଧି କଲେ ସବୁ ଧାନ କିଣାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଥିଲେ। ଏସବୁ ପ୍ରତିଶ୍ରୁତି ପରେ ଚାଷୀମାନେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ସୁଦ୍ଧା ଧାନ କିଣା ନ ଗଲେ ହଜାର ହଜାର ବସ୍ତା ଧାନ ଆଣି ଜିଲାପାଳଙ୍କ କାର୍ଯ୍ୟାଳୟରେ ରଖି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଗ୍ରିଭାନ୍ସ ସେଲ ଭିତରକୁ ପଶି ଚାଷୀମାନେ ଦାବି ଜଣାଉଛନ୍ତି।

# ନବଯୌବନ ଲୀଳାରୁ ପାବନ ମଣିଷ



## ଐତିହ୍ୟ ପୃଷ୍ଠାରୁ...

ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରତିବର୍ଷ ଅଣସର ଲୀଳା ପରେ ନବଯୌବନ ରୂପରେ ଦର୍ଶନ ଦିଅନ୍ତି। ଶ୍ରୀଜଗନ୍ନାଥ ଧାମ ବ୍ୟତୀତ ବର୍ଷକୁ ଥରେ ନିଶ୍ଚିତ ଭାବରେ ନବଯୌବନ ରୂପରେ ଦର୍ଶନ ଦେବା ପରମ୍ପରା ଅନ୍ୟତ୍ର ପ୍ରଚଳିତ ନାହିଁ। ତେବେ ଶ୍ରୀଜଗନ୍ନାଥଙ୍କ ଉପାସନାରେ ପ୍ରତ୍ୟେକ ଲୀଳାର ଏକ ସାମାଜିକ ବାର୍ତ୍ତା ରହିଥିବା ପରି, ନବଯୌବନ ଲୀଳା ପଛରେ ମଧ୍ୟ ସାମାଜିକ ବାର୍ତ୍ତା ରହିଅଛି। ଏହି ବାର୍ତ୍ତା ଖୁବ୍ ରହସ୍ୟମୟ।

ଯଉବନ ଶବ୍ଦ ପ୍ରଥମେ ଅଥର୍ବ ବେଦ (୧୮/୪/୫୦)ରେ ବ୍ୟବହୃତ ହୋଇଅଛି। ମଣିଷ ଜନ୍ମର ୧୬ବର୍ଷରୁ ୭୦ବର୍ଷ ପର୍ଯ୍ୟନ୍ତ ଯଉବନ କାଳ ବୋଲି ବହୁ ପ୍ରାଚୀନ ଆଲୋଚକ ଏକମତ ହୋଇଛନ୍ତି। ଧର୍ମଶାସ୍ତ୍ରରେ କୁହାଯାଇଛି ମଣିଷର ୧୬ବର୍ଷ ପୂର୍ବର ସମୟ ହେଉଛି ବାଲ-ଅବସ୍ଥାନ। ଯାହାକୁ ସଂସ୍କୃତରେ କୁହାଯାଏ ବାଲ୍ୟକାଳ। ବାଲ୍ୟକାଳର ଶେଷ ୪ ବର୍ଷକୁ ବହୁ ଆଲୋଚକ କିଶୋର-କାଳ ବୋଲି ମତ ଦେଇଛନ୍ତି। ୧୬ ବର୍ଷ ପରର କାଳକୁ ତରୁଣ କାଳ ମଧ୍ୟ କୁହାଯାଇଥାଏ। ୭୦ ବର୍ଷ ପରେ ମଣିଷର ବୃଦ୍ଧ କାଳ ବୋଲି ବିଚାର କରାଯାଏ।

ଯଉବନ କାଳରେ ମଣିଷ ଶରୀରରେ କେତେକ ବିଚାରଗତ ପରିବର୍ତ୍ତନ ହୁଏ। ଯାକୁ ସେ ସମୟର ଲକ୍ଷଣ ବୋଲି ସେହି କାଳକୁ ପାରି ହୋଇସାରିଥିବା ଆମେ ସଭିଏଁ ଅନୁଭବ କରୁଛେ। ସେ ସମୟରେ ଦେଖିବାର କଳାଟି ଭାରି ସରାଗପୂର୍ଣ୍ଣ ହୁଏ। ପୁରୀ ଭାଷାରେ ସରାଗିଆ ଚାହାଣି ବୋଲି କୁହାଯାଏ। ପୁରୁଷଟିଏ ହୋଇଥିଲେ ସ୍ୱାଭାବିକ ପ୍ରକୃତି (ନାରୀ) ସହିତ ମିଶିବାକୁ ଅନ୍ତରର କେଉଁ ଅନ୍ଧାରିଆ କୋଣରେ ଇଚ୍ଛାଟିଏ ଉଙ୍କି ମାରେ। ପ୍ରକୃତି ହୋଇଥିଲେ ସେହିପରି ପୁରୁଷ ପ୍ରତି ସୃଷ୍ଟି ହୁଏ। ଉପଭୋଗର ଏକ ମୃଗତୃଷ୍ଣା ନିଛାଟିଆ ବେଳାରେ ବାଦଲ ଭଳି ମନ ଆକାଶରେ ଭାସିଯାଏ। ଖାଲି ସେତିକି ନୁହେଁ, ବଡ଼ବଡ଼ିଆମାନେ ମଣିଷର ଇନ୍ଦ୍ରିୟକୁ ହରିଣ ସହିତ ତୁଳନା କରିଛନ୍ତି। ସେହି ହରିଣଟି କେମିତି ଏକ ଲଗାମହୀନ ଭାବରେ ନିଜ ଇଚ୍ଛାରେ ସମ୍ରାଟ ହୋଇଯାଏ, ନିଜ ଭିତରେ ସେ ନିଜେ ଏକାଙ୍ଗ ଚକ୍ରବର୍ତ୍ତୀର ଭାବନାରେ ବୁଡ଼ିରୁହେ, ଯାକୁ ମହାଜନମାନେ ଭାରତୀୟ ଧାରାରେ ମୋହ ବୋଲି କହିଛନ୍ତି। ତାରୁଣ୍ୟର ମୋହ। ଏଇ ମୋହ ସାମାଜିକ ତଥା ପାରିବାରିକ ବନ୍ଧନ ଭିତରେ ଦିଗହୀନର ରୂପ ସହଜରେ ନେଇପାରେ ନାହିଁ। ଯଦି ଦୁଇଟି ଯାକ ବନ୍ଧନ ହୁଗୁଳା ଥାଏ, ତେବେ ଏହି ମୋହ ଦିଗଭାଙ୍ଗି କୂଳ ଲଙ୍ଘନ କରେ। ଜୀବନ ନଦୀରେ ଘାଇ ସୃଷ୍ଟି କରିଦିଏ। ଯାର ପ୍ରାଚୀନ ଉଦାହରଣଟିଏ ଦେଇଛନ୍ତି ମହାକବି ବାଣଭଟ୍ଟ। କାଦମ୍ବରୀ ଗଦ୍ୟ କାବ୍ୟରେ ଚନ୍ଦ୍ରାପୀରଙ୍କ ପ୍ରତି ଶୁପନାଶଙ୍କର ଉପଦେଶ ତାହାର ଜ୍ୱଳନ୍ତ ଉଦାହରଣ।

ବାସ୍ତବରେ ଯଉବନର ଲକ୍ଷଣ ହେଲା ଲାବଣ୍ୟ। ଏଇ ଲାବଣ୍ୟ ହିଁ ଆମର କାମ୍ୟ। ଲାବଣ୍ୟର ଉପାସକ ହେବା ସାଧନାର କଥା। ଲାବଣ୍ୟର ମୋହରେ ଆକାଶ କୁସୁମ ତୋଳିବାର ନକାରାତ୍ମକ ପ୍ରଚେଷ୍ଟା ମୂଳରୁ ଜୀବନଧାରାକୁ ବିଗିଡ଼େଇ ଦିଏ। ଦିନେ ବିଗିଡ଼େଇ ଦେଇଥିଲା ସଂସ୍କୃତ ମହାଭାରତ କାଳରେ ଉତ୍ତରାପଥର ଏକ ଯାତ୍ରୀ ବିଶେଷକୁ। ଯଉବନ କାଳରେ ଯଉବନ ପାପ କରିବାରୁ ସେମାନେ ପରିଚିତ ହୋଇଥିଲେ ଯବନ ଭାବରେ। ଏଠି ପାପର ବିଚାର ହୋଇଥିଲା ନିଷିଦ୍ଧ ଜନନେନ୍ଦ୍ରିୟ ସହିତ ସମ୍ପର୍କ ରଖିବା।

ବାସ୍ତବରେ ମହାପ୍ରଭୁଙ୍କ ନବଯୌବନ ଲୀଳା ଏକ ଲାବଣ୍ୟମୟ ଲୀଳା। ଦେଖିଲେ ମନ ଭରିଯାଏ। ପାଟିରୁ ବାହାରିଆସେ ଆ ହା! କି ଦିବ୍ୟରୂପ ଦର୍ଶନ ହେଲା। ଏଇ ଦିବ୍ୟ ଦର୍ଶନ ହିଁ ଉପଭୋଗର ମୃଗତୃଷ୍ଣାରୁ ମନକୁ ଅଜାଣତରେ ବାରଣ କରିନିଏ। ମୋହ ମୁକ୍ତ କରିଦିଏ ଚିତ୍ତକୁ। ବିପଥଗାମୀ ଇଚ୍ଛାକୁ ବାହୁଡ଼େଇ ଆଣେ। ଜୀବନ ନଦୀରେ ଆଉ ଘାଇ ସୃଷ୍ଟି ହୁଏ ନାହିଁ। ମଣିଷ ଯବନରେ ପରିଣତ ନ ହୋଇ ପାବନରେ ପରିଣତ ହୁଏ।

**- ଡ. ସୁରେନ୍ଦ୍ର କୁମାର ମିଶ୍ର**

ରଥଖଳାରୁ...



# ରଥକୁ ଉଠିଲା ଦୁଆର ବେଢ଼ା



◄ ରଥରେ ଦୁଆରବେଢ଼ା ଲଗାଯାଉଛି।

**ପୁରୀ ଅଫିସ,୧୭**

ଆଉ ଦୁଇଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ରଥଖଳାରେ ଦ୍ରୁତଗତିରେ ଚାଲିଛି ରଥ କାମ। ସୋମବାର ତିନିରଥର ଦୁଇଟି ଲେଖାଏ ଦୁଆର ବେଢ଼ା ଉଠିଛି। ମଙ୍ଗଳବାର ଆଉ ଦୁଇଟି ଦୁଆର ବେଢ଼ା ଉଠିବା ପରେ ଧ୍ୱଜବତା ଉଠିବ। ଏହାପରେ କଳସ ଉଠିବ। ଅନ୍ୟପଟେ କଳସ ନିର୍ମାଣ ଓ ରଙ୍ଗ କାର୍ଯ୍ୟ ଜାରି ରହିଛି। ରଥରେ ପଟା ବାଡ଼ିଆ କରାଯାଉଛି। ଚିତ୍ରକର ସେବକମାନେ ପାର୍ଶ୍ୱଦେବଦେବୀ, ଠେକରାବଡ଼ା ଆଦି ରଙ୍ଗ କରୁଛନ୍ତି। ତାଳଧ୍ୱଜ ରଥର ମୁଖ୍ୟ ରୂପକାର ଗଣେଶ ମହାପାତ୍ର କହିଛନ୍ତି, ନାଟଗୋଡ଼ ଓ ସିଂହାସନ କାମ ଶେଷ ହୋଇଛି। ଏବେ ସାରଥି ଓ ଘୋଡ଼ା ମରାମତି କାମ ଆରମ୍ଭ ହୋଇଛି। ତାଳଧ୍ୱଜ ରଥର ଏକ ଘୋଡ଼ା ଗୋଡ଼ ଭାଙ୍ଗିଯାଇଛି। ଏହାର ମରାମତି କରାଯିବ। ଦୋଳବେଦୀ କୋଣରେ କମାର ସେବକମାନେ କଣ୍ଟା ତିଆରିରେ ଲାଗିଛନ୍ତି।

# ତିନିରଥର ଶୋଭା ବଢ଼ାଏ ୯୬ ପିତ୍ତଳ ସାମଗ୍ରୀ

**ପୁରୀ ଅଫିସ,୧୭**

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ମହାପ୍ରଭୁଙ୍କ ସେବାରେ ୧୧୯ ପ୍ରକାର ସେବକ ଅଛନ୍ତି। ହେଲେ ଏଥିମଧ୍ୟରୁ ଅନେକ ସେବା ପ୍ରାୟ ବନ୍ଦ ହୋଇଯାଇଛି। କିନ୍ତୁ ଏମିତି ଏକ ପରିବାର ଅଛି, ସେମାନେ ଶ୍ରୀମନ୍ଦିରର ସେବକ ନ ହେଲେ ବି ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ପାଇଛନ୍ତି। ରଥଯାତ୍ରା ଆସିଲେ ଏହି ପରିବାରକୁ ଖୋଜାପଡ଼େ। ସିଦ୍ଧ ମହାବୀର ଅଞ୍ଚଳ ଯାଗେଶ୍ୱରୀ ଲେନ୍‌ର ସାଗର ସାହୁଙ୍କ ପରିବାର ବର୍ଷକୁ ମାତ୍ର ୧୫ଦିନ ଦାରୁବିଗ୍ରହଙ୍କ ସେବାରେ ନିଜକୁ ସମର୍ପି ଦିଅନ୍ତି। ତିନିରଥର ଶୋଭାବର୍ଦ୍ଧନ କରୁଥିବା ପିତ୍ତଳ ସାମଗ୍ରୀକୁ ମାଜି ଚକ୍ ଚକ୍ କରନ୍ତି। ଦୀର୍ଘବର୍ଷ ହେଲା ଏହି ସେବା କରିଆସୁଛନ୍ତି ସାଗରଙ୍କ ପରିବାର। ପୂର୍ବରୁ ତାଙ୍କ ବାପା ଏହି କାର୍ଯ୍ୟ କରୁଥିଲେ। ଏବେ ସେ ଦାୟିତ୍ୱ ସମ୍ଭାଳୁଥିବାବେଳେ ପ୍ରଥମକରି ଚଳିତବର୍ଷ ପୁଅ ଦେବାଶିଷ(୨୦)ଙ୍କୁ ଏଥିରେ ସାମିଲ କରିଛନ୍ତି। ବଡଦାଣ୍ଡରେ ରଥ ଗଡୁଥିବାବେଳେ ଶ୍ରଦ୍ଧାଳୁଙ୍କ ନଜର ପଡ଼େ ରଥକନା ଉପରେ ଲାଗିଥିବା ମାଛ, ଯୋଡ଼ିହଂସ, ମଗରମୁଣ୍ଡ, ସଖୀ, କଦଳୀ ଗଛ ଓ ରାହୁମୁଣ୍ଡ ଉପରେ। ଏସବୁ କାରୁକାର୍ଯ୍ୟ ସାମଗ୍ରୀ ପିତ୍ତଳରେ ନିର୍ମିତ। ଏଗୁଡ଼ିକୁ ସାଗରଙ୍କ ପରିବାର ସଫା ଓ ମରାମତି କରିଥାନ୍ତି।

ଏ ସମ୍ପର୍କରେ ସାଗର କୁହନ୍ତି, ବୃତ୍ତିରେ ଆମେ କଂସାରୀ। ରଥରେ ଲାଗୁଥିବା ପିତ୍ତଳ ସାମଗ୍ରୀକୁ ପ୍ରତିବର୍ଷ ସଫା ଓ ଆବଶ୍ୟକ ମରାମତି କରିବାର ଆମକୁ ସୁଯୋଗ ମିଳିଛି। ନେତ୍ରୋତ୍ସବ ଦିନ କନା ଉପରେ ପିତ୍ତଳ କାରୁକାର୍ଯ୍ୟପୂର୍ଣ୍ଣ ନିର୍ମିତ ମାଛ, ମଗରମୁଣ୍ଡ, ସଖୀ, ଯୋଡ଼ିହଂସ, ରାହୁମୁଣ୍ଡ ଓ କଦଳୀ ଗଛ ଲାଗିଥାଏ। ତିନିରଥରେ ମାଛ ଓ କଦଳୀଗଛ ୨୪ଟି ଲେଖାଏ ଏବଂ ଅନ୍ୟସବୁ ସାମଗ୍ରୀ ୧୨ଟି ଲେଖାଏ ଏହିପରି ମୋଟ ୯୬ଟି ଲାଗିଥାଏ। ସ୍ନାନଯାତ୍ରା ପରଦିନ ଶ୍ରୀମନ୍ଦିର ପ୍ରଶାସନ ଏହି ସାମଗ୍ରୀ ଦେଇଥାନ୍ତି। ଏସବୁକୁ ମେଶିନ ଓ ହାତରେ ସଫା କରାଯାଏ। ମରାମତି ଆବଶ୍ୟକ ହେଲେ ତାହା ମଧ୍ୟ କରିଥାଉ। ସଫା କରିବା ଲାଗି ବିଭିନ୍ନ ପ୍ରକାର ରାସାୟନିକ ପଦାର୍ଥ, ତେନ୍ତୁଳିମଣ୍ଡ ବ୍ୟବହାର କରାଯାଏ। ନେତ୍ରୋତ୍ସବ ଦିନ ଏସବୁକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଜିମା ଦେଇଥାଏ। ସେହି ଅନୁସାରେ ମଙ୍ଗଳବାର ଏହି ସାମଗ୍ରୀ ମନ୍ଦିର ପ୍ରଶାସନକୁ ଦିଆଯିବ।

ସାଗର କହିଛନ୍ତି, ଅନେକ ଲୋକ ଅଛନ୍ତି ମହାପ୍ରଭୁଙ୍କ ସେବା କରିବାକୁ ଚାହୁଁଥିଲେ ମଧ୍ୟ ସୁଯୋଗ ପାଆନ୍ତି ନାହିଁ। ଆମ ପରିବାରକୁ ଠାକୁରଙ୍କ ସେବା କରିବାର ସୁଯୋଗ ମିଳିଥିବାରୁ ବହୁତ ଖୁସି। ମହାପ୍ରଭୁ ଆମକୁ ଭଲରେ ରଖିଛନ୍ତି। ସେମିତି କିଛି ଅସୁବିଧା ନାହିଁ। ମୁଁ ବାପାଙ୍କଠାରୁ ସଫା ଓ ମରାମତି କାମ ଶିଖିଥିଲି। ଏ ବର୍ଷ ପୁଅକୁ ଏହି କାମରେ ନିୟୋଜିତ କରିଛି। ସେ ବି ଆଗ୍ରହ ରଖି ମୋତେ ସହଯୋଗ କରିଛି। ଆମ ପରିବାରକୁ ଏମିତି ସେବା କରିବାର ସୁଯୋଗ ମିଳୁଥାଉ, ଏତିକି ହିଁ ମହାପ୍ରଭୁଙ୍କ ନିକଟରେ କାମନା କରୁଛି ବୋଲି ସାଗର ପ୍ରକାଶ କରିଛନ୍ତି।

**ପ୍ରତିବର୍ଷ ସଫା କରନ୍ତି ସାଗର ସାହୁଙ୍କ ପରିବାର**



କାରୁକାର୍ଯ୍ୟପୂର୍ଣ୍ଣ ପିତ୍ତଳ ସାମଗ୍ରୀଗୁଡ଼ିକୁ କଂସାରି ସେବକ ସାଗର ସାହୁ ସଫା କରୁଛନ୍ତି।

## ଆଜି ସରିବ ଅଲାରନାଥଙ୍କ ଅଣସର ଦର୍ଶନ

# ବର୍ଷାରେ ଭିଜି ଦର୍ଶନ କଲେ ଭକ୍ତ

**ବ୍ରହ୍ମଗିରି, ୧୭(ଡି.ଏନ୍.ଏ.)**



ସ୍ନାନ ପୂର୍ଣ୍ଣିମାରେ ସ୍ନାନବେଦୀରେ ମହାସ୍ନାନପରେ ଅଣସର ପିଣ୍ଡିରେ ଗୁପ୍ତ ସେବା ପାଉଥିଲେ ଶ୍ରୀଜୀଉମାନେ। ରବିବାର ମହାପ୍ରଭୁ ସୁସ୍ଥ ହୋଇଥିବା ଖବର ଦଇତାପତିଙ୍କ ଦ୍ୱାରା ଗଜପତି ମହାରାଜାଙ୍କୁ ଦିଆଯାଇଛି। ସୋମବାର ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତୀଙ୍କର ଘଣାଲାଗି ନୀତି ପାଳିତ ହୋଇଛି। ଏପଟେ ଶ୍ରୀଅଲାରନାଥ ପୀଠରେ ଶ୍ରୀଜୀଉଙ୍କର ଅଣସର ଦର୍ଶନ ଚାଲିଛି। ମଙ୍ଗଳବାର ମହାପ୍ରଭୁଙ୍କ ନିକଟରେ ୧୪ଦିନ ବ୍ୟାପୀ ଚାଲିଥିବା ଅଣସର ଦର୍ଶନ ଶେଷହେବ। ସୋମବାର ଅଲାରନାଥ ପୀଠରେ ଅଣବସର ଦର୍ଶନ ତ୍ରୟୋଦଶ ଦିନରେ ପହଞ୍ଚିଛି। ଅଣସର ଦର୍ଶନ ଯେତିକି ସରିସରି ଆସୁଛି ଭକ୍ତଙ୍କ ଭିଡ଼ ସେତିକି ବଢ଼ୁଛି। ଏବେ ଅଲାରନାଥ ପୀଠରେ ଆଶାତୀତ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଛି। ଦିନ ସାରା ଝିପି ଝିପି ବର୍ଷାରେ ଭକ୍ତମାନେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ଭୋର ୪ଟାରେ ମନ୍ଦିର ଦ୍ୱାର ଖୋଲାଯାଇ ୪ଟା ୧୫ରେ ମଙ୍ଗଳ ଆଳତୀ, ୪ଟା ୩୦ରେ ଅବକାଶ, ୫ଟାରେ ମହାପ୍ରଭୁଙ୍କ ଅଣସର ବେଶ, ଚନ୍ଦନ ତୁଳସୀ ଲାଗି, ୫ଟା ୩୦ରେ ବଲ୍ଲଭ ଧୂପ ଓ ପରେ ସର୍ବସାଧାରଣ ଦର୍ଶନ ହୋଇଥିଲା। ସକାଳ ଧୂପ, ଦ୍ୱିପ୍ରହର ଧୂପରେ କେବଳ ଖିରି ପ୍ରସାଦ ଭୋଗ ହୋଇ ଦିନ ୨ଟା ୩୦ରେ ପହୁଡ଼ ପଡିଥିଲା। ୨ଟା ୪୫ରେ ଚିଆଁ ପହୁଡ଼ ନୀତି ହୋଇ ସର୍ବସାଧାରଣ ଦର୍ଶନ ହୋଇଥିଲା। ଅଣସର ଶେଷ ହେବା ପର୍ଯ୍ୟାୟରେ ପହଞ୍ଚିବାରୁ ପାଖାପାଖି ଗାଁର ଭକ୍ତ ମାନଙ୍କ ଭିଡ ଦେଖିବାକୁ ମିଳିଥିଲା। ଆନନ୍ଦ ବଜାରରେ ପ୍ରବଳ ଗହଳି ଦେଖିବାକୁ ମଳିଥିଲା। ସନ୍ଧ୍ୟା ୭ଟା ୧୦ରେ ସନ୍ଧ୍ୟା ଆଳତୀ, ରାତି ୮ଟାରେ ମଇଲମ, ୮ଟା ୩୦ରେ ସର୍ବସାଧାରଣ ଦର୍ଶନ, ରାତି ୧୦ଟା ୨୦ରେ ସନ୍ଧ୍ୟା ଧୂପ ଓ ଅନ୍ୟାନ୍ୟ ନୀତି ବଢ଼ି ରାତି ୧୦ଟା ୫୦ରେ ବଡସିଂହାର ବେଶ ହେବା ପରେ ୧୨ଟାରେ ପହୁଡ଼ ହୋଇଥିଲା।



ସୋମବାର ପୁରୀ ଶ୍ରୀମନ୍ଦିରକୁ ଖଳି ପ୍ରସାଦ ବିଜେ କରାଯାଉଛି।

# ‘ମହାପ୍ରଭୁଙ୍କୁ ଡାକିବାରୁ ବର୍ଷା ହେଲାନି’

## ମୋ ଅନୁଭୂତିରୁ...



ଲକ୍ଷ୍ମଣ ମହାପାତ୍ର

ରଥ ଅମିନ ଲକ୍ଷ୍ମଣ ମହାପାତ୍ର। ବୟସ ୬୦ ଟପିଲାଣି। ତଥାପି ବେଶ୍ ଚଳଚଞ୍ଚଳ। ରଥଖଳାରେ ତାଙ୍କର ଭାରି ଆଦର। ତିନିରଥ ନିର୍ମାଣ ଲାଗି ସେ କାଠପଟା ଯୋଗାଇଥାନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ ରଥ କାଠ ସେ ଖଳାରେ ପହଞ୍ଚାଇବା ବ୍ୟବସ୍ଥା କରନ୍ତି। ୧୦ବର୍ଷ ବୟସରେ ବାପା ହରିହରଙ୍କ ସହିତ ରଥଖଳାରେ ପାଦ ଦେଇଥିଲେ। ସେତେବେଳେ ସେ ନନ୍ଦିଘୋଷ ରଥରେ ମହାରଣା କାମ କରୁଥିଲେ। ୨୦୦୧ରେ ଶାଢ଼ି ବନ୍ଧାଇଥିବା ଲକ୍ଷ୍ମଣ ୨୦ବର୍ଷ ହେଲା ରଥର ଅମିନ ଭାବେ କାର୍ଯ୍ୟ କରିଆସୁଛନ୍ତି। ବର୍ତ୍ତମାନ ତାଙ୍କ ପୁଅ ସୁଧାକର ମଧ୍ୟ ରଥଖଳାରେ କାର୍ଯ୍ୟ କରୁଛନ୍ତି। ତିନୋଟି ନବକଳେବରରେ କାମ କରିଥିବା ଲକ୍ଷ୍ମଣ ନିଜ ଅନୁଭୂତି ସମ୍ପର୍କରେ କହନ୍ତି, ଦୀର୍ଘବର୍ଷ ମଧ୍ୟରେ ବହୁ ଅନୁଭୂତି ରହିଛି। ମୁଁ ମହାପ୍ରଭୁଙ୍କର ଜଣେ ସେବକ। ତାଙ୍କ ସେବାରୁ ଆତ୍ମତୃପ୍ତି ମିଳେ। ତାଙ୍କ ଇଚ୍ଛା ବିନା କିଛି ବି ହୋଇପାରିବ ନାହିଁ। ସୋମବାର କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। କୌଣସି ସମୟରେ ପ୍ରବଳ ବର୍ଷା ହେବାର ଆଶଙ୍କା ଥିଲା। ଏକ ସ୍ୱରରେ ମହାପ୍ରଭୁଙ୍କୁ ଡାକିଲୁ। ଦୁଆରବେଢ଼ା ନ ଉଠିବା ପର୍ଯ୍ୟନ୍ତ ବର୍ଷା ଟିକିଏ ଥମିଯାଉ ବୋଲି ଗୁହାରି ଜଣାଇଲୁ। ମହାପ୍ରଭୁ ଆମ ଡାକ ଶୁଣିଲେ, କାମ ନ ସରିବା ପର୍ଯ୍ୟନ୍ତ ବର୍ଷା ଟୋପେ ବି ପଡ଼ିନି। ଆଉ ଦୁଇଦିନ ପରେ ଲକ୍ଷାଧିକ ଭକ୍ତଙ୍କୁ ଦର୍ଶନ ଦେବେ କାଳିଆ ଠାକୁର। ତାଙ୍କ ଲାଗି ଶ୍ରୀକ୍ଷେତ୍ର ଏବେଠୁ ଭକ୍ତମୟ ହୋଇପଡ଼ିଲାଣି। ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହେଲାଣି।

## ନେତ୍ରୋତ୍ସବ ଦର୍ଶନ ନୀତି ନିର୍ଘଣ୍ଟ



| | |
|---|---|
| ଚକା ଅପସର | ମଧ୍ୟାହ୍ନ ୧୨ଟା ୧୫ |
| ମଙ୍ଗଳ ଆଳତି | ୧୨ଟା ୩୦ |
| ଦଶାବତାର ଠାକୁରଙ୍କ ବାହୁଡ଼ା ବିଜେ | ଅପରାହ୍ନ ୧ଟା ୩୦ |
| ତାଟି ଫିଟିବା | ଅପରାହ୍ନ ୨ଟା |
| ପରିମାଣିକ ଦର୍ଶନ (ଭିତରକାଠ) | ୨ଟା ୩୦ରୁ ୩ଟା ୩୦ |
| ସର୍ବସାଧାରଣ ଦର୍ଶନ (ଭିତରକାଠ) | ୩ଟା ୩୦ରୁ ୪ଟା ୩୦ |
| ଦଇତାପତି ସର୍ବାଙ୍ଗ, ବନ୍ଦପନା | ସନ୍ଧ୍ୟା ୬ଟା |
| ନେତ୍ରୋତ୍ସବ ବନ୍ଦାପନା | ସନ୍ଧ୍ୟା ୬ଟା ୩୦ |
| ଭୋଗମଣ୍ଡପ | ରାତି ୯ଟା ୧୦ |
| ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ) | ୧୧ଟା ୩୦ରୁ ୧୨ଟା ୩୦ |
| ଦ୍ୱିତୀୟ ଭୋଗମଣ୍ଡପ | ୧୧ଟା ୪୦ରୁ ୧ଟା |
| ସନ୍ଧ୍ୟା ଆଳତି | ରାତି ୨ଟା ୧୦ |
| ସନ୍ଧ୍ୟା ଧୂପ (କେବଳ କୋଠଭୋଗ) | ରାତି ୨ଟା ୩୦ରୁ ୩ଟା ୩୦ |
| ଦଉ ବନକଲାଗିକୁ ପ୍ରବେଶ | ରାତି ୪ଟା |



# ପାଲିଙ୍କିରେ ଆସି ରଥାରୂଢ଼ ହୁଅନ୍ତି ଶ୍ରୀଗୁରୁଦେବ

**କାକଟପୁର, ୧୭(ଡି.ଏନ୍.ଏ.)**

ରଥଯାତ୍ରାକୁ ଆଉ ରହିଲା ୨ଦିନ। ମଙ୍ଗଳବାର ନେତ୍ରୋତ୍ସବ ଥିବାବେଳେ ବୁଧବାର ନବଯୌବନ ଦର୍ଶନ। ଗୁରୁବାର ଶ୍ରୀଜୀଉମାନେ ରଥାରୁଢ଼ ହୋଇ ବଡ଼ଦାଣ୍ଡରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ପ୍ରାୟ ସବୁଠି ଠାକୁରମାନେ ରଥକୁ ପହଣ୍ଡି ହୋଇ ଆସୁଥିବାବେଳେ ପ୍ରାଚୀ ଉପତ୍ୟକାର ତୁଳସୀପୁର ଗ୍ରାମରେ ଅନୁଷ୍ଠିତ ରଥଯାତ୍ରାରେ ଠାକୁରମାନେ ପାଲିଙ୍କିରେ ଆସିଥାନ୍ତି। ଏଠାରେ ଅନୁଷ୍ଠିତ ରଥଯାତ୍ରାରେ ରଥାରୁଢ଼ ହୁଅନ୍ତି ବନ୍ଧେଶ୍ୱର ଗ୍ରାମରେ ପୂଜା ପାଉଥିବା ଶ୍ରୀଗୁରୁଦେବ। ପ୍ରାଚୀ ନଦୀକୂଳରେ ବନ୍ଧେଶ୍ୱର ଗ୍ରାମରେ ରହିଛି ଶ୍ରୀଗୁରୁଦେବଙ୍କ ମନ୍ଦିର। ଏଠାରେ ବର୍ଷଯାକ ଠାକୁର ପୂଜାପାଉଥିବାବେଳେ ରଥଯାତ୍ରା ଦିନ ୪କିମି ଦୂର ତୁଳସୀପୁରକୁ ପାଲିଙ୍କିରେ ଯାଇ ରଥାରୁଢ଼ ହୋଇଥାନ୍ତି।

ଶ୍ରୀଗୁଣ୍ଡିଚା ତିଥିରେ ତୁଳସୀପୁର ଗ୍ରାମବାସୀମାନେ ପହଞ୍ଚିଥାନ୍ତି ବନ୍ଧେଶ୍ୱର ଗ୍ରାମରେ। ପୂଜକ କୈଳାସ ପାଣି ଠାକୁରଙ୍କୁ ସ୍ନାନ, ମାର୍ଜଣା ନୀତି କରିବାପରେ ଅନ୍ନପ୍ରସାଦ ଭୋଗ ଲାଗି କରିଥାନ୍ତି। ପରେ ତୁଳସୀପୁର ଗ୍ରାମବାସୀ ପ୍ରସାଦ ସେବନକରି ଠାକୁରଙ୍କୁ ନବବସ୍ତ୍ର, ପୁଷ୍ପମାଲ୍ୟ ପିନ୍ଧାଇ ଏକ ସୁସଜ୍ଜିତ ପାଲିଙ୍କିରେ ବସାଇ ଶୋଭାଯାତ୍ରାରେ

### ଅନନ୍ୟ ରଥଯାତ୍ରା

ନିଜ ଗ୍ରାମକୁ ଆଣି ରଥାରୁଢ଼ କରିଥାନ୍ତି। ପରେ ରଥଟଣା ଆରମ୍ଭ ହୋଇଥାଏ। ଠାକୁର ଘରଘର ଭୋଗ ଖାଇ ସନ୍ଧ୍ୟାରେ ଗୁଣ୍ଡିଚାମନ୍ଦିରରେ ପହଞ୍ଚିଥାନ୍ତି। ସେଠାରେ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଗ୍ରାମବାସୀ ପାଳିକରି ପ୍ରତ୍ୟେକ ଦିନ କ୍ଷିରି ଭୋଗ ଲାଗିକରିଥାନ୍ତି। ଶ୍ରୀଗୁଣ୍ଡିଚାଠାରୁ ବାହୁଡ଼ା ପର୍ଯ୍ୟନ୍ତ ଗ୍ରାମବାସୀ ଆମିଷ ରୋଷେଇ କରି ନ ଥାନ୍ତି। ବାହୁଡ଼ା ପରେ ରଥ ଉପରେ ଯଥାବିଧି ଠାକୁରଙ୍କ ସୁନାବେଶ, ଅଧରପଣା ନୀତି ଅନୁଷ୍ଠିତ ହେବାପରେ ନିଳାଦ୍ରୀବିଜେ ଦିନ ଗ୍ରାମବାସୀ ଠାକୁରଙ୍କୁ ପୁଣି ପାଲିଙ୍କିରେ ବସାଇ ଶୋଭାଯାତ୍ରାରେ ବନ୍ଧେଶ୍ୱର ଗ୍ରାମକୁ ନେଇ ସ୍ୱ ମନ୍ଦିରକୁ ପ୍ରବେଶ କରାଇଥାନ୍ତି। ଠାକୁରଙ୍କ ପାଖରେ ଅନ୍ନ ପ୍ରସାଦ ଲାଗିହେବାପରେ ଗ୍ରାମବାସୀ ଫେରିଥାନ୍ତି। ଏ ସମ୍ପର୍କରେ ଗ୍ରାମବାସୀ କୈଳାସ ତ୍ରିପାଠୀ କୁହନ୍ତି, ଗାଁ ଗାଁ ଭିତରେ ରହିଥିବା ଭାତୃଭାବକୁ ଉଜ୍ଜିବୀତ ରଖିବାପାଇଁ ଏହି ଯାତ୍ରା ଚାଲି ଆସୁଛି। କ୍ଷମାନିଧି ତ୍ରିପାଠୀ କୁହନ୍ତି, ଶ୍ରୀଗୁରୁଦେବ ଠାକୁରଙ୍କ ସ୍ୱପ୍ନାଦେଶ ପାଇ ଗ୍ରାମର ତତ୍କାଳୀନ ଜମିଦାର ଏହି ରଥଯାତ୍ରା ପ୍ରାରମ୍ଭ କରିଥିଲେ। ସେବେଠୁ ଆଜି ପର୍ଯ୍ୟନ୍ତ ଏହା ଚାଲିଆସୁଛି।



ରଥରେ ଲାଗିବାକୁ ଥିବା ଚାନ୍ଦୁଆ ତିଆରି କରିବାରେ ନିମଗ୍ନ ଦରଜି ସେବକ।



ରଥର ଚକା ଅପସର ତିଆରି କରୁଛନ୍ତି ଦରଜି ସେବକ।



ରଥର ଦଧିନଉତିକୁ ଚିତ୍ର କରୁଛନ୍ତି ଚିତ୍ରକର ସେବକ।

## ରଥର ରକ୍ଷକ ସାଜନ୍ତି ଦେବଦେବୀ

**ପୁରୀ ଅଫିସ,୧୭:** ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ମଙ୍ଗଳବାର ନବଯୌବନ ଦର୍ଶନ ଦେଇ ଗୁରୁବାର ରଥରେ ବସି ଜନ୍ମବେଦୀକୁ ଯିବେ ମହାପ୍ରଭୁ। ଏଥିପାଇଁ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ତିନିରଥରେ ପାର୍ଶ୍ୱ ଦେବଦେବୀଙ୍କ ସହିତ ଯକ୍ଷ, ଗନ୍ଧର୍ବ, ଅପ୍ସରା ଏବଂ ଅନ୍ୟାନ୍ୟ ଦେବଦେବୀ ମଧ ଯାତ୍ରା କରିଥାନ୍ତି, ଯେଉଁମାନେ କି ରଥର ରକ୍ଷକ ସାଜିଥାନ୍ତି। ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ରଥଗୁଡ଼ିକୁ ବୈଦିକ ବ୍ରାହ୍ମଣମାନେ ପ୍ରତିଷ୍ଠା କରିଥାନ୍ତି। ପ୍ରତିଷ୍ଠା ହୋଇସାରିବା ପରେ ରଥ ଉପରେ କୌଣସି ଅଶୁଭପ୍ରଦ ମନୁଷ୍ୟ, ପକ୍ଷୀ, ମାର୍ଜାର (ବିରାଡ଼ି), ନେଉଳ କିମ୍ବା ଅନ୍ୟ କୌଣସି ପ୍ରାଣୀ ଆରୋହଣ ନ କରନ୍ତି ସେଥିପ୍ରତି ସାବଧାନ ରହିବା ଆବଶ୍ୟକ। ପୁନଶ୍ଚ ସ୍କନ୍ଦ ପୁରାଣରେ କୁହାଯାଇଛି ଯଦି ରଥର ଈଷା ଭଗ୍ନ ହେବ ତେବେ ବ୍ରାହ୍ମଣ କୂଳକୁ ଭୟ। ରଥର ଅକ୍ଷ ଭଗ୍ନ ହୁଏ ତହିଁରେ କ୍ଷତ୍ରୀୟ କୂଳ କ୍ଷୟ ହୁଏ। ରଥର ଯଦି ତୁଳା ଭଗ୍ନ ହୁଏ ତାହେଲେ ବୈଶ୍ୟ କୂଳର ବିନାଶ ହୁଏ। ସେହିପରି ଶମୀ ଯଦି ଭଗ୍ନ ହୁଏ ଶୁଦ୍ର କୂଳକୁ ଭୟ ଜାତ ହୁଏ। ରଥର ଧୁରା ଭଗ୍ନରେ ଅନାବୃଷ୍ଟି, ପୀଢ ଭଙ୍ଗରେ ପ୍ରଜା ଭୟ, ଚକ୍ର ଭଙ୍ଗରେ ପରଚକ୍ରଗତି ପ୍ରଭୃତି ଭୟଜାତ ହୋଇଥାଏ। ରଥର ଯଦି ଧ୍ୱଜ ପତନ ହୁଏ ତେବେ ରାଜାର ରାଜ୍ୟ ଅନ୍ୟ ଦ୍ୱାରା ଅଧିକୃତ ହୁଏ। ପ୍ରତିମାମାନଙ୍କର ଯଦି କୌଣସି ପ୍ରକାର ଅଙ୍ଗଭଙ୍ଗ ଘଟଣା ଘଟେ ତେବେ ରାଜାଙ୍କ ଜୀବନ ପ୍ରତି ବିପଦ ହୁଏ। ରଥ ଯଦି ବିନଷ୍ଟ ହୋଇଯାଏ ତାହେଲେ ସମସ୍ତ ଜନପଦ ଉଚ୍ଛନ୍ନ ହୋଇଯାଏ। ଏହିଭଳି ଅନେକ ବିଘ୍ନ ରଥ ଉପରେ ଘଟିବାର ସମ୍ଭାବନା ଥିବାରୁ ରଥର ରକ୍ଷକ ଭାବେ ପ୍ରଖ୍ୟାତ ଦେବଦେବୀ ଦାୟିତ୍ୱ ବହନ କରିଥାନ୍ତି। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥର ରକ୍ଷକ ହେଉଛନ୍ତି ବାସୁଦେବ ଓ ଭାସ୍କର। ଶ୍ରୀଜଗନାଥଙ୍କ ନନ୍ଦିଘୋଷ ରଥର ରକ୍ଷକ ହେଉଛନ୍ତି ସ୍ୱୟଂ ଦେବରାଜ ଇନ୍ଦ୍ର। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ରକ୍ଷୟିତ୍ରୀ ହେଉଛନ୍ତି ଉଗ୍ରଚଣ୍ଡୀ। ରଥ ଆରମ୍ଭରୁ ଯାତ୍ରା ଶେଷ ପର୍ଯ୍ୟନ୍ତ ଏମାନେ ରଥରେ ରହି ଅତି ସାବଧାନର ସହିତ ବିଘ୍ନ ବିନାଶନ ନିମନ୍ତେ ଯତ୍ନବାନ ହୋଇଥାନ୍ତି। ପ୍ରତିବର୍ଷ ଏମାନଙ୍କ ନିଷ୍ଠାପର ଦାୟିତ୍ୱ ଯୋଗୁ ରଥଯାତ୍ରା ସୁଚାରୁ ରୂପେ ସମାହିତ ହୋଇଥାଏ। ମହାପ୍ରଭୁଙ୍କର କରୁଣା ଏହି ଦେବଦେବୀଙ୍କ ଉପରେ ସର୍ବଦା ରହିଥାଏ ବୋଲି ଡ. ଦାଶ ପ୍ରକାଶ କରିଛନ୍ତି।



ସୋମବାର ସକାଳେ ପୁରୀ ଶ୍ରୀମନ୍ଦିର ବାନା ଉପରେ ବସିଥିବା ବାଜ ପକ୍ଷୀ।

# ମରାମତି ହେଲା ରଥ ବ୍ରେକ୍

**ପୁରୀ ଅଫିସ,୧୭**

ଶହ ଶହ ଭକ୍ତ ବଡ଼ଦାଣ୍ଡରେ ରଥ ଟାଣିଥାନ୍ତି। ରଥ କେତେବେଳେ କେଉଁଆଡେ ମାଡ଼ିଯିବ ତାହାର କିଛି ଠିକ୍ ଠିକଣା ନ ଥାଏ। ତେଣୁ ରଥକୁ ଅଟକାଇବା ଲାଗି ବ୍ରେକ୍‌ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ।ମହାପ୍ରଭୁଙ୍କର ତିନିରଥରେ ତିନୋଟି ବ୍ରେକ୍ ରହିଥାଏ। ଏହି ବ୍ରେକ୍ ମରାମତି ଲାଗି ଇଂ.ଅଶ୍ୱିନ କୁମାର ମିଶ୍ରଙ୍କ ନେତୃତ୍ୱରେ ବ୍ରଜରାଜନଗରରୁ ୭ ଜଣିଆ ଟିମ୍ ଆସି ବ୍ରେକ୍ ମରାମତି କରୁଛନ୍ତି। ରବିବାର ଏହାର ମରାମତି କାମ ଆରମ୍ଭ କରିଥିଲେ। ସୋମବାର ସୁଦ୍ଧା ତାଳଧ୍ୱଜ ରଥର ବ୍ରେକ୍ କାମ ସମ୍ପୂର୍ଣ୍ଣ ଶେଷ ହୋଇଥିବାବେଳେ ନନ୍ଦିଘୋଷ ରଥର କାମ ପ୍ରାୟ ୮୦ ପ୍ରତିଶତ କାମ ସରିଛି। ମଙ୍ଗଳବାର ନନ୍ଦିଘୋଷ ରଥର ରହିଥିବା କାମ ଏବଂ ଦର୍ପଦଳନ ରଥର ସମ୍ପୂର୍ଣ୍ଣ କାମ ହେବ ବୋଲି ଅଶ୍ୱିନ କହିଛନ୍ତି। ସେ ତାଙ୍କ ଅନୁଭୂତି ସମ୍ପର୍କରେ କୁହନ୍ତି, ୨୦୦୭ରେ ପୁରୀ ରଥଯାତ୍ରା ଦେଖିବାକୁ ଆସିଥିଲେ। ରଥ ଗଡୁଥିବା ବେଳେ ହଠାତ୍ ବ୍ରେକ୍ ଦିଆଯାଉଥିଲା। କିନ୍ତୁ ରଥ ୧୫/୨୦ ଫୁଟ ଆଗକୁ ଘୋଷାରି ହୋଇ ପଳାଇଯାଉଥିଲା। ଏହାକୁ ଦେଖି ରଥ କିଭଳି ଶୀଘ୍ର ଅଟକିବ ସେ ନେଇ ଚିନ୍ତା କରିଥିଲେ। ବ୍ରେକ୍ ପାଇଁ ଟ୍ରକ୍‌ରେ ବ୍ୟବହୃତ ହେଉଥିବା ବ୍ରେକ୍ ଲାଇନର ବ୍ୟବହାର କରିବାକୁ ସ୍ଥିର କରି ଶ୍ରୀମନ୍ଦିର ପ୍ରଶାସନକୁ ଆଣି ଦେଖାଇଥିଲି। କିନ୍ତୁ ସେଥିରେ ଚମଡ଼ା ଅଂଶ ଥିବାରୁ ବ୍ୟବହାର ହୋଇପାରିବ ନାହିଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ମନା କରିଥିଲା। ଏପରି କି ମେଶିନରେ ତିଆରି କଣ୍ଟା ମଧ ବ୍ୟବହାର ହୋଇପାରିବ ନାହିଁ ବୋଲି ତାଙ୍କୁ କୁହାଯାଇଥିଲା। ଏହାପରେ ମହାପ୍ରଭୁଙ୍କ ଇଚ୍ଛାରୁ ତାଙ୍କୁ କୌଶଳ ମିଳିଯାଇଥିଲା।



ରଥର ବ୍ରେକ୍ ମରାମତି କାମ ଚାଲିଛି।

ନାଇଲନ, ରବର ଓ କଟନକୁ ମିଶାଇ ଏକ ମସୃଣ ପଦାର୍ଥ (ନାଇଲନ ରବର ବେଲ୍ଟ) ପ୍ରସ୍ତୁତ କରିଥିଲେ। ଏହାକୁ ବ୍ରେକ୍ କାଠରେ ଲଗାଇବାକୁ ତାଙ୍କୁ ଅନୁମତି ମିଳିଥିଲା। ସେବେଠାରୁ ସେ ପ୍ରତିବର୍ଷ ଆସି ବ୍ରେକ୍ ମରାମତି କରୁଛନ୍ତି। ଚଳିତବର୍ଷ ଅଧଇଞ୍ଚ ମୋଟେଇ, ସାଢେ ୯ ଇଞ୍ଚ ଚଉଡ଼ା ଏବଂ ୩୦ରୁ ୩୨ ଇଞ୍ଚ ଲମ୍ବର ନାଇଲନ ରବର ବେଲ୍ଟ ପ୍ରସ୍ତୁତ କରିଛନ୍ତି। ଗୋଟିଏ ରଥରେ ୮ ପିସ୍ ଲେଖାଏ ମୋଟ ୨୪ ପିସ୍ ଏହା ଲଗାଯିବ। ଏହା ଲାଗିବା ପରେ ଯେଉଁଠି ବ୍ରେକ୍ ଦିଆଯିବ ରଥ ଆଗକୁ ନ ଗଡ଼ି ସଙ୍ଗେ ସଙ୍ଗେ ସେହିଠାରେ ଅଟକିଯିବ ବୋଲି କହିଛନ୍ତି ଅଶ୍ୱିନ। ଗୁଣ୍ଡିଚା ଯାତ୍ରା ପୂର୍ବଦିନ ରଥଖଳାରୁ ସିଂହଦ୍ୱାରକୁ ରଥଟଣା ବେଳେ ଉପସ୍ଥିତ ରହି ବ୍ରେକ୍ କାମ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ ତାହାର ତଦାରଖ କରି ଘରକୁ ଫେରିଥାଉ ବୋଲି ସେ କହିଛନ୍ତି। ରଥ ବ୍ରେକ୍ ମରାମତି ପାଇଁ ତାଙ୍କ ସହିତ ଧନିରାମ ବାଗ, ତ୍ରିଲୋଚନ ବଢେଇ, ଜଗୁ ଲୋହାର, ମାଗୁ ଲୋହାର, ପ୍ରଶାନ୍ତ ବେହିଆ, ରାମଚରଣ ମୁଣ୍ଡରିଆ ଆସିଥିବା ଅଶ୍ୱିନ ପ୍ରକାଶ କରିଛନ୍ତି।



ପାନେ ବିଷ ଜଣକୁ ମାରି ଦେଇପାରେ, କିନ୍ତୁ ଖଣ୍ଡିଏ ଖରାପ ପୁସ୍ତକ ଯୁଗ ଯୁଗ ଧରି ମନୁଷ୍ୟ ସମାଜରେ ବିଷ ସଞ୍ଚାର କରୁଥାଏ।

- ଥୋମାସ ମୁରେ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ, ଗୋପବନ୍ଧୁ ଛକରେ ଥିବା ପ୍ରତିମୂର୍ତ୍ତି, ସକାଳ ୯ଟା।
- ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ ଆସୋସିଏଶନ(ଆପୋସା) ପକ୍ଷରୁ ସ୍ୱାଗତ ସମାରୋହ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ସିଟି କ୍ଲବ ପକ୍ଷରୁ ସୌରଭ ସଙ୍ଗୀତ ସନ୍ଧ୍ୟା, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ମାସିକ ପତ୍ରିକା କାଦମ୍ବିନୀ ଓ କୁନିକଥାର ସ୍ୱନକ୍ଷତ୍ର ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**

- ଅନନ୍ତ ପୁରୁଷୋତ୍ତମ ଦେବଙ୍କ ନେତ୍ରୋତ୍ସବ, ଜାଗୁଲାଇପାଟଣା, ପ୍ରାତଃ ୬ଟା।

**କଟକ**

- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୧ତମ ସ୍ମୃତି ସମାରୋହ, ଶହୀଦ ଭବନ, ଅପରାହ୍ନ ୫ଟା।

**ସାକ୍ଷୀଗୋପାଳ**

- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ତିଳ ତର୍ପଣ, ଭାର୍ଗବୀ ନଦୀ ସୁଆଣ୍ଡୋ ଘାଟ, ସକାଳ ୮ ଟା, ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ସଭା ଷଠୀଘର ସୁଆଣ୍ଡୋ, ସକାଳ ୯ଟା।
- ପଣ୍ଡିତ ଗୋପବନ୍ଧୁଙ୍କୁ ଶ୍ରଦ୍ଧାର୍ପଣ ଓ ତିଳ ତର୍ପଣ, ବକୁଳବନ ରାଧାକୁଣ୍ଡ, ସକାଳ ୮ଟା ୩୦, ପଞ୍ଚସଖା ପୀଠ ଓ ଶେଷ ନିଶ୍ୱାଶ ତ୍ୟାଗସ୍ଥଳୀରେ ମାଲ୍ୟାର୍ପଣ, ସକାଳ ୯ଟା।
- ୭୦ତମ ବନ ମହୋତ୍ସବ ଉପଲକ୍ଷେ ବୃକ୍ଷରୋପଣ, ସରକାରୀ ବାଳିକା ବିଦ୍ୟାଳୟ ଓ ପ୍ରାଣୀ ସମ୍ପଦ ଚିକିତ୍ସା କେନ୍ଦ୍ର, ସାକ୍ଷୀଗୋପାଳ, ସକାଳ ୯ଟା।

# ମୁମ୍ବାଇରେ ଓଡ଼ିଶା ପର୍ଯ୍ୟଟନର ରୋଡ୍ ଶୋ'

- ପର୍ଯ୍ୟଟନ ଶିଳ୍ପର ବିଭିନ୍ନ ଦିଗ ଉପରେ ଫୋକସ୍
- ବାତ୍ୟାର ୨ମାସରେ ରଥଯାତ୍ରା ଆୟୋଜନ କରୁଛି ଓଡ଼ିଶା: ମନ୍ତ୍ରୀ

ଭୁବନେଶ୍ୱର,୧୭(ବ୍ୟୁରୋ)

ପ୍ରଳୟଙ୍କରୀ ବାତ୍ୟା 'ଫନୀ' ଓଡ଼ିଶାକୁ ଧ୍ୱଂସବିଧ୍ୱସ୍ତ କରିଦେଇଥିଲେ ମଧ୍ୟ ରାଜ୍ୟ ବହୁଶୀଘ୍ର ଏହି ପ୍ରାକୃତିକ ବିପର୍ଯ୍ୟୟ ଜନିତ ସ୍ଥିତିରୁ ନିଜକୁ ବାହାର କରିପାରିଛି। ମାତ୍ର ୨ମାସ ମଧ୍ୟରେ ଓଡ଼ିଶା ନିଜକୁ ପୁନଃପ୍ରତିଷ୍ଠା କରି ଆସନ୍ତା ଜୁଲାଇ ୪ରୁ ୧୨ ତାରିଖ ପର୍ଯ୍ୟନ୍ତ ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଆୟୋଜନ କରିବାକୁ ଯାଉଛି। ସମଗ୍ର ଦେଶବାସୀ ଏବଂ ବିଦେଶୀ ପର୍ଯ୍ୟଟକଙ୍କୁ ଓଡ଼ିଶା ନିଜର ଲୁକ୍କାୟିତ ଉତ୍କୃଷ୍ଟ ପର୍ଯ୍ୟଟନ ଶିଳ୍ପର ଅନୁଭୂତି ପ୍ରଦାନ କରିବାକୁ ପ୍ରସ୍ତୁତ ହୋଇ ରହିଛି ବୋଲି ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ଜୁନ୍ ୨୮ ଓ ୨୯ ତାରିଖ ଦୁଇଦିନ ବ୍ୟାପୀ ମୁମ୍ବାଇରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ପର୍ଯ୍ୟଟନର ରୋଡ୍ ଶୋ'ରେ ଯୋଗଦେଇ ମନ୍ତ୍ରୀ ଉପସ୍ଥିତ ଟୁର୍ ଅପରେଟର୍ ଓ ଟୁର୍ ଗାଇଡ୍‌ମାନଙ୍କୁ ଏହା କହିଛନ୍ତି।

ଫିକି ଏବଂ ଓଡ଼ିଶା ପର୍ଯ୍ୟଟନର ମିଳିତ ସହଯୋଗରେ ଆୟୋଜିତ ଏହି ରୋଡ୍ ଶୋ'ରେ ମୁମ୍ବାଇର ୨୦୦ରୁ ଉର୍ଦ୍ଧ୍ୱ ଟୁର୍ ଓ ଟ୍ରାଭେଲ ଅପରେଟର ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ 'ବିଟୁବି' ସେସନରେ ଓଡ଼ିଶାର ୧୮ଟି ପ୍ରମୁଖ ଟୁର୍ ଅପରେଟରଙ୍କ ସହ ସ୍ଥାନୀୟ ଟୁର୍ ଅପରେଟରମାନେ ଭାବ ବିନିମୟ କରିଥିଲେ। ଓଡ଼ିଶାରେ ରହିଥିବା ପର୍ଯ୍ୟଟନ ଶିଳ୍ପର ବ୍ୟାପକତା, ବିଭିନ୍ନ ସୁବିଧା ସୁଯୋଗ ଏବଂ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଓ ଟୁର୍ ପ୍ୟାକେଜ୍ ସମ୍ପର୍କରେ ଏଠାରେ ଆଲୋଚନା କରାଯାଇଥିଲା। ହସ୍ପିଟାଲିଟି ଇଣ୍ଡଷ୍ଟ୍ରୀର ପ୍ରମୁଖ ଶିଳ୍ପପତି ଭି. କାମତ୍ ଏହି ରୋଡ୍ ଶୋ'ରେ ଯୋଗଦେଇ ଓଡ଼ିଶାରେ ତାଙ୍କ ଗ୍ରୁପ୍‌କୁ ଆହୁରି ବ୍ୟାପକ କରିବେ ବୋଲି କହିଥିଲେ। ଓଡ଼ିଶା ଏକ ଶିଳ୍ପ ଏବଂ ପୁଞ୍ଜିବିନିଯୋଗ ଅନୁକୂଳ ରାଜ୍ୟ। ଏଠାକାର ଖାଦ୍ୟ ଏବଂ କଳା, ସଂସ୍କୃତି ଭାରତର ଅନ୍ୟ ପ୍ରାନ୍ତଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ନିଆରା। ଉଭୟ ପର୍ଯ୍ୟଟକ ଏବଂ ପର୍ଯ୍ୟଟନ ଶିଳ୍ପ ପାଇଁ ଏଠାରେ ବ୍ୟାପକ ସୁଯୋଗ ରହିଛି ବୋଲି ସେ କହିଥିଲେ। ପର୍ଯ୍ୟଟନ ବିଭାଗ ଶାସନ ସଚିବ ବିଶାଲ ଦେବ ଏହି ଅବସରରେ ରାଜ୍ୟର ଧାର୍ମିକ ପର୍ଯ୍ୟଟନ, କ୍ରୀଡା ପର୍ଯ୍ୟଟନ, ଐତିହ୍ୟ ଓ ସାଂସ୍କୃତିକ ପର୍ଯ୍ୟଟନ, ପରିବେଶ ପର୍ଯ୍ୟଟନ କ୍ଷେତ୍ରରେ ରହିଥିବା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପରିବେଷିତ ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ରହିଥିଲା।




ରୋଡ୍ ଶୋ' ଅବସରରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।



ପରିବେଷିତ ଓଡ଼ିଶୀ ନୃତ୍ୟ।

# ଅଗଷ୍ଟ ୩ରୁ 'ମେଟଲ୍ ମିଟ୍-୨୦୧୯'

## ଫେରୁଛି କୁଇଜ୍ ମହାକୁମ୍ଭ




ଭୁବନେଶ୍ୱର,୧୭(ବ୍ୟୁରୋ)

ବର୍ଷକର ପ୍ରତୀକ୍ଷା ପରେ ପୁଣିଥରେ ଫେରୁଛି ଓଡିଶାର ପ୍ରଥମ ଏବଂ ଏକମାତ୍ର କୁଇଜ୍ ମହାକୁମ୍ଭ 'ମେଟଲ୍ ମିଟ୍- ୨୦୧୯'। ଅଗଷ୍ଟ ୩ ଓ ୪ ତାରିଖ ଦୁଇଦିନ ଧରି ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଚଳିତବର୍ଷ ଆହୁରି ଆକର୍ଷଣୀୟ ରହିବ। ଓଡିଶାର ଛାତ୍ରୀଛାତ୍ରମାନଙ୍କୁ କୁଇଜ୍‌ପ୍ରତି ଆକର୍ଷିତ କରିବା ଏବଂ ରାଜ୍ୟରେ କୁଇଜ୍ ଅନୁକୂଳ ବାତାବରଣ ସୃଷ୍ଟିକରିବା ଲକ୍ଷ୍ୟରେ ଦୈନିକ ଇଂଲିଶ ଖବରକାଗଜ 'ଓଡିଶା ପୋଷ୍ଟ' ପକ୍ଷରୁ ଲଗାତର ୪ର୍ଥ ବର୍ଷ ପାଇଁ ଏହା ଆୟୋଜିତ ହେବ। ଚଳିତବର୍ଷ ମେଟଲ୍ ମିଟ୍‌ରେ ସମଗ୍ର ଓଡ଼ିଶାରୁ ପ୍ରାୟ ୧୦୦ଟି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ଏଥର ମଧ୍ୟ ଉଭୟ ଜୁନିୟର୍ ଏବଂ ସିନିୟର୍ କାଟାଗୋରୀରେ ଏହି 'ବ୍ୟାଟଲ୍ ଅଫ୍ ବ୍ରେନ୍ସ' ଅନୁଷ୍ଠିତ ହେବ।

ଅଗଷ୍ଟ ୩ରେ 'ମେଟଲ୍ ମିଟ୍-୨୦୧୯'ର ପ୍ରିଲିମ୍ସ ରାଉଣ୍ଡ୍ ଓ ୪ରେ ଗ୍ରାଣ୍ଡ୍ ଫିନାଲେ ଅନୁଷ୍ଠିତ ହେବ। ପ୍ରିଲିମ୍ସ ରାଉଣ୍ଡରେ ପ୍ରତିଯୋଗୀମାନେ ସାଧାରଣ ଜ୍ଞାନ କ୍ଷେତ୍ରରେ ରହିଥିବା ନିଜର ପ୍ରତିଭାର ପ୍ରଦର୍ଶନ କରିବେ। ପ୍ରିଲିମ୍ସରେ ଭଲ ପ୍ରଦର୍ଶନ କରିଥିବା ଜୁନିୟର ଏବଂ ସିନିୟର ବିଭାଗର ୮ଟି ଲେଖାଏ ଟିମ୍ ଗ୍ରାଣ୍ଡ୍ ଫିନାଲେକୁ ଯିବାକୁ ଯୋଗ୍ୟ ବିବେଚିତ ହେବ। କୁଇଜ୍‌ର ଏହି ମହାକୁମ୍ଭକୁ ଚଳିତବର୍ଷ ଲୋକପ୍ରିୟ ହୋଷ୍ଟ ତଥା ଖ୍ୟାତନାମା କୁଇଜ୍ ମାଷ୍ଟର ଅଜୟ ପୁନିଆ ପରିଚାଳନା କରିବେ। ପୁରସ୍କାର ବାବଦରେ ମୋଟ ୩.୫ ଲକ୍ଷ ଟଙ୍କା ରହିଥିବାବେଳେ ଉଭୟ ବିଭାଗର ବିଜେତାଙ୍କୁ ୧ଲକ୍ଷ, ପ୍ରଥମ ରନର୍ସଅପ୍‌କୁ ୫୦ ହଜାର ଏବଂ ୨ୟ ରନର୍ସଅପ୍‌କୁ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯିବ। ଜୁନିୟର କାଟାଗୋରୀରେ ଯୁକ୍ତ ଦୁଇ ବା ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିପାରିବେ। ସେହିଭଳି ସିନିୟର୍ କାଟାଗୋରୀରେ ଯୁକ୍ତ ୩, ଇଞ୍ଜିନିୟରିଂ, ମେଡିକାଲ ଏବଂ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରମାନେ ଭାଗନେବେ।

ସୂଚନାଯୋଗ୍ୟ, 'ମେଟଲ୍ ମିଟ୍'ର ୩ୟ ୨୦୧୮ ସଂସ୍କରଣରେ ଜୁନିୟର ବିଭାଗରେ ଭୁବନେଶ୍ୱରର ମଦର୍ସ ପବ୍ଲିକ୍ ସ୍କୁଲ ଚାମ୍ପିୟନ୍ ହୋଇଥିବାବେଳେ ସିନିୟର ବିଭାଗରେ ପ୍ରଥମ ସ୍ଥାନରେ ରହିଥିଲା ଭୁବନେଶ୍ୱରର କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ସିଇଟି)। ସେହିଭଳି ଜୁନିୟର ବିଭାଗରେ କଟକ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ୍ ପ୍ରଥମ ରନର୍ସଅପ୍ ହୋଇଥିବା ବେଳେ ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ ୨ୟ ରନର୍ସଅପ୍ ହୋଇଥିଲା। ସିନିୟର ବିଭାଗରେ ବିଜୟୀ ଟିମ୍‌କୁ କଡା ଟକ୍କର ଦେଇ କିଟ୍ ପ୍ରଥମ ରନର୍ସଅପ୍ ଏବଂ ଭୁବନେଶ୍ୱରର ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏସ୍‌ଆଇଟି) ଦ୍ୱିତୀୟ ରନର୍ସଅପ୍ ସ୍ଥାନ ଅଧିକାର କରିଥିଲା।

## ଟାଇମ୍ସ ହାୟର ଏଜୁକେଶନ୍ ୟଙ୍ଗ ୟୁନିଭରସିଟି ର୍‍ୟାଙ୍କିଂ

# ୩୦୧ତମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର, ୧୭(ବ୍ୟୁରୋ):** 'ଦି ଟାଇମ୍ସ ହାୟର ଏଜୁକେଶନ୍' ପକ୍ଷରୁ ଜୁନ୍ ୨୭ରେ ପ୍ରକାଶିତ ବିଶ୍ୱସ୍ତରୀୟ ୟଙ୍ଗ ୟୁନିଭର୍‌ସିଟି ର୍‍ୟାଙ୍କିଂରେ ଓଡ଼ିଶାର ଏକମାତ୍ର ଘରୋଇ ବିଶ୍ୱବିଦ୍ୟାଳୟ ଭାବେ କିଟ୍ '୩୦୧+'ତମ ସ୍ଥାନ ହାସଲ କରିଛି। ଗତ ୫୦ବର୍ଷ ମଧ୍ୟରେ ପ୍ରତିଷ୍ଠିତ ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏହି ଚୟନ ପ୍ରକ୍ରିୟାରେ ସାମିଲ କରାଯାଇଥିଲା। ଶିକ୍ଷାଦାନ, ଗବେଷଣା, ଇଣ୍ଟରନ୍ୟାସ୍‌ନାଲ ଆଉଟ୍‌ଲୁକ୍ ଏବଂ ଇଣ୍ଡଷ୍ଟ୍ରିଆଲ ଆଉଟ୍‌ପୁଟ ଭଳି ୫ଟି ମାନଦଣ୍ଡକୁ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକର ର୍‍ୟାଙ୍କିଂ କରାଯାଇଛି। କିଟ୍ ୨୨ ବର୍ଷର ଅନୁଷ୍ଠାନ ହୋଇଥିବା ବେଳେ ମାତ୍ର ୧୫ବର୍ଷର ବିଶ୍ୱବିଦ୍ୟାଳୟ ଭାବେ ଉପରୋକ୍ତ ମାନଦଣ୍ଡକୁ ପୂରଣ କରି ଏହି ଗୌରବ ହାସଲ କରିପାରିଛି। ଏହା ପୂର୍ବରୁ କିଟ୍ ଟାଇମ୍ସ ହାୟର ଏଜୁକେଶନ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଂ, ବିଶ୍ୱ ବିଶ୍ୱବିଦ୍ୟାଳୟ ଇମ୍ପାକ୍ଟ ର୍‍ୟାଙ୍କିଂ ଏବଂ ଏସିଆ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଂରେ ସ୍ଥାନ ପାଇ ସାରିଛି।

## ବିଧାନସଭାରେ ଉଠିଲା କଟକ ସିଟି ହସ୍ପିଟାଲ ସମସ୍ୟା

**କଟକ ଅଫିସ,୧୭:** ସୋମବାର ବିଧାନସଭା ଅଧିବେଶନ କାଳରେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ କଟକ ସିଟି ହସ୍ପିଟାଲରେ ଡାକ୍ତର ଓ କର୍ମଚାରୀ ଅଭାବ ସମସ୍ୟା ଉଠାଇଥିଲେ। ଖାଲି ପଡିଥିବା ପଦବୀ କେବେ ପୂରଣ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଠାରୁ ସ୍ପଷ୍ଟିକରଣ ଚାହିଁଥିଲେ। ଏହାର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଥିଲେ, କଟକ ସିଟି ହସ୍ପିଟାଲରେ ଡାକ୍ତର କର୍ମଚାରୀ ଅଭାବରୁ ସ୍ୱାସ୍ଥ୍ୟସେବା ଠପ୍ ହୋଇ ପଡିଥିବା ବିଷୟ ଆଦୌ ତଥ୍ୟ ଉପରେ ପର୍ଯ୍ୟବସିତ ନୁହେଁ। ଖାଲି ପଡିଥିବା ପଦବୀଗୁଡିକୁ ଓଡ଼ିଶା ରାଜ୍ୟ ଲୋକସେବା ଆୟୋଗ ଦ୍ୱାରା ଚୟନ କରାଯାଇ ନିଯୁକ୍ତି, ବିଭାଗୀୟ ପଦୋନ୍ନତି ଏବଂ ଆଡହକ ନିଯୁକ୍ତି ତଥା ଚୁକ୍ତି ଭିତ୍ତିକ ନିଯୁକ୍ତି ଦ୍ୱାରା ସିଟି ହସ୍ପିଟାଲରେ ଯଥାସମ୍ଭବ ଡାକ୍ତର କର୍ମଚାରୀ ପଦବୀ ପୂରଣ କରାଯିବା ପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଅଭିମନ୍ୟୁ



ବିଶ୍ୱ



ସୀତାକାନ୍ତ



ସଂଘମିତ୍ରା

# ମେଦବହୁଳତା ନିୟନ୍ତ୍ରଣ ଲାଗି ସଚେତନତା ଜରୁରୀ

## ଧରିତ୍ରୀ ଆଳାପ

ମେଦବହୁଳତା ଯୋଗୁ ବର୍ତ୍ତମାନ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି। ଏହି ସମସ୍ୟାଠାରୁ ଯୁବବର୍ଗ ମଧ୍ୟ ବର୍ତ୍ତି ନାହାନ୍ତି। ସାରା ବିଶ୍ୱରେ ମେଦବହୁଳ ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଥିବା ବେଳେ ଭାରତ ଏହି କ୍ଷେତ୍ରରେ ଦ୍ୱିତୀୟ ଦେଶ। ମେଦବହୁଳତାରୁ ମୁକ୍ତି ପାଇଁ ବିଭିନ୍ନ ଚିକିତ୍ସା ପଦ୍ଧତି ରହିଥିବା ବେଳେ ସର୍ଜରିକୁ ଅନେକେ ଆପଣାଉଛନ୍ତି। ଏହି ସର୍ଜରି କ୍ଷେତ୍ରରେ ଡ.ମୋହିତ ଭଣ୍ଡାରୀ ବେଶ ପ୍ରତିଷ୍ଠିତ। ଦେଶରେ ରୋବୋଟିକ ବେରିଆଟ୍ରିକ ସର୍ଜରି ପ୍ରଚଳନ କରିବାରେ ସେ ପ୍ରଥମ। ସେ ବର୍ତ୍ତମାନ ସୁଦ୍ଧା ୧୧ ହଜାର ବେରିଆଟ୍ରିକ ଏବଂ ୫୦୦ ରୋବୋଟିକ୍ ସର୍ଜରି ସମ୍ପାଦନ କରିଛନ୍ତି। ତାଙ୍କ ନାମରେ ଲିମ୍‌କା ବୁକ୍ ରେକର୍ଡ ରହିଛି। ୩୫୦ କିଲୋ ଓଜନ ବିଶିଷ୍ଟ ଜଣେ ମହିଳାଙ୍କ ଡକ୍ୟୁମେଣ୍ଟେଡ ଓବେସିଟି ସର୍ଜରି ଏବଂ ୬ ବର୍ଷର ଶିଶୁଠାରେ ସେ ସର୍ଜରି କରିଛନ୍ତି। ଭୁବନେଶ୍ୱର ଗସ୍ତରେ ଆସିଥିବା ବେଳେ ଡ. ଭଣ୍ଡାରୀଙ୍କ ସହ ଧରିତ୍ରୀର ଆଳାପ।



ଡ.ମୋହିତ ଭଣ୍ଡାରୀ

ରିପୋର୍ଟ: ସତ୍ୟାନନ୍ଦ ନାୟକ

**ଅଭିବୃଦ୍ଧିଶୀଳ ଅର୍ଥନୀତିଗୁଡିକରେ ମେଦବହୁଳ ରୋଗଜନିତ ସମସ୍ୟା ବଢୁଛି। ଏହାର ବୃଦ୍ଧି ଲାଗି କେଉଁ ପ୍ରମୁଖ କାରଣଗୁଡିକ ଦାୟୀ?**

◆ ଭାରତ ସମେତ ଅନ୍ୟ ଅଭିବୃଦ୍ଧିଶୀଳ ଦେଶଗୁଡିକରେ ମେଦବହୁଳତା ଜନିତ ସ୍ୱାସ୍ଥ୍ୟ ସମସ୍ୟା ବଢୁଛି। ଭାରତ ଏହି କ୍ଷେତ୍ରରେ ବର୍ତ୍ତମାନ ଦ୍ୱିତୀୟ ବୃହତ୍ ଦେଶ। ମେଦବହୁଳତା ହେବାର ଅନେକ କାରଣ ରହିଛି। କେତେକ କ୍ଷେତ୍ରରେ ଏହା ବଂଶାନୁକ୍ରମିକ ହୋଇଥାଏ। ମାତ୍ର ଅଧିକାଂଶ କ୍ଷେତ୍ରରେ ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ, ହର୍ମୁନାଲ ଅସନ୍ତୁଳନ, ଖାଦ୍ୟାଭ୍ୟାସରେ ପରିବର୍ତ୍ତନ, ଜଙ୍କଫୁଡ ଗ୍ରହଣ ଏବଂ ଶାରୀରିକ ପରିଶ୍ରମ ଲୋକମାନଙ୍କ ମଧ୍ୟରେ ହ୍ରାସ ଘଟିଛି, ଫଳରେ ଏହା ମେଦ ବହୁଳତାକୁ ବଢାଇବାରେ କାରଣ ପାଲଟୁଛି।

**ବିଭିନ୍ନ ବୟସ ବର୍ଗର ଲୋକଙ୍କ ମଧ୍ୟରେ ମେଦବହୁଳତା ସମସ୍ୟା ଚିନ୍ତାର କାରଣ ହେଉଛି। କେଉଁ କେଉଁ ଦିଗ ପ୍ରତି ଧ୍ୟାନ ଦିଆଗଲେ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ?**

◆ ଅଧିକାଂଶ ଚିନ୍ତା କରନ୍ତି ଯେ, କେବଳ ସର୍ଜରି କରିଦେଲେ ଏହି ସମସ୍ୟା ଦୂର ହୋଇଯିବ। ଏପରି ଚିନ୍ତା କରିବା ଭୁଲ। ସର୍ଜରି ସବୁଠାରୁ ଶେଷରେ ଆସୁଛି। ଏକ ସୁସ୍ଥ ଜୀବନ ଶୈଳୀ ସମସ୍ତଙ୍କୁ ଆପଣାଇବାକୁ ହେବ। ଏହା ହେଲେ ଏପରି ସମସ୍ୟାକୁ ନିୟନ୍ତ୍ରଣ କରିବା ଦିଗରେ ଆମେ ପ୍ରଥମ ପଦକ୍ଷେପ ଗ୍ରହଣ କରିପାରିବା। ଦ୍ୱିତୀୟରେ ଏନେଇ ସଚେତନତା ମଧ୍ୟ ଜରୁରୀ। ସଚେତନତା ଅଭାବ ଯୋଗୁ ଏପରି ସମସ୍ୟାକୁ ଆମେ ଅଣଦେଖା କରିଥାଉ। ତୃତୀୟରେ ଯାଇ ସର୍ଜରି ଆସୁଛି।

**ବେରିଆଟ୍ରିକରେ ଅନେକେ ରେକର୍ଡ କରିବାରେ ସକ୍ଷମ ହୋଇଛନ୍ତି। ଏ କ୍ଷେତ୍ରରେ କେଉଁ କେଉଁ ସଦ୍ୟତମ ସର୍ଜରି ଏବେ ଗ୍ରହଣ କରାଯାଉଛି?**

◆ ଅନେକ ନୂଆ ନୂଆ ସର୍ଜରି ଏହି କ୍ଷେତ୍ରରେ ଯୋଡି ହେଉଛି। ଆମେରିକାରେ ଏହି କ୍ଷେତ୍ରରେ ସଦ୍ୟତମ କମନ ସର୍ଜରି ସମ୍ପାଦନ କରାଯାଉଛି। ଭାରତରେ ଏଭଳି ପଦ୍ଧତି ମଧ୍ୟ ଦ୍ୱାରା ବର୍ଷକୁ ୫୦,୦୦୦ ପ୍ରୋସେଜ୍ୟୁର ସମ୍ପାଦନ ହେଉଛି। ଏହି ଧାରା ଧୀରେ ଧୀରେ ବଢିବ ବୋଲି ଭାବୁଛୁ। ଏହି ପଦ୍ଧତିରେ ପାକସ୍ଥଳୀ ଏବଂ ଇଣ୍ଟେଷ୍ଟାଇନରେ ସର୍ଜରି ଦ୍ୱାରା ମେଦବହୁଳତା ହ୍ରାସ ଏବଂ ଓଜନ କମ୍ କରାଯାଇଥାଏ।

**ବେରିଆଟ୍ରିକ ସର୍ଜରି ପ୍ରକ୍ରିୟାକୁ ନେଇ ଲୋକଙ୍କ ମନରେ ଅନେକ ଡର ଏବଂ ପ୍ରଶ୍ନ ରହିଥାଏ। ଏ ନେଇ କ'ଣ କହିବେ?**

◆ ଲୋକଙ୍କ ମନରେ ଡର ଏବଂ ପ୍ରଶ୍ନ ନିଶ୍ଚିତ ରହିବ। ଏନେଇ ଲୋକମାନେ ସଚେତନ ହେଲେ ଯାଇ ଏହାକୁ କମ୍ କରାଯାଇ ପାରିବ। ରୋଗୀଙ୍କୁ ଉନ୍ନତ ଓ ସଫଳ ଚିକିତ୍ସା ଆମ ପାଇଁ ବଡ ଉପଲବ୍ଧି। ଏହା ଦ୍ୱାରା ଲୋକଙ୍କ ଭରସା ସର୍ଜରି ଉପରେ ବଢୁଛି। ଏଥିରେ ଡିଷ୍ଟ୍ରିକ ବାଇପାସ,ଏଣ୍ଡୋସ୍କୋପିକ, ଡିଷ୍ଟ୍ରିକ୍ସ ଡିଉଡ୍‌ନାଲ ସ୍ୱିଚ୍ ଭଳି ଅନ୍ୟ ସର୍ଜରିଗୁଡିକ ସମ୍ପାଦନ କରୁଛୁ।

**ଓଡିଶାରେ ଓବେସିଟିକୁ କିଭଳି ଦେଖୁଛନ୍ତି। ବର୍ତ୍ତମାନ କେତେ ପ୍ରତିଶତ ଲୋକଙ୍କ ଠାରେ ଏହା ଦେଖାଯାଉଛି?**

◆ ଓଡିଶାରେ ଓବେସିଟିର ହାର ୨% ରହିଛି। ଏହା ଏତେ ବଡ ନୁହେଁ । କିନ୍ତୁ ମଧୁମେହ ଉଚ୍ଚରେ ରହିଛି। ଜାତୀୟ ସ୍ତର କଥା ବିଚାର କରିଲେ ଓଡିଶା ୮ ନମ୍ବର ସ୍ଥାନରେ ରହିଛି। ପୂର୍ବରୁ ଓଡ଼ିଶା ୧୦ ନମ୍ବରରେ ଥିଲା।

**ମେଦବହୁଳତା ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଡାକି ଆଣିବ କି?**

◆ ମେଦବହୁଳତାଯୋଗୁମଧୁମେହ,ହାଇପରଟେନଶନ ଭଳି ଅନ୍ୟ ସମସ୍ୟା ମଧ୍ୟ ଦେଖାଯାଇଥାଏ। ଏଭଳି ଅପରେଶନ ଲାଗି କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ମଧ୍ୟ ରହିଛି। ଏଣୁ ଲୋକମାନେ ଏହାର ଲାଭ ନେବା ଆବଶ୍ୟକ।

## ଲୟୋଲା ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

# ଦାୟିତ୍ୱବାନ ନାଗରିକ ହେବାକୁ ପରାମର୍ଶ

ଭୁବନେଶ୍ୱର, ୧୭(ବ୍ୟୁରୋ)

ଲୟୋଲା ସ୍କୁଲ ପକ୍ଷରୁ ସୋମବାର ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲରେ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମେଡାଲ ଓ ସାର୍ଟିଫିକେଟ୍ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଚଳିତବର୍ଷ ଦଶମରେ ୭୮ଜଣ ଛାତ୍ରୀଛାତ୍ର ଓ ଦ୍ୱାଦଶରେ ୬ଜଣ ୯୦%ରୁ ଅଧିକ ନମ୍ବର ରଖିଥିଲେ। କେ.ଟି.ଟିର ପରିଚାଳନା ନିର୍ଦ୍ଦେଶକ ତୁତୁଲ ଦାସ ଅତିଥି ଭାବେ ଯୋଗଦେଇ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ର୍‍ୟାଙ୍କ୍‌ରେ ଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମାଜରେ ଜଣେ ଭଲ ମଣିଷ ଓ ଦାୟିତ୍ୱବାନ ନାଗରିକ ହେବା ପାଇଁ ଦାସ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପ୍ରିନ୍ସିପାଲ ଫାଦର ଭିକ୍ଟର ଏଫ୍. ମିସ୍‌କୁଇଥ୍ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ୟୁପିଏସ୍‌ସି ପରୀକ୍ଷାରେ ୧୧୯ ର୍‍ୟାଙ୍କ୍‌ରେ ଥିବା ସ୍କୁଲର ୨୦୧୧ ବ୍ୟାଚ୍‌ର ଦଶମ ଛାତ୍ରୀ ଉପାସନା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ।



ଲୟୋଲା ସ୍କୁଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।
-ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ମହିଳାଙ୍କୁ ଅଟୋରେ ଲୁଟ୍ ଉଦ୍ୟମ, ଯୁବକ ଗିରଫ

**ଅଭିଯୁକ୍ତଙ୍କ ନାଁରେ ୨୭ ମାମଲା**

**ଭୁବନେଶ୍ୱର,୧।୭(ବ୍ୟୁରୋ):** ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ବନ୍ଧୁକ ଦେଖାଇ ଲୁଟପାଟଠାରୁ ଆରମ୍ଭ କରି ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ରବିବାର ଅଟୋରେ ଯାଉଥିବା ଜଣେ ମହିଳାଙ୍କୁ ଲୁଟ ଉଦ୍ୟମ କରୁଥିବାବେଳେ ଅଭିଯୁକ୍ତଙ୍କୁ ଧରାଯାଇଥିଲା। ସେ ହେଲେ ଖଣ୍ଡଗିରି ଥାନା ଅଧୀନ ଶତାବ୍ଦୀ ନଗରରେ ରହୁଥିବା ବିଜୟ ମହାରଣା ଓରଫ ମକରା। ସୂଚନା ମୁତାବକ ଖାରବେଳ ନଗର ଥାନା ଅଧୀନ ପ୍ରେସ କଲୋନୀ ଅଞ୍ଚଳରେ ରହୁଥିବା ଅଟୋ ଡ୍ରାଇଭର ଜଗନ ଦାସ ରବିବାର ସନ୍ଧ୍ୟାରେ ଜଣେ ମହିଳା ଯାତ୍ରୀଙ୍କୁ ଷ୍ଟେଶନ ଛାଡିବାକୁ ଆସୁଥିଲେ। ୧୨୦ ବାଟାଲିୟନରୁ ରବୀନ୍ଦ୍ର ମଣ୍ଡପ ପଟକୁ ଆସିବାବେଳେ ଅଭିଯୁକ୍ତ ମକରା ମହିଳାଯାତ୍ରୀଙ୍କଠାରୁ ଭ୍ୟାନିଟି ଛଡାଇବାକୁ ଉଦ୍ୟମ କରିଥିଲା। ଏହି ସମୟରେ ଜଗନ ହଠାତ ବ୍ରେକ ମାରିବାରୁ ମକରା ଅଟୋ ସହ ଧକ୍କା ହୋଇ ତଳେ ଖସିପଡିଥିଲେ। ସେ ଫେରାର ହେବାକୁ ଚେଷ୍ଟା କରିବା ବେଳେ ଜଗନ ତାଙ୍କୁ ମାଡିବସିବା ସହ ସ୍ଥାନୀୟ ଲୋକ ଜମା ହୋଇ କାବୁ କରି ପିସିଆରକୁ ଦେଇଥିଲେ। ମହିଳାଙ୍କୁ ଜଗନ ଷ୍ଟେଶନ ଛାଡିବା ପରେ ଏ ନେଇ ଖାରବେଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ୧୫୮/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ମକରାଙ୍କ ନାମରେ ଖଣ୍ଡଗିରି, ନୟାପଲ୍ଲୀ, କ୍ୟାପିଟାଲ, ଖାରବେଳ, ମଞ୍ଚେଶ୍ୱର, ଇନଫୋସିଟି ଥାନାରେ୨୭ଟି ମାମଲା ରହିଥିବା ଥାନାଧିକାରୀ ବିଶ୍ୱରଞ୍ଜନ ସେନାପତି ସୂଚନା ଦେଇଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ନାବାଳିକାଙ୍କୁ ମଙ୍ଗଳକୃତ୍ୟରୁ ଉଦ୍ଧାର ଘଟଣା

### ପରିବାରକୁ ହସ୍ତାନ୍ତର କଲା ଚାଇଲ୍ଡଲାଇନ

**ପୁରୁଣା ଭୁବନେଶ୍ୱର,୧।୭(ଡି.ଏନ୍.ଏ):** ଜନୈକା ନାବାଳିକାଙ୍କୁ ମାଆବାପା ବିବାହ କରାଇବା ପାଇଁ ଉଦ୍ୟମ କରୁଥିବା ବେଳେ ଚାଇଲ୍ଡ ଲାଇନ ଖବରପାଇ ଉଦ୍ଧାର କରିଥିଲା। ତେବେ ସୋମବାର ସିଡବ୍ଲୁସି ଚାପ ପଡିବାପରେ ଆସିକାର ସମ୍ପୃକ୍ତ ନାବାଳିକାଙ୍କ ପରିବାରଙ୍କୁ ଚାଇଲ୍ଡ ଲାଇନ ଉଦ୍ଧାର କରିଥିବା ୧୬ବର୍ଷୀୟା ନାବାଳିକାଙ୍କୁ ହସ୍ତାନ୍ତର କରିଛି। ଚାଇଲ୍ଡ ଲାଇନ ଅଧକ୍ଷ ଡ. ବେଣୁଧର ସେନାପତିଙ୍କ ସୂଚନା ମୁତାବକ, ନାବାଳିକାଙ୍କ ବୟସ ଆଧାର କାର୍ଡରେ ୧୮ବର୍ଷ ହୋଇଯାଇଥିବାବେଳେ କିନ୍ତୁ ମାଟ୍ରିକ ସାର୍ଟିଫିକେଟରେ ୧୬ବର୍ଷ ଥିଲା। ଏଥିଯୋଗୁ ଚାଇଲ୍ଡ ଲାଇନ ନାବାଳିକାଙ୍କ ମଙ୍ଗଳକୃତ୍ୟ ଦିନ ତମାଣ୍ଡୋରୁ ଉଦ୍ଧାର କରିଥିଲା। ତେବେ ଉକ୍ତ ଘଟଣା ସଡବ୍ଲୁସି ନଜରରେ ଆସିବା ପରେ ଘଟଣା ବିଷୟରେ ପରଖି ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର ପାଇଁ ଚାଇଲ୍ଡ ଲାଇନକୁ କହିଥିଲା। ସୋମବାର ସମ୍ପୃକ୍ତ ନାବାଳିକାଙ୍କ ମା' ଏକ ଚୁକ୍ତିନାମା ଲେଖି ଚାଇଲ୍ଡ ଲାଇନଙ୍କଠାରୁ ନିଜ ଝିଅଙ୍କୁ ଘରକୁ ନେଇଛନ୍ତି। ମାଟ୍ରିକ ସାର୍ଟିଫିକେଟ ନ ଦେଖାଇବା ପର୍ଯ୍ୟନ୍ତ ନାବାଳିକାଙ୍କୁ କେଉଁଠି ବିବାହ କରିପାରିବେ ନାହିଁ ବୋଲି ଚୁକ୍ତିନାମାରେ ଦର୍ଶାଇଛନ୍ତି।

# ବିଭାଗ ମଧ୍ୟରେ ରହୁନି ସମନ୍ୱୟ

## ସ୍ମାର୍ଟସିଟିବାସୀଙ୍କ ପ୍ରଶ୍ନ : ସମାଧାନ କରିବ କିଏ ?

### ସୁଧୁରୁନି ଇସ୍କନ ମନ୍ଦିର ସମ୍ମୁଖ ବର୍ଷାପାଣି ଜମିବା ସମସ୍ୟା



ସ୍ମିତପ୍ରଜ୍ଞ ମିଶ୍ର
ଭୁବନେଶ୍ୱର, ୧।୭(ବ୍ୟୁରୋ)

ରବିବାର ସନ୍ଧ୍ୟାରେ ପ୍ରାୟ ୧ ଘଣ୍ଟାର ବର୍ଷାରେ ସ୍ମାର୍ଟସିଟି ଭୁବନେଶ୍ୱରର ଅବସ୍ଥା ବେହାଲ ହୋଇପଡିଥିଲା। କେଉଁଠି ଅଣ୍ଟାଏ ତ ଆଉ କେଉଁଠି ଆଣ୍ଠୁଏ ପାଣି ଜମିଥିବାର ଦେଖିବାକୁ ମିଳିଥିଲା। ମୁଖ୍ୟତଃ ଇସ୍କନ ମନ୍ଦିର ସମ୍ମୁଖରେ ପ୍ରତ୍ୟେକ ବର୍ଷ ପରି ଏଥର ମଧ୍ୟ ଲୋକେ ଜଳବନ୍ଦୀ ସମସ୍ୟାରେ ପଡ଼ିଥିଲେ। ବର୍ଷା ଜଳ ନିଷ୍କାସନ ନ ହୋଇପାରିବାରୁ ସେଭଳି ରାସ୍ତା ଉପରେ ଜମି ରହିଥିଲା। ଫଳରେ ୨୦ରୁ ଊର୍ଦ୍ଧ୍ୱ କାର, ଅଟୋରିକ୍ସା ସେଠାରେ ଫସି ରହି ଭାସୁଥିବାର ଦେଖାଯାଇଥିଲା। ଏଥିଯୋଗୁ ଅନ୍ୟ ଗାଡିଗୁଡ଼ିକ ମଧ୍ୟ ଆଗକୁ ନ ଯାଇପାରି ଦୀର୍ଘ ସମୟ ଧରି ଜାତୀୟ ରାଜପଥରେ ଛିଡା ହୋଇ ରହିଥିଲା। ବର୍ଷାଦିନ ଆରମ୍ଭ ହେଉ ହେଉ ରାଜଧାନୀ ଏଭଳି ଜଳମଗ୍ନ ହୋଇପଡ଼ିବା ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଓ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗୀୟ ଅଧିକାରୀମାନେ କେବଳ ନିଜ ନିଜ ଉପରେ ଦୋଷ ଲଦା ଲଦି ହେଉଛନ୍ତି। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ବିଏମ୍‌ସି ଉପରେ ଦୋଷ ଲଦୁଥିବା ବେଳେ ବିଏମ୍‌ସି କର୍ତ୍ତୃପକ୍ଷ ସେମାନଙ୍କ ଉପରେ ଦୋଷ ଲଦୁଛନ୍ତି। ଉଭୟଙ୍କ ମଧ୍ୟରେ ସମନ୍ୱୟ ରହୁନି। ଏ ନେଇ କିଛି ନିଷ୍କର୍ଷ ବି ମିଳିପାରୁନି। ଫଳରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଜଳ ନିଷ୍କାସନ ନ ହେବାର ମୁଖ୍ୟ ସମସ୍ୟା ହେଉଛି ଡ୍ରେନ ଜାମ୍ ରହିବା। ଏଭଳି ସମସ୍ୟା ପ୍ରତିବର୍ଷ ଦେଖିବାକୁ ମିଳୁଥିଲେ ମଧ୍ୟ ବିଏମ୍‌ସି କିମ୍ବା ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହାର ନିରାକରଣ ପାଇଁ ସେଭଳି ଆନ୍ତରିକତା ନ ଥିବା ସ୍ପଷ୍ଟ ବୁଝାପଡୁଛି।

### ଏନ୍‌ଏଚ୍‌ଏଆଇ ଚେଷ୍ଟା କରୁଛି

ଏନ୍‌ଏଚ୍‌ଏଆଇ ତା' ପକ୍ଷରୁ ସବୁଚେଷ୍ଟା କରୁଛି। ଡ୍ରେନେଜ୍ ସଫା ଅଛି, ହେଲେ ଅଧିକାଂଶ ଅଳିଆ ଆବର୍ଜନା ପଶି ତାକୁ ଜାମ କରି ଦେଉଛି। ଯଦି ଡ୍ରେନେଜ୍ ମୁହଁ ସଫା ହୋଇ ରହନ୍ତା ତାହେଲେ ବର୍ଷା ପାଣି ଠିକ୍ ଭାବେ ନିଷ୍କାସନ ହୋଇପାରନ୍ତା। ବିଏମ୍‌ସି କର୍ତ୍ତୃପକ୍ଷମାନେ ମଧ୍ୟ ଏ ନେଇ କାର୍ଯ୍ୟ କରିବା ଆବଶ୍ୟକ।

**ଦେବପ୍ରସାଦ ସାହୁ,**
**ଏନ୍‌ଏଚ୍‌ଏଆଇ ପ୍ରୋଜେକ୍ଟ ଡାଇରେକ୍ଟର**

### ଗୋଟିଏ ସାଇଫନ୍‌ରେ ବର୍ଷାଜଳ ନିଷ୍କାସନ ଅସମ୍ଭବ



ସିଆର୍‌ପିରୁ ନୟାପଲ୍ଲୀ ଯାଏଁ ଯାଇଥିବା ରାସ୍ତାରେ ଏନ୍‌ଏଚ୍‌ଏଆଇ ଦ୍ୱାରା ମାତ୍ର ଗୋଟିଏ ସାଇଫନ ଦିଆଯାଇଛି। ସବୁଆଡୁ ପାଣି ଆସି ଇସ୍କନ ସମ୍ମୁଖରେ ଜମା ହେଉଛି। ଗୋଟିଏ ସାଇଫନରେ ଏତେ ପାଣି ଏକକାଳୀନ ନିଷ୍କାସନ ହେବା ଅସମ୍ଭବ। ବିଏମ୍‌ସି ତା' କାମ କରୁଛି କିନ୍ତୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ମଧ୍ୟ ଏନେଇ ତତ୍ପରତା ଦେଖାଇବା ଜରୁରୀ।

**ଦେବସୁନ୍ଦର ମହାପାତ୍ର,**
**ସିଟି ଇଞ୍ଜିନିୟର**

### ନୂଆ ଡ୍ରେନ ହେଲେ ସମସ୍ୟା ଯିବ



ଜଳ ନିଷ୍କାସନ ପାଇଁ ନୂଆ ଡ୍ରେନ ହେବା ନିହାତି ଜରୁରୀ। କିନ୍ତୁ ହାଇକୋର୍ଟରେ ଲୋକମାନେ ଡ୍ରେନ କରିବା ସ୍ଥାନରେ ଷ୍ଟେ-ଅର୍ଡର ଆଣି ଅଟକାଇ ରଖିଛନ୍ତି। ଫଳରେ ଜଳବନ୍ଦୀ ଅବସ୍ଥା ଦେଖାଯାଉଛି। ସେହିପରି ବକ୍ସ ଡ୍ରେନ କରିବା ଲାଗି ଟେଣ୍ଡର ସରିଛି କିନ୍ତୁ ଏନେଇ କାର୍ଯ୍ୟ ଆରମ୍ଭ ହୋଇନାହିଁ। କାମ ଆରମ୍ଭ ହେଲେ ଜଳବନ୍ଦୀ ସମସ୍ୟା ରହିବ ନାହିଁ।

**ପ୍ରଦୀପସାଗର ଦୁରିଆ,**
**ବିଏମ୍‌ସି ଡ୍ରେନେଜ ଇଞ୍ଜିନିୟର**

### ଇସ୍କନ ପାଖରେ ଜମାହେଉଛି ଓଭରବ୍ରିଜ ପାଣି



ଇସ୍କନ ମନ୍ଦିର ଯେଉଁଠି ଅଛି ତାହା ହେଉଛି ତଳି ଅଞ୍ଚଳ। ଆଗରୁ ଫ୍ଲାଏ ଓଭର ନ ଥିବା ସମୟରେ ମଧ୍ୟ ସେଠାରେ ପାଣି ଜମୁଥିଲା ହେଲେ ଏତେ ପରିମାଣର ନଥିଲା। ଯାତାୟାତ ହୋଇପାରୁଥିଲା। କିନ୍ତୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଫ୍ଲାଏ ଓଭର କରିବା ପରେ ଇସ୍କନ ସମ୍ମୁଖରେ ପାଣି ନିଷ୍କାସନ ପାଇଁ ବାଟ ଦେଲେ। ଆଗରୁ ବି ପାଣି ଜମା ହୁଏ ଏବେ ଓଭରବ୍ରିଜ ପାଣି ଇସ୍କନ ପାଖରେ ଜମାହେଉଛି। ଯାହା ଫଳରେ ଏବେ ଏ ସମସ୍ୟା ଦେଖାଦେଇଛି।

**ନବକିଶୋର ବେହେରା,**
**ପୂର୍ବତନ କର୍ପୋରେଟର, ୱାର୍ଡ ୩୭**

### ଇସ୍କନରୁ ଜୟଦେବ ବିହାର ଯାଏଁ ଡ୍ରେନ ଆବଶ୍ୟକ



ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଇସ୍କନରୁ ଜୟଦେବ ବିହାରରେ ଥିବା ମୁଖ୍ୟ ଡ୍ରେନ ଯାଏଁ ଏକ ସ୍ୱତନ୍ତ୍ର ଡ୍ରେନ କରିବା ଆବଶ୍ୟକ। ଇସ୍କନ ପାଇଁ ୱାର୍ଡ ୩୭, ୩୮ ଓ ୩୯ର ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାଣି ନିଷ୍କାସନ ନ ହେବାରୁ ଅଧିକାଂଶ ଲୋକଙ୍କ ଘରେ ମଧ୍ୟ ପାଣି ପଶୁଥିବା ନଜରକୁ ଆସିଛି।

**ନିଖିଳ ବଳବନ୍ତରାୟ,**
**ପୂର୍ବତନ କର୍ପୋରେଟର, ୱାର୍ଡ ୩୮**

### ଜବରଦଖଲରେ ଡ୍ରେନ, ସଚେତନ ହେଉନାହାନ୍ତି ଲୋକେ



ବର୍ଷା ପାଣି ନିଷ୍କାସିତ ନ ହେବାର ମୁଖ୍ୟ କାରଣ ହେଉଛି ଡ୍ରେନ। ମୁଖ୍ୟତଃ ଡ୍ରେନଗୁଡ଼ିକ ପୁରୁଣା ହୋଇଗଲାଣି, ତା'ର ପୁନରୁଦ୍ଧାର ଆବଶ୍ୟକ ପଡ଼ିଲାଣି। ଲୋକମାନେ ଡ୍ରେନ ଉପରେ ଜବରଦଖଲ କରି ରହିଛନ୍ତି। ଫଳରେ ଡ୍ରେନ ସଫା ହୋଇପାରୁନି। ତେଣୁ ଜଳବନ୍ଦୀ ହେବା ସାଧାରଣ କଥା। ଯେପର୍ଯ୍ୟନ୍ତ ଲୋକେ ସଚେତନ ହୋଇନାହାନ୍ତି, ସେପର୍ଯ୍ୟନ୍ତ କିଛି ହୋଇପାରିବ ନାହିଁ।

**ପ୍ରତିଭା ସାମନ୍ତରାୟ,**
**ପୂର୍ବତନ କର୍ପୋରେଟର, ୱାର୍ଡ-୩୯**

### ଏ ବିଷୟରେ ଆଲୋଚନା ଜରୁରୀ



ବିଭାଗୀୟ କର୍ତ୍ତୃପକ୍ଷମାନେ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରନ୍ତୁ। ପାଣି ଜମିବା ହେଉ କି ଡ୍ରେନେଜ ସଫେଇ କରିବା ସବୁଥିରେ ତାଳମେଳ ରହିବା ଆବଶ୍ୟକ। ସେମାନେ ଶୀତତାପ ନିୟନ୍ତ୍ରିତ ଘରେ ବସୁଛନ୍ତି କିନ୍ତୁ ଏଠି ଲୋକ ହୀନସ୍ତା ହେଉଛନ୍ତି। ଏ ବିଷୟରେ ଆଲୋଚନା କରିବା ଜରୁରୀ।

**ମିଳନ ପାଇକରାୟ, ସାମାଜିକ କର୍ମୀ**

■ ପ୍ରେରଣା ଗ୍ରୀନ୍ ଆର୍ମି ପକ୍ଷରୁ ଜାତୀୟ ବନ ମହୋତ୍ସବ

# ଜନସାଧାରଣ ବ୍ୟାପକ ବୃକ୍ଷରୋପଣ କରନ୍ତୁ: ବାଚସ୍ପତି




ସ୍କୁଲ ପିଲାଙ୍କ ଗହଣରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର।

ଭୁବନେଶ୍ୱର, ୧।୭(ବ୍ୟୁରୋ)

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରେରଣା ଗ୍ରୀନ୍ ଆର୍ମି ଏବଂ ୮ ନମ୍ବର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମିଳିତ ସହଯୋଗରେ ସ୍କୁଲ୍ ପରିସରରେ ଜାତୀୟ ବନ ମହୋତ୍ସବ ୨୦୧୯ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଫନୀ କ୍ଷତିଗ୍ରସ୍ତ ସଡ଼ିଶାକୁ ସବୁଜ ସୁନ୍ଦର କରିବା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି। ଜନସାଧାରଣଙ୍କ ସହ ଛାତ୍ରୀଛାତ୍ର ଏବଂ ସ୍ୱେଚ୍ଛାସେବୀ ସଂଗଠନ ଶିକ୍ଷାନୁଷ୍ଠାନ ପରିସର, ମନ୍ଦିର, କ୍ଲବ୍ ଏବଂ ପତିତ ଜମିରେ ବୃକ୍ଷରୋପରଣ କରିବାକୁ ଆଗେଇ ଆସିବା ଉଚିତ୍ ବୋଲି ବାଚସ୍ପତି କହିଥିଲେ।

ପ୍ରେରଣା ଗ୍ରୀନ୍ ଆର୍ମିର ଚିଫ୍ କମାଣ୍ଡର୍ ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସ୍କୁଲ୍‌ର ପ୍ରଧାନ ଆଚାର୍ଯ୍ୟ ତପନ କୁମାର ପଣ୍ଡା, ସ୍କୁଲ୍ ପରିଚାଳନା ପରିଷଦର ସମ୍ପାଦକ ସୁକାନ୍ତ କୁମାର ସାମନ୍ତରାୟ, ପୂର୍ବତନ କର୍ପୋରେଟର ନବକିଶୋର ବେହେରା, ସାମାଜିକ କର୍ମୀ ବିଶ୍ୱମୋହନ ପଟ୍ଟନାୟକ, ନୀଳକଣ୍ଠ ସେବା ପ୍ରତିଷ୍ଠାନର ସଭାପତି ଶିବାନନ୍ଦ ମିଶ୍ର, ସିଟିକ୍ଲବ୍‌ର ସମ୍ପାଦକ ପ୍ରଦୀପ ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ବୃକ୍ଷରୋପରଣର ଉପକାରିତା ସମ୍ପର୍କରେ କହିଥିଲେ। ଏହି ଅବସରରେ ଅତିଥିମାନଙ୍କ ସହ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ଯାଇ ଲୋକଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ।

# ଆନ୍ତଃରାଜ୍ୟ ନିଶା ବ୍ୟବସାୟୀ ଗିରଫ

କଟକ ରୋଡ,୧।୭(ଡି.ଏନ୍.ଏ.)

ସ୍ମାର୍ଟସିଟିରେ ବେଧଡକ ଚାଲିଛି ନିଶା କାରବାର। ଜ୍ୱାଇଁଙ୍କ ଭଡାଘରେ ରହି ଶ୍ୱଶୁର ନିଶାଦ୍ରବ୍ୟ ଚାଲାଣ କରୁଥିବା ଅଭିଯୋଗରେ ସୋମବାର ଭୁବନେଶ୍ୱର ମୋବାଇଲ ସ୍କ୍ୱାଡ ଓ ଖୋର୍ଦ୍ଧା ଜିଲା ଅବକାରୀ ଟିମ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ମେଦ୍ରା ଗ୍ରାମର ସୁବଳ ସାମନ୍ତରାୟ। ତାଙ୍କଠାରୁ ୫କୁଇଣ୍ଟାଲ ୪୧କେଜି ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ମୂଲ୍ୟ ୨୭ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ମୋବାଇଲ ସ୍କ୍ୱାଡ ଇନ୍ସପେକ୍ଟର ପ୍ରଭାତ କୁମାର ସେଠୀ କହିଛନ୍ତି।

ସୂଚନା ଅନୁଯାୟୀ, ଗତ ପ୍ରାୟ ୨ବର୍ଷ ଧରି ସୁବଳଙ୍କ ଝିଅ ଓ ଜ୍ୱାଇଁ ଖଣ୍ଡଗିରି ଥାନା ଅଧୀନ କୋଳଥିଆ ଅଞ୍ଚଳରେ ୧୦ହଜାର ଟଙ୍କା ଭଡାରେ ଏକ ଘର ନେଇଥିଲେ। ଜ୍ୱାଇଁଙ୍କ ଏକ ଫଟୋ ଷ୍ଟୁଡିଓ ଆଗ୍ରାରେ ଥିବାବେଳେ ଝିଅଙ୍କ ସହ ସୁବଳ ରୁହନ୍ତି। ଗଜପତି ଜିଲା ଅଡବା ଥାନା ଅଞ୍ଚଳରୁ ସେ ଗଞ୍ଜେଇ ଆଣି ଭଡାଘରେ ଗଚ୍ଛିତ ରଖିବା ସହ ଆନ୍ଧ୍ର, ଗୁଜରାଟ, କୋଲକାତା ଓ ଦିଲ୍ଲୀ ଅଞ୍ଚଳକୁ ଏକ ସ୍ୱତନ୍ତ୍ର ଗ୍ୟାଙ୍ଗ ମାଧ୍ୟମରେ ଯୋଗାଇଥାନ୍ତି। ଗଜପତି ଅଞ୍ଚଳରୁ ବସ୍ ଯୋଗେ ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡରେ ପହଞ୍ଚିବା ପରେ ବିଭିନ୍ନ ଗାଡି ମାଧ୍ୟମରେ କୋଳଥିଆ ଭଡାଘରେ ପହଞ୍ଚାଇଥାଆନ୍ତି ବୋଲି ସୁବଳ ଅବକାରୀ ଅଧିକାରୀଙ୍କ ନିକଟରେ ସ୍ୱୀକାର କରିଛନ୍ତି। ପ୍ରାୟ ୧୫ଶହ ଟଙ୍କାରେ ଗଞ୍ଜେଇ କିଣି ଏହାକୁ ରାଜ୍ୟ ବାହାରେ ୫ହଜାର ଟଙ୍କା (କେଜି)ରେ ବିକ୍ରି କରନ୍ତି। ଅନ୍ୟପକ୍ଷେ ସୂଚନା ମିଳିବା ପରେ ରବିବାର ରାତିରେ ସୁବଳଙ୍କୁ ଧରିବା ପାଇଁ ଅବକାରୀ ବିଭାଗ ଯୋଜନା ପ୍ରସ୍ତୁତି କରିଥିଲା। ତାଙ୍କ ଘର ନିକଟରେ ଜଗି ରହିବା ସହ ସୋମବାର ସକାଳ ପ୍ରାୟ ୮ଟାରେ ଅତର୍କିତ ଚଢ଼ାଉ ପରେ ସୁବଳ ଧରାପଡିବା ସହ ଗଞ୍ଜେଇ ତାଙ୍କ ଘରୁ ମିଳିଥିଲା। ଏକାଧିକ ଟ୍ରଙ୍କରେ ପ୍ୟାକେଟ କରି ସେ ଗଞ୍ଜେଇ ରଖିଥିଲେ। ପ୍ରତିଦିନ ସନ୍ଧ୍ୟାରେ କୋଲକାତା ତଥା ବାହାର ଅଞ୍ଚଳକୁ ଯାତ୍ରୀବାହୀ ବସରେ ଗଞ୍ଜେଇ ପଠାନ୍ତି ବୋଲି ଅବକାରୀ ସବ୍‌ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ କହିଛନ୍ତି। ୧ବର୍ଷ ପୂର୍ବେ ସୁବଳଙ୍କ ଭଡାଘର ନିକଟକୁ ଆସିଥିବା ଜଣେ ଯୁବକଙ୍କୁ ଖଣ୍ଡଗିରି ପୋଲିସ ଧରିଥିଲା। ଏନେଇ ପୋଲିସ କୌଣସି ପଚରାଉଚରା କରିନାହିଁ ବୋଲି ସୁବଳ ଗଣମାଧ୍ୟମରେ କହିଛନ୍ତି। ଏନେଇ ଅବକାରୀ କାର୍ଯ୍ୟାଳୟରେ ମାମଲା (ନଂ. ୩୯/୨୦୧୯-୨୦୨୦)ରୁଜୁ ହୋଇଛି। ଏନେଇ ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷକ ପ୍ରସନ୍ନ କୁମାର ଆଚାର୍ଯ୍ୟ କୁହନ୍ତି, ଘର ମାଲିକଙ୍କୁ ନୋଟିସ ଦିଆଯିବା ସହ ଅଧିକ ତଦନ୍ତ ପାଇଁ ୨ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ।



ଗିରଫ ଅଭିଯୁକ୍ତ।



ଜବତ ହୋଇଥିବା ଗଞ୍ଜେଇ।

■ ୨୭ଲକ୍ଷ ଟଙ୍କାର ଗଞ୍ଜେଇ ଜବତ
■ ଜ୍ୱାଇଁଙ୍କ ଘରେ ଚଳାଉଥିଲେ ଚୋରା ଚାଲାଣ
■ ଘର ମାଲିକଙ୍କୁ କରାଯିବ ନୋଟିସ

# ଚାକିରି କାଳର ଅଭିଜ୍ଞତା ନେଇ ଜୀବନକୁ ଅର୍ଥପୂର୍ଣ୍ଣ କର

ଭୁବନେଶ୍ୱର, ୧।୭(ବ୍ୟୁରୋ)

ଚାକିରି ଜୀବନର ଅଭିଜ୍ଞତା, ଅନୁଭବ ଓ ସମ୍ପର୍କକୁ ନେଇ ଅବସର ଜୀବନକୁ ଅଧିକ ଅର୍ଥପୂର୍ଣ୍ଣ କରିବା ପାଇଁ ବିଭାଗର ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀମାନେ ଖସଡ଼ା ପ୍ରସ୍ତୁତ କରିବାକୁ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ପରାମର୍ଶ ଦେଇଛନ୍ତି । ସୋମବାର ଅପରାହ୍ନରେ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଜଳନ୍ଧର ପୁଷ୍ପିକା, ନିର୍ଗମନ ଉପ ବିଭାଗ ଅଧୀକ୍ଷକ କୁମୁଦିନୀ ଦାଶ ଓ ପ୍ରେସ ପ୍ରକୋଷ୍ଠ କର୍ମଚାରୀ କେତକୀ ଦାସଙ୍କ ସେବା ନିବୃତ୍ତି ଅବସରରେ ଅନୁଷ୍ଠିତ ସଭାରେ ସେମାନଙ୍କ ଅବସର ଜୀବନରେ ସୁସ୍ଥତା, କର୍ମଚଞ୍ଚଳତା ଓ ଶୃଙ୍ଖଳା ଅବ୍ୟାହତ ରହିବ ଏବଂ ଭବିଷ୍ୟତରେ ସେମାନେ ସମାଜ ପ୍ରତି ନିଜସ୍ୱ ଅବଦାନ ପ୍ରକଟ କରିବେ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ନିର୍ଦ୍ଦେଶକ ତଥା ଯୁଗ୍ମ ଶାସନ ସଚିବ ନିରଞ୍ଜନ ସେଠୀ ଅଧ୍ୟକ୍ଷତା କରିଥିବା ବେଳେ ଯୁଗ୍ମ ଶାସନ ସଚିବ ଶୁଭେନ୍ଦ୍ର କୁମାର ନାୟକ, ଯୁଗ୍ମ ନିର୍ଦ୍ଦେଶକ ବିପିନ ବିହାରୀ ବାରିକି, ବରିଷ୍ଠ ସୂଚନା ଅଧିକାରୀ ସୂର୍ଯ୍ୟରଞ୍ଜନ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସେମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ପୁସ୍ତକ ପ୍ରଦାନ କରାଯାଇଛି।




ଓଡ଼ିଶା ସମାଜସେବୀ ମହାସଂଘ ପକ୍ଷରୁ ସୋମବାର ସୂଚନା ଭବନରେ ଅନୁଷ୍ଠିତ 'ଉତ୍କଳ ବୀର ସମ୍ମାନ' ପ୍ରଦାନ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିତ୍ୱମାନେ।

# ବଳରାମପୁର ପଥର ଖାଦାନରେ ଏସ୍‌ଟିଏଫ୍‌ର ଚଢ଼ାଉ

ଭୁବନେଶ୍ୱର,୧।୭(ବ୍ୟୁରୋ)

■ ୩ ଖଣିମାଫିଆ ଗିରଫ
■ ପଥର ବୋଝେଇ ଟ୍ରକ, ଟ୍ରାକ୍ଟର ଜବତ

ଗତ ଶନିବାର ରାତିରେ ଖୋର୍ଦ୍ଧା ଏଲ୍‌ଆଇସି ପଡିଆରେ ଡ୍ରଗ୍ସ ମାଫିଆ ସଞ୍ଜୟ ପ୍ରଧାନ, ଅନିଲ ବରାଳ ଓ ତା'ର ସହଯୋଗୀଙ୍କୁ ଧରିବାକୁ ଯାଇ ଏସ୍‌ଟିଏଫ୍ ଟିମ୍ ଏନ୍‌କାଉଣ୍ଟର କରିଥିଲା। ହେଲେ ଏଥିରେ ଆହତ ହୋଇ ସଞ୍ଜୟ ଓ ତା'ର ସହଯୋଗୀ ଖସିଯିବା ସହ ଜନ୍ ଖୁଣ୍ଟିଆକୁ ଗିରଫ କରାଯାଇଥିଲା। ସୋମବାର ଏସ୍‌ଟିଏଫ୍ ଖୋର୍ଦ୍ଧା ଟାଙ୍ଗୀ ତହସିଲ ଅନ୍ତର୍ଭୁକ୍ତ ବଳରାମପୁର ପଥର ଖାଦାନରେ ଅତର୍କିତ ଚଢାଉ କରିଛି। ଏସ୍‌ଟିଏଫ୍ ଇନ୍ସପେକ୍ଟର ଆଲୋକ ଜେନାଙ୍କ ନେତୃତ୍ୱରେ ଏହି ଟିମ୍ ଚଢାଉ କରିଥିଲା। ଚଢାଉ ସମୟରେ ୩ଜଣ ଖଣି ମାଫିଆଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡର ଶ୍ୟାମବନ୍ଧୁ ଡାକୁଆ, ମାନସ ରଞ୍ଜନ ପ୍ରଧାନ, ଓ ଖୋର୍ଦ୍ଧା ଜଙ୍କିଆର ମୁକୁନ୍ଦ ଖଣ୍ଡାୟତ ରାୟ। ପଥର ଖାଦାନରେ ବ୍ୟବହୃତ କରାଯାଉଥିବା କ୍ରସର ଫିଟେଡ ଟ୍ରାକ୍ଟର, ପଥର ବୋଝେଇ ଟ୍ରକ, ଅଟୋକଟ ଷ୍ଟାବିଲାଇଜର, ଇଲେକ୍ଟ୍ରି ୱାୟାର, ହାମର, ଜ୍ୟାକ, ଡ୍ରିଲର, ଡିଜେଲ କମ୍ପ୍ରେସର ଆଦି ଅନେକ ସାମଗ୍ରୀଙ୍କୁ ଏସ୍‌ଟିଏଫ୍ ଜବତ କରିଛି।

ଏହି ତିନିଜଣ ଖଣି ମାଫିଆ ବଳରାମପୁର ପଥର ଖାଦାନରେ ନିୟମିତ ଭାବେ ପଥର ଚୋରା ଚାଲାଣ କରୁଥିଲେ। ଏପରିକି ସେମାନେ ଜିଲା ପ୍ରଶାସନ ଓ ସ୍ଥାନୀୟ ପୋଲିସକୁ ମୋଟା ରକମର ଟଙ୍କା ଦେଇ ଏଭଳି କାରବାର କରୁଥିଲେ। ଜିଲା ପ୍ରଶାସନ ଓ ପୋଲିସ ସବୁ ଜାଣିଥିଲେ ମଧ୍ୟ ଚୁପ ରହୁଥିଲେ। ଏପରିକି ଏହି ବେଆଇନ ପଥର ଖାଦାନ ପଛରେ ଅନେକ କୁଜି ନେତା ସମ୍ପୃକ୍ତଥିବା ଚର୍ଚ୍ଚା ହେଉଛି। ସେମାନେ ନିଜ ରାଜନୈତିକ ଚାପ ପକାଇ ଏଭଳି ପଥର ଖଣିକୁ ଖୋଜି ପଥର ବିକ୍ରି କରୁଥିଲେ। ସୋମବାର ଖୋଲା ଚାଲୁଥିବା ନେଇ ଏସ୍‌ଟିଏଫ୍ ଖବରପାଇ ଚଢାଉ କରିଥିଲା। ଚଢାଉ ସମୟରେ ଗିରଫ ୩ଜଣ ଖଣିମାଫିଆ ଖସି ଯିବାକୁ ଉଦ୍ୟମ କରିବା ସମୟରେ ଏସ୍‌ଟିଏଫ୍ ଟିମ୍ ସେମାନଙ୍କୁ ଘେରି ଗିରଫ କରିଥିଲେ। ଗିରଫ ଅଭିଯୁକ୍ତଙ୍କୁ ସୋମବାର ଟାଙ୍ଗି ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଛି। ସେମାନଙ୍କ ବିରୋଧରେ ଏସ୍‌ଟିଏଫ୍ କେସ୍ ନଂ-୯ ଦଫା ୩୭୯,୪୪୭,୩୪ ଓ ଆର୍ମସ ଆକ୍ଟ ୨୫,୨୭ ଏବଂ ଇଣ୍ଡିଆନ ଏସ୍‌ପ୍ଲୋସିଭ ଆକ୍ଟ ୩,୪,୫ ଲଗାଇ କୋର୍ଟ ଚାଲାଣ କରିଥିଲା। ସୂଚନାଯୋଗ୍ୟ, ପୂର୍ବରୁ ଖୋର୍ଦ୍ଧା ତହସିଲ ତାପଙ୍ଗ ଖରିରେ ଚଢାଉ ବେଳେ ଜଣେ ଖଣି ମାଫିଆକୁ ଏସ୍‌ଟିଏଫ ଗିରଫ କରିଥିଲା। ଗିରଫ ୩ଜଣ ଅଭିଯୁକ୍ତଙ୍କ ଲିଙ୍କରେ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ଖୋଳତାଡ କରୁଛି। ସେମାନଙ୍କୁ ଧରିବା ପାଇଁ ଏସ୍‌ଟିଏଫ୍ ଦୁଇଟି ଟିମ ବିଭିନ୍ନ ସ୍ଥାନରେ ଚଢାଉ କରୁଛି।

ପୂର୍ବରୁ ଏସ୍‌ଟିଏଫ୍ ନଜରରୁ ଖସିଯାଇଥିବା ଖଣିମାଫିଆ ସଞ୍ଜୟ ପ୍ରଧାନ ମଧ୍ୟ ଏହି ୩ ଅଭିଯୁକ୍ତଙ୍କ ଲିଙ୍କରେ ରହିଥିଲେ। ଶନିବାର ସଞ୍ଜୟର ସହଯୋଗୀ ଜନ୍‌କୁ ଗିରଫ କରିବା ପରେ ଖଣି ଲିଙ୍କ୍ ସମ୍ପର୍କରେ ବହୁ ଗୁମର ତଥ୍ୟ ଏସ୍‌ଟିଏଫ୍‌କୁ ଦେବା ପରେ ଏହି ଚଢ଼ାଉ ହୋଇଥିଲା।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମ୍ମୁନ୍ନତ କରାଇପାରିବେ।
- ମଦନମୋହନ ମାଲବ୍ୟ



# ଆନ୍ତଃରାଜ୍ୟ କାର ଲୁଟେରା ଗ୍ୟାଙ୍ଗ୍ ଠାବ: ୪ ଗିରଫ

**କଟକ ଅଫିସ,୧।୭**



## ଟାର୍ଗେଟରେ ଥିଲା କଟକ-ଭୁବନେଶ୍ୱର ହାଇୱେ



- ୩ କାର, ଚାବି, ୫ ମୋବାଇଲ ଜବତ
- ଲୁଟ୍ କାର କୋଲକାତାରେ ବିକ୍ରି କରୁଥିଲେ

କଟକ ସଦର ପୋଲିସ ଏକ ଆନ୍ତଃରାଜ୍ୟ କାର ଲୁଟେରା ଗ୍ୟାଙ୍ଗ୍‌କୁ ଠାବ କରିଛି। ଏହି ଘଟଣାରେ ଗ୍ୟାଙ୍ଗ୍‌ର ୪ ଜଣଙ୍କୁ ପୋଲିସ ବାଲେଶ୍ୱରରୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ନିଳାଦ୍ରୀ ବିହାର ଅଞ୍ଚଳର ଦେବାଶିଷ ବଳ ଓରଫ୍ ସନ୍ନି(୨୯), ଉତ୍ତରପ୍ରଦେଶର ପ୍ରତାପଗଡ ଜିଲାର ଇଷ୍ଟିୟାକ୍ ଅଲ୍ଲୀ ସେଖ୍(୪୫), ମହମ୍ମଦ କଲିମ(୪୨) ଓ ଅନୱାର ଖାନ୍(୨୦)। ସେମାନଙ୍କ ଠାରୁ ପୋଲିସ ୩ଟି କାର(ଓଡି୦୫ଏସ୍-୭୭୯୫), (ଏମ୍ଏଚ୍୦୪ସିଡି-୧୬୫୬), (ଓଡି୦୨-୧୦୬୧), ୫ଟି ମୋବାଇଲ, ସୁଇଚ୍ ମେଶିନ୍, ଲୁହାରଡ, ୯ଟି କାର ଚାବି ସହିତ କାର ଲୁଟ୍ ପାଇଁ ରଖିଥିବା ପ୍ଲାସ, ସ୍କ୍ରୁ ଡ୍ରାଇଭର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏଥିସହିତ ସେମାନଙ୍କଠାରୁ କାରର ଏକ ନମ୍ବର ପ୍ଲେଟ(ଓଡି୩୩ଏଫ୍-୩୪୯୯) ଜବତ କରିଥିବା ବେଳେ ଉକ୍ତ କାରଟି ଗତ ଜୁନ୍ ୨୧ରେ ବାଲିକୁଦା ଅଞ୍ଚଳରୁ ଚୋରି ହୋଇଥିବା ପୋଲିସ ସୂଚନା ଦେଇଛି। ତେବେ ସେମାନେ ମୁଖ୍ୟତଃ କଟକ ଏବଂ ଭୁବନେଶ୍ୱରରୁ କାର ଲୁଟ୍ କରି କୋଲକାତାରେ କମ୍ ଦାମରେ ବିକ୍ରି କରୁଥିବା ଜଣାପଡିଛି। ସେମାନଙ୍କ ବିରୋଧରେ କଟକ ସଦର, ଲକ୍ଷ୍ମୀସାଗର, ସହୀଦନଗର ଥାନାରେ ଲୁଟ୍ ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ଇଷ୍ଟିୟାକ୍, କଲିମ ଓ ଅନୱାର କଟକରେ ଘରଭଡା ନେଇ ଏହି କାରବାର ଚଳାଇଥିବା ପୋଲିସ କହିଛି।

କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦା ଅଞ୍ଚଳରେ ରୁହନ୍ତି ସୁବାସ ଚନ୍ଦ୍ର। ସେ ଭୁବନେଶ୍ୱରରେ କାମ ସାରି ଗତ ୨୮ ତାରିଖ ରାତି ୧୨ଟାରେ କାରରେ ନିଜ ଘରକୁ ଫେରୁଥିଲେ। ବମ୍ଫକୁଦ ପାଖରେ ହୋଇଥିବାବେଳେ ଅଭିଯୁକ୍ତମାନେ ଏକ କାରରେ ତାଙ୍କୁ ପିଛା କରିଥିଲେ। କିଛି ବାଟ ଯିବାପରେ ସୁବାସଙ୍କ କାର ଆଗରେ ସେମାନଙ୍କ କାର ରଖିଦେଇଥିଲେ। ପରେ ଅଭିଯୁକ୍ତମାନେ ସୁବାସଙ୍କୁ ମାରଣାସ୍ତ୍ର ଦେଖାଇ ତାଙ୍କ କାର ସହ ମୋବାଇଲ ଓ ଟଙ୍କା ଲୁଟି ନେଇ କଟକ ଅଭିମୁଖେ ପଳାଇ ଆସିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୮୨/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଅଭିଯୁକ୍ତମାନେ ବାଲେଶ୍ୱରରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ସଦର ପୋଲିସର ଏକ ଟିମ୍ ସେଠାରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେମାନେ ଏହି କାର ସହ ଆହୁରି ବହୁ କାର ଲୁଟ୍ ଏବଂ ଚୋରି କରିଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଥିଲେ। ବିଶେଷକରି କଟକ-ଭୁବନେଶ୍ୱର ହାଇୱେରେ ଯାଉଥିବା ଲୋକମାନଙ୍କୁ ସେମାନେ ଟାର୍ଗେଟ କରୁଥିଲେ। କାର ଲୁଟ୍ ଅବା ଚୋରି କରିବା ପରେ ବାଲେଶ୍ୱର ପଳାଉଥିଲେ। ସେଠାରୁ କୋଲକାତା ଯାଇ କାରଗୁଡିକୁ ବିକ୍ରି କରୁଥିଲେ। ଚୋରି ବେଳେ ସେମାନେ ପ୍ଲାସ, ଲୁହାରଡ, ନକଲି ଚାବି ସାହାଯ୍ୟରେ କାରକୁ ଖୋଲୁଥିଲେ। ପରେ ସୁଇଚ୍ ମେଶିନ୍ ଦ୍ୱାର କାର୍‌କୁ ଷ୍ଟାର୍ଟ କରୁଥିଲେ। ଏହାପରେ କାରକୁ ନେଇ କୋଲକାତାରେ ବିକ୍ରି କରୁଥିବା ସେମାନେ ମାନିଥିଲେ। ପୋଲିସ ବାଲେଶ୍ୱରରୁ ଗୋଟିଏ ଓ କୋଲକତା ଯାଇ ସେଠାରୁ ୨ଟି କାର ଜବତ କରିଥିଲା।

# ଲୁଟେରା ଗ୍ୟାଙ୍ଗ ସଦସ୍ୟଙ୍କ ସମେତ ୫ ଗିରଫ

**କଟକ ଅଫିସ, ୧।୭**



## ବାଇକ, ସୁନାଚେନ, ମୋବାଇଲ ଜବତ

ଲୁଟ୍ ମାମଲାର ତଦନ୍ତ କରି ଚାଉଳିଆଗଞ୍ଜ ପୋଲିସ ଏକ ଲୁଟେରା ଗ୍ୟାଙ୍ଗକୁ ଠାବ କରିଛି। ଏଥିସହ ଉକ୍ତ ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଅଞ୍ଚଳର ରବି ନାରାୟଣ ଜେଠୀ ଓରଫ ନାତ, ମୁନା ଓଝା, ବିଶ୍ୱଜିତ ଲେଙ୍କା ଓରଫ ମୁନୁ, କନ୍ଦରପୁର ଥାନା ଅନ୍ତର୍ଗତ ମାତାଗଞ୍ଜପୁର ଅଞ୍ଚଳର ସଞ୍ଜୟ ନାୟକ ଓରଫ ସାପା ଓ ମଙ୍ଗଳାବାଗ ଥାନା ଅନ୍ତର୍ଗତ ବଣିଆସାହି ଅଞ୍ଚଳର ଶଶିକାନ୍ତ ସାହୁ। ପୋଲିସ ସେମାନଙ୍କଠାରୁ ୩୦ ଗ୍ରାମ ଓଜନର ୩ଟି ସୁନାଚେନ, ୨ଟି ବାଇକ (ଓଡି୦୫ଭି-୩୭୨୮, ଓଡି୦୫କ୍ୟୁ-୦୫୦୮), ୬ଟି ମୋବାଇଲ, ଗୋଟିଏ କଟୁରି, ଗୋଟିଏ ଭ୍ୟାନିଟ୍ ବ୍ୟାଗ ସହିତ ୨ହଜାର ଟଙ୍କା ଜବତ କରିଛି। ତେବେ ଅଭିଯୁକ୍ତମାନଙ୍କ ବିରୋଧରେ ଚାଉଳିଆଗଞ୍ଜ, ମଧୁପାଟଣା, କ୍ୟାଣ୍ଟନମେଣ୍ଟ, ମର୍କତନଗର ଥାନାରେ ଲୁଟ୍ ମାମଲା ଥିବା ପୋଲିସ ସୂଚନା ଦେଇଛି। ପଶ୍ଚିମବଙ୍ଗ ମୁର୍ସିଦାବାଦ ଅଞ୍ଚଳର ଅତାବୁର ଏସ୍‌କେ ବିଦ୍ୟାଧରପୁର ଅଞ୍ଚଳରେ ରାଜମିସ୍ତ୍ରି କାମ କରୁଥିଲେ। ତାଙ୍କ ସହିତ ଆଉ ୩ ଜଣ ସହଯୋଗୀ ମଧ୍ୟ ଅଛନ୍ତି। ମେ ୨ ତାରିଖରେ ସେମାନେ ଏଠାରୁ ପଶ୍ଚିମବଙ୍ଗ ଯିବାକୁ ବାହାରୁଥିବାବେଳେ ନାତ ଏବଂ ତାଙ୍କର ସହଯୋଗୀ ସେଠାରେ ଆସି ପହଞ୍ଚିଗାଳିଗୁଲଜ କରିବା ସହ ଟଙ୍କା ଦେବାକୁ କହିଥିଲେ। ସେମାନେ ଏହାର ବିରୋଧ କରିବାରୁ ନାତ ଏବଂ ତାଙ୍କ ସହଯୋଗୀ ସେମାନଙ୍କୁ ମାଡ଼ ମାରି ୪ଟି ମୋବାଇଲ ଏବଂ ପାଖରେ ଥିବା କିଛି ଟଙ୍କା ଛଡ଼ାଇ ନେଇ ପଳାଇଥିଲେ। ଏ ନେଇ ଅତାବୁର ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୪୦/୧୯) ରୁଜୁ କରିବା ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ନାତ ଗ୍ୟାଙ୍ଗର ମୁଖ୍ୟ ଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ସେମାନେ ବିଭିନ୍ନ ଅଞ୍ଚଳରୁ ଲୁଟ୍ କରି ବଣିଆ ଶଶିକାନ୍ତଙ୍କୁ କମ୍ ଦରରେ ଅଳଙ୍କାର ବିକ୍ରି କରୁଥିଲେ ବୋଲି ପୋଲିସ ସମ୍ମୁଖରେ ମାନିଥିଲେ। ପରେ ପୋଲିସ ଶଶିକାନ୍ତଙ୍କ ଘରେ ଚଢାଉ କରି ୩ଟି ସୁନାଚେନ୍ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ମାନବାଧିକାର ସମ୍ପର୍କିତ ମାମଲା ଆର୍‌ଟିଆଇ ପରିସରଭୁକ୍ତ: ହାଇକୋର୍ଟ

**କଟକ ଅଫିସ,୧।୭:** ମାନବିକ ଅଧିକାର ସମ୍ପର୍କିତ ସୂଚନା ଗୋପନ ରହିପାରିବ ନାହିଁ। ଏପରି କି ସୂଚନା ପ୍ରଦାନ କ୍ଷେତ୍ରରେ କ୍ରାଇମବ୍ରାଞ୍ଚକୁ ବାଦ ଦିଆଯିବନାହିଁ। ଏ ସମ୍ପର୍କରେ ପୂର୍ବରୁ ରାଜ୍ୟ ସୂଚନା କମିଶନ ଯେଉଁ ଆଦେଶ ଦେଇଥିଲେ ତାହା ଯଥାର୍ଥ। ଏ ସମ୍ପର୍କିତ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ଏହି ଆଦେଶ ଦେଇଛନ୍ତି। ସୂଚନାଥାଉ କି, ୧୯୮୭ରୁ ୨୦୦୬ ମଧ୍ୟରେ ରାଜ୍ୟରେ କେତେ ହାଜତ ମୃତ୍ୟୁ ହୋଇଛି ସେ ସମ୍ପର୍କିତ ତଥ୍ୟ ପାଇବା ନିମନ୍ତେ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ରାଜ୍ୟ ଗୃହ ବିଭାଗ ନିକଟରେ ଆର୍‌ଟିଆଇ ମାଧମରେ ଆବେଦନ କରିଥିଲେ। ହାଜତ ମୃତ୍ୟୁ ମାମଲାରେ ପରବର୍ତ୍ତୀ ଅବସ୍ଥାରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ମଧ କାନୁନ୍‌ଗୋ ତଥ୍ୟ ମାଗିଥିଲେ। ଗୃହ ବିଭାଗ ପକ୍ଷରୁ ଉକ୍ତ ଆବେଦନକୁ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟକୁ ପଠାଯାଇଥିଲା। ଏଚ୍‌ଆର୍‌ପିସି ଜରିଆରେ ଉକ୍ତ ଆର୍‌ଟିଆଇ ଆବେଦନ କ୍ରାଇମବ୍ରାଞ୍ଚ ନିକଟକୁ ଯାଇଥିଲା। ମାତ୍ର କ୍ରାଇମବ୍ରାଞ୍ଚ ଏହାକୁ ବିଭିନ୍ନ ଆଳ ଦେଖାଇ ସୂଚନା ଦେବାକୁ ଆବେଦନକାରୀଙ୍କୁ ମନା କରିଥିଲା। ଫଳରେ କାନୁନ୍‌ଗୋ ଓଡ଼ିଶା ସୂଚନା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ସୂଚନା କମିଶନ ତୁରନ୍ତ ସମସ୍ତ ତଥ୍ୟ ଯୋଗାଇଦେବାକୁ କ୍ରାଇମବ୍ରାଞ୍ଚକୁ ଆଦେଶ ଦେଇଥିଲେ। ମାତ୍ର ସୂଚନା କମିଶନଙ୍କ ଆଦେଶ ବିରୋଧରେ କ୍ରାଇମବ୍ରାଞ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

### ଟ୍ରକ୍ ପଛକୁ ପିଟିଲା କାର୍: ଜଣେ ମୃତ

**ଟାଙ୍ଗୀ(କଟକ)୧।୭(ଡି.ଏନ୍.ଏ):** ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ନିର୍ଗୁଣ୍ଡି ଟୋଲ ପ୍ଲାଜା ନିକଟରେ ସୋମବାର ଭୋର ସମୟରେ ଏକ ଟ୍ରକ ପଛକୁ ଗୋଟିଏ କାର୍ ଧକ୍କା ହେବାରୁ ଜଣକର ମୃତ୍ୟୁ ହୋଇଥିବାବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତକଜଣକ ହେଲେ ଯାଜପୁର ଟାଉନ୍ କଚେରିଆ ଅଞ୍ଚଳର କହ୍ନେଇ ଚରଣ ନାୟକ। ସେ ପରିବାର ସହ ଭୁବନେଶ୍ୱର ନୟାପଲ୍ଲୀ ଥାନା ଆଇଆରସି ଭିଲେଜରେ ରୁହନ୍ତି। ସୂଚନା ଅନୁଯାୟୀ, ରବିବାର କହ୍ନେଇଚରଣ ଗ୍ରାମରେ ଥିବା ସାନଭାଇଙ୍କର ମୃତ୍ୟୁ ଖବରପାଇ ସଂସ୍କାର ନିମନ୍ତେ ଗ୍ରାମକୁ ଆସିଥିଲେ। କାର୍ଯ୍ୟ ସାରି ସୋମବାର ଫେରିବାବେଳେ ନିର୍ଗୁଣ୍ଡିଠାରେ ଥିବା ଟ୍ରକ ପଛରେ କାର୍‌ଟି ଧକ୍କା ହୋଇଥିଲା। ଘଟଣାସ୍ଥଳରେ କହ୍ନେଇଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ କାର୍‌ରେ ବସିଥିବା ସମ୍ପର୍କୀୟ ୩ଜଣ ଗୁରୁତର ହୋଇଥିଲେ। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛି। କାର୍ ଓ ଟ୍ରକକୁ ଜବତ କରିବାସହ ପୋଲିସ ତଦନ୍ତ ଆରମ୍ଭ କରିଛି।

# ବିଷ୍ଣୁପଦ ସେଠୀ ପାଇଲେ ଭୀମ ଭୋଇ ସମ୍ମାନ

**କଟକ ଅଫିସ,୧।୭**



ସମାରୋହରେ କବି ବିଷ୍ଣୁପଦ ସେଠୀଙ୍କୁ ଭୀମ ଭୋଇ ସମ୍ମାନ ପ୍ରଦାନ କରାଯାଉଛି।

## ସନ୍ଥକବି ଭୀମ ଭୋଇଙ୍କ ସ୍ମୃତି ସନ୍ଧ୍ୟା

କଟକ ସାରଳା ଭବନରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ସନ୍ଥକବି ଭୀମ ଭୋଇଙ୍କ ସ୍ମୃତିରେ ଏକ ସାରସ୍ୱତ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟଅତିଥି ପଦ୍ମଭୂଷଣ ରମାକାନ୍ତ ରଥ ଉଦ୍‌ଘାଟନ କରି କହିଥିଲେ ଭୀମ ଭୋଇ ଜଣେ ଯୋଗଜନ୍ମା ଓ ପ୍ରତିଭାଶାଳୀ କବି ଥିଲେ। ମହିମା ଧର୍ମର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ତାଙ୍କ ଅବଦାନ ଅବିସ୍ମରଣୀୟ। ଭୀମ ଭୋଇଙ୍କ କବିତା ସମସାମୟିକ ସାମାଜିକ ଜୀବନର ଅବକ୍ଷୟରେ ଯନ୍ତ୍ରଣା ଜର୍ଜରିତ ମଣିଷର ମୁକ୍ତି ମାର୍ଗ ଅନ୍ୱେଷଣ କରିଛି। ବିଶ୍ୱ ସାହିତ୍ୟରେ ଭୀମ ଭୋଇ ଜଣେ ଅବିସ୍ମରଣୀୟ ପ୍ରତିଭା ଥିଲେ। ସଂସଦର ପ୍ରତିଷ୍ଠାତା ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କହିଥିଲେ, ଭୀମ ଭୋଇ ଥିଲେ ମହିମା ଧର୍ମର ଶ୍ରେଷ୍ଠ ପ୍ରଚାରକ। ଅନ୍ୟତମ ଅତିଥି କବି ଶରତ ଦାଶ କହିଲେ, ଭୀମ ଭୋଇଙ୍କର ସର୍ବଶ୍ରେଷ୍ଠ କୃତି ହେଉଛି ସ୍ତୁତି ଚିନ୍ତାମଣି। ବରେଣ୍ୟ ଅତିଥି ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ରାଜେନ୍ଦ୍ର ପ୍ରସାଦ ମହାନ୍ତି କହିଲେ, ଭୀମ ଭୋଇ ଅସଂଖ୍ୟ ଭଜନ ଜଣାଣ ଓ ଚଉତିଶା ରଚନା କରି ବେଶ ପ୍ରସିଦ୍ଧ ଲାଭ କରିଛନ୍ତି। ମୁଖ୍ୟବକ୍ତା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ସଂଘମିତ୍ରା ବେହେରା କହିଲେ, ଭୀମ ଭୋଇଙ୍କର ସରଳ କବିତା ରଚନା କରିବାରେ ଏକ ଅଲୌକିକ ଶକ୍ତି ଥିଲା। ଏଥିରେ ପ୍ରାକ୍ତନ ଆୟକର ମୁଖ୍ୟ ଆୟୁକ୍ତ ଶରତ ଦାଶ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସଂସଦ ପକ୍ଷରୁ କବି ଓ ପ୍ରଶାସକ ଇଂ. ବିଷ୍ଣୁପଦ ସେଠୀଙ୍କୁ ତାଙ୍କର କାବ୍ୟିକ କୃତି ପାଇଁ ଭୀମ ଭୋଇ ସମ୍ମାନ ପ୍ରଦାନ କରାଯାଇଥିଲା। କବି ବିଷ୍ଣୁପଦ ସେଠୀ କହିଲେ, ପୂଜ୍ୟପୂଜା ପରମ୍ପରା ଆମ ସଂସ୍କୃତିର ଏକ ଅଙ୍ଗ। ପ୍ରାରମ୍ଭରେ ଚୌଧୁରୀ ସତ୍ୟ ଦାସ ସ୍ୱାଗତ ଭାଷଣ, ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ, ମଞ୍ଜୁଶ୍ରୀ ଶାସ୍ତ୍ରୀ ମାନପତ୍ର ପାଠ କରିଥିଲେ। ପ୍ରଫେସର ଡା. ନୀରଦ କୁମାର ଗଛାୟତ, ଇଂ. ରମାକାନ୍ତ ପ୍ରଧାନ, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି, ବନଶ୍ରୀ ମହାପାତ୍ର, ବ୍ରଜକିଶୋର ବେଉରା, ବିଭୁ ପ୍ରସାଦ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ ବହୁ ବିଶିଷ୍ଟ ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ୨ କଟାଗୋଡ଼ ବ୍ୟାଗରେ ଧରି ଏସ୍‌ସିବିରେ ଯୁବକ

**କଟକ ଅଫିସ,୧।୭**



## ଚଟାଣରେ ପଡ଼ିଛନ୍ତି, କେହି ଶୁଣୁନାହାନ୍ତି

ଦୁଇଟିଯାକ ଗୋଡ଼ ଟ୍ରେନ୍‌ରେ କଟିଯାଇଛି। କଟା ଦୁଇ ଗୋଡ଼ ଏକ ଜରିବ୍ୟାଗରେ ଭର୍ତ୍ତି ହୋଇଛି। କ୍ୟାପିଟାଲ ହସ୍ପିଟାଲରୁ ସୋମବାର ସନ୍ଧ୍ୟା ସାଢେ ୬ଟାରେ ତାଙ୍କୁ ଏସ୍‌ସିବିକୁ ପଠାଯାଇଛି। ଏସ୍‌ସିବି କାଜୁଆଲ୍‌ଟି ଚଟାଣରେ ୩୦ ବର୍ଷୀୟ ଏହି ଯୁବକ ଜଣକ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବାବେଳେ କେହି ତାଙ୍କ କଥା ଶୁଣୁନାହାନ୍ତି। ଏପରି କି ତାଙ୍କୁ ମେଡିକାଲ ପକ୍ଷରୁ ଆଟେଣ୍ଡାଣ୍ଟ ମଧ୍ୟ ଯୋଗାଇ ଦିଆଯାଇ ନାହିଁ। ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଯୁବକଙ୍କ ଏଭଳି ଅସହାୟ ଅବସ୍ଥା ସମ୍ପର୍କରେ କାଜୁଆଲ୍‌ଟି ମେଡିକାଲ ଅଫିସର ଡା. ଜେ.ପି. ବିଶ୍ୱାଳଙ୍କୁ ପଚାରିବାରୁ ପ୍ଲାଷ୍ଟିକ୍ ସର୍ଜରି ବିଭାଗ ଡାକ୍ତରଙ୍କୁ ଡକାଯାଇଥିବା କହିଥିଲେ।



ସୋମବାର ଲଗାଣ ବର୍ଷା ଯୋଗୁ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ମୁଖ୍ୟ ରାସ୍ତାରେ ଜମି ରହିଥିବା ଜଳ।



ମେହେନ୍ଦିପୀର ଅଞ୍ଚଳ ରାସ୍ତାରେ ବର୍ଷାପାଣି।

# ଲଗାଣ ବର୍ଷାରେ କଟକ ଜଳବନ୍ଦୀ

**କଟକ ଅଫିସ,୧।୭**

- ଚାଲିଲା ୮୮ ପମ୍ପସେଟ୍, ପ୍ରସ୍ତୁତ ରହିଛି ୧୯୫
- ଜାଇକାର ସହଯୋଗ ଲୋଡ଼ିଲା ସିଏମ୍‌ସି



ଦୋଳମୁଣ୍ଡାଇରୁ ରକ୍ସି ଲେନ ଯିବା ରାସ୍ତାରେ ବର୍ଷା ପାଣି।

ଲଗାଣ ବର୍ଷା ଯୋଗୁ ସୋମବାର କଟକର ଅନେକ ସ୍ଥାନ ଜଳବନ୍ଦୀ ହୋଇଛି। ରକ୍ସିଗଳି, ଗହ୍ମାଡ଼ିଆ, ସୂତାହାଟ, କେଶରପୁର ଆଦି ସ୍ଥାନର ରାସ୍ତା ଉପରେ ବର୍ଷାଜଳ ଜମି ରହିବାରୁ ଯାତାୟତରେ ସମସ୍ୟା ଦେଖାଦେଇଛି। ତେବେ ଜଳବନ୍ଦୀରୁ ମୁକୁଳିବା ପାଇଁ କଟକ ମହନଗର ନିଗମ(ସିଏମ୍‌ସି) ପ୍ରସ୍ତୁତ ରହିଛି ବୋଲି ବିଭାଗୀୟ ଯନ୍ତ୍ରୀ ଡି.ଆର୍ ତ୍ରିପାଠୀ କହିଛନ୍ତି। ବିଭିନ୍ନ ସ୍ଥାନରେ ବର୍ଷାଜଳ ନିଷ୍କାସନ ପାଇଁ ସୋମବାର ରାତି ସୁଦ୍ଧା ୮୮ ପମ୍ପସେଟ୍ କାର୍ଯ୍ୟରେ ଲାଗିଛି। ସିଏମ୍‌ସି ପାଖରେ ମହଜୁଦ ଥିବା ମୋଟ୍ ୨୭୫ ପମ୍ପସେଟ୍‌ରୁ ୧୯୫ଟିକୁ ବିଭିନ୍ନ ସ୍ଥାନରେ ଲଗାଯିବା ପାଇଁ ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି।

ସୋମବାର ଭୋର ସମୟରୁ ସହରରେ ଲାଗିରହିଛି ବର୍ଷା। ଦିନତମାମ ଝିପିଝିପି ବର୍ଷା ପରେ ସନ୍ଧ୍ୟାରୁ ଆରମ୍ଭ ହୋଇଥିଲା ମୂଷଳ ଧାରା। ତେବେ ଅପରାହ୍ନ ସୁଦ୍ଧା ସହରର ମୁଖ୍ୟଛକ ବାଦାମବାଡ଼ିର ଅବସ୍ଥା ଠିକ୍ ଥିଲେ ମଧ ରାତିରେ ବେହାଲ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ବାଦାମବାଡ଼ି ଠାରୁ ନ୍ୟୁ ଏଲଆଇସି କଲୋନୀ ରୋଡ ପର୍ଯ୍ୟନ୍ତ ଆଣ୍ଠୁଏ ଉଚ୍ଚର ପାଣି ରାସ୍ତାରେ ଜମା ହୋଇଛି। ସେହିପରି ରକ୍ସିଗଳିର ମଧ ଭାଗରୁ ଶେଷ ପର୍ଯ୍ୟନ୍ତ ଅଞ୍ଚଳେ ବର୍ଷାଜଳ ଜମି ରହିଛି। ଏଭଳି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ସିଏମ୍‌ସି ପକ୍ଷରୁ ପାଣି ପମ୍ପସେଟ ଯୋଗାଇ ଦିଆଯାଇଛି। ୫ ଏଚ୍‌ପି ରୁ ଆରମ୍ଭ କରି ୬୫ ଏଚ୍‌ପି ପର୍ଯ୍ୟନ୍ତ ମୋଟ୍ ୨୭୫ଟି ପମ୍ପସେଟ ସିଏମ୍‌ସି ପାଖରେ ଅଛି। ବିଭିନ୍ନ ସ୍ଥାନରେ ଜଳବନ୍ଦୀର ପୂର୍ବାନୁମାନ କରାଯାଇ ଏଚ୍‌ପି ହିସାବରେ ପମ୍ପସେଟ ଯୋଗାଇ ଦିଆଯାଇଛି। ସୋମବାର ସୁଦ୍ଧା ୧୯୫ସ୍ଥାନରେ ପମ୍ପସେଟ ଦିଆଯାଇଥିବା ବେଳେ ରିପୋର୍ଟ ଲେଖାଯିବା ସୁଦ୍ଧା ୮୮ଟି କାର୍ଯ୍ୟରେ ଲାଗି ସାରିଥିବା ଜଣାପଡ଼ିଛି। ଏହାଛଡ଼ା ଅଗ୍ନିଶମ ବିଭାଗର ୧୫ଟି ପମ୍ପସେଟ ମଧ୍ୟ କାର୍ଯ୍ୟରେ ଲାଗିଛି। ବଡ଼ ଧରଣର ଜଳବନ୍ଦୀକୁ ଏଡାଇବା ପାଇଁ ସିଏମ୍‌ସି ଜାଇକାର ସହାୟତା ଲୋଡିଛି। ଜାଇକା ନିକଟରେ ଥିବା ୮୨ଏଚ୍‌ପି କ୍ଷମତାସମ୍ପନ୍ନ ୪ଟି ପମ୍ପସେଟ ସିଏମ୍‌ସି ଆଣିଛି। ମାତୃଭବନ, ବଜ୍ରକବାଟୀ, ରାଉସାପାଟଣା ଓ ଓଡ଼ିଆ ବଜାରରେ ଏହି ୪ଟି ପମ୍ପସେଟ ଲଗାଯାଇଛି ବୋଲି ଯନ୍ତ୍ରୀ ତ୍ରିପାଠୀ କହିଛନ୍ତି। ଏବେ ୪ଟି ପମ୍ପସେଟ ମଗାଯାଇଥିବା ବେଳେ ଆବଶ୍ୟକସ୍ଥଳେ ଅଧିକ ସଂଖ୍ୟାରେ ଜାଇକା ଠାରୁ ଅଣାଯିବ ବୋଲି ସେ କହିଥିଲେ। ବର୍ଷାଜଳ ନିଷ୍କାସନରେ ସମସ୍ୟା ଦେଖାଦେଉଥିବା ପଟାପୋଲ, ବିଡ଼ାନାସୀ, ରାଉସାପାଟଣା, ଦେୱନାବଜାର, ଗଙ୍ଗାମନ୍ଦିର, ରୋଭରଷ୍ଟ୍ରିଟ ରୋଡ, ଓଡ଼ିଆବଜାର ସମେତ ଅନ୍ୟ ଅଞ୍ଚଳକୁ ନେଇ ଏହି ୨୪୧ ସ୍ଥାନ ଚିହ୍ନଟ ହୋଇଛି। ଏଗୁଡ଼ିକ ପ୍ରତି ବିଶେଷ ଦୃଷ୍ଟି ଦିଆଯାଇଥିବା ଜଣାପଡ଼ିଛି।

କଣ୍ଟାବାଞ୍ଜି ଆସନକୁ ନେଇ ହାଇକୋର୍ଟରେ ଆଉ ଏକ ମାମଲା

# ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ନିବେଦନ

**କଟକ ଅଫିସ,୧।୭:** କଣ୍ଟାବାଞ୍ଜି ବିଧାନସଭା ଆସନର ଫଳାଫଳକୁ ନେଇ ହାଇକୋର୍ଟରେ ଆଉ ଏକ ମାମଲା ରୁଜୁ ହୋଇଛି। ଉକ୍ତ ଆସନରୁ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ପରାଜିତ ହୋଇଥିବା ଅଜୟ ଦାସ ଏହି ମାମଲା ରୁଜୁ କରିଛନ୍ତି। ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପାଇଁ ଆବେଦନକାରୀ ଦାସ କୋର୍ଟଙ୍କୁ ନିବେଦନ କରିଛନ୍ତି। ପୂର୍ବରୁ କଣ୍ଟାବାଞ୍ଜି ଆସନରେ ଇଭିଏମ୍ ଟାମ୍ପରିଂ ହୋଇଥିବା ଅଭିଯୋଗ କରି ସ୍ଥାନୀୟ ଭୋଟର ରୂପେଶ କୁମାର ବେହେରା ଓ ଭୁବନାନନ୍ଦ ମହାନ୍ତଙ୍କ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ସୂଚନାଥାଉ କି, ଗତ ସାଧାରଣ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୧ ଲକ୍ଷ ୮୨ହଜାର ୪୧୧ ଜଣ ଭୋଟର ମତଦାନ କରିଥିଲେ। କିନ୍ତୁ ଭୋଟ ଗଣତି ସମୟରେ ଇଭିଏମ୍‌ରୁ ୧ ଲକ୍ଷ ୯୧ହଜାର ୭୭ ଖଣ୍ଡ ଭୋଟ ବାହାରିଥିଲା। ସମୁଦାୟ ପୋଲିଂ ଓ ଇଭିଏମ୍‌ରୁ ବାହାରିଥିବା ଭୋଟ ମଧ୍ୟରେ ୮୬୬୬ ଅଧିକ ଭୋଟ ଅମେଳ ରହୁଛି। ଅର୍ଥାତ୍ ଇଭିଏମ୍‌ରୁ ବାହାରିଥିବା ଅଧିକ ଭୋଟକୁ ନେଇ ଆବେଦନକାରୀ ଦାସ ପ୍ରଶ୍ନ ଉଠାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଅଶ୍ୱିନୀ କୁମାର ଦାସ ମାମଲା ପରିଚାଳନା କରୁଛନ୍ତି।

ଫ୍ୟାଶନ୍

# ହେୟାର ଷ୍ଟ୍ରେଟ୍‌ନିଂ

କେଶର ସୌନ୍ଦର୍ଯ୍ୟ ବଢ଼ାଇବା ଲାଗି ଅନେକ ମହିଳା ହେୟାର ଷ୍ଟ୍ରେଟ୍‌ନିଂ କରୁଛନ୍ତି। ତେବେ ଏହା କରିବା ପୂର୍ବରୁ ଜାଣିରଖନ୍ତୁ କିଛି ଟିପ୍ସ...



- ସବୁବେଳେ ଭଲ କ୍ୱାଲିଟିର ଷ୍ଟ୍ରେଟ୍‌ନର ବ୍ୟବହାର କରନ୍ତୁ। କିଣିବା ପୂର୍ବରୁ ଏହାର ବ୍ୟବହାର ସମ୍ପର୍କରେ ଭଲଭାବେ ଜାଣନ୍ତୁ।
- ଷ୍ଟ୍ରେଟ୍‌ନିଂ କରିବା ପୂର୍ବରୁ ପାନିଆକୁ ଠିକ୍ ଭାବେ ଧରି କେଶକୁ ଛୋଟ ଛୋଟ ଭାଗ କରି ଦିଅନ୍ତୁ। କେଶର ଗୋଟିଏ ଗୋଟିଏ ଭାଗକୁ ଷ୍ଟ୍ରେଟ୍‌ନିଂ କରନ୍ତୁ। ବଡ଼ ବଡ଼ ଭାଗକୁ ଷ୍ଟ୍ରେଟ୍‌ନିଂ କରିବା ଦ୍ୱାରା କେଶ ଖରାପ ହେବାର ସମ୍ଭାବନା ଥାଏ।
- ଷ୍ଟ୍ରେଟ୍‌ନିଂ କରିବା ପୂର୍ବରୁ ଭଲଭାବେ ଶାମ୍ପୋ କରନ୍ତୁ। ଏପରି ନ କଲେ କେଶ ମୂଳରେ ଥିବା ଧୂଳି, ରୁପି ଆଦି ଷ୍ଟ୍ରେଟ୍‌ନର ସଂସ୍ପର୍ଶରେ ଆସି କେଶକୁ କ୍ଷତି ପହଞ୍ଚାଇପାରେ। ଶାମ୍ପୋ କରିବା ପୂର୍ବରୁ କେଶକୁ କେମିକାଲମୁକ୍ତ ରଖନ୍ତୁ।
- କେଶ ଷ୍ଟ୍ରେଟ୍‌ନିଂ କରିବା ପୂର୍ବରୁ ଏହାର ତାପମାତ୍ରା ଜାଣିରଖନ୍ତୁ। ମେଶିନର ତାପମାତ୍ରା ଅଧିକ ରହିଲେ ତାହା କେଶ ପ୍ରତି କ୍ଷତିକାରକ ହୋଇଥାଏ। ତେଣୁ ଏହାକୁ ନର୍ମାଲ ମୋଡ୍‌ରେ ରଖନ୍ତୁ।

## ଗୃହିଣୀଙ୍କ ପାଇଁ...

- ମିକ୍ସର ଚଲାଇବା ପୂର୍ବରୁ ଏହାକୁ ଠିକ୍ ଭାବେ ଲକ୍ କରନ୍ତୁ। ଏପରି ନ କଲେ ବ୍ଲେଡ୍ ଭାଙ୍ଗିଯିବାର ସମ୍ଭାବନା ରହିଛି।
- ମିକ୍ସରରେ କୌଣସି ଗରମ ସାମଗ୍ରୀ ରଖି ଗ୍ରାଇଣ୍ଡିଂ କରନ୍ତୁ ନାହିଁ।
- ଏହାକୁ ହଠାତ୍ ଫୁଲ୍ ସ୍ପିଡ୍‌ରେ ଚଲାନ୍ତୁ ନାହିଁ କିମ୍ବା ବନ୍ଦ ବି କରନ୍ତୁ ନାହିଁ। କାରଣ ଏପରି କଲେ ମିକ୍ସର ଖରାପ ହୋଇପାରେ। ପ୍ରଥମେ ସ୍ଲୋ, ମିଡିୟମ୍ ଓ ପରେ ସ୍ପିଡ୍‌ରେ ଚଲାନ୍ତୁ।
- ମିକ୍ସରରେ ସବୁବେଳେ ଅଧା ସାମଗ୍ରୀ ରଖି ଗ୍ରାଇଣ୍ଡିଂ କରନ୍ତୁ। ଅଧିକ ସାମଗ୍ରୀ ରଖି ଗ୍ରାଇଣ୍ଡିଂ କଲେ ତାହା ଠିକ୍ ଭାବେ ପେଷ୍ଟ ହେବ ନାହିଁ ଓ ମେସିନ୍ ଖରାପ ହେବାର ସମ୍ଭାବନ ଥାଏ।
- ଗ୍ରାଇଣ୍ଡିଂ କରିସାରିବା ପରେ ମିକ୍ସରର ପ୍ଲଗ୍ ପଏଣ୍ଟକୁ କାଢି ଦିଅନ୍ତୁ। ପ୍ଲଗ୍ ଲଗାଇ ରଖିବା ଦ୍ୱାରା କରେଣ୍ଟ ପ୍ରବାହିତ ହୋଇଥାଏ ଏବଂ ଏହାର କାର୍ଯ୍ୟକ୍ଷମତା ପ୍ରଭାବିତ ହୋଇଥାଏ।
- ମିକ୍ସର ବ୍ୟବହାର ପରେ ଏହାକୁ ପୋଛି କରି ରଖନ୍ତୁ।

ସୌନ୍ଦର୍ଯ୍ୟ

# ତ୍ୱଚାରେ ଚମକ ଦେବ ଫ୍ରୁଟ୍ ମାସ୍କ



- କଦଳୀରେ ଭିଟାମିନ୍ 'ବି' ଏବଂ 'ସି' ଭରପୂର ମାତ୍ରାରେ ରହିଛି, ଯାହାକି ତ୍ୱଚାର ରଙ୍ଗ ସଫା କରିବା ସହ ତ୍ୱଚାକୁ ଟାଇଟ୍ ରଖିବାରେ ସାହାଯ୍ୟ କରିଥାଏ। ଅଳ୍ପ ପାଚିଲା କଦଳୀ ଚକଟାରେ ଏକ ଚାମଚ ଲେମ୍ବୁରସ ମିଶାଇ ମୁହଁ ଏବଂ ବେକରେ ଲଗାନ୍ତୁ। ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ।
- ଦୁଇ ଚାମଚ ପାଚିଲା ଆମ୍ବ ରସ, ଏକ ଚାମଚ ଦହି ଏବଂ ଏକ ଚାମଚ ମହୁର ମିଶ୍ରଣକୁ ମୁହଁରେ ଲଗାନ୍ତୁ। କିଛି ସମୟ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଆମ୍ବରେ ଥିବା ଭିଟାମିନ୍ 'ଏ', 'ଇ' ଏବଂ 'ସି' ତ୍ୱଚାରେ ଉଜ୍ଜ୍ୱଳତା ଆଣିଥାଏ।
- ଷ୍ଟ୍ରବେରୀରେ ଥିବା ପୋଷକ ତତ୍ତ୍ୱ ତ୍ୱଚାର ରଙ୍ଗ ପରିବର୍ତ୍ତନ କରିଥାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ତ୍ୱଚାକୁ କୁଞ୍ଚନ ହେବାରୁ ଦୂର କରିଥାଏ। ଷ୍ଟ୍ରବେରୀରେ ଅଳ୍ପ ପାଣି ମିଶାଇ ଗ୍ରାଇଣ୍ଡିଂ କରି ମୁହଁରେ ଲଗାନ୍ତୁ। ୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ।
- ତ୍ୱଚା ପାଇଁ ଅମୃତଭଣ୍ଡା ପ୍ରାକୃତିକ କ୍ଲିଞ୍ଜର ଓ ଟୋନର ଭାବେ କାମ କରିଥାଏ। ଅମୃତଭଣ୍ଡାରୁ ମଞ୍ଜି ବାହାର କରି ଭଲଭାବେ ପେଷ୍ଟ କରି ମୁହଁରେ ଲଗାନ୍ତୁ। କିଛି ସମୟ ପରେ ଧୋଇ ଦିଅନ୍ତୁ।
- ଆପ୍ରିକଟ୍ (ଜେଉଟ)ରେ ରହିଛି ଭିଟାମିନ୍ 'ଏ', 'ବି' ଏବଂ 'ସି', ଯାହାକି ତ୍ୱଚାକୁ ନରମ ଓ କୋମଳ ରଖିଥାଏ। ଏଥିରୁ ମଞ୍ଜି ବାହାର କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ।
- ପିଚ୍‌ରେ ଥିବା ହାଇଡ୍ରୋଅକ୍ସିକ୍ ଏସିଡ୍ ମୃତ କୋଷିକାକୁ ବାହାର କରି ତ୍ୱଚାକୁ ଟାଇଟ୍ ରଖିଥାଏ। ଏହାକୁ ଗ୍ରାଇଣ୍ଡିଂ କରି ଏଥିରେ ଏକ ଚାମଚ ଦହି ମିଶାଇ ମୁହଁରେ ଲଗାନ୍ତୁ। ଶୁଖିଗଲା ପରେ ଧୋଇ ଦିଅନ୍ତୁ। କିଛିଦିନ ଏପରି କରନ୍ତୁ ଫରକ୍ ଜାଣିପାରିବେ।

# ବର୍ଷାଦିନେ ଶିଶୁର ଯତ୍ନ

–ଡା ଜ୍ୟୋତିପ୍ରକାଶ ମିଶ୍ର







ରୋଗ ତ ସବୁ ଋତୁରେ ଆସିଥାଏ। କିନ୍ତୁ ବର୍ଷାଋତୁରେ ଅଧିକାଂଶ ରୋଗ ଅତ୍ୟନ୍ତ ସରଳ ଓ ବିନା ମୂଲ୍ୟରେ ପ୍ରତିରୋଧ କରିହୁଏ। ବିଶେଷ କରି ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ନେବାକୁ ପଡ଼ିଥାଏ। ପରିଷ୍କାର ଓ ଫୁଟାପାଣି ବା ଆକ୍ୱାଗାର୍ଡ ପାଣି ପିଇବା, ବାହାର ଖାଦ୍ୟ, ଠେଲାଗାଡ଼ି ଖାଦ୍ୟ, ଆଖୁରସ, ଥଣ୍ଡା ଓ ବାସି ଖାଦ୍ୟ ନ ଖାଇବା ଏବଂ ପ୍ରତିଷେଧକ ଟିକା ନେବା ଦ୍ୱାରା ଏହି ଋତୁରେ ରୋଗକୁ ଅନେକାଂଶରେ କମ୍ କରିହେବ। ରୋଟା ଭାଇରସ୍ ଟିକା, କାମଳ 'କ' ଓ 'ଖ'ଟିକା, କଲେରା ଟିକା, ଫ୍ଲୁଟିକା, ମଶାରି ଟାଙ୍ଗିବା, ଫୁଲ୍ ପୋଷାକ ପିନ୍ଧିବା, ମଶା ମାଛିଠୁ ଦୂରରେ ରହିବା, ପାଣି ଜମିବାକୁ ନ ଦେବା, ଘର ଓ ବାହାର ପରିଷ୍କାର ରଖିବା, ଠିକ୍ ସମୟରେ ରୋଗର ଉପଚାର କରିବା ଓ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରିବା ଉଚିତ। ଅଯଥା ଆଣ୍ଟିବାୟୋଟିକ୍ ବ୍ୟବହାର ନ କରିବା ସହ ତରଳଝାଡ଼ାର ସରଳ ଚିକିତ୍ସା ଘରୁ ଆରମ୍ଭ କରିବା ଆବଶ୍ୟକ।

ଜ୍ୱର ଆମର ବନ୍ଧୁ, ଶତ୍ରୁ ନୁହଁ। ଜ୍ୱର ଦ୍ୱାରା ଆମର ଜୀବାଣୁ ସହିତ ଲଢ଼ିବା ଶକ୍ତି ବଢ଼ିଥାଏ। ବ୍ୟସ୍ତ ନ ହୋଇ ବାରମ୍ବାର ସମ୍ପୂର୍ଣ୍ଣ ଶରୀରକୁ ଓଦା ଗାମୁଛାରେ ନ ଚିପୁଡ଼ି ଗାଧୋଇବା ଭଳି ପୋଛିବା ଓ ତାପମାତ୍ରା ୧୦୦ଡିଗ୍ରୀ ଫାରେନ୍‌ହିଟ୍‌ରୁ ଅଧିକ ହେଲେ ପାରାସିଟାମଲ ଡୋଜ୍ ଅନୁସାରେ ଦେଲେ ଉପଶମ ମିଳେ। ଭୂତାଣୁଜନିତ ଜ୍ୱର, ଥଣ୍ଡାକାଶ, ଶର୍ଦ୍ଦି ଆପେ ଆପେ କମିଯାଏ। ମନଇଚ୍ଛା, OTC(ଓଭର ଦି କାଉଣ୍ଟର)ରୁ, ପୁରୁଣା ପ୍ରେସ୍‌କ୍ରିପଶନରୁ କିମ୍ବା ଇଣ୍ଟରନେଟ୍ ଦେଖି ଔଷଧ ବ୍ୟବହାର କରନ୍ତୁ ନାହିଁ।

**ଶିଶୁମାନଙ୍କଠାରେ ଦେଖାଦେଉଥିବା ପ୍ରମୁଖ ରୋଗ ଓ ତା'ର ନିରାକରଣ**

ସାଧାରଣତଃ ବର୍ଷା ଋତୁରେ ଶିଶୁମାନଙ୍କଠାରେ କେତେକ ରୋଗ ଦେଖାଦେଇଥାଏ। ଏଥିପ୍ରତି ଆରମ୍ଭରୁ ସଚେତନ ହୋଇ ଠିକ୍ ସମୟରେ ଚିକିତ୍ସା ନ କରାଇଲେ ପରିସ୍ଥିତି ଗୁରୁତର ହୁଏ, ଏପରି କି ପିଲାକୁ ହସ୍ପିଟାଲରେ ଆଡମିଶନ କରିବାକୁ ପଡିଥାଏ। ତେବେ ଏହି ଋତୁରେ ଶିଶୁମାନଙ୍କଠାରେ ଦେଖାଯାଉଥିବା କେତେକ ପ୍ରମୁଖ ରୋଗ ସମ୍ପର୍କରେ ଜାଣିବା ନିହାତି ଦରକାର।

**ଡେଙ୍ଗୁ ଜ୍ୱର :** ଏହି ରୋଗ ବାଘୁଆ ମଶା ଦ୍ୱାରା ବ୍ୟାପୀ ଥାଏ। ଏହାର ପ୍ରମୁଖ ଲକ୍ଷଣ ମଧ୍ୟରେ ରହିଛି– ଅତ୍ୟଧିକ ଜ୍ୱର, କମ୍ ପ୍ଲେଟ୍‌ଲେଟ୍ , ଚର୍ମରେ ଲାଲ୍ ଦାନା ଭଳି ଫଳିଯିବା ଇତ୍ୟାଦି। ମଶାରି ଓ ମଶା ଘଉଡ଼ାଇବା ସିଟ୍ରୋନେଲା ପ୍ଲାଣ୍ଟ ଲଗାଇଲେ ଏଥିରୁ ରକ୍ଷା ମିଳିଥାଏ। ଶିଶୁଟିକୁ ଶୁଆଇବା ସମୟରେ ତା' ଦେହରେ ଏପରି ବସ୍ତ୍ର ଘୋଡ଼ାଇ ଦିଅନ୍ତୁ ଯେମିତି ତାକୁ ମଶା କାମୁଡିବ ନାହିଁ। ଗୋଟିଏ କଥା ସବୁବେଳେ ମନେ ରଖିବା ଦରକାର ଯେ, ଡେଙ୍ଗୁ ମଶା କେବଳ ଦିନ ବେଳା ହିଁ କାମୁଡ଼ିଥାଏ।

**ଚିକୁନ୍‌ଗୁନିଆ :** ଚିକୁନଗୁନିଆ ମଶାଦ୍ୱାରା ବ୍ୟାପେ। ଏହି ମଶା ସ୍ଥିର ଜଳରେ ବଂଶବିସ୍ତାର କରିଥାଏ। ଗଣ୍ଠିବ୍ୟଥା ହେବା ଓ ଜ୍ୱର ହେବା ଏହାର ପ୍ରଧାନ ଲକ୍ଷଣ। ଘରେ ଓ ବାହାରେ ପାଣି ଜମା ହେବାକୁ ଦିଅନ୍ତୁ ନାହିଁ। ମଶା ଘଉଡ଼ାଇବା ଔଷଧ ବ୍ୟବହାର କରନ୍ତୁ।

**ମ୍ୟାଲେରିଆ :** ମାଈ ଆନୋଫିଲିସ ମଶା କାମୁଡ଼ିବା ଦ୍ୱାରା ମ୍ୟାଲେରିଆ ବ୍ୟାପିଥାଏ। ଏହି ମଶା ସ୍ଥିର ଜଳରେ ବଂଶବିସ୍ତାର କରିଥାଏ। ଜ୍ୱର ହେବା , ଦେହ ଥରିବା, ମାଂସପେଶୀରେ କଷ୍ଟ ଓ ଦୁର୍ବଳତା ଅନୁଭବ କରିବା ଏହାର ଲକ୍ଷଣ। ଫୁଲ କୁଣ୍ଡ, କାଚ ବୋତଲ, ଟାୟାର, ଶଢ଼େଇ ଆଦିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ଏହାସହ ପରିବେଶ ପରିଷ୍କାର ରଖିଲେ ଏଥିରୁ ରକ୍ଷା ମିଳେ।

**ଝାଡ଼ା :** ସଂକ୍ରମିତ ଖାଦ୍ୟ, ପାଣି ଓ ହାତ ସଫା ନ କରି ଖାଇବା ଦ୍ୱାରା ଏହା ହୋଇଥାଏ। ଏହା ସମ୍ପୂର୍ଣ୍ଣ ପ୍ରତିଷେଧକ ରୋଗ। ସିଝା ପାଣି, ଘରେ ଖାଇବା ଓ ହାତ ପରିଷ୍କାର କରି ଧୋଇବା ଦ୍ୱାରା ଏହାକୁ ଏଡ଼ାଇ ଦେଇହେବ।

**ଟାଇଫଏଡ୍ :** ଏହା ଜଳବାହିତ ରୋଗ। ଅପରିଷ୍କାର ଓ ଅପରିଚ୍ଛନ୍ନତା ଏହାର କାରଣ। ଆଲମୋନେଲା ଟାଇଫି ଜୀବାଣୁ ଏହାର କାରଣ। ଅତ୍ୟଧିକ ଜ୍ୱର, ମୁଣ୍ଡବ୍ୟଥା, ଦୁର୍ବଳତା, ଓ ଗଣ୍ଠିବ୍ୟଥା ଏହାର ଲକ୍ଷଣ।

**ଭୂତାଣୁ ଜ୍ୱର :** ଯଦିଓ ଭୂତାଣୁ ଜ୍ୱର (ଭାଇରାଲ ଫିଭର) ବର୍ଷସାରା ଦେଖାଦିଏ, କିନ୍ତୁ ବର୍ଷାଋତୁରେ ଅଧିକ ଦେଖାଯାଏ। ଜ୍ୱର, ଥଣ୍ଡା ଏବଂ କାଶ ଏହାର ପ୍ରମୁଖ ଲକ୍ଷଣ। ଏହା ୩–୭ ଦିନ ପର୍ଯ୍ୟନ୍ତ ଲାଗିରହେ ଓ ଆପେ ଆପେ ଭଲ ହୋଇଯାଏ। ତଥାପି ଡାକ୍ତରଙ୍କ ପରାମର୍ଶ କରିବା ଭଲ।

**ଲେପ୍ଟୋସ୍ପାଇରୋସିସ୍ :** ଅପରିଷ୍କାର ପାଣି, ଡ୍ରେନ୍ ପାଣିର ସଂସ୍ପର୍ଶରେ ଆସିଲେ ଏହା ହୋଇଥାଏ। ଏହାର ଲକ୍ଷଣ ପୂରା ମ୍ୟାଲେରିଆ ଭଳି, କିନ୍ତୁ ଶରୀରରେ ଖଣ୍ଡିଆ ହେଲେ ଏହି ଜୀବାଣୁ ବ୍ୟାପିଥାଏ।

**କାମଳ ରୋଗ :** ଜଳ ଓ ଖାଦ୍ୟ ଦ୍ୱାରା ବ୍ୟାପିଥାଏ କାମଳ (ଜଣ୍ଡିସ୍) ରୋଗ। ଦୁର୍ବଳ ଲାଗିବା, ଭୋକ ନ ଲାଗିବା, ଶରୀରର ଅଧିକାଂଶ ବାହ୍ୟ ଅଂଶ ହଳଦିଆ ଦେଖାଯିବା, ହଳଦିଆ ପରିସ୍ରା ହେବା ଓ ବାନ୍ତି ହେବା ଏହାର ଲକ୍ଷଣ। ଏହି ରୋଗଠାରୁ ନିଜକୁ ଦୂରେଇ ରଖିବା ପାଇଁ ହାତକୁ ଭଲଭାବେ ଧୋଇ ପରିଷ୍କାର ପାଣି ପିଅନ୍ତୁ। ବାହାର ଖାଦ୍ୟ, ଅପରିଷ୍କାର ଫଳରସ ଓ ଆଖୁରସ ଆଦି ପିଅନ୍ତୁ ନାହିଁ। ଏପରି କରିବା ଦ୍ୱାରା ଏହି ରୋଗ ବ୍ୟାପି ନ ଥାଏ।

**ଥଣ୍ଡା :** ବର୍ଷାରେ ଭିଜିବା ଦ୍ୱାରା ଓ ଜଳୀୟ ଆର୍ଦ୍ରତା ଅଧିକ ରହିବା ଦ୍ୱାରା ଭୂତାଣୁ ସଂକ୍ରମଣରୁ ହୋଇଥାଏ। ଏଥିରେ ଆଣ୍ଟିବାୟୋଟିକ୍‌ର ପ୍ରୟୋଜନ ନାହିଁ।

**ଚର୍ମରୋଗ :** ସାଧାରଣତଃ ଫଙ୍ଗାଲ୍ ସ୍କିନ୍ ଡିଜିଜ, କାଛୁ, କୁଣ୍ଡିଆ, ଟିନିଆ ଇନ୍‌ଫେକଶନ ଏହିଦିନେ ଅଧିକ ହୋଇଥାଏ। ବ୍ରଣ ଓ ମୁଣ୍ଡରେ ରୁପି ହୁଏ। କେଶରେ ଅତ୍ୟଧିକ ତେଲ ନ ଲଗାଇ ନିୟମିତ ଶାମ୍ପୋ କଲେ, ଶୁଖିଲା ଓ ପରିଷ୍କାର ରହିଲେ ଏହା ହୁଏ ନାହିଁ। ଅନ୍ୟର ପାନିଆ, ପୋଷାକ, ଅନ୍ତଃବସ୍ତ୍ର ବ୍ୟବହାର କରନ୍ତୁ ନାହିଁ।

**ମା' ବାପାଙ୍କ ଦାୟିତ୍ୱ**

– ହାତ ଧୋଇବାର ୬ଟି ସ୍ତର ଅନୁସାରେ ନିଜର ଓ ପିଲାର ବାରମ୍ବାର ହାତ ଧୁଆଇବା, ପରିଷ୍କାର ପାଣି ପିଇବା।
– ଅପରିଷ୍କାର ରୁମାଲ ଓ ଅନ୍ୟର ବ୍ୟବହୃତ ପୋଷାକ ବ୍ୟବହାର କରନ୍ତୁ ନାହିଁ।
– ପୁଷ୍ଟିକର ଖାଦ୍ୟ, ଲେମ୍ବୁରସ, ଫଳ, ଅଧିକ ପାଣି ଓ ତରଳ ଝାଡ଼ା ହେଉଥିଲେ ଓଆର୍‌ଏସ୍ ପିଇବାକୁ ଦିଅନ୍ତୁ।
– ପିଲାକୁ ଶୌଚାଳୟ ବ୍ୟବହାର କରିବାକୁ କୁହନ୍ତୁ।
– ଜ୍ୱର ପାଇଁ ପୋଛାପୋଛି କରନ୍ତୁ।
– କେବଳ ମା'କ୍ଷୀର ଛ'ମାସ ଓ ଜନ୍ମର ୨ ସପ୍ତାହ ପରେ ଭିଟାମିନ D3 ଓ ଆଇରନ ଡ୍ରପ୍ ଦେଇ ଇମ୍ୟୁନିଟି ବଢ଼େଇବା।
– ବିନା ପ୍ରେସ୍‌କ୍ରିପଶନରେ ଆଣ୍ଟିବାୟୋଟିକ୍ ଦିଅନ୍ତୁ ନାହିଁ।
– ପାଣି ଜମିବାକୁ ନ ଦେବା ସହ ମଶାରି ଟାଣନ୍ତୁ। ୧୧ଟି ପ୍ରତିଷେଧକ ଟିକା ମାଗଣାରେ ସରକାରଙ୍କ ତରଫରୁ ଦିଆଯାଉଛି, ତାହାକୁ ଠିକ୍ ସମୟରେ ଦିଅନ୍ତୁ।

*– ଶିଶୁରୋଗ ବିଶେଷଜ୍ଞ, ଭୁବନେଶ୍ୱର*

ଖାଦ୍ୟରୁଚି

# ବ୍ରେଡ୍ ପିଜା

**ଆବଶ୍ୟକ ସାମଗ୍ରୀ**

ବ୍ରେଡ୍ – ୪ ପିସ୍, କଟାଯାଇଥିବା କ୍ୟାପ୍‌ସିକମ୍ – ୧/୨ କପ୍, ମକା – ୧/୨ କପ୍, ତେଲ – ୫ ଚାମଚ, ପିଜା ସସ୍ – ୨ ଚାମଚ, ଚିଜ୍ ପନିର – ୧୦୦ ଗ୍ରାମ୍, ଗରମ ମସଲା – ୧/୨ ଚାମଚ, ଆମ୍‌ଚୂର ପାଉଡର – ୧/୨ ଚାମଚ, ଓରେଗାନୋ ସସ୍ – ୧ ଚାମଚ, ଗୋଲମରୀଚ – ୧/୪ ଚାମଚ ଏବଂ ସ୍ୱାଦ ଅନୁଯାୟୀ ଲୁଣ।



**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଗ୍ୟାସ୍ ଅନ୍ କରି କଡ଼େଇରେ ତେଲ ଗରମ କରନ୍ତୁ। ଏବେ କଟାଯାଇଥିବା କ୍ୟାପ୍‌ସିକମ୍ ଏବଂ ମକା ଦାନା ପକାଇ ୨ – ୩ ମିନିଟ୍ ପର୍ଯ୍ୟନ୍ତ ଗୋଳାନ୍ତୁ। ସେଥିରେ ବଟରକୁ ସ୍ଲାଇସରରେ ଘଷି ପକାନ୍ତୁ। ପ୍ୟାନ୍‌ରେ ଅଳ୍ପ ଘିଅ ପକାଇ ବ୍ରେଡ୍‌କୁ ଗରମ କରନ୍ତୁ। ଏବେ ବ୍ରେଡ୍‌ରେ ପିଜା ସସ୍ ଲଗାଇ ଫ୍ରାଏ ହୋଇଥିବା ପନିପରିବା ଏହା ଉପରେ ରଖନ୍ତୁ। ପୁଣି ଏହା ଉପରେ ଛୋଟ ଛୋଟ ଖଣ୍ଡ କରି କଟାଯାଇଥିବା ବଟରକୁ ପକାନ୍ତୁ। ଏହାକୁ ୨ – ୩ ମିନିଟ୍ ପର୍ଯ୍ୟନ୍ତ ଘୋଡାଇ ମିଡିୟମ୍ ଫ୍ଲେମ୍‌ରେ ରଖନ୍ତୁ। ଏହା ଉପରେ ଗରମ ମସଲା, ଆମଚୂର୍ ପାଉଡର, ଓରେଗାନୋ ସସ୍ ଏବଂ ଅଳ୍ପ ଗୋଲମରୀଚ ପାଉଡର ପକାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ବ୍ରେଡ୍ ପିଜା।

# ନୂଆ ଅଫିସ୍‌କୁ ଯାଉଥିଲେ...

ନୂଆ ଅଫିସ୍‌ରେ ଯୋଗ ଦେଉଥିଲେ ସେଠାକାର ମାହୋଲ୍‌ରେ ଆଡ୍‌ଜଷ୍ଟ କରିବାକୁ ପଡିଥାଏ। ଯଦି ଆପଣ କୌଣସି ଅଫିସ୍‌ରେ ଯୋଗ ଦେଉଛନ୍ତି, ତେବେ ଜାଣି ରଖନ୍ତୁ କିଛି ଟିପ୍ସ...



- ଅଫିସ୍‌ରେ ପହଞ୍ଚିବା ପରେ ସହକର୍ମୀଙ୍କୁ ପ୍ରଥମେ ଗୁଡ୍ ମର୍ଣ୍ଣିଂ କିମ୍ବା ହାଲୋ ବୋଲି ସମ୍ବୋଧନ କରନ୍ତୁ। ଯଦି ଏପରି ନ କହି ସିଧାସଳଖ ଆପଣଙ୍କ ସିଟ୍‌ରେ ବସି କାମ କରୁଛନ୍ତି ତେବେ ଅନ୍ୟ କର୍ମଚାରୀମାନେ ଭାବିବେ ଆପଣ ବ୍ୟବହାର ଜାଣିନାହାନ୍ତି।
- ଯୋଗ୍ୟତାକୁ ନେଇ ହୁଏତ ଆପଣଙ୍କୁ ଅଫିସ୍‌ରେ କୌଣସି ଏକ ଭଲ ପୋଷ୍ଟ ମିଳିଥାଇ ପାରେ କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆପଣ ଅନ୍ୟ କର୍ମଚାରୀଙ୍କ ସହ କଥାବାର୍ତ୍ତା କରିବେ ନାହିଁ। ଅନ୍ୟମାନେ ପ୍ରଥମେ କଥାବାର୍ତ୍ତା କରନ୍ତୁ ବା ନ କରନ୍ତୁ ଆପଣ ସେମାନଙ୍କ ସହ କଥାବାର୍ତ୍ତା କଲେ ଆପଣଙ୍କର ସମ୍ମାନ ବଢ଼ିବ।
- ଅଫିସ୍‌ର ନୀତି ନିୟମକୁ ମାନନ୍ତୁ। ସେଠାକାର ମାହୋଲ୍‌କୁ ଦେଖି ନିଜକୁ ଆଡ୍‌ଜଷ୍ଟ କରିବା ଶିଖନ୍ତୁ।
- ପୂର୍ବରୁ ଆପଣ ଥିବା ଅଫିସ୍ ଏବଂ ନୂଆ ଅଫିସ୍‌ର ସୁବିଧା ଅସୁବିଧାକୁ ତୁଳନା କରନ୍ତୁ ନାହିଁ। ଏପରି କଲେ ମ୍ୟାନେଜ୍‌ମେଣ୍ଟଙ୍କୁ ଲାଗିବ କି ଆପଣ କର୍ମଚାରୀମାନଙ୍କୁ କୁଶିକ୍ଷା ଦେଉଛନ୍ତି ଏବଂ ଆପଣଙ୍କ ଜବ୍ ପ୍ରତି ବି ସମସ୍ୟା ଆସିପାରେ।
- ଅଫିସ୍ ପ୍ରତି ବିଶ୍ୱସ୍ତ ରୁହନ୍ତୁ। ଥରେ ଯଦି ଆପଣ ମ୍ୟାନେଜ୍‌ମେଣ୍ଟଠାରୁ ବିଶ୍ୱାସ ହରାଇଲେ ତେବେ ଏହାକୁ ପୁନର୍ବାର ଫେରାଇପାରିବେ ନାହିଁ।
- ଅଫିସ୍‌ରେ ଅନ୍ୟମାନଙ୍କ କଥାରେ ପଡି କୌଣସି କର୍ମଚାରୀଙ୍କ ପ୍ରତି ଭୁଲ୍ ପଦକ୍ଷେପ ନିଅନ୍ତୁ ନାହିଁ। ଏପରି କଲେ ସେ ହୁଏତ ଆପଣଙ୍କ ପ୍ରତି କୌଣସି ସମସ୍ୟା ସୃଷ୍ଟି କରିପାରନ୍ତି।
- ଅଫିସ୍‌ରେ ଅଯଥା ଗପଠାରୁ ଦୂରେଇ ରଖି ନିଜ କାମରେ ମନୋନିବେଶ କରନ୍ତୁ। ଚୁଗୁଲି କିମ୍ବା ପର ଚର୍ଚ୍ଚା କରନ୍ତୁ ନାହିଁ।

Dollar 68.94 (9) | Sensex 291.86 ▲ 39,686.50 | Nifty 76.75 ▲ 11,865.60 | Gold ₹130 ▼ 34,140.00 | Silver ₹260 ▼ 38,570.00



ନଗଦ ସଙ୍କଟ ଦୂର କରିବା ଲାଗି ଅଲ୍ ଇଣ୍ଡିଆ ଜେମ୍ସ ଆଣ୍ଡ ଜୁଏଲେରୀ ଡୋମେଷ୍ଟିକ କାଉନସିଲ୍ ବଜେଟ ପରେ ଆଇବିଏକୁ ଭେଟିବ।

– ଶଙ୍କର ସେନ୍, ଭାଇସ ଚେୟାରମ୍ୟାନ, ଜିଜେସି



ମୋବାଇଲ ଫୋନ ଯନ୍ତ୍ରାଂଶ ଉପରେ ବଜେଟରେ ଜିଏସ୍‌ଟି ହ୍ରାସ ଲାଗି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ନିକଟକୁ ପତ୍ର ଲେଖି ଦାବି କରାଯାଇଛି।

– ପଙ୍କଜ ମହିନ୍ଦ୍ରୁ, ଅଧ୍ୟକ୍ଷ, ଆଇସିଇଏ

## ସଂକ୍ଷେପରେ

### ସବ୍‌ସିଡିଯୁକ୍ତ ଏଲ୍‌ପିଜି ଦର ୩ ଟଙ୍କା କମିଲା

**ନୂଆଦିଲ୍ଲୀ,୧-୭:** ସୋମବାର ସବ୍‌ସିଡିଯୁକ୍ତ ଏଲ୍‌ପିଜି ଦର ୩.୦୨ ଟଙ୍କା ହ୍ରାସ ଘଟିଛି। ଏହା ଫଳରେ ୧୪.୨ ଲିଟର ବିଶିଷ୍ଟ ସିଲିଣ୍ଡର ଦାମ ୪୯୪.୩୫ ଟଙ୍କାକୁ ଖସିଛି। ଏହା ରବିବାର ମୁମ୍ବାଇରେ ସିଲିଣ୍ଡର ପିଛା ୪୯୫.୦୯ ଟଙ୍କା ଥିଲା ଯାହା ୪୯୨.୦୪



ଟଙ୍କାକୁ ଖସିଛି। ଗତ ମାର୍ଚ୍ଚଠାରୁ ଏଲ୍‌ପିଜି ଦର ଲଗାତର ଭାବେ ବୃଦ୍ଧି ଘଟୁଥିଲା। ୪ ମାସ ପରେ ପ୍ରଥମ ଥର ଲାଗି ଏଭଳି ଦର ହ୍ରାସ ହୋଇଛି। ମାର୍ଚ୍ଚ ପରଠାରୁ ଏଥିରେ ସିଲିଣ୍ଡର ପିଛା ୩.୮୪ ଟଙ୍କା ବୃଦ୍ଧି ଘଟିଥିଲା। ସେହିଭଳି ଅଣ ସବସିଡି ଏଲ୍‌ପିଜି ଦରରେ ମଧ୍ୟ ୧୦୦ ଟଙ୍କା ହ୍ରାସ ଘଟିଛି। ବିମାନ ଇନ୍ଧନ ବା ଏଟିଏମ୍ ମୂଲ୍ୟରେ ୫.୮% ହ୍ରାସ ନେଇ ତୈଳ କମ୍ପାନୀଗୁଡିକ ଘୋଷଣା କରିଛନ୍ତି। ଅନ୍ତର୍ଜାତୀୟ ବଜାର ସ୍ଥିତି ଉନ୍ନତ ହେବାରୁ ଏଟିଏଫ୍ ମୂଲ୍ୟରେ ହ୍ରାସ ଘଟୁଥିବା ସୂଚନା ରହିଛି। ସୋମବାର ଏଟିଏଫ୍ କିଲୋଲିଟର ପିଛା ୩,୮୦୬.୪୪ ଟଙ୍କା ହ୍ରାସ ଘଟି ୬୧,୨୦୦.୩୬ ଟଙ୍କା ରହିଛି।

### ବ୍ୟାଙ୍କରେ ଦାବିହୀନ ଜମାରାଶି ୨୭% ବଢ଼ିଲା

**ନୂଆଦିଲ୍ଲୀ,୧-୭:** ଦେଶର ବ୍ୟାଙ୍କଗୁଡ଼ିକରେ ୨୦୧୮ରେ ଦାବିହୀନ ଜମା ରାଶି ପରିମାଣ ୨୬.୮% ବୃଦ୍ଧି ପାଇ ୧୪,୫୭୮ କୋଟି ଟଙ୍କାରେ ପହଞ୍ଚିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର ଲୋକ ସଭାରେ ବିଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ୨୦୧୬ରେ ଦାବିହୀନ ଜମାରାଶି ପରିମାଣ ୮,୯୨୮ କୋଟି ଟଙ୍କା ଥିବାବେଳେ ୨୦୧୭ରେ ଏହା ବୃଦ୍ଧି ପାଇ ୧୧,୪୯୪ କୋଟି ଟଙ୍କା ହୋଇଥିଲା। କେବଳ ଏସ୍‌ବିଆଇ ନିକଟରେ ସର୍ବାଧିକ ୨,୧୫୬.୩୩ କୋଟି ଟଙ୍କା ଦାବିହୀନ ଜମା ଭାବେ ପଡ଼ିରହିଛି। ସେହିପରି ଜୀବନ ବୀମା ସେକ୍ଟରରେ ୧୬,୮୮୭.୬୬ କୋଟି ଏବଂ ଅଣ ଜୀବନ ବୀମା କ୍ଷେତ୍ରରେ ୯୮୯.୬୨ କୋଟି ଟଙ୍କାର କେହି ଦାବିଦାର ନାହାନ୍ତି। ୧୦ ବର୍ଷ ଧରି ପଡିରହିଥିବା ଜମା ଟଙ୍କା ଏବଂ ଏହା ଉପରେ ମିଳୁଥିବା ସୁଧକୁ ଡିପୋଜିଟର ଏଜୁକେଶନ ଆଣ୍ଡ ଆୱାରନେସ୍ ଫଣ୍ଡକୁ ପଠାଇ ଦିଆଯାଏ ବୋଲି ସୀତାରାମନ୍ କହିଛନ୍ତି।

### ‘ଋଣ ଅସୁଲ ଲାଗି ବାଉନ୍ସର ପଠାଇପାରିବେନି ବ୍ୟାଙ୍କ’

**ନୂଆଦିଲ୍ଲୀ,୧-୭:** ଋଣ ଅସୁଲ ଲାଗି ବ୍ୟାଙ୍କଗୁଡ଼ିକ ବାଉନ୍ସର ଅଥବା ରିକଭରି ଏଜେଣ୍ଟ ନିଯୁକ୍ତ କରିପାରିବେ ନାହିଁ ବୋଲି ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ସୋମବାର ଲୋକ ସଭାରେ ପ୍ରକାଶ କରିଛନ୍ତି। ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, ପୋଲିସ ଦ୍ୱାରା ଯାଞ୍ଚ ପରେ ଏବଂ ଅନ୍ୟ ସମ୍ବନ୍ଧିତ ଔପଚାରିକତା ପୂରଣ ପରେ ହିଁ ଜଣେ ବ୍ୟକ୍ତିଙ୍କୁ ଏଜେଣ୍ଟ ଭାବେ ବ୍ୟାଙ୍କ ଋଣ ଅସୁଲ କରିବା ଲାଗି ପଠାଇପାରିବେ ବୋଲି ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ରହିଛି। ଜବରଦସ୍ତ ଋଣ ଅସୁଲ ଲାଗି କୌଣସି ବାଉନ୍ସରଙ୍କୁ ନିଯୁକ୍ତ କରିବା ଲାଗି ବ୍ୟାଙ୍କକୁ ଅଧିକାର ଦିଆଯାଇନାହିଁ। ଋଣ ଅସୁଲ ବେଳେ ବାଉନ୍ସରମାନଙ୍କ ଦ୍ୱାରା ଖରାପ ବ୍ୟବହାର ପ୍ରଦର୍ଶନ କରାଯାଉଥିବାର ବହୁ ଅଭିଯୋଗ ମିଳୁଥିବା ବେଳେ ଏହାକୁ ଦୃଢ଼ ହସ୍ତରେ ଦମନ ତଥା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଆର୍‌ବିଆଇ ଚିନ୍ତା କରୁଛି। ସମ୍ପୃକ୍ତ ବ୍ୟାଙ୍କକୁ ବ୍ୟାନ କରିବା ନେଇ କେନ୍ଦ୍ରୀୟ ବ୍ୟାଙ୍କ ପଦକ୍ଷେପ ନେଇପାରେ ବୋଲି ସେ କହିଛନ୍ତି।

### ବକେୟା ସେବା କର ୧.୬୬ ଲକ୍ଷ କୋଟିକୁ ବୃଦ୍ଧି: ସିଏଜି

**ନୂଆଦିଲ୍ଲୀ,୧-୭:** ସୋମବାର ସଂସଦରେ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟ ଉପସ୍ଥାପନ କରାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ମୋଟ ବକେୟା ସେବା କର ପରିମାଣ ୧.୧୮ ଲକ୍ଷ କୋଟିରୁ ୧.୬୬ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ସେହିଭଳି ବକେୟା ଉତ୍ପାଦ ଶୁଳ୍କ ପରିମାଣ ପୂର୍ବ ବର୍ଷର ୮୪,୨୦୦ କୋଟି ଟଙ୍କାରୁ ବଢ଼ି ଆଲୋଚ୍ୟ ବର୍ଷରେ ୯୬,୪୯୬ କୋଟି ଟଙ୍କା ହୋଇଛି। ୨୦୧୬-୧୭ରେ ବକେୟା ଆଦାୟ ପରିମାଣ ୧.୧୯ ପ୍ରତିଶତ ରହିଥିବା ବେଳେ ୨୦୧୭-୧୮ରେ ଏହା ୧.୦୨ ପ୍ରତିଶତକୁ ହ୍ରାସ ପାଇଛି। ସେହିପରି ୨୦୧୭-୧୮ ସୁଦ୍ଧା ୧,୦୪,୭୧୮ କୋଟି ଟଙ୍କାର କେନ୍ଦ୍ରୀୟ ଉତ୍ପାଦ ସମ୍ପର୍କିତ ୪୫,୭୪୯ ମାମଲା ବିଭିନ୍ନ ଅଦାଲତରେ ପଡିରହିଛି, ଯାହା କି, ପୂର୍ବବର୍ଷ ତୁଳନାରେ ୩.୫ ପ୍ରତିଶତକୁ ହ୍ରାସ ପାଇଛି। ଆଲୋଚ୍ୟ ବର୍ଷ ଶେଷ ସୁଦ୍ଧା ୧,୨୦,୯୦୭ କୋଟି ଟଙ୍କାର ୪୩,୭୧୮ ସେବା ଟିକସ ମାମଲାର ସମାଧାନ ହୋଇପାରିନାହିଁ।

# ଜିଏସ୍‌ଟିକୁ ୨ ବର୍ଷ

# ଉପଲବ୍ଧି ଅନେକ, ଆହୁରି ଆହ୍ୱାନ



**ଦୁଇବର୍ଷ ପୂର୍ବେ ଆଜିର ଦିନରେ ଦେଶରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଲାଗୁ ହୋଇଥିଲା। ପରୋକ୍ଷ ଟିକସ କ୍ଷେତ୍ରରେ ଏକାଧିକ ନିୟମକୁ ପ୍ରତ୍ୟାହାର କରାଯାଇ ଦେଶରେ ଏକକ ଟିକସ ବ୍ୟବସ୍ଥା ଲାଗୁ କରାଗଲା। ଜିଏସ୍‌ଟି ଲାଗୁ ହେବାର ପ୍ରାରମ୍ଭିକ ପର୍ଯ୍ୟାୟ ଉଭୟ ସରକାର ଓ ବ୍ୟବସାୟୀଙ୍କ ପାଇଁ ଆହ୍ୱାନ ଥିଲା। ସମୟକ୍ରମେ ଏଥିରେ ସ୍ଥିରତା ଆସିବାରେ ଲାଗିଛି। ତଥାପି ଏଭଳି ବହୁ ପ୍ରସଙ୍ଗ ରହିଛି, ଯାହାର ସମାଧାନ ହେବା ଅପେକ୍ଷାରେ ରହିଛି ଉଦ୍ୟୋଗ ଜଗତ। ଜିଏସ୍‌ଟି ନିୟମରେ ସଂଶୋଧନ ପାଇଁ ଆଜି ସୁଦ୍ଧା ଜିଏସ୍‌ଟି କାଉନସିଲ୍‌ର ୩୫ଥର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଗତ ୨ ବର୍ଷ ଭିତରେ ଦେଶରେ ଜିଏସ୍‌ଟି ଆଇନ ଲାଗୁ ହେବା ପରେ ଅନେକ ଉପଲବ୍ଧି ହାସଲ ହୋଇଛି ସତ, ତଥାପି ସରକାରଙ୍କ ସମ୍ମୁଖରେ ବହୁ ଆହ୍ୱାନ ରହିଛି, ଯାହାର ସମାଧାନ ନିହାତି ଜରୁରୀ।**

## ରାଜସ୍ୱ ବଢ଼ିଲେ ୧୨,୧୮% ସ୍ଲାବ୍ ମିଶିଯିବ: ଜେଟ୍‌ଲୀ



ନୂଆଦିଲ୍ଲୀ,୧-୭

ଜିଏସ୍‌ଟି ପ୍ରଚଳନର ମୁଖ୍ୟ ସୂତ୍ରଧର ତଥା ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଜିଏସ୍‌ଟି ଆଇନ ଲାଗୁ ହେବାର ୨ ବର୍ଷ ପୂର୍ତ୍ତି ଅବସରରେ କହିଛନ୍ତି ଯେ, ରାଜସ୍ୱ ଆଦାୟ ବଢ଼ିଲେ ୧୨ ଓ ୧୮ ପ୍ରତିଶତ ସ୍ଲାବ୍‌କୁ ମିଶାଇ ଦିଆଯିବ। ଏଭଳି ଭାବେ ଦେଶରେ ଜିଏସ୍‌ଟିକୁ ଦ୍ୱିସ୍ତରୀୟ କରାଯିବ। ତାଙ୍କ ମତରେ ଲକ୍‌ଜୁରୀ ଓ ହାନିକାରକ ସାମଗ୍ରୀକୁ ଛାଡ଼ି ଦେଲେ ପ୍ରାୟ ସମସ୍ତ ସାମଗ୍ରୀ ୨୮% ସ୍ଲାବ୍‌ରୁ ବାଦ୍ ପଡିଛନ୍ତି। ନିଜର ଫେସ୍‌ବୁକ୍ ପେଜ୍‌ରେ ଜେଟ୍‌ଲୀ ସୋମବାର ଲେଖିଛନ୍ତି ଯେ, ୨୦ ରାଜ୍ୟର ରାଜସ୍ୱ ପୂର୍ବାପେକ୍ଷା ୧୪% ବଢ଼ିଛି। ଜିଏସ୍‌ଟି ଲାଗୁ ହେବା ପରେ କ୍ଷତିପୂରଣ ବାବଦରେ ଏବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଉ କ୍ଷତିପୂରଣ ଦେବାକୁ ପଡିବ ନାହିଁ। ଅଧିକାଂଶ ସାମଗ୍ରୀକୁ ଏବେ ୫,୧୨ ଓ ୧୮ ପ୍ରତିଶତ ସ୍ଲାବ୍‌ରେ ଅଣାଯାଇସାରିଛି। ଜିଏସ୍‌ଟି କାଉନସିଲ୍ ଗତ ୨ ବର୍ଷରେ ଅନେକଥର ଟିକସ ହାର ହ୍ରାସ କରିଛନ୍ତି। ଫଳରେ ସରକାରଙ୍କୁ ୯୦ ହଜାର କୋଟି ଟଙ୍କାରୁ ଅଧିକ ରାଜସ୍ୱ ହରାଇବାକୁ ପଡିଛି। ‘ଏକ ରାଷ୍ଟ୍ର, ଏକ ଟିକସ’ ବ୍ୟବସ୍ଥା ଉପରେ ଜେଟ୍‌ଲୀ ନିଜର ମତ ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି ଯେ, ଭାରତ ଭଳି ଦେଶରେ ବହୁ ସଂଖ୍ୟାରେ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ବେଳେ ସମସ୍ତଙ୍କ ପାଇଁ ଗୋଟିଏ ପ୍ରକାର ଟିକସ ବ୍ୟବସ୍ଥା ଲାଗୁ କରିବା ନ୍ୟାୟସଙ୍ଗତ ନୁହେଁ। ଚପଲ ଓ ମର୍ସିଡିଜ କାର୍ ଉପରେ ଏକପ୍ରକାର ଟିକସ ଆଦାୟ କରାଯାଇପାରିବ ନାହିଁ। ଜିଏସ୍‌ଟି କାରଣରୁ ଆଜି ଟୋଲଗେଟ୍‌ରେ ଟ୍ରକ୍‌ଗୁଡ଼ିକୁ ଲମ୍ବା ଲାଇନରେ ଅପେକ୍ଷା କରିବାକୁ ପଡୁନାହିଁ।

### ‘ବେଷ୍ଟ ଅଫ୍ ଜିଏସ୍‌ଟି’କୁ ଅପେକ୍ଷା



ଜିଏସ୍‌ଟି ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳୀକରଣ କରିଛି। ବ୍ୟବସ୍ଥାରେ ରହିଥିବା ଅସୁବିଧାକୁ ସରକାର ଧୀରେ ଧୀରେ ସରଳୀକରଣ କରୁଛନ୍ତି। ଏକ ଦେଶ ଏକ ଟିକସ ଲକ୍ଷ୍ୟ ଏବେ ମଧ୍ୟ ପୂରଣ ହୋଇ ନାହିଁ। ଦେଶ ମଧ୍ୟରେ ବିଭିନ୍ନ ରାଜ୍ୟକୁ ନେଇ ଏକ ସାଥିରେ ଯିବା ଆଉ ଏକକ ଟିକସ ଲାଗୁ କରିବା ନିଶ୍ଚିତ ପକ୍ଷେ ଏକ କଷ୍ଟକର କାର୍ଯ୍ୟ। ଏଥିଲାଗି ଜିଏସ୍‌ଟି ପରିଷଦ କାର୍ଯ୍ୟ କରୁଥିବା ବେଳେ ଏହାର ସଂସ୍କାରଧାରା ଜାରି ରହିବ। ଦେଶରେ ଟିକସ ସଂଗ୍ରହ ଧାରା ଉନ୍ନତ ହୋଇଛି। ଟିକସ ଫାଙ୍କି ଉପରେ ଏବେ କାର୍ଯ୍ୟାନୁଷ୍ଠାନ ବଢ଼ିଛି। ଅନୁପାଳନ ଧାରାରେ ମଧ୍ୟ ଉନ୍ନତି ଆସିଛି। ବେଷ୍ଟ ଅଫ୍ ଜିଏସ୍‌ଟିକୁ ଏବେ ଅପେକ୍ଷା।

– ଅମରେନ୍ଦ୍ର ଦାସ, ଅର୍ଥନୀତିଜ୍ଞ

### ରିଫଣ୍ଡ ପ୍ରୋସେସିଂ ତ୍ୱରାନ୍ୱିତ ହେଉ



ଜିଏସ୍‌ଟିର ଗତ ୨ ବର୍ଷ ବେଶ ଘଟଣା ବହୁଳ। ପ୍ରଥମେ ଏହି ଟିକସ ବ୍ୟବସ୍ଥାକୁ ନେଇ ଅନେକ ଦ୍ୱନ୍ଦ୍ୱ ରହୁଥିଲା। ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ସରଳୀକରଣ ପଦକ୍ଷେପ ସରକାର ନେବା ଯୋଗୁ ଏହାକୁ ଭଲ ରେସପନ୍ସ ମିଳିଛି। ଇନ୍‌ପୁଟ ଟାକ୍ସ କ୍ରେଡିଟ ଉନ୍ନତ ହୋଇଛି। ପୂର୍ବରୁ ରହିଥିବା ସିଏସ୍‌ଟି,ଏଣ୍ଟ୍ରି ଟିକସ ଉଠିବା ଦ୍ୱାରା ଶିଳ୍ପ ଜଗତ ଲାଭ ପାଇଛି। ଗୋଟିଏ ସଫ୍ଟୱେରରେ ରିଟର୍ନର ସବୁ କାମ ଚାଲୁଛି। ପୂର୍ବରୁ ଅନେକ ଖାତାପତ୍ର ମେଣ୍ଟେନ କରିବାକୁ ପଡୁଥିବା ବେଳେ ଏହାକୁ ନେଇ ଆଉ ମୁଣ୍ଡ ବିନ୍ଧା ନାହିଁ। ଏଠାରେ ସରକାର ଗୋଟିଏ ପ୍ରସଙ୍ଗକୁ ଗୁରୁତର ସହ ନେଲେ ଶିଳ୍ପଗୁଡିକ ଆହୁରି ସୁବିଧା ପାଇ ପାରିବେ। ସରକାର ରିଫଣ୍ଡ ପ୍ରୋସେସିଂ ଧାରାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ। ରିଫଣ୍ଡ ସରଳୀକରଣ ହେଲେ ଶିଳ୍ପଗୁଡିକର ଅପେକ୍ଷା କମିବ। ଅପରପକ୍ଷରେ ରାଜ୍ୟ ସ୍ତରରେ ଆଦାୟ ହେଉଥିବା ପ୍ରଫେଶନାଲ ଟିକସ ବାଦ ଦିଆଗଲେ ଭଲ ହୁଅନ୍ତା। ଶିଳ୍ପ ଉଦ୍ୟୋଗ ଜଗତ ପରୋକ୍ଷ ଟିକସ ଲାଗି ଜିଏସ୍‌ଟି, ଆୟକର ପ୍ରଦାନ କରୁଛି। ଏଣୁ ଏଭଳି ଟିକସକୁ ବାଦ ଦିଆଯିବା ଆବଶ୍ୟକ। ଏହାବାଦ ଅନେକ ଡିଲର ରହିଛନ୍ତି ଯେଉଁମାନେ ମାସମାସ ଧରି ଜିଏସ୍‌ଟି ରିଟର୍ନ ଫାଇଲ କରୁନାହାନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ।

– ସ୍ୱାତ୍ତ୍ୱିକ ସ୍ୱାଇଁ, ମହାସଚିବ, ଓସ୍‌ମେ

### ଦ୍ୱନ୍ଦ୍ୱ ଦୂରୀକରଣ ଲାଗି ପଦକ୍ଷେପ ନିଆଯାଉ



ଜିଏସ୍‌ଟି ଆସିବା ପରେ ରିୟଲ ଇଷ୍ଟେଟ କ୍ଷେତ୍ରରେ ଆସିଥିବା ବିଭିନ୍ନ ଦ୍ୱନ୍ଦ୍ୱ ଉପୁଜୁଛି। ସରକାର ବିଭିନ୍ନ ସମୟରେ ନିୟମରେ ପରିବର୍ତ୍ତନ କରୁଛନ୍ତି। ଅନେକ ନିୟମ ପରିବର୍ତ୍ତନ ହେଲାଣି। ଏହା ସତ୍ତ୍ୱେ ଶିଳ୍ପରେ ସ୍ଥିତାବସ୍ଥା ଏବେ ମଧ୍ୟ ଫେରି ନାହିଁ। ଶିଳ୍ପରେ ବର୍ତ୍ତମାନ ଆଉ ଏକ ଦ୍ୱନ୍ଦ୍ୱ ରହିଛି। କମ୍ପୋଜିଶନ ସ୍କିମରେ ବିଲଡରମାନେ ଇନପୁଟ ନେବା ବନ୍ଦ ହୋଇଛି। ଗ୍ରାହକଙ୍କଠାରୁ ୧% ଏବଂ ୫% ସିଧାସଳଖ ଟିକସ ସଂଗ୍ରହ କରି ସରକାରଙ୍କୁ ଦେବାକୁ ନିୟମ ରହିଛି। ଏପ୍ରିଲ ପହିଲାରୁ ଏହାକୁ କାର୍ଯ୍ୟକାରୀ କରାଯାଇଛି। ନିର୍ମାଣାଧୀନ ଏବଂ ଟ୍ରାଞ୍ଜିଶନରେ ଥିବା ପ୍ରକଳ୍ପଗୁଡିକ ଏହାକୁ ନେଇ ଏବେ ଦ୍ୱନ୍ଦ୍ୱରେ ରହିଛନ୍ତି। ଜଏଣ୍ଟ ଡେଭଲପମେଣ୍ଟରେ ହେଉଥିବା ପ୍ରକଳ୍ପଗୁଡିକ କ୍ଷେତ୍ରରେ ଜମି ମାଲିକମାନଙ୍କ ଅଂଶରେ ପଡୁଥିବା ଜିଏସ୍‌ଟି କିଭଳି ଭାବେ ଦିଆଯିବ, କେବେ ଲାଗୁ ହେବା ଭଳି ପ୍ରସଙ୍ଗ ସ୍ପଷ୍ଟ ହୋଇ ନାହିଁ। ଏହି କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣର ଅଭାବ ରହୁଛି। ଏନେଇ ରାଜ୍ୟ ସ୍ତରରୁ ଏକ ହେଲପଲାଇନ କରାଗଲେ ଶିଳ୍ପକୁ ଲାଭ ମିଳନ୍ତା। ବିଭିନ୍ନ ପ୍ରସଙ୍ଗରେ ଶିଳ୍ପ ଅବଗତ ହେଲେ କୌଣସି ଅସୁବିଧା ଦେଖାଯିବ ନାହିଁ।

– ନିଶୀଥ ନନ୍ଦ, ସଭାପତି, ଆଫୋର୍ଡ

### ରିଟର୍ନ ଦାଖଲ

ପ୍ରାରମ୍ଭରେ ମାସିକ ରିଟର୍ନ ଦାଖଲ କରିବାରେ ଅସୁବିଧା ହେଉଥିଲା। ତେବେ ବର୍ତ୍ତମାନ ଏହି ସମସ୍ୟାର ସମାଧାନ ହୋଇପାରିଛି ଏବଂ ଏବେ ଏହା ସ୍ଥିର ହୋଇଛି। ତେବେ ନୂଆ ଦାଖଲ ବ୍ୟବସ୍ଥାକୁ ପର୍ଯ୍ୟାୟକ୍ରମେ ଲାଗୁ କରାଯିବ ବୋଲି ଘୋଷଣା କରାଯାଇଛି। ବ୍ୟବସାୟୀ, ଉଦ୍ୟୋଗ ଜଗତ ଏହି ବ୍ୟବସ୍ଥା ପ୍ରତି ସମ୍ପୂର୍ଣ୍ଣ ସଚେତନ ନ ହେବା ପର୍ଯ୍ୟନ୍ତ ଏହାକୁ ତରବରିଆ ଭାବେ ଲାଗୁ କରାଯିବା ଅନୁଚିତ ହେବ। ଆର୍ଥିକ ବର୍ଷର ମଧ୍ୟଭାଗରେ ବ୍ୟବସ୍ଥାରେ ପରିବର୍ତ୍ତନ ଅସୁବିଧାର କାରଣ ହୋଇପାରେ। ଆକାଉଣ୍ଟିଂ ବ୍ୟବସ୍ଥାରେ ସଂଶୋଧନର ଆବଶ୍ୟକତା ରହିଛି। ଏକ ଆକଳନରୁ ଜଣାପଡିଛି ଯେ, ଜିଏସ୍‌ଟି ଲାଗୁ ହେବାର ୨ ବର୍ଷ ପରେ ମଧ୍ୟ ରିଟର୍ନ ଦାଖଲ ବ୍ୟବସ୍ଥା ଏହାର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିନାହିଁ। ହାରାହାରି ୬୦ ପ୍ରତିଶତ ହାରରେ ନିର୍ଦ୍ଧାରିତ ସମୟ ପରେ ଜିଏସ୍‌ଟିଆର-୩ବି ଦାଖଲ କରାଯାଉଛି।

### ଇ-ଇନ୍‌ଭଏସ୍ ବ୍ୟବସ୍ଥା

ଇ-ଇନ୍‌ଭଏସ୍ ବ୍ୟବସ୍ଥା ଲାଗୁ କରିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ବର୍ତ୍ତମାନ ପରିସ୍ଥିତିରେ ଏହାକୁ ଲାଗୁ କରିବା ଦ୍ୱାରା ଅସୁବିଧା ଦ୍ୱିଗୁଣିତ ହେବ। ତେବେ ଜିଏସ୍‌ଟିଏନ୍ ନେଟ୍‌ୱର୍କ ସର୍ଭର ବ୍ରେକ୍ ଡାଉନ ଅର୍ଥାତ ଖରାପ ହେବା ସ୍ଥିତିରେ ଇନ୍‌ଭଏସ୍ କିପରି ଜାରି କରାଯିବ ସେ ନେଇ ସରକାରଙ୍କ ପକ୍ଷରୁ ସ୍ଥିତି ସ୍ପଷ୍ଟ ହେବା ଉଚିତ୍। ଏପରି ସ୍ଥିତିରେ ବ୍ୟବସାୟୀମାନେ ଇନ୍‌ଭଏସ୍ ଜାରି କରିବା ବନ୍ଦ କରିଦେବେ କି ତାହା ହିଁ ପ୍ରଶ୍ନ।

### ରିଫଣ୍ଡ

ରିଫଣ୍ଡ ପ୍ରକ୍ରିୟା ଅନେକାଂଶରେ ସରଳ ହେଲାଣି ଓ ଧାରାରେ ପଡିଲାଣି। ରପ୍ତାନିକାରୀମାନେ ସୀମାଶୁଳ୍କ ବିଭାଗରୁ ସିଧାସଳଖ ସେମାନଙ୍କ ରିଫଣ୍ଡ ପାଇବା ଆରମ୍ଭ କଲେଣି। ସେମାନଙ୍କୁ ୯୦% ପର୍ଯ୍ୟନ୍ତ ରିଫଣ୍ଡ ତୁରନ୍ତ ମିଳିଯାଉଛି। ଜିଏସ୍‌ଟି ରିଫଣ୍ଡରେ ବିଳମ୍ବ କାରଣରୁ କାର୍ଯ୍ୟକାରୀ ଅର୍ଥକୁ ନେଇ ଥିବା ବିବାଦ ଅନେକାଂଶରେ ସମାଧାନ ହୋଇଗଲାଣି। ତେବେ ସମସ୍ତ ରିଫଣ୍ଡର ଯାଞ୍ଚ କରାଯିବ ବୋଲି ନିକଟରେ ସରକାରଙ୍କ ପକ୍ଷରୁ ଏକ ବିବୃତି ଜାରି କରାଯିବା ପରେ ରପ୍ତାନିକାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଇଛି ।

### ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ଯାଞ୍ଚ

ବ୍ୟବସାୟୀମାନେ ଦାବି କରିଥିବା ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟକୁ ପର୍ଯ୍ୟାୟକ୍ରମେ ଜିଏସ୍‌ଟିଏନ୍ ସହ ମିଶାଇବା ଲାଗି ସରକାରଙ୍କ ନିଷ୍ପତ୍ତି ଯୋଗୁ ବ୍ୟବସାୟୀ ଓ ଉଦ୍ୟୋଗ ଜଗତ ଅସନ୍ତୁଷ୍ଟ । ତେବେ ଜିଏସ୍‌ଟିଏନ୍‌ରେ ଦର୍ଶାଯାଇଥିବା ଜିଏସ୍‌ଟି ରିଟର୍ନ, ଜିଏସ୍‌ଟିଆର୍୨ଏର ତଥ୍ୟ ଦିଆଯାଉଥିବା ନୋଟିସ ସହ ମେଳ ଖାଉ ନ ଥିବାରୁ ଉଦ୍ୟୋଗ ଜଗତ ସର୍ବଦା ଦ୍ୱନ୍ଦ୍ୱରେ ରହୁଛି। କେଉଁ ତଥ୍ୟ ଆଧାରରେ ନୋଟିସ ଦିଆଯାଉଛି, ତାହା ମଧ୍ୟ ଆୟକର ଅଧିକାରୀ ସ୍ପଷ୍ଟ କରୁନାହାନ୍ତି।

### ବାରମ୍ବାର ନିୟମ ପରିବର୍ତ୍ତନ

ଜିଏସ୍‌ଟି ଆଦାୟ ବୃଦ୍ଧି ସହ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସହଜ ତଥା ସରଳ କରିବା ଲାଗି ଜିଏସ୍‌ଟି କାଉନସିଲ୍ ପକ୍ଷରୁ ବାରମ୍ବାର ନିଷ୍ପତ୍ତି ନିଆଯାଉଛି। ଫଳରେ ନିୟମରେ ଏକାଧିକ ଥର ପରିବର୍ତ୍ତନ ହେଉଛି। ତେବେ ସ୍ପଷ୍ଟତା ପାଇଁ ନିୟମରେ ସଂଶୋଧନ ହେବା ଜରୁରୀ। କିନ୍ତୁ ଏହାଦ୍ୱାରା ବ୍ୟବସାୟୀଙ୍କ ନିଷ୍ପତ୍ତି ନେବା ପ୍ରଭାବିତ ହେଉଛି।

### ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ତଳକୁ ଖସିଲା

ଜୁନ୍‌ରେ ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ତଳକୁ ଖସିଆସିଛି। ସୋମବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ଏହି ମାସରେ ୯୯,୯୩୯ କୋଟି ଟଙ୍କା ଆଦାୟ ହୋଇଛି। ଗତବର୍ଷର ଏହି ଅବଧିରେ ଜିଏସ୍‌ଟି ଆଦାୟ ୯୫,୬୧୦ କୋଟି ଟଙ୍କା ଥିଲା। ଚଳିତବର୍ଷ ମେ’ରେ ୧ ଲକ୍ଷ ୨୮୯କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିଲା। ଏଥିରେ ୧୮,୩୬୬ କୋଟି ଟଙ୍କା ସିଜିଏସ୍‌ଟି, ୨୫,୩୪୩ କୋଟି ଟଙ୍କା ଏସ୍‌ଜିଏସ୍‌ଟି, ଆଇଜିଏସ୍‌ଟି ୪୭,୭୭୨ କୋଟି ଟଙ୍କା ଏବଂ ସେସ୍ ବାବଦରେ ୮,୪୫୭ କୋଟି ଟଙ୍କା ସାମିଲ ହୋଇଛି।

ରିଏଲ ଇଷ୍ଟେଟ ସେକ୍ଟରରେ ନୂଆ ସ୍କିମ୍ ଲାଗୁ କରାଯାଇଥିବା ବେଳେ ଏଥିରେ କେତେକ ସର୍ତ୍ତାରୋପ କରାଯାଇଛି। ବିଲ୍‌ଡର ଓ ରିଏଲ ଇଷ୍ଟେଟ୍ ଡେଭଲପ୍‌ର କେଉଁ ନିୟମକୁ ଆପଣାଇବେ, ସେନେଇ ଦ୍ୱନ୍ଦ୍ୱରେ ପଡିଛନ୍ତି।

### ସେସ୍ ଲାଗୁ କରିବା

ଜିଏସ୍‌ଟି କାଉନସିଲ୍ ପ୍ରଥମଥର କେରଳ ପ୍ରାକୃତିକ ବିପର୍ଯ୍ୟୟ ସେସ୍ ଲାଗୁ କରିଛି। ଏହାକୁ ନେଇ ଚିନ୍ତା ବଢ଼ିଯାଇଛି। କାରଣ ଜନକଲ୍ୟାଣ ଲାଗି ଅନ୍ୟ ରାଜ୍ୟ ସରକାରଗୁଡ଼ିକ ମଧ୍ୟ ଏଭଳି ସେସ୍ ଲାଗୁ କରିବାକୁ ପଛାଇବେ ନାହିଁ।

### ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ

ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ଜିଏସ୍‌ଟି ଯୁଗ ଆରମ୍ଭ ପୂର୍ବରୁ ବ୍ୟବସାୟୀ ଓ ଟିକସ ଅଧିକାରୀଙ୍କ ମଧ୍ୟରେ ବିବାଦର କେନ୍ଦ୍ରବିନ୍ଦୁ ଥିଲା। ସାମାନ୍ୟ ତ୍ରୁଟି, ନିୟମର ଦ୍ୱାହି ଦେଇ ଟିକସ ଅଧିକାରୀମାନେ ବ୍ୟବସାୟୀଙ୍କଠାରୁ ଟିକସ ଆଦାୟ କରୁଛନ୍ତି, ଯାହାକୁ ସେମାନେ ବିରୋଧ କରିଆସୁଛନ୍ତି। ଏହାକୁ ନେଇ ବିଭିନ୍ନ ଅଦାଲତ ପକ୍ଷରୁ ମଧ୍ୟ ପ୍ରକାଶିତ ରାୟରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଛୋଟ ଭୁଲ୍ ପାଇଁ ବ୍ୟବସାୟୀଙ୍କଠାରୁ ଜବରଦସ୍ତ ଟିକସ ଆଦାୟ ନ କରିବା ଲାଗି ଅଦାଲତଗୁଡ଼ିକ ରାୟ ଦେଇଥିଲେ ମଧ୍ୟ ଏଭଳି ପ୍ରକ୍ରିୟା ଜାରି ରହିଛି।

### ସରକାରଙ୍କ ସମ୍ମୁଖରେ ଆହ୍ୱାନ

ଜିଏସ୍‌ଟି ବିବାଦ ବିଶେଷଜ୍ଞ ଅଶୋକ ବତ୍ରାଙ୍କ କହିବାନୁଯାୟୀ, ବିଗତ ୨ ବର୍ଷ ମଧ୍ୟରେ ଟିକସଦାତା ଏବଂ ରାଜସ୍ୱ ଆଦାୟ ମଧ୍ୟରେ ସନ୍ତୁଳନ କାଏମ ରଖିବାରେ ସରକାର ଅନେକାଂଶରେ ସଫଳ ହୋଇଛନ୍ତି। ସମସ୍ୟା ସୃଷ୍ଟି ହେବା ମାତ୍ରେ ଏହା ଉପରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହାସତ୍ତ୍ୱେ ଟିକସ ଆଦାୟ ଏବେ ସୁଦ୍ଧା ଏକ ବଡ଼ ଆହ୍ୱାନ ହୋଇଛି। ଏଥିଲାଗି ଜାଲ୍ ବିଲ୍ ପ୍ରଦାନକୁ କାବୁ କରିବାକୁ ହେବ। ବ୍ୟବସାୟୀ ଓ ଅଧିକାରୀଙ୍କ ମଧ୍ୟରେ ମାନସିକତାରେ ପରିବର୍ତ୍ତନ କରିବା ଲାଗି ଟ୍ରେନିଂର ଆବଶ୍ୟକତା ରହିଛି। ଜିଏସ୍‌ଟି କନସଲଟାଣ୍ଟ ସୁଧୀର ହାଲାଖଣ୍ଡି କହିଛନ୍ତି ଯେ, ଅଦ୍ୟାବଧି ଅଧିକାଂଶ ବିବାଦ କ୍ଷେତ୍ରରେ ସରକାର ଟାଳିବା ମନୋବୃତ୍ତି ଆପଣାଉଛନ୍ତି। ମାସିକ ରିଟର୍ନରୁ ଆରମ୍ଭ କରି ବାର୍ଷିକ ରିଟର୍ନ ଦାଖଲ ସମୟସୀମା ବୃଦ୍ଧି କରିବା ଏହାର ପ୍ରମାଣ ଦିଏ। ଆର୍‌ସିଏମ୍ ମଧ୍ୟ ଏଭଳି ଏକ ସମସ୍ୟା, ଯାହାର ସମାଧାନ ସରକାରଙ୍କୁ ଶୀଘ୍ର କରିବାକୁ ହେବ। ଏବେ ସରକାରଙ୍କୁ ଟାଳିବା ଛାଡ଼ି ସମାଧାନ ପନ୍ଥା ଆପଣାଇବାକୁ ହେବ। ଶେଷରେ କହିବାକୁ ହେବ ଯେ, ଭାରତ ଭଳି ବିଶାଳ ଦେଶରେ ଜିଏସ୍‌ଟିକୁ ଲାଗୁ କରିବା ଏକ ବଡ଼ ଉପଲବ୍ଧି କୁହାଯାଇପାରେ। ପ୍ରତ୍ୟେକ ବ୍ୟବସ୍ଥାରେ ଆହ୍ୱାନ ଆସିଥାଏ। ଟିକସ ଫାଙ୍କି ବଦଳରେ କେବଳ ସାମାନ୍ୟ ତ୍ରୁଟି ପାଇଁ ଟିକସଦାତାଙ୍କୁ ଦଣ୍ଡିତ କରାଯିବା ବନ୍ଦ ହେବା ଦରକାର। ପରୋକ୍ଷ କାର୍ଯ୍ୟକାରୀ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରାଯିବା ସହ ଆଇନରେ ସ୍ୱଳ୍ପ ପରିବର୍ତ୍ତନ ଓ ଜିଏସ୍‌ଟିଏନ୍‌କୁ ଅଧିକ ଗତିଶୀଳ କରାଗଲେ ଏହାର ସଫଳତାର ଯାତ୍ରା ଆଗକୁ ବଢ଼ିବ ଏଥିରେ ସନ୍ଦେହ ନାହିଁ।

## ମୁଦ୍ରାଲୋନ୍ ଆକାଉଣ୍ଟରେ ୨୩୧୩ ଠକେଇ

ନୂଆଦିଲ୍ଲୀ, ୧-୭

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଆକାଉଣ୍ଟ (ପିଏମ୍‌ଏମ୍‌ୱାଇ) ଆକାଉଣ୍ଟରେ ୨୩୧୩ ଠକେଇ ସାମ୍ନାକୁ ଆସିଛି। ୨୦୧୬-୧୭ ଆର୍ଥିକ ବର୍ଷ ପରଠାରୁ ଏହି ମାମଲାଗୁଡିକ ସାମ୍ନାକୁ ଆସିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକସଭାକୁ ଏକ ଲିଖିତ ଉତ୍ତରରେ ସୋମବାର ସୂଚନା ଦେଇଛନ୍ତି। ମୁଦ୍ରା ଋଣ ଯୋଜନା ଆରମ୍ଭ ହେବା ପରଠାରୁ ଚଳିତ ବର୍ଷ ଜୁନ ୨୧ ପର୍ଯ୍ୟନ୍ତ ବ୍ୟାଙ୍କଗୁଡିକ ୧୯ କୋଟିରୁ ଊର୍ଦ୍ଧ୍ୱ ଋଣ ମଞ୍ଜୁର କରିଛନ୍ତି। ଏହି ମାମଲାଗୁଡିକରେ ତଦନ୍ତ ଆରମ୍ଭ କରାଯାଇଥିବା ସେ କହିଛନ୍ତି। ମାମଲାଗୁଡିକରେ ବ୍ୟାଙ୍କର ୧୦୩ କର୍ମଚାରୀ ଜଡ଼ିତ ଅଛନ୍ତି। ଏମାନଙ୍କ ମଧ୍ୟରୁ ୬୮ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ତାମିଲନାଡୁରେ ସର୍ବାଧିକ ୩୪୪ ଠକେଇ ମାମଲା ସାମ୍ନାକୁ ଆସିଛି। ଦ୍ୱିତୀୟ ସ୍ଥାନରେ ଛତିଶଗଡ ରହିଛି। ଏଠାରେ ୨୭୫ ଠକେଇ ହୋଇଥିବା ବେଳେ ତୃତୀୟ ସ୍ଥାନରେ ଥିବା ଆନ୍ଧ୍ରପ୍ରଦେଶରେ ୨୪୧ ମାମଲା ଆସିଛି।

ସେହିଭଳି ଏକ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ପ୍ରଦାନ କରିଥିବା ମୋଟ ଋଣ ମଧ୍ୟରୁ ୨୦୧୭-୧୮ରେ ୨.୫୨% ଏନ୍‌ପିଏ ଥିବା ବେଳେ ଏହା ୨୦୧୮-୧୯ରେ ୨.୬୮% ରହିଛି। ସୂଚନା ମୁତାବକ ମୁଦ୍ରା ଋଣର ଶିଶୁ ଶୃଙ୍ଖଳାରେ ଏନ୍‌ପିଏ ହ୍ରାସ ଘଟୁଛି। ଏହା ୨୦୧୬-୧୭ରେ ୪.୧୪% ରହିଥିଲା ବେଳେ ୨୦୧୭-୧୮ରେ ୧.୯୩% ଏବଂ ୨୦୧୮-୧୯ରେ ୧.୨୯%କୁ ଖସିଛି। ପ୍ରଦାନ କରାଯାଇଥିବା ଋଣର ଅସୁଲ ଲାଗି ବ୍ୟାଙ୍କଗୁଡିକ ରିଜର୍ଭ ବ୍ୟାଙ୍କର ନିୟମକୁ ପାଳନ କରୁଥିମା ସୀତାରାମନ କହିଛନ୍ତି। ମୁଦ୍ରା ଋଣ ଯୋଜନାରେ ବର୍ତ୍ତମାନ ଶିଶୁ, କିଶୋର ଏବଂ ତରୁଣ ବର୍ଗରେ ଋଣ ପ୍ରଦାନ କରାଯାଉଛି।

## ବନ୍ଦ ହୋଇଛି ୬.୮ ଲକ୍ଷ କମ୍ପାନୀ

ନୂଆଦିଲ୍ଲୀ, ୧-୭

ବର୍ତ୍ତମାନ ପର୍ଯ୍ୟନ୍ତ ସାରା ଦେଶରେ ମୋଟ ୬.୮ ଲକ୍ଷ କମ୍ପାନୀ ବନ୍ଦ ହୋଇଛି। ଦେଶ ମଧ୍ୟରେ ୧୮.୯୪ ଲକ୍ଷ କମ୍ପାନୀ ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ ଅଧିନରେ ପଞ୍ଜୀକୃତ ଥିବାବେଳେ ଏଗୁଡିକ ମଧ୍ୟରୁ ୩୬.୦୭% କମ୍ପାନୀ ବନ୍ଦ ହୋଇଛି। ବନ୍ଦ କମ୍ପାନୀଗୁଡିକ ମଧ୍ୟରେ ମହାରାଷ୍ଟ୍ରର ୧.୪୨ ଲକ୍ଷ କମ୍ପାନୀ ରହିଛି। ସେହିଭଳି ଦିଲ୍ଲୀର ୧.୨୫ ଲକ୍ଷ, ପଶ୍ଚିମବଙ୍ଗର ୬୭,୦୦୦ କମ୍ପାନୀ ରହିଛି। ସିକିମର କୌଣସି କମ୍ପାନୀ ବନ୍ଦ ହୋଇ ନାହିଁ। ଲଗାତର ଭାବେ ଦୁଇ ଆର୍ଥିକ ବର୍ଷଧରି ରିଟର୍ନ ଫାଇଲ ଏବଂ ଆର୍ଥିକ ପ୍ରମାଣପତ୍ର ଦାଖଲ କରି ନ ଥିବା କମ୍ପାନୀଗୁଡିକର ପଞ୍ଜୀକରଣ ବାଦ ଦେବା ଲାଗି ସରକାର ସ୍ୱତନ୍ତ୍ର ପଦକ୍ଷେପ ମାନ ଗ୍ରହଣ କରୁଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଏହାବାଦ ଭୂତ କମ୍ପାନୀଗୁଡିକର ପଞ୍ଜୀକରଣ ବାତିଲ ନେଇ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ, କମ୍ପାନୀ ଆଇନରେ ଭୂତ କମ୍ପାନୀ ଶବ୍ଦ ସମ୍ପର୍କରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇ ନାହିଁ। ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ୨୪୪୮ କମ୍ପାନୀ ପଞ୍ଜୀକରଣ କରିଥିବା ସେ କହିଛନ୍ତି।

## ଡେପୁଟି ଗଭର୍ନର ଭାବେ ବିଶ୍ୱନାଥନଙ୍କୁ ପୁନଃନିଯୁକ୍ତି



ମୁମ୍ବାଇ, ୧-୭

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଡେପୁଟି ଗଭର୍ନର ଭାବେ ଏନ୍.ଏସ୍.ବିଶ୍ୱନାଥନଙ୍କୁ ଆହୁରି ଏକ ବର୍ଷ ପାଇଁ ପୁନଃନିଯୁକ୍ତ କରାଯାଇଛି। ଦ୍ୱିତୀୟଥର ପାଇଁ ସେ ଏହି ଦାୟିତ୍ୱରେ ରହିଛନ୍ତି। ଏଥିପୂର୍ବରୁ ତାଙ୍କୁ ୪ ଜୁଲାଇ ୨୦୧୬ରେ କେନ୍ଦ୍ରୀୟ ବ୍ୟାଙ୍କର ଡେପୁଟି ଗଭର୍ନର ଭାବେ ୩ ବର୍ଷ ପାଇଁ ନିଯୁକ୍ତ କରାଯାଇଥିଲା। ତାଙ୍କର କାର୍ଯ୍ୟକାଳ ଜୁଲାଇ ୩ରେ ଶେଷ ହୋଇଥାନ୍ତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ କ୍ୟାବିନେଟ ନିଯୁକ୍ତି କମିଟି ବିଶ୍ୱନାଥନଙ୍କ ନିଯୁକ୍ତିକୁ ମୋହର ମାରିଛନ୍ତି। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, ବିଶ୍ୱନାଥନ ଜୁଲାଇ ୪ରୁ ପୁନର୍ବାର ନୂଆ ଦାୟିତ୍ୱରେ ରହିବେ। ଆର୍‌ବିଆଇ ଗଭର୍ନରଙ୍କ ଅଧୀନରେ ୪ ଜଣ ଡେପୁଟି ଗଭର୍ନର ରହିଥାନ୍ତି। ବିରଳ ଆଚାର୍ଯ୍ୟଙ୍କ ଇସ୍ତଫା ପରେ ବିଶ୍ୱନାଥନ, ବି.ପି. କାନୁନଗୋ ଓ ଏମ୍.କେ. ଜୈନ ଡେପୁଟି ଗଭର୍ନର ଭାବେ କାର୍ଯ୍ୟ ତୁଲାଉଛନ୍ତି। ଏମାନଙ୍କ ମଧ୍ୟରେ ବିଶ୍ୱନାଥନ ସର୍ବବରିଷ୍ଠ ରହିଛନ୍ତି।

# ଭାରତ ପାଇଁ ମିଡ୍‌ଲ ଅର୍ଡର ଚିନ୍ତା

ବର୍ମିଂହାମ, ୧୭ (ପି.ଟି.)

ଚଳିତ ଆଇସିସି ବିଶ୍ୱକପ୍‌ରେ ଗୋଟିଏ ଦିନର ବିଶ୍ରାମ ପରେ ପୁଣି ଏକ ମ୍ୟାଚ୍ ଖେଳିବ ବିରାଟ ବାହିନୀ। ରବିବାର ଏକ ହାଇସ୍କୋରିଂ ମ୍ୟାଚ୍‌ରେ ଇଂଲଣ୍ଡ ନିକଟରୁ ପରାସ୍ତ ହୋଇଥିବା ବିରାଟ ବାହାନୀ ମଙ୍ଗଳବାର ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶକୁ ଭେଟିବାକୁ ଯାଉଛି। ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଏହି ମୁକାବିଲା ଅନୁଷ୍ଠିତ ହେବ। ସେମିଫାଇନାଲକୁ ନଜର ପକାଇଲେ ଉଭୟ ଭାରତ ଓ ବାଂଲାଦେଶ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱବହନ କରୁଛି। ଭାରତ ଏହି ମ୍ୟାଚ୍ ଜିତିଲେ ସେମିଫାଇନାଲରେ ଏହାର ସ୍ଥାନ ସୁନିଶ୍ଚିତ କରିବ। ଅପରପକ୍ଷରେ ଏବେବି ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଥିବା ବାଂଲାଦେଶ ଏହି ମ୍ୟାଚ୍ ଜିତି ଆଉପାଦେ ଆଗେଇବା ଲକ୍ଷ୍ୟରେ ରହିଛି। ତେଣୁ ମଙ୍ଗଳବାର କ୍ରିକେଟ୍‌ପ୍ରେମୀ ଏକ ରୋମାଞ୍ଚକ ମ୍ୟାଚ୍ ଦେଖିବାକୁ ପାଇବେ।

ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପୂର୍ବରୁ ଭାରତ ପାଇଁ ମିଡ୍‌ଲ ଅର୍ଡର ଚିନ୍ତାଜନକ ବିଷୟ ହୋଇଛି। ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ କେଦାର ଯାଦବ ଓ ଲେଗ୍-ସ୍ପିନର ଯୁଜବେନ୍ଦ୍ର ଚହଲ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ନେଇ ସନ୍ଦେହ ପ୍ରକାଶ ପାଇଛି। ଆଘାତଜନିତ ସମସ୍ୟାରୁ ମୁକୁଳିଥିବା ତଥା ମ୍ୟାନ୍ ଇନ୍ ଫର୍ମ ଭୁବନେଶ୍ୱର କୁମାର ଓ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଟିମ୍ ମ୍ୟାନେଜମେଣ୍ଟ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ସୁଯୋଗ ଦେବାର ଯଥେଷ୍ଟ ସମ୍ଭାବନା ରହିଛି।

**ଆଜି ବାଂଲା ଟେଷ୍ଟ**



ଅଭ୍ୟାସ୍ ଅବସରରେ ଶାକିବ ଅଲ୍ ହାସନ।

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ବର୍ତ୍ତମାନ ସୁଦ୍ଧା ୭ ମ୍ୟାଚ୍‌ରୁ ୫ ବିଜୟ ସହ ୧୧ ପଏଣ୍ଟ ପାଇ ଟେବୁଲ ତାଲିକାର ୨ୟ ସ୍ଥାନରେ ରହିଛି। ବାଂଲାଦେଶ ବିପକ୍ଷରେ ବିଜୟ ହାସଲ କଲେ ଦଳ ସହଜରେ ଅନ୍ତିମ-୪ରେ ସ୍ଥାନ ପକ୍କା କରିବ। କିନ୍ତୁ ଇଂଲଣ୍ଡ ବିପକ୍ଷ ପରାଜୟର ଗୋଟିଏ ଦିନ ପରେ ଏହି ମ୍ୟାଚ୍ ଖେଳିବାକୁ ଯାଉଥିବାରୁ ଭାରତ ସାମାନ୍ୟ ଚାପରେ ରହିବ। ମଧ୍ୟକ୍ରମରେ କେଦାରଙ୍କ ସମେତ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ମଧ୍ୟ ଫିନିଶର୍ ଭାବେ ପ୍ରଭାବୀ ପ୍ରଦର୍ଶନ ଛାଡ଼ିବାରେ ବିଫଳ ହୋଇଛନ୍ତି। ଆୟୋଜକ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ର ଉଭୟ ଧୋନୀ ଓ ଯାଦବ କ୍ରିଜରେ ରହିଥିବାବେଳେ ଭାରତ ଶେଷ ୫ ଓଭରରେ ମାତ୍ର ୩୯ ରନ କରିବାକୁ ସମର୍ଥ ହୋଇଥିଲା। ଉଭୟ ବ୍ୟାଟ୍ସମ୍ୟାନ ବଡ଼ ଶଟ୍ ଖେଳିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ଫଳରେ କେଦାରଙ୍କ ସ୍ଥାନ ଏବେ ଅସୁରକ୍ଷିତ ହୋଇଛି। ଟିମ୍ ମ୍ୟାନେଜମେଣ୍ଟ ପ୍ରଥମଥର ଲାଗି ଚଳିତ ବିଶ୍ୱକପ୍‌ରେ ଜାଡେଜାଙ୍କୁ ଦଳରେ ସାମିଲ କରିପାରନ୍ତି। ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ତୁଳନା କଲେ କେଦାରଙ୍କ ବିପକ୍ଷରେ ଜାଡେଜାଙ୍କ ପଲା ଭାରି ରହିବ। କେଦାରଙ୍କ ଅପେକ୍ଷା ଜାଡେଜା ନିମ୍ନକ୍ରମରେ ବଡ଼ ଶଟ୍ ଖେଳିବାର ଦକ୍ଷତା ରଖୁଛନ୍ତି। ସେହିଭଳି ତାଙ୍କର ଉଇକେଟ୍ ଟୁ ଉଇକେଟ୍ ସ୍ପିନ ବୋଲିଂ ଏବଂ ଫିଲ୍ଡର ଯେ କୌଣସି ସ୍ଥାନରେ କ୍ଷେତ୍ରରକ୍ଷଣ କରିବାର ସାମର୍ଥ୍ୟ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ଚୟନ କରିବା ପାଇଁ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଏକ ଭଲ ବିକଳ୍ପ। ସେହିଭଳି ତାମିମ ଇକବାଲ, ଶାକିବ ଅଲ୍ ହାସନ, ମୁସଫିକର ରହିମ, ଲିଟନ ଦାସ ଓ ମହମ୍ମଦୁଲ୍ଲାଙ୍କ ପରି ଦକ୍ଷ ବ୍ୟାଟ୍ସମ୍ୟାଙ୍କ ସାମ୍ନାରେ ୨ ରିଷ୍ଟ ସ୍ପିନରଙ୍କ ମଧ୍ୟରୁ ଜଣଙ୍କୁ ଏହି ମ୍ୟାଚ୍‌ରୁ ବାଦ୍ ଦିଆଯାଇପାରେ। ପୂର୍ବ ମ୍ୟାଚରେ ୮୮ ରନ୍ ବ୍ୟୟ କରି ମହଙ୍ଗା ସାବ୍ୟସ୍ତ ହୋଇଥିବା ଚହଲଙ୍କୁ ବାଦ୍ ଦିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଅପରପକ୍ଷରେ ଭୁବନେଶ୍ୱର ଫିଟ୍ ହୋଇଯାଇଥିବାରୁ ଭାରତ ପ୍ରଥମଥର ଲାଗି ଟୁର୍ନାମେଣ୍ଟରେ ୩ ସ୍ପେଶାଲିଷ୍ଟ ପେସ୍ ବୋଲରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବାର ମଧ୍ୟ ଆଶା କରାଯାଉଛି।

ଅପରପକ୍ଷରେ ମାଶ୍ରାଫି ମୋର୍ତାଜାଙ୍କ ନେତୃତ୍ୱାଧୀନ ବାଂଲାଦେଶ ବର୍ତ୍ତମାନ ସୁଦ୍ଧା ୭ ମ୍ୟାଚ୍‌ରୁ ୩ ବିଜୟ ଓ ପରାଜୟ ସହ ୭ ପଏଣ୍ଟ ପାଇ ତାଲିକାର ୬ ନମ୍ବର ସ୍ଥାନରେ ରହିଛି। ସେମିଫାଇନାଲରେ ପ୍ରବେଶ ପାଇଁ ଦଳକୁ ଏହାର ଅନ୍ତିମ ୨ ମ୍ୟାଚ୍‌ରେ ବିଜୟ ଆବଶ୍ୟକ ହେଉଛି। ଯଦି ବାଂଲାଦେଶ ଭାରତ ନିକଟରୁ ପରାସ୍ତ ହୁଏ ତେବେ ସେମିଫାଇନାଲରୁ ବାଦ୍ ପଡ଼ିବା ଏକପ୍ରକାର ନିଶ୍ଚିତ। ଶାକିବ ଟୁର୍ନାମେଣ୍ଟରେ ୪୭୬ ରନ ସହ ୧୦ ଉଇକେଟ୍ ଅକ୍ତିଆର କରି ଶ୍ରେଷ୍ଠ ଫର୍ମରେ ରହିଥିବାରୁ ସେ ଭାରତ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରନ୍ତି।

## ଦୁଇଦେଶ ମଧ୍ୟରେ ଦିନିକିଆ ରେକର୍ଡ

ମୋଟ୍ ମ୍ୟାଚ୍- ୩୫
ଭାରତ ଜିତିଛି- ୨୯
ବାଂଲାଦେଶ ଜିତିଛି- ୫
ବିନା ଫଳାଫଳ- ୧
ସର୍ବାଧିକ ଦଳଗତ ସ୍କୋର- ୩୭୦/୪ (ଭାରତ, ୨୦୧୧)
ସର୍ବନିମ୍ନ ଦଳଗତ ସ୍କୋର- ୫୮/୧୦ (ବାଂଲାଦେଶ, ୨୦୧୪)
ସର୍ବାଧିକ ରନ୍ ସଂଗ୍ରହକାରୀ- ବିରାଟ କୋହଲି (୬୫୪ ରନ)
ବ୍ୟକ୍ତିଗତ ସର୍ବାଧିକ ସ୍କୋରର- ବୀରେନ୍ଦ୍ର ସେହ୍ୱାଗ (୧୭୫ ରନ, ୨୦୧୧)
ଦୁଇଦେଶ ମଧ୍ୟରେ ମୋଟ୍ ଶତକ- ୧୭
ସର୍ବାଧିକ ଶତକ- ବିରାଟ କୋହଲି (୩)

- **ଭାରତ:** ବିରାଟ କୋହଲି (ଅଧିନାୟକ), ରୋହିତ୍ ଶର୍ମା, ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ମହେନ୍ଦ୍ର ସିଂ ଧୋନୀ (ଉଇକେଟ୍‌କିପର), କେଦାର ଯାଦବ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ୍ ବୁମ୍ରା, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ରବୀନ୍ଦ୍ର ଜାଡେଜା, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ ଓ ମୟଙ୍କ ଅଗ୍ରୱାଲ।
- **ବାଂଲାଦେଶ:** ମାଶ୍ରାଫି ମୋର୍ତାଜା (ଅଧିନାୟକ), ତାମିମ ଇକବାଲ, ସୌମ୍ୟ ସରକାର, ଶାକିବ ଅଲ୍ ହାସନ, ମୁସଫିକର ରହିମ (ଉଇକେଟ୍‌କିପର), ମହମ୍ମଦୁଲା ରିୟାଦ, ଶବିର ରହମାନ, ମେହିଦୀ ହାସନ ମିରାଜ, ମୋସାଡେକ ହୋସେନ, ମହମ୍ମଦ ସୈଫଉଦ୍ଦିନ, ମୁସ୍ତାଫିଜୁର ରେହମାନ, ରୁବେଲ ହୋସେନ, ଲିଟନ ଦାସ, ଆବୁ ଜାୟଦ ଓ ମହମ୍ମଦ ମିଥୁନ

## ବିଶ୍ୱକପ୍‌ରେ ଭାରତ-ବାଂଲାଦେଶ

| ସମୟ | ଫଳାଫଳ | ବ୍ୟବଧାନ | ସ୍ଥାନ | ମ୍ୟାନ୍ ଅଫ୍ ଦି ମ୍ୟାଚ୍ |
|---|---|---|---|---|
| ୧୭ ମାର୍ଚ୍ଚ ୨୦୦୭ | ବାଂଲାଦେଶ ବିଜୟୀ | ୫ ଉଇକେଟରେ | ପୋର୍ଟ ଅଫ୍ ସ୍ପେନ | ମାଶ୍ରାଫି ମୋର୍ତାଜା |
| ୧୯ ଫେବୃୟାରୀ ୨୦୧୧ | ଭାରତ ବିଜୟୀ | ୮୭ ରନ | ମିରପୁର | ବୀରେନ୍ଦ୍ର ସେହ୍ୱାଗ |
| ୧୯ ମାର୍ଚ୍ଚ ୨୦୧୫ | ଭାରତ ବିଜୟୀ | ୧୦୯ ରନ | ମେଲବୋର୍ନ | ରୋହିତ୍ ଶର୍ମା |

## ବିଶ୍ୱକପ୍‌ରୁ ବିଜୟ ବିଦା



ବର୍ମିଂହାମ, ୧୭(ପି.ଟି.)

ଆଘାତଜନିତ ସମସ୍ୟା ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳର ପିଛା ଛାଡୁନାହିଁ। ସଦ୍ୟତମ ଖେଳାଳିଭାବେ ଅଲ୍‌ରାଉଣ୍ଡର ବିଜୟ ଶଙ୍କର ଆହତ ହୋଇ ବିଶ୍ୱକପ୍‌ର ବଳକା ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ବିଜୟଙ୍କ ସ୍ଥାନରେ ବଦଳ ଖେଳାଳିଭାବେ କର୍ଣ୍ଣାଟକ ଷ୍ଟାଇଲିସ ବ୍ୟାଟ୍ସମ୍ୟାନ ମୟଙ୍କ ଅଗ୍ରୱାଲଙ୍କୁ ଦଳ ସହ ଯୋଗଦେବା ପାଇଁ ଡାକରା ମିଳିଛି। ଫଳରେ ମୟଙ୍କ ଦିନିକିଆ ପଦାର୍ପଣ କରିବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଛି। ଆଘାତଜନିତ ସମସ୍ୟା ଲାଗି ଚଳିତ ବିଶ୍ୱକପ୍‌ରୁ ବାଦ୍ ପଡ଼ିବାରେ ଶଙ୍କର ୨ୟ ଭାରତୀୟ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଇନ୍‌ଫର୍ମ ଓପନର୍ ଶିଖର ଧାୱନ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ଅବସରରେ ବୁଢ଼ା ଆଙ୍ଗୁଠିରେ ଆଘାତ ପାଇ ବିଶ୍ୱକପ୍‌ରୁ ବିଦା ହୋଇଥିଲେ। ତାଙ୍କ ସ୍ଥାନରେ ଯୁବ ଉଇକେଟ୍‌କିପର ରିଷଭ ପନ୍ତ ଦଳ ସହ ଯୋଗଦେଇଥିଲେ।

'ଜୁନ୍ ୧୯ରେ ସାଉଥାମ୍ପଟନରେ ନେଟ୍ସରେ ବ୍ୟାଟିଂ କରୁଥିବାବେଳେ ବିଜୟ ଶଙ୍କରଙ୍କ ଗୋଡ଼ର ବୁଢ଼ା ଆଙ୍ଗୁଠିରେ ବଲ୍ ବାଜିଥିଲା। ଏହାସତ୍ତ୍ୱେ ପରେ ସେ ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍ ଖେଳିଥିଲେ। କିନ୍ତୁ ଜୁନ୍ ୨୭ ମ୍ୟାଚ୍ ପରେ ତାଙ୍କର ଆଘାତଜନିତ ସମସ୍ୟା ଆହୁରି ଗୁରୁତର ହୋଇଥିଲା। ସିଟି ସ୍କାନ ପରେ ତାଙ୍କ ଆଙ୍ଗୁଠିରେ ଗୁରୁତର ସମସ୍ୟା ଥିବା ସ୍ପଷ୍ଟ ହୋଇଥିଲା। ଫଳରେ ତାଙ୍କୁ ଅତିକମ୍‌ରେ ୩ ସପ୍ତାହ ବିଶ୍ରାମ ଆବଶ୍ୟକ ହୋଇଛି ଏବଂ ବିଶ୍ୱକପ୍‌ରୁ ବାଦ୍ ଦିଆଯାଇଛି' ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଶଙ୍କରଙ୍କ ସ୍ଥାନରେ ଅଗ୍ରୱାଲଙ୍କୁ ବଦଳ ଖେଳାଳିଭାବେ ଦଳରେ ନେବା ପାଇଁ ବିସିସିଆଇ ପକ୍ଷରୁ ଯେଉଁ ଅନୁରୋଧ କରାଯାଇଥିଲା ତାହାକୁ ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ (ଆଇସିସି) ଅନୁମୋଦନ କରିଛି ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି।

କର୍ଣ୍ଣାଟକ ଡାହାଣହାତୀ ବ୍ୟାଟ୍ସମ୍ୟାନ ମୟଙ୍କ ଗତ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ ମଧ୍ୟ ଦିନିକିଆରେ ଖେଳିବାର ସୁଯୋଗ ପାଇ ନାହାନ୍ତି। ନିକଟରେ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିବା ତ୍ରି-ରାଷ୍ଟ୍ରୀୟ ସିରିଜରେ ଭାରତ-ଏ'କୁ ଚାମ୍ପିୟନ କରାଇବାରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଯୋଗୁ ୨୮ ବର୍ଷୀୟ ମୟଙ୍କ ନାମକୁ ଚୟନକର୍ତ୍ତାମାନେ ମୋହର ମାରିଛନ୍ତି। ଫଳରେ ମୟଙ୍କ ଏବେ ରୋହିତ୍‌ଙ୍କ ସହ ଇନିଂସ ଓପନ୍ କରିବା ସମ୍ଭାବଦା ସୃଷ୍ଟି ହୋଇଛି। ଯଦି ରିଷଭ ପନ୍ତ ଆଗାମୀ ୨ ମ୍ୟାଚ୍‌ରେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୁଅନ୍ତି ତେବେ ବର୍ତ୍ତମାନ ଇନିଂସ ଓପନ୍ କରୁଥିବା ଲୋକେଶ ରାହୁଲଙ୍କୁ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରିବେ ଏବଂ ମୟଙ୍କଙ୍କୁ ରୋହିତ୍‌ଙ୍କ ସହ ଇନିଂସ ଆରମ୍ଭ ପାଇଁ ସୁଯୋଗ ଦିଆଯାଇପାରେ।

## ହାରିବାରେ ଶ୍ରୀଲଙ୍କା ସହ ଭାରତ ସମକକ୍ଷ

**ବର୍ମିଂହାମ, ୧୭:** ଚଳିତ ଆଇସିସି ବିଶ୍ୱକପ୍‌ରେ ରବିବାର ଖେଳାଯାଇଥିବା ଏକ ହାଇସ୍କୋରିଂ ମ୍ୟାଚ୍‌ରେ ଭାରତ ୩୧ ରନରେ ଇଂଲଣ୍ଡଠାରୁ ପରାସ୍ତ ହୋଇଛି। ଟୁର୍ନାମେଣ୍ଟରେ ଏକମାତ୍ର ଦଳ ଭାବେ ଅପରାଜେୟ ରହିଥିବା ବିରାଟ ବାହିନୀ ଏଥିସହ ବିଶ୍ୱକପ୍‌ରେ ପ୍ରଥମ ପରାଜୟ ସ୍ୱାଦ ଚାଖିଛି। ସେହିଭଳି ଏହି ପରାଜୟ ସହ ଭାରତ ଏକ ଅଲୋଡ଼ା ରେକର୍ଡର ସମକକ୍ଷ ହୋଇଛି। ଏକଦିବସୀୟ କ୍ରିକେଟ୍‌ରେ ସର୍ବାଧିକ ମ୍ୟାଚ୍ ହାରିବାରେ ଶ୍ରୀଲଙ୍କା ସହ ଯୁଗ୍ମଭାବେ ତାଲିକାର ଶୀର୍ଷରେ ରହିଛି ଭାରତ। ଭାରତ ବର୍ତ୍ତମାନ ସୁଦ୍ଧା ୯୭୨ ଦିନିକିଆ ମ୍ୟାଚ୍ ଖେଳି ୫୧୫ ବିଜୟ ଲାଭ କରିଥିବାବେଳେ ୪୧୮ ମ୍ୟାଚ୍‌ରେ ପରାଜୟ ବରଣ କରିଛି। ୪୦ ମ୍ୟାଚ୍‌ର ଫଳାଫଳ ବାହାରି ପାରି ନ ଥିବାବେଳେ ୭ ମ୍ୟାଚ୍ ଟାଇରେ ଶେଷ ହୋଇଛି। ଭାରତର ବିଜୟ ପ୍ରତିଶତ ୫୪.୬୬ ରହିଛି, ଯାହାକି ବିଶ୍ୱର ୩ୟ ଶ୍ରେଷ୍ଠ ପ୍ରଦର୍ଶନ। ଅପରପକ୍ଷରେ ସୋମବାର ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍‌କୁ ମିଶାଇ ଶ୍ରୀଲଙ୍କା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ମୋଟ୍ ୮୪୩ ମ୍ୟାଚ୍ ଖେଳିଛି। ସେଥିମଧ୍ୟରୁ ୩୮୩ ମ୍ୟାଚ୍‌ରେ ବିଜୟ ଲାଭ କରିଥିବାବେଳେ ୪୧୮ ପରାଜୟବରଣ କରିଛି। ୫ ମ୍ୟାଚ୍ ଟାଇ ରହିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ମଙ୍ଗଳବାର ବାଂଲାଦେଶକୁ ଭେଟିବ।

## ଭାରତର ଖେଳୁଆଡ଼ ମନୋଭାବ ଉପରେ ପ୍ରଶ୍ନ ଉଠାଇଲେ ୟୁନୁସ

ଲଣ୍ଡନ,୧୭(ପି.ଟି.)

ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳ ୩୧ ରନ୍‌ରେ ଇଂଲଣ୍ଡଠାରୁ ପରାଜୟବରଣ କରିଛି। ଏଥିନେଇ ପୂର୍ବତନ ପାକିସ୍ତାନ ଅଧିନାୟକ ୱାକର ୟୁନୁସ ଟିମ୍ ଇଣ୍ଡିଆର ଖେଳୁଆଡ଼ ମନୋଭାବ ଉପରେ ପ୍ରଶ୍ନ ଉଠାଇଛନ୍ତି। ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସେମିଫାଇନାଲରେ ପ୍ରବେଶ କରିବା ପାଇଁ ଭାରତୀୟ ଦଳ ଉପରେ ନିର୍ଭର କରୁଥିଲା। ଯଦି ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ର ଫଳାଫଳ ଭାରତୀୟ ଦଳ ସପକ୍ଷରେ ରହିଥାନ୍ତା, ତେବେ ସର୍ଫରାଜ ଅହମ୍ମଦଙ୍କ ଦଳ ନକ୍‌ଆଉଟ୍ ପର୍ଯ୍ୟାୟରେ ସ୍ଥାନ ପାଇବା ସମ୍ଭାବନା ବୃଦ୍ଧି ପାଇଥାନ୍ତା। ୩୩୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭାରତ ସମ୍ପୂର୍ଣ୍ଣ ୫୦ ଓଭର ଖେଳି ୫ ଉଇକେଟ ହରାଇ ୩୦୬ ରନ୍ କରିପାରିଥିଲା। ଭାଷ୍ୟକାର ତଥା ପୂର୍ବତନ କୋଚ୍ ୟୁନୁସ ଟୁଇଟ୍ କରିଛନ୍ତି, ତୁମେ କିଏ ଗୁରୁତ୍ୱପୂର୍ଣ୍ଣ ନୁହେଁ। କାର୍ଯ୍ୟ ତୁମକୁ ପରିଚୟ ଦିଏ। ପାକିସ୍ତାନ ଦଳ ସେମିଫାଇନାଲରେ ପ୍ରବେଶ କରିବ କି ନାହିଁ, ତାହା ମୋ ପାଇଁ ଚିନ୍ତାର କାରଣ ନୁହେଁ। କିନ୍ତୁ ମୁଁ ନିଶ୍ଚିତ ଯେ, କେତେଜଣ ଚାମ୍ପିୟନ ଖେଳାଳିଙ୍କ ଖେଳୁଆଡ଼ ମନୋଭାବ ପରୀକ୍ଷା ହୋଇଥିଲା। ଆଉ ସେମାନେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମ୍ୟାଚ୍ ପୂର୍ବରୁ ପାକିସ୍ତାନକୁ ବିଶ୍ୱକପ୍‌ରୁ ବିଦାକରିବା ଲାଗି ଭାରତୀୟ ଦଳ ଜାଣିଶୁଣି ଇଂଲଣ୍ଡଠାରୁ ପରାଜିତ ହେବ ବୋଲି ପ୍ରାକ୍ତନ ପାକିସ୍ତାନ କ୍ରିକେଟରେ ବାସିତ ଅଲି ଓ ସିକନ୍ଦର ବଖତ ଅଭିଯୋଗ କରିଥିଲେ।



# ୱେଷ୍ଟଇଣ୍ଡିଜକୁ ହରାଇଲା ଶ୍ରୀଲଙ୍କା

ଚେଷ୍ଟର-ଲି-ଷ୍ଟ୍ରିଟ୍, ୧୭ (ପି.ଟି.)

ନିକୋଲାସ ପୁରନଙ୍କ ଲଢୁଆ ଶତକ ସତ୍ତ୍ୱେ ଚଳିତ ଆଇସିସି ବିଶ୍ୱକପ୍‌ରେ ସୋମବାର ଖେଳାଯାଇଥିବା ମ୍ୟାଚରେ ୱେଷ୍ଟଇଣ୍ଡିଜ ୨୩ ରନରେ ଶ୍ରୀଲଙ୍କାଠାରୁ ପରାସ୍ତ ହୋଇଛି। ୩୩୯ ରନର ବିଶାଳ ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ବେଳେ ୱେଷ୍ଟଇଣ୍ଡିଜ୍ ୮୪ ରନରେ ୪ ଉଇକେଟ ହରାଇ ସଂକଟରେ ପଡ଼ିଥିଲା। ତେବେ ପରବର୍ତ୍ତୀ ସମୟରେ ପୁରନ କ୍ରିଜରେ ଜମି ରହି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ସେ ଓ ଫାବିଏନ ଆଲେନ ଦଳ ପାଇଁ ବିଜୟ ସମ୍ଭାବନା ମଧ୍ୟ ସୃଷ୍ଟି କରିଥିଲେ। ଉଭୟ ୭ମ ଉଇକେଟରେ ୮୩ ରନ ଯୋଗ କରିଥିଲେ। ତେବେ ୩୨ ବଲ୍‌ରୁ ୫୧ ରନ କରିଥିବା ଆଲେନଙ୍କ ରନ୍ ଆଉଟ ପରେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ କ୍ରିଜରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ପୁରନଙ୍କର ଏହା ଥିଲା ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ଶତକ। ସେ ୧୦୩ ବଲ୍‌ରେ ୧୧ ଚୌକା ଓ ୪ ଛକା ସହ ୧୧୮ ରନ କରିଥିଲେ। ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୩୧୫ ରନ କରିବାରେ ସମର୍ଥ ହୋଇଥିଲା।

ଶ୍ରୀଲଙ୍କା ପକ୍ଷରୁ ସଫଳ ବୋଲର ଲସିଥ ମାଲିଙ୍ଗା ୫୫ ରନ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଶ୍ରୀଲଙ୍କା ତରଫରୁ ଶତକୀୟ ଇନିଂସ ଖେଳିଥିବା ଅଭିଷ୍କା ଫର୍ନାଣ୍ଡୋ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶ୍ରୀଲଙ୍କା ଏହି ବିଜୟ ଦ୍ୱାରା ୮ଟି ମ୍ୟାଚରୁ ୮ ପଏଣ୍ଟ ସହ ଟେବୁଲର ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ ୱେଷ୍ଟଇଣ୍ଡିଜ ସମାନ ସଂଖ୍ୟକ ମ୍ୟାଚ ଖେଳି ଆଫଗାନିସ୍ତାନ ଉପରେ ୯ମ ସ୍ଥାନରେ ରହିଛି।

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଅଭିଷ୍କା ଫର୍ନାଣ୍ଡୋଙ୍କ ଶତକ ସହାୟତାରେ ୬ ଉଇକେଟ ବିନିମୟରେ ୩୩୮ ରନ ସଂଗ୍ରହ କରିଥିଲା। ଦଳର ଆରମ୍ଭ ଉତ୍ସାହଜନକ ଥିଲା। ଫର୍ନାଣ୍ଡୋ ୯ ଚୌକା ଓ ୨ ଛକା ସହ ୧୦୩ ବଲ୍‌ରେ ୧୦୪ ରନ ସଂଗ୍ରହ କରିଥିଲେ। ଚଳିତ ବିଶ୍ୱକପ୍‌ରେ ଶ୍ରୀଲଙ୍କାର ପ୍ରଥମ ଖେଳାଳି ହିସାବରେ ସେ ଶତକ ହାସଲ କରିଥିଲେ। ଓପନର କୁଶାଲ ପେରେରା ୫୧ ବଲ୍‌ରୁ ୬୪ରନ କରିଥିଲେ। ଏଥିରେ ତାଙ୍କର ୮ଟି ଚୌକା ସାମିଲ ଥିଲା। ଶ୍ରୀଲଙ୍କା ଇନିଂସ ଗଢି ତୋଳିବାରେ ଫର୍ନାଣ୍ଡୋଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେ ପ୍ରଥମେ କୁଶାଲ ମେଣ୍ଡିସଙ୍କ ସହିତ ପାର୍ଟନରଶିପ୍‌ରେ ୮୫ ରନ ଯୋଗ କରିବାରେ ସହାୟକ ହୋଇଥିଲେ। ପରେ ସେ ଯଥାକ୍ରମେ ଆଞ୍ଜେଲୋ ମାଥ୍ୟୁସ (୨୬) ଏବଂ ଲାହିରୁ ଥିରିମାନେ ( ୩୩ ବଲ୍‌ରୁ ୪୫*ରନ)ଙ୍କ ସହିତ ୫୮ ଓ ୬୭ ରନ ଯୋଗ କରିଥିଲେ। ଯାହା ଫଳରେ ଶ୍ରୀଲଙ୍କା ଟୁର୍ନାମେଣ୍ଟରେ ପ୍ରଥମ ଥର ୨୫୦ ସ୍କୋର ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ଉଭୟ ଦଳ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଛନ୍ତି। ତେଣୁ ଶ୍ରୀଲଙ୍କା ବିନା ଚାପରେ ଏହି ମ୍ୟାଚ ଖେଳିଥିଲା। ଦଳର ଓପନର ଦ୍ୱୟ କରୁଣାରତ୍ନେ ଏବଂ କୁଶାଲ ପେରେରା ହାତଖୋଲା ବ୍ୟାଟିଂ କରି ପ୍ରଥମ ୧୫ ଓଭରରେ ବିନା କୌଣସି ଉଇକେଟରେ ୯୨ ରନ ଯୋଗ କରିଥିଲେ। କରୁଣାରତ୍ନେ (୩୨)ଙ୍କ ପରେ ବ୍ୟାଟିଂ କରିବାକୁ ଆସିଥିବା କୁଶାଲ ରନ ଆଉଟ ହୋଇଥିଲେ। ପରେ କୁଶାଲ ମେଣ୍ଡିସ ଏବଂ ଫର୍ନାଣ୍ଡୋ ଶ୍ରୀଲଙ୍କା ସ୍କୋରକୁ ୨୦୦ ପାଖାପାଖି ନେଇ ଯାଇଥିଲେ। ମାତ୍ର ୩୨ତମ ଓଭରରେ ମେଣ୍ଡିସ ଫାବିଏନ ଆଲେନ୍‌ଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଯାଇଥିଲେ। ୪୦ତମ ଓଭରରେ ଜାସନ ହୋଲ୍‌ଡରଙ୍କ ଦ୍ୱାରା ବୋଲ୍ଡ ହେବା ପୂର୍ବରୁ ଆଞ୍ଜେଲୋ ମାଥ୍ୟୁସ ୨୦ ବଲ୍‌ରୁ ୨୬ ରନ କରିଥିଲେ। ଫର୍ନାଣ୍ଡୋ ଓ ଥିରିମାନେ ମିଳିତଭାବେ ଶ୍ରୀଲଙ୍କା ସ୍କୋରକୁ ୩୦୦ ଅତିକ୍ରମ କରାଇଥିଲେ। ୪୮ତମ ଓଭରରେ ଫର୍ନାଣ୍ଡୋ କାର୍ଲୋସ ବ୍ରାଥୱେଟ୍‌ଙ୍କ ବୋଲିଂରେ ୨ ରନ ସଂଗ୍ରହ କରି ତାଙ୍କ ଶତକ ପୂରଣ କରିଥିଲେ। କିନ୍ତୁ ଏହା ପରେ ସେ ଶେଲଡନ କୋଟ୍ରେଲଙ୍କ ବୋଲିଂରେ ଆଲେନ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ୍ ହୋଇଯାଇଥିଲେ।

**ଆଜିର ମ୍ୟାଚ୍**
**ଭାରତ ବନାମ ବାଂଲାଦେଶ**
ସ୍ଥାନ ବର୍ମିଂହାମ
ସମୟ ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଅଭିଷ୍କା ଫର୍ନାଣ୍ଡୋ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୮ | ୭ | ୧ | ୦ | ୦ | ୧୪ | +୧.୦୦୦ |
| **ଭାରତ** | **୭** | **୫** | **୧** | **୦** | **୧** | **୧୧** | **+୦.୮୫୪** |
| ନ୍ୟୁଜିଲାଣ୍ଡ | ୮ | ୫ | ୨ | ୦ | ୧ | ୧୧ | +୦.୫୭୨ |
| ଇଂଲଣ୍ଡ | ୮ | ୫ | ୩ | ୦ | ୦ | ୧୦ | +୧.୦୦୦ |
| ପାକିସ୍ତାନ | ୮ | ୪ | ୩ | ୦ | ୧ | ୯ | -୦.୭୯୨ |
| ଶ୍ରୀଲଙ୍କା | ୮ | ୩ | ୩ | ୦ | ୨ | ୮ | -୦.୯୩୪ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | -୦.୧୩୩ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | -୦.୦୮୦ |
| ୱେଷ୍ଟଇଣ୍ଡିଜ | ୮ | ୧ | ୬ | ୦ | ୧ | ୩ | -୦.୩୩୫ |
| ଆଫଗାନିସ୍ତାନ | ୮ | ୦ | ୮ | ୦ | ୦ | ୦ | -୧.୪୧୮ |

## ସଂକ୍ଷିପ୍ତ ସ୍କୋର

- **ଶ୍ରୀଲଙ୍କା:** ୫୦ ଓଭରରେ ୩୩୮/୬ (ଅଭିଷ୍କା ଫର୍ନାଣ୍ଡୋ-୧୦୪, କୁଶାଲ ପେରେରା-୬୪, ଲାହିରୁ ଥିରିମାନେ-୪୫*,କୁଶାଲ ମେଣ୍ଡିସ-୩୯, ଜାସନ ହୋଲ୍‌ଡର-୨/୫୯, ଫାବିଏନ ଆଲେନ୍-୧/୪୪)
- **ୱେଷ୍ଟଇଣ୍ଡିଜ:** ୫୦ ଓଭରରେ ୩୧୫/୯ (ନିକୋଲାସ ପୁରନ-୧୧୮, ଫାବିଏନ୍ ଆଲେନ-୫୧, କ୍ରିସ୍ ଗେଲ୍-୩୫, ଲସିଥ ମାଲିଙ୍ଗା-୩/୫୫, ଆଞ୍ଜେଲୋ ମାଥ୍ୟୁସ-୧/୬)



ପ୍ରଥମଥର ପାଇଁ ପାକିସ୍ତାନ, ବାଂଲାଦେଶ ଓ ଶ୍ରୀଲଙ୍କା ଭଳି ଉପମହାଦେଶର କ୍ରିକେଟ ସମର୍ଥକମାନେ ଭାରତ ବିଜୟ ଲାଗି ପ୍ରାର୍ଥନା କରିଥିଲେ। ମାତ୍ର ଏହା ହୋଇପାରିଲାନି ।
—ସୋଏବ ଅଖତର, ପୂର୍ବତନ ପାକିସ୍ତାନ ଫାଷ୍ଟବୋଲର



ଆଇସିସି ବିଶ୍ୱକପର ଅବଶିଷ୍ଟ ମ୍ୟାଚ ଗୁଡ଼ିକରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନମାନେ ଉପଯୁକ୍ତ ସହାୟତା କରିବା ଜରୁରୀ ।
—କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ, ପୂର୍ବତନ ଭାରତୀୟ ଅଧିନାୟକ

## ସଂକ୍ଷେପରେ

### ଧିମା ବ୍ୟାଟିଂ: ଧୋନୀଙ୍କ ସପକ୍ଷରେ କୋହଲି

**ବର୍ମିଂହାମ, ୧୭:** ଏଠାରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ୩୧ ରନ୍‌ରେ ପରାଜିତ ହୋଇଛି। ଅନ୍ତିମ ଓଭରଗୁଡ଼ିକରେ ମହେନ୍ଦ୍ର ସିଂ ଧୋନୀଙ୍କ ଧିମା ବ୍ୟାଟିଂ ଏହି ପରାଜୟର ମୁଖ୍ୟ କାରଣ ବୋଲି ପୂର୍ବତନ କ୍ରିକେଟର ଓ ପ୍ରଶଂସକ ସମାଲୋଚନା କରୁଛନ୍ତି। ହେଲେ ଭାରତୀୟ ଅଧିନାୟକ ବିରାଟ କୋହଲି ଧୋନୀଙ୍କୁ ସମର୍ଥନ ଦେଇଛନ୍ତି। ଧୋନୀ ବଡ଼ ଶଟ୍ ପାଇଁ ପ୍ରୟାସ କରିଥିଲେ, କିନ୍ତୁ ତାହା ହୋଇ ନ ଥିଲା। ଇଂଲଣ୍ଡ ବୋଲରମାନେ ମାପିଚୁପି ବୋଲିଂ କରିଥିଲେ। ଏଣୁ ଇନିଂସର ଅନ୍ତିମ ଭାଗରେ ବ୍ୟାଟିଂ କରିବା କଷ୍ଟକର ଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ଆମେ ଉନ୍ନତ ପ୍ରଦର୍ଶନ କରିବାକୁ ଉଦ୍ୟମ କରିବୁ ବୋଲି ମ୍ୟାଚ୍ ପରେ କୋହଲି କହିଛନ୍ତି। ସେ ଏଜ୍‌ବାଷ୍ଟନ ଗ୍ରାଉଣ୍ଡକୁ ସମାଲୋଚନା କରି କହିଛନ୍ତି, ଏଭଳି ଫ୍ଲାଟ ପିଚ୍‌ରେ ଟସ୍ ବହୁତ ଗୁରୁତ୍ୱପୂର୍ଣ୍ଣ। ଗ୍ରାଉଣ୍ଡର ଗୋଟିଏ ପକ୍ଷର ସୀମା ବହୁତ ଛୋଟ। ଫଳରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଭାରତୀୟ ସ୍ପିନରଙ୍କୁ କ୍ରମାଗତ ସୁଇପ ଶଟ୍ ଲଗାଇଥିଲେ। ମାତ୍ର ମିଟର ୫୯ ବାଉଣ୍ଡ୍ରି ଥିବାରୁ ଏଥିରେ ଫିଲ୍ଡର କିମ୍ବା ବୋଲର କିଛି ପାରି ନ ଥିଲେ।

### ଗୁଜରାଟ ରଣଜୀ ଦଳର କୋଚ୍ ବାହୁତୁଲେ

**ବଡୋଦରା, ୧୭(ପି.ଟି.):** ପୂର୍ବତନ ଭାରତୀୟ ଲେଗ୍ ସ୍ପିନର ସାଇରାଜ ବାହୁତୁଲେଙ୍କୁ ଗୁଜରାଟ ଦଳର କୋଚ୍ ଭାବେ ସୋମବାର ନିଯୁକ୍ତ କରାଯାଇଛି। ଏ ନେଇ ଗୁଜରାଟ କ୍ରିକେଟ ଆସୋସିଏଶନ (ଜିସିଏ) ଉପସଭାପତି ପରିମଲ ନାଥୱାନୀ କହିଛନ୍ତି। ୪୬ ବର୍ଷୀୟ ବାହୁତୁଲେ ପୂର୍ବରୁ ବେଙ୍ଗଲ ଭଳି ଦଳକୁ କୋଚିଂ ଦେଇ ସାରିଛନ୍ତି। ମୁମ୍ବାଇରେ ଜନ୍ମିତ ପୂର୍ବତନ କ୍ରିକେଟର ଭାରତ ପାଇଁ ଅନ୍ତର୍ଜାତୀୟ ସ୍ତରରେ ୨ ଟେଷ୍ଟ ଓ ୮ ଦିନିକିଆ ଖେଳିଥିଲେ। ସେ ପ୍ରାୟତଃ ଘରୋଇ କ୍ରିକେଟରେ ସକ୍ରିୟ ଥିଲେ। ୧୮୮ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୬୩୦ ଉଇକେଟ ନେଇଥିଲେ। ପୂର୍ବରୁ ସେ ମୁମ୍ବାଇ ଦଳର କୋଚ୍ ପଦବୀ ଲାଗି ଆବେଦନ କରିଥିଲେ। କିନ୍ତୁ ମୁମ୍ବାଇ କ୍ରିକେଟ ଆସୋସିଏଶନ ଏ ନେଇ କିଛି ନିଷ୍ପତ୍ତି ନେଇନାହିଁ।

### କମଳା ରଙ୍ଗର ଜର୍ସିକୁ ଦୋଷ ଦେଲେ ମେହବୁବା

**ଶ୍ରୀନଗର, ୧୭(ପି.ଟି.):** ପୂର୍ବତନ ଜମ୍ମୁ କଶ୍ମୀର ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି ଭାରତୀୟ କ୍ରିକେଟ ଦଳର ପରାଜୟ ଲାଗି କମଳା ରଙ୍ଗର ଜର୍ସିକୁ ଦୋଷାରୋପ କରିଛନ୍ତି। ମୋତେ ଅନ୍ଧବିଶ୍ୱାସୀ କୁହାଯାଇପାରେ। କିନ୍ତୁ ମୋ ମତରେ ନୂଆ ଜର୍ସି ଲାଗି ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳର ଅପରାଜେୟ ଧାରା ଭଙ୍ଗ ହୋଇଛି ବୋଲି ମେହବୁବା ଟୁଇଟ୍ କରିଛନ୍ତି। ପରବର୍ତ୍ତୀ ଟୁଇଟ୍‌ରେ ପିଡିପି ମୁଖ୍ୟ ନିଜ ମନ୍ତବ୍ୟକୁ ସମର୍ଥନ କରିଛନ୍ତି। ଭାରତୀୟ ଦଳର ପ୍ରଦର୍ଶନ ସମ୍ପର୍କରେ ମୋ ହାସ୍ୟଭାବ ପୂର୍ଣ୍ଣ ଟୁଇଟ୍‌କୁ ବହୁ ପ୍ରତିକ୍ରିୟା ମିଳିଛି ବୋଲି ଲେଖିଛନ୍ତି। ଉଲ୍ଲେଖଥାଉ କି, ଆଇସିସି ନିୟମ ଅନୁସାରେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ତା'ର ଆୱେ ଜର୍ସି ପିନ୍ଧି ଖେଳିଥିଲା।

### କଟକରେ ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିୟନଶିପ୍ ୧୭ରୁ

# ଓଡ଼ିଶା ସରକାର-ଟିଟିଏଫ୍‌ଆଇ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୭ (ସ୍ପୋର୍ଟ୍ସ ବ୍ୟୁରୋ)**





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷରିତ।

କଟକର ଜବାହରଲାଲ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମରେ ଚଳିତ ମାସ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ୨୧ତମ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍। ଏଥିଲାଗି ସୋମବାର ଓଡ଼ିଶା ସରକାର ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ(ଟିଟିଏଫ୍‌ଆଇ) ଓ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ (ଓଏସ୍‌ଟିଟିଏ) ସହିତ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଉପସ୍ଥିତିରେ କ୍ରୀଡ଼ା ଯୁବସେବା ସଚିବ ତଥା କମିଶନର ବିଶାଲ ଦେବ ଟିଟିଏଫ୍‌ଆଇର ସିନିୟର ଉପସଭାପତି ଏସ୍.ଏନ୍. ସୁଲ୍‌ତାନ ଓ ଓଏସଟିଟିଏ ସଭାପତି ଏଲ. ଏନ୍. ଗୁପ୍ତା ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ସମସ୍ତ ୩ ପକ୍ଷର ଅଫିସିଆଲମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ସରକାରଙ୍କ ସହିତ ପାର୍ଟନରଶିପ୍‌ରେ ଏହି ସମ୍ମାନଜନକ ଚାମ୍ପିୟନଶିପ୍‌ର ଆୟୋଜନ କରୁଥିବାରୁ ମୁଁ ଭାରତୀୟ ଟେବୁଲ ଟେନିସ ମହାସଂଘ ଏବଂ ରାଜ୍ୟ ଟେବୁଲ ଟେନିସ ଆସୋସିଏଶନକୁ ଶୁଭେଚ୍ଛା ଜଣାଉଛି। ଟେବୁଲ ଟେନିସ୍‌ରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନରେ କ୍ରମେ ଉନ୍ନତି ଘଟିବାରେ ଲାଗିଛି। କଟକରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ପ୍ରତିଯୋଗିତା ଆୟୋଜନ ରାଜ୍ୟରେ ଏହି ଖେଳର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ସହାୟକ ହେବ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ଦଳଗୁଡ଼ିକ ଲାଗି ମୁଁ ଶୁଭକାମନା ଜଣାଉଛି। ରାଜ୍ୟ କ୍ରୀଡ଼ା ମନ୍ତ୍ରୀ କହିଥିଲେ, ଏହି ଚାମ୍ପିୟନଶିପ୍‌ରେ ବିଶ୍ୱର କେତେଜଣ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଭାରତୀୟ ଟିଟି ଖେଳାଳିମାନେ ଏସିଆଡ୍ ଏବଂ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ଆସନ୍ତା ଚାମ୍ପିୟନଶିପ୍‌ରେ ସେମାନଙ୍କ ପ୍ରଦର୍ଶନକୁ ନେଇ ଆମର ଉତ୍କଣ୍ଠା ରହିବ। ଆଇଟିଟିଏଫ୍‌ର ନିର୍ଦ୍ଦେଶକ ତଥା ଟିଟିଏଫ୍‌ଆଇର ପରାମର୍ଶଦାତା ଧନରାଜ ଚୌଧାରୀ କହିଥିଲେ ଓଡ଼ିଶା ଇତିମଧ୍ୟରେ ଅନେକ ଅନ୍ତର୍ଜାତୀୟ ଇଭେଣ୍ଟ ସଫଳତାର ସହିତ ଆୟୋଜନ କରି ବିଶ୍ୱ କ୍ରୀଡ଼ାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ୬ ଦିନିଆ ପ୍ରତିଯୋଗିତାର ଆୟୋଜନ ପାଇଁ ରାଜ୍ୟ ସରକାରଙ୍କୁ ଆମେ ଧନ୍ୟବାଦ ଜଣାଉଛୁ। ଅଂଶଗ୍ରହଣକାରୀ ଏବଂ ଦର୍ଶକମାନେ ସକାରାତ୍ମକ ଅଭିଜ୍ଞତା ନେଇ ଫେରିବେ ବୋଲି ଆମର ଦୃଢ ବିଶ୍ୱାସ। ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସଭାପତି ଗୁପ୍ତା କହିଛନ୍ତି, ଦେଶର ର୍ୟାଙ୍କିଙ୍ଗ ତାଲିକାରେ ଓଡ଼ିଶା ଟେବୁଲ ଟେନିସ୍ ଦଳ ୧୦ମ ସ୍ଥାନରେ ରହିଛି। ରାଜ୍ୟରେ ଏକ ଅନ୍ତର୍ଜାତୀୟ ଟେବୁଲ ଟେନିସ ପ୍ରତିଯୋଗିତାର ଆୟୋଜନ ହେବାକୁ ଯାଉଥିବାରୁ ଏହା ଆମ ଖେଳାଳିମାନଙ୍କୁ ଉତ୍ସାହିତ କରିବ। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟରେ ରାଜ୍ୟଗୋଷ୍ଠୀ ଅନ୍ତର୍ଗତ ୧୪ଟି ଦେଶର ଦଳ ଭାଗ ନେବେ। ଭାଗ ନେଉଥିବା ଦେଶଗୁଡ଼ିକ ହେଲେ ଭାରତ, ସିଙ୍ଗାପୁର, ମାଲେସିଆ, ବାଂଲାଦେଶ, ଶ୍ରୀଲଙ୍କା, ଇଂଲଣ୍ଡ, ସ୍କଟଲାଣ୍ଡ, ୱେଲ୍ସ, ଜର୍ସି, ଅଷ୍ଟ୍ରେଲିଆ, ସାଇପ୍ରସ, ଦକ୍ଷିଣ ଆଫ୍ରିକା, ନାଇଜେରିଆ ଓ ପାକିସ୍ତାନ। ଏହି ଚାମ୍ପିୟନଶିପ୍‌ରେ ପୁରୁଷ ଟିମ୍ ଓ ମହିଳା ଟିମ୍ ଇଭେଣ୍ଟ, ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ ଏବଂ ମିକ୍ସଡ ଡବଲ୍ସ ଇଭେଣ୍ଟ ହେବ।

### ରାଓନିକଙ୍କଠାରୁ ହାରିଲେ ପ୍ରଜନେଶ



**ଲଣ୍ଡନ, ୧୭ (ପି.ଟି.):** ଭାରତର ଟପ୍ ସିଡ୍ ସିଙ୍ଗଲ୍ସ ଖେଳାଳି ପ୍ରଜନେଶ ଗୁଣେଶ୍ୱରମ ଏଠାରେ ଚାଲିଥିବା ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ୱିମ୍ବେଲଡନ ଚାମ୍ପିୟନଶିପ୍‌ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସୋମବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ବିଶ୍ୱ ମାନ୍ୟତାର ୯୪ତମ ସ୍ଥାନରେ ରହିଥିବା ପ୍ରଜନେଶ ୬-୭ (୧), ୪-୬, ୨-୬ ସେଟ୍‌ରେ କାନାଡାର ମିଲୋସ ରାଓନିକଙ୍କଠାରୁ ପରାସ୍ତ ହୋଇଛନ୍ତି। ବିଶ୍ୱମାନ୍ୟତାର ୧୭ତମ ସ୍ଥାନରେ ରହିଥିବା ରାଓନିକ ଅତି ସହଜରେ ଏହି ମ୍ୟାଚ୍‌କୁ ଜିତିନେଇଥିଲେ। ପୂର୍ବରୁ ପ୍ରଜନେଶ ଚଳିତ ବର୍ଷ ଅନ୍ୟ ଦୁଇ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ଅଷ୍ଟ୍ରେଲିଆନ ଓପନ୍ ଓ ଫ୍ରେଞ୍ଚ୍ ଓପନ୍‌ର ପ୍ରଥମ ରାଉଣ୍ଡରୁ ମଧ୍ୟ ବିଦାୟ ନେଇଥିଲେ। ୱିମ୍ବେଲଡନରେ ବାମହାତୀ ପ୍ରଜନେଶଙ୍କ ଏହା ପ୍ରଦାର୍ପଣ ମ୍ୟାଚ୍ ଥିଲେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ।

# ନିର୍ବାଚନ ଅଧିକାରୀ ନିଯୁକ୍ତ ହୋଇ ପାରିଲାନି

**କଟକ ଅଫିସ, ୧୭**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ବିଜ୍ଞପ୍ତି ପ୍ରକାଶ କରିଥିଲା ଯେ, ଜୁଲାଇ ୧ ତାରିଖ ସୁଦ୍ଧା ସମସ୍ତ ରାଜ୍ୟ କ୍ରିକେଟ ଆସୋସିଏଶନ ନିର୍ବାଚନ ଅଧିକାରୀ ନିଯୁକ୍ତି କରିବ । ଯଦି ରାଜ୍ୟ ଆସୋସିଏଶନଗୁଡ଼ିକ ନିର୍ବାଚନ ଅଧିକାରୀ ନିଯୁକ୍ତ କରିବାରେ କୌଣସି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ

## ଓସିଏ ନିର୍ବାଚନ: ବିଜ୍ଞପ୍ତିକୁ ବେଖାତିର

ଏ ସମ୍ପର୍କରେ ତୁରନ୍ତ ବିସିସିଆଇର ସହାୟତା ଲୋଡ଼ି ପାରିବେ। ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ଓସିଏ ନିର୍ବାଚନ ଅଧିକାରୀ ଖୋଜୁଛି ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଥିଲା । ହେଲେ ଖୋଲାଖୋଲି ଭାବେ ବିସିସିଆଇର ବିଜ୍ଞପ୍ତିକୁ ବେଖାତିର କରିଛି ଓସିଏ । ନିର୍ଦ୍ଧାରିତ ତାରିଖ ଟପି ଯାଇଥିଲେ ବି ନିର୍ବାଚନ ଅଧିକାରୀ ନିଯୁକ୍ତ କରାଯାଇ ପାରି ନାହିଁ । ମିଳିଥିବା ସୂଚନା ମୁତାବକ ବର୍ତ୍ତମାନ ସୁଦ୍ଧା ଓସିଏର ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ପାଇଁ ୩ଜଣଙ୍କ ନାମ ଶୁଣାଯାଉଛି। ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟ ଏକ କ୍ରୀଡ଼ା ସଂଘର ପ୍ରମୁଖ ପଦବୀରେ ମଧ୍ୟ ଅଛନ୍ତି । ତେବେ କାହାକୁ ରାଜ୍ୟ କ୍ରିକେଟ ସଂଘର ନିର୍ବାଚନ ଅଧିକାରୀ କରାଯିବ ତାହାକୁ ନେଇ ଏବେ ଅଙ୍କକଷା ଚାଲିଛି । ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ହାତରେ ଦାୟିତ୍ୱ ନ୍ୟସ୍ତ ଥିଲେ ମଧ୍ୟ ବିସିସିଆଇର ବିଜ୍ଞପ୍ତିକୁ କାହିଁକି ପାଳନ କରାଯାଇ ନାହିଁ ସେ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଓସିଏ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ କହିଛନ୍ତି ଯେ, ୩ଦିନ ପରେ ନିର୍ବାଚନ ଅଧିକାରୀ ନିୟୋଜିତ କରାଯିବ । କୌଣସି କାରଣବଶତଃ ଏବେ ଏହି କାର୍ଯ୍ୟ ହୋଇ ନାହିଁ। ହେଲେ ଶୃଙ୍ଖଳିତ ଉପାୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବ ବୋଲି ଧୀରେନ ମତ ଦେଇଛନ୍ତି। ସୂଚନା ଥାଉକି, କମିଟି ଅଫ ଆଡମିନିଷ୍ଟ୍ରେଟର(ସିଓଏ)ଙ୍କ ଘୋଷଣା ଅନୁଯାୟୀ, ଜୁଲାଇ ୧ ତାରିଖ ସୁଦ୍ଧା ସମସ୍ତ ରାଜ୍ୟ ଆସୋସିଏଶନ ନିର୍ବାଚନ ଅଧିକାରୀ ନିଯୁକ୍ତ କରିବା ସହ ଅଗଷ୍ଟ ୧୪ ସୁଦ୍ଧା ନିର୍ବାଚନ ବିଧି ଓ ଭୋଟର ତାଲିକା ପ୍ରଚଳନ, ସେପ୍ଟେମ୍ବର ୧୪ ସୁଦ୍ଧା ରାଜ୍ୟ ଆସୋସିଏଶନଗୁଡ଼ିକର ନିର୍ବାଚନ ହେବ।

# ପ୍ରଥମ ରାଉଣ୍ଡରୁ ଓସାକା, ଜେଭରେଭଙ୍କ ବିଦାୟ

**ଲଣ୍ଡନ, ୧୭**

ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୱିମ୍ବେଲଡନ ଓପନ ସୋମବାରଠାରୁ ଆରମ୍ଭ ହୋଇଛି। ଏହାର ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରୁ ହାରି ବିଦାୟ ନେଇଛନ୍ତି ଦ୍ୱିତୀୟ ସିଡ୍ ଜାପାନର ନାଓମି ଓସାକା। କାଜାଖସ୍ତାନର ୟୁଲିଆ ପୁଟିନସେଭା ୭-୬(୭/୪), ୬-୨ ସେଟରେ ଓସାକାଙ୍କୁ ହରାଇ ପ୍ରତିଯୋଗିତାରେ ପ୍ରଥମ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ସେହିପରି ପୁରୁଷ ସିଙ୍ଗଲ୍ସରେ ଜର୍ମାନୀର ଆଲେଜାଣ୍ଡର ଜେଭରେଭ ୬-୪, ୩-୬, ୨-୬, ୫-୭ ସେଟରେ ଚେକ୍ ରିପବ୍ଲିକର ଜେରି ଭାସେଲିଙ୍କଠାରୁ ହାରି ବିଦାୟ ନେଇଛନ୍ତି। ସର୍ବିୟାର ନୋଭାକ ଜୋକୋଭିଚ୍ ଓ ଦକ୍ଷିଣଆଫ୍ରିକାର କେଭିନ ଆଣ୍ଡରସନ ପ୍ରମୁଖ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ଜର୍ମାନୀର କୋଲଶ୍ରୈବରଙ୍କୁ ୬-୩, ୭-୫ ୬-୩ ସେଟରେ ପରାସ୍ତ କରିଛନ୍ତି। ସେହିପରି ଆଣ୍ଡରସନ ୬-୩, ୬-୪, ୬-୨ ସେଟରେ ପିଏରେ-ହ୍ୟୁଗ୍ସ ହର୍ବର୍ଟଙ୍କୁ ହରାଇ ଦେଇଛନ୍ତି। ସୁଇଜରଲାଣ୍ଡର ଷ୍ଟାନ ୱାରିଙ୍କା ୬-୩, ୬-୨ ୬-୨ ସେଟରେ ରୁବେନ ବେମେଲମାନ୍ସଙ୍କୁ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଆମେରିକାର ମାଡିସନ କିଜ୍ ୬-୩, ୬-୨ ସେଟ୍‌ରେ ଥାଇଲାଣ୍ଡର ଲୁକସିକା କୁମଖୁମ୍‌ଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଲିନା ସ୍ୱିତୋଲିନା ୭-୫, ୬-୦ରେ ଡାରିଆ ଗାଭ୍ରିଲୋଭାଙ୍କୁ, ସିମୋନା ହାଲେପ ୬-୪, ୭-୫ ସେଟ୍‌ରେ ଆଲେକସାଣ୍ଡ୍ରା ସାସ୍‌ନୋଭିଚ୍‌ଙ୍କୁ, ଆନାସ୍ତାସିଜା ସେବାସ୍ତୋଭା ୬-୩, ୬-୪ରେ କ୍ରିଷ୍ଟି ଆହନଙ୍କୁ, କାରୋଲିନା ପ୍ଲିସକୋଭା ୬-୨, ୭-୬(୭/୪) ସେଟ୍‌ରେ ଝୁ ଲିନ୍‌ଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।



ଆଲେଜାଣ୍ଡର ଜେଭରେଭ



ନାଓମି ଓସାକା।



ଟ୍ରଫି ସହ ଚାମ୍ପିୟନ ସ୍ପେନ୍ ଖେଳାଳିଙ୍କ ସେଲିବ୍ରେଶନ୍।

# ସ୍ପେନ୍ ୫ମ ଥର ୟୁରୋପ ଚାମ୍ପିୟନ

**ଉଡିନେ (ଇଟାଲି), ୧୭ (ଏଏଫ୍‌ପି):** ଗତଥରର ଚାମ୍ପିୟନ ଜର୍ମାନୀକୁ ୨-୧ ଗୋଲରେ ପରାସ୍ତ କରି ସ୍ପେନ୍ ୨୧ ବର୍ଷରୁ କମ୍ ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ଫାବିଏନ ରୁଇଜ୍ (୭ମ ମିନିଟ) ଓ ଡାନି ଓଲ୍‌ମୋ (୬୯ତମ ମିନିଟ) ଗୋଲ ସ୍କୋର କରିଥିଲେ। ପରାଜିତ ଦଳ ପକ୍ଷରୁ ମ୍ୟାଚ ଶେଷ ହେବାକୁ ଆଉ ୨ ମିନିଟ ସମୟ ବାକି ଥିବାବେଳେ ନାଦିମ ଆମ୍‌ରି ଏକ ଗୋଲ ସ୍କୋର କରିଥିଲେ।

## ୨୧ ବର୍ଷରୁ କମ୍ ଫୁଟ୍‌ବଲ

ଏହି ବିଜୟ ଦ୍ୱାରା ଦୁଇ ବର୍ଷ ପୂର୍ବେ ଫାଇନାଲରେ ଜର୍ମାନୀ ନିକଟରୁ ୧-୦ ଗୋଲରେ ପରାଜୟର ପ୍ରତିଶୋଧ ନେଇ ପାରିଛି ସ୍ପେନ୍। ୨୦୧୩ ପରେ ସ୍ପେନ୍ ପୁଣି ଚାମ୍ପିୟନ ହୋଇପାରିଛି। ଏଥିସହିତ ୫ଥର ୨୧ ବର୍ଷରୁ କମ୍ ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍ ଟାଇଟଲ ଜିତିବାରେ ଇଟାଲୀ ସହିତ ସମକକ୍ଷ ହୋଇ ପାରିଛି। ଜର୍ମାନୀ କୋଚ୍ ଷ୍ଟିଫାନ୍ କୁଞ୍ଜ୍ କହିଛନ୍ତି ମ୍ୟାଚ ଜିତିପାରି ନ ଥିବାରୁ ଆମେ ଦୁଃଖିତ, କିନ୍ତୁ ସ୍ପେନ ଆମଠାରୁ ଭଲ ଖେଳିଥିଲା।

# ପରାଜୟରୁ ଭାରତ ଶିଖିବା ଉଚିତ

**ସୌରଭ ଗାଙ୍ଗୁଲି**

ବିଶ୍ୱକପରେ କୌଣସି ଦଳ ଅପରାଜେୟ ଭାବେ ଆଗକୁ ବଢ଼ିବା କ୍ୱଚିତ ଦେଖିବାକୁ ମିଳିଥାଏ। ଚଳିତ ଥର ମଧ୍ୟ ତାହା ଦେଖିବାକୁ ମିଳିଲା। ଅପରାଜେୟ ଭାବେ ଆଗଉଥିବା ଭାରତ ଇଂଲଣ୍ଡଠାରୁ ପରାଜିତ ହେଲା। ତେବେ ଭାରତ ଏହି ପରାଜୟରୁ ଶିକ୍ଷାଲାଭ କରି ସଫଳ ପ୍ରତ୍ୟାବର୍ତ୍ତନ କରିବାନେଇ ମୁଁ ଆଶାବାଦୀ। ଭାରତର ସେମିଫାଇନାଲ ପ୍ରବେଶ କେବଳ ସମୟ ଉପରେ ନିର୍ଭର କରୁଛି। ବର୍ତ୍ତମାନର ଫର୍ମାଟ ଅନୁସାରେ ପଏଣ୍ଟ ଅପେକ୍ଷା ଶୀର୍ଷ ୪ ଦଳ ନିର୍ଦ୍ଦିଷ୍ଟ ଦିବସରେ କିପରି ପ୍ରଦର୍ଶନ କରୁଛନ୍ତି ତା' ଉପରେ ଅନେକ କିଛି ନିର୍ଭର କରିବ। ୨୦୧୧ ବିଶ୍ୱକପ ଅଭିଜ୍ଞତା ଦୃଷ୍ଟିରୁ ଭାରତୀୟ ଦଳ ନିଜ ଉପରେ ଭରସା ରଖିବା ଉଚିତ। ଗ୍ରୁପ ପର୍ଯ୍ୟାୟରେ ଦଳ ଦକ୍ଷିଣ ଆଫ୍ରିକାଠାରୁ ହାରିଥିଲେ ହେଁ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ବିଶ୍ୱକପ ଚାମ୍ପିୟନ ହୋଇଥିଲା।

ଇଂଲଣ୍ଡ ପାଇଁ ଏହି ମ୍ୟାଚ ଜିତିବା ଜରୁରୀ ଥିଲା। ଏକଦିବସୀୟ କ୍ରିକେଟରେ ଏଭଳି ପ୍ରଦର୍ଶନ ପାଇଁ ସେମାନେ ଗତ କିଛିବର୍ଷଧରି ନିଜକୁ ପ୍ରସ୍ତୁତ କରି ଆସୁଥିଲେ। ଜାସନ ରୟଙ୍କ ପ୍ରତ୍ୟାବର୍ତ୍ତନ ଦଳ ପାଇଁ ବେଶ୍ ଉପାଦେୟ ସାବ୍ୟସ୍ତ ହେଲା। ଜାସନ ଓ ଜନି ବେୟାରଷ୍ଟୋ ବଢ଼ିଆ ଖେଳି ଭାରତ ହାତରୁ ମ୍ୟାଚ ଛଡ଼ାଇ ନେଇଥିଲେ। ଅନ୍ୟ ଦଳର ଖେଳାଳିମାନେ ଯାହା କରିପାରି ନ ଥିଲେ ତାହା ସେମାନେ କରି ଦେଖାଇଲେ। ସେମାନେ ବୁମ୍‌ରା ଓ ସାମିଙ୍କ ବିପକ୍ଷରେ ସକାରାତ୍ମକ ଖେଳି ସ୍ପିନରଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ପ୍ରଥମ ୧୦ ଓଭର ସେମାନେ ଉଇକେଟ ହରାଇବାକୁ ଦେଇ ନ ଥିଲେ। ଅନ୍ୟପକ୍ଷରେ ଭାରତ ଏହି ପରାଜୟରୁ ଶିକ୍ଷାଲାଭ କରିବା ଉଚିତ। ଚଳିତ ବିଶ୍ୱକପରେ କୌଣସି ଦଳ ପ୍ରଥମଥର ପାଇଁ ଟସ ଜିତି ଭାରତକୁ ପ୍ରଥମେ ବୋଲିଂ କରିବାକୁ ନିମନ୍ତ୍ରଣ କଲା। ଏପରି ଚ୍ୟାଲେଞ୍ଜ ଭାରତୀୟ ଦଳ ପୂର୍ବରୁ କେବେ ପାଇ ନ ଥିଲା। ଏଥିରେ ଦଳ ଅସଫଳ ହୋଇଥିବାରୁ ଭବିଷ୍ୟତରେ ରନ ଚେଜ ପାଇଁ ଯୋଜନା ପ୍ରସ୍ତୁତ କରିବା ଉଚିତ।

ରୋହିତ ଶର୍ମା ଓ ବିରାଟ କୋହଲି ପୁଣି ଚମତ୍କାର ଖେଳିଲେ। ରୋହିତଙ୍କ ପାଇଁ ଏହି ବିଶ୍ୱକପ ସ୍ମରଣୀୟ ହୋଇଛି। ସେ ଓ କୋହଲି ସହଜରେ ଖେଳିଥିଲେ ସତ, ମାତ୍ର ପ୍ରଥମ ୧୦ ଓଭର ସଂଘର୍ଷ କରିଥିଲେ ବୋଲି ନିଶ୍ଚିତ ସ୍ୱୀକାର କରିବେ। ମିଡଲ ଅର୍ଡରକୁ ନେଇ ଅନେକ ଆଲୋଚନା ହେଉଛି। ମାତ୍ର ସବୁକିଛି ଠିକ୍ ଅଛି ବୋଲି ମୋର ଅନୁଭବ ହେଉଛି। ରିଷଭ ପନ୍ତ ପ୍ରଥମ ମ୍ୟାଚରେ ଭଲ ଖେଳିଛନ୍ତି। ତାଙ୍କ ଉପସ୍ଥିତିରେ ବୃହତ୍ ରନ ଚେଜ୍ କ୍ଷେତ୍ରରେ କୋହଲି ଓ ରୋହିତ ଅଧିକ ଆକ୍ରମଣାତ୍ମକ ଖେଳି ପାରିବେ।

ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଭାରତ ଆଉଟିକେ ଆଗରୁ ବିଶେଷ କରି ଶେଷ ୭ ଓଭରରେ ଉଦ୍ୟମକୁ ଜୋରଦାର କରିବାର ଥିଲା। ସେମାନଙ୍କୁ ରନର ପାହାଡ ଚଢ଼ିବାକୁ ଥିବାବେଳେ ଉଭୟ ପ୍ଲଙ୍କେଟ ଓ ଆର୍ଚେର ତାହା ହେବାକୁ ଦେଇ ନ ଥିଲେ। ଏପରି ସ୍ଥିତିରେ ଧୋନୀ ଓ ଯାଦବ ପ୍ରତି ଓଭରରେ ଗୋଟିଏ ଲେଖାଏ ଚୌକା ମାରିବାର ଥିଲା। ମାତ୍ର ଦୁର୍ଭାଗ୍ୟଜନକ ଭାବେ ତାହା ହୋଇପାରି ନ ଥିଲା। ଏହାର ପ୍ରତିଫଳନ ଖବରଦାତା ସମ୍ମିଳନୀରେ ଦେଖିବାକୁ ମିଳିଥିଲା। କୋହଲି ନିରାଶବ୍ୟକ୍ତ କରିଥିଲେ। ଏହା କରିବାର ସମ୍ପୂର୍ଣ୍ଣ ଅଧିକାର କୋହଲିଙ୍କର ରହିଛି।

—(ଗେମ୍‌ପ୍ଲାନ)

SEAGRAM'S
ROYAL STAG
MEGA MUSIC CDs

ଧରିତ୍ରୀ
DHARITRI



■ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀନିବାସ ଛାତ୍ରୀ ଗର୍ଭବତୀ ହେବା ଘଟଣା

# ବିଧାନସଭା ଚାଲୁଥିବାରୁ ଚପାଇଦେବାକୁ ଉଦ୍ୟମ

ଭୁବନେଶ୍ୱର, ୧।୭(ବ୍ୟୁରୋ)

■ ଜଣେ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

■ ରାଜଧାନୀରେ ଅସୁରକ୍ଷିତ ଆଦିବାସୀ ଛାତ୍ରୀ

ରାଜଧାନୀରେ ଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀ ନିବାସର ୪ଜଣ ଛାତ୍ରୀ ଗର୍ଭବତୀ ହେବା ଘଟଣାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ବହୁ ପୂର୍ବରୁ ଏହା ଜଣାପଡିଥିଲେ ମଧ୍ୟ ବିଧାନସଭା ଚାଲୁଥିବାରୁ ଘଟଣାକୁ ଚପାଇଦେବାକୁ ଉଦ୍ୟମ ହୋଇଥିଲା। ଘଟଣା ସଂକ୍ରାନ୍ତରେ ପୋଲିସ, ବିଭାଗୀୟ କର୍ତ୍ତୃପକ୍ଷ, ସିଡବ୍ଲ୍ୟୁସି କର୍ତ୍ତୃପକ୍ଷ ମୁହଁ ଖୋଲି ନ ଥିଲେ। ସୋମବାର ବିରୋଧୀ ଏହି ଘଟଣାକୁ ବିଧାନସଭାରେ ଉଠାଇବା ସହ ସରକାରଙ୍କୁ ଦାୟୀ କରିବାରୁ ପୋଲିସ ତରବରିଆ ଭାବେ ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ଭୁବନେଶ୍ୱର ସାଲିଆସାହି ଆଦିବାସୀ କଲୋନୀ ରହୁଥିବା ବୁଢା ମୁର୍ମୁ(୨୪)। ଅପରାହ୍ନରେ ମହିଳା ଥାନା ପୋଲିସ ସାଲିଆସାହିରୁ ତାଙ୍କୁ ଉଠାଇ ଆଣିଥିଲା। ପୀଡିତା ବାପାଙ୍କ ଅଭିଯୋଗ ଆଧାରରେ ମହିଳା ଥାନାରେ ଆଇପିସି ଦଫା ୭୬(୨)(ଏନ୍)(୩) ଓ ୬ ପୋକ୍ସୋ ଆକ୍ଟରେ ମାମଲା (ନଂ.୭୧/୧୯) ରୁଜୁ ହୋଇଛି। ଏଥିସହ ସିଆର୍‌ପିସି ୧୬୧ରେ ପୀଡିତା ଛାତ୍ରୀ ଓ ତାଙ୍କ ବାପାଙ୍କ ବୟାନ ରେକର୍ଡ କରିଛି ପୋଲିସ।

ପୀଡିତା ଆଦିବାସୀ ଛାତ୍ରୀ ଜଣକ କ୍ୟାପିଟାଲ ଥାନା ଅଞ୍ଚଳରେ ଥିବା ଏକ ଛାତ୍ରୀ ନିବାସରେ ରହି ପାଠପଢୁଥିଲେ। ବୟାନ ରେକର୍ଡବେଳେ ପୋଲିସ ଜାଣିବାକୁପାଇଛି, ଉକ୍ତ ଛାତ୍ରୀ ସାଲିଆସାହିଅଞ୍ଚଳରେ ରୁହନ୍ତି। ସେ ଖରାଛୁଟିରେ ଘରକୁ ଯାଇଥିବାବେଳେ ଅଭିଯୁକ୍ତ ବୁଢ଼ା ତାଙ୍କୁ ବଳାତ୍କାର କରିବା ସହ ଧମକ ଦେଇଥିଲେ। ଫଳରେ ନାବାଳିକା ଛାତ୍ରୀ ୩ ମାସର ଗର୍ଭବତୀ ହୋଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ପରୀକ୍ଷଣ ଦଳ ରାଜଧାନୀରେ ଥିବା ଛାତ୍ରୀନିବାସ ଓ ଆବାସିକ ବିଦ୍ୟାଳୟର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ୨ଟି ଛାତ୍ରୀନିବାସର ୪ଜଣ ଛାତ୍ରୀଙ୍କ ପ୍ରେଗନାନ୍ସି ପଜିଟିଭ୍ ଥିବା ଜଣାପଡିଥିଲା। ଏହାକୁ ନିଶ୍ଚିତ କରିବା ପାଇଁ କ୍ୟାପିଟାଲ ହସ୍ପିଟାଲରେ ପୁଣି ପରୀକ୍ଷଣ କରାଯାଇଥିଲା।

ତେବେ ଛାତ୍ରୀ ଜଣକ ଛୁଟିରେ ଘରକୁ ଯାଇଥିବାବେଳେ ଗର୍ଭବତୀ ହୋଇଛନ୍ତି ନା ଛାତ୍ରୀନିବାସରେ କେହି କର୍ମଚାରୀ ଏପରି କାଣ୍ଡ ଘଟାଇଛନ୍ତି ତାହାର ତଦନ୍ତ କରାଯିବାକୁ ଦାବି ହେଉଛି। ସିଡବ୍ଲ୍ୟୁସିର ଏକ କମିଟି ଏହାର ତଦନ୍ତ କରୁଛି। ମଙ୍ଗଳବାର ଉକ୍ତ ଛାତ୍ରୀବାସ ଯାଞ୍ଚ ସହ ଛାତ୍ରୀମାନଙ୍କୁ ପଚରାଉଚରା କରାଯିବ। ଲାଗିଥିବା ସିସିଟିଭି ଫୁଟେଜକୁ ମଧ୍ୟ ଯାଞ୍ଚ କରାଯିବ ବୋଲି ସିଡବ୍ଲ୍ୟୁସି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଗର୍ଭବତୀ ହୋଇଥିବା ଅନ୍ୟ ୩ଜଣ ଛାତ୍ରୀଙ୍କ ସମ୍ପର୍କରେ ପୋଲିସ ଖୋଳତାଡ କରୁଛି।

ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ୪ଜଣ ନୁହନ୍ତି, ଜଣେ ଛାତ୍ରୀ ଗର୍ଭବତୀ ହୋଇଛନ୍ତି। ପ୍ରଥମ ପରୀକ୍ଷାରେ ୪ଜଣ ଗର୍ଭବତୀ ହୋଇଥିବା ଜଣାପଡିଥିଲା। କିନ୍ତୁ ପରେ ୩ଜଣଙ୍କୁ ପୁଣି କ୍ୟାପିଟାଲ ହସ୍ପିଟାଲରେ ପରୀକ୍ଷା କରାଯାଇଥିଲା। ସେଥିରେ ରିପୋର୍ଟ ନେଗେଟିଭ୍ ଆସିଛି।

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ସାମଗ୍ରୀ ଚୋରି

ଝାଁଳା,୧।୭(ଡି.ଏନ୍.ଏ.): ଝାଁଳା ଫାଣ୍ଡି ଅନ୍ତର୍ଗତ ଓଗାଳପଡ଼ା ଗ୍ରାମର ପାଇପ୍ ମିସ୍ତ୍ରି ସତ୍ୟରଞ୍ଜନ ବରାଳଙ୍କ ଘରୁ ରବିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସତ୍ୟରଞ୍ଜନ ପରିବାର ସହ ନିଜ ଗ୍ରାମ ସାକ୍ଷୀଗୋପାଳ ଯାଇଥିବା ବେଳେ ଦୁର୍ବୃତ୍ତମାନେ ଘର ଗେଟ୍ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ୩୦ହଜାର ଟଙ୍କା ଓ ବହୁ ସାମଗ୍ରୀ ଚୋରି କରି ନେଇଛନ୍ତି।






# ଖୋଲିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଭୁବନେଶ୍ୱର,୧।୭(ବ୍ୟୁରୋ)



ଅଭିଯୋଗ କରିବାକୁ ଆସିଥିବା ନରସିଂହ ନନ୍ଦ।

■ ପ୍ରଥମ ଦିନରେ ଅନେକେ ନିରାଶରେ ଫେରିଲେ

ନିର୍ବାଚନ ଆଚାରଣ ବିଧି ଲାଗୁ ପରଠାରୁ ବନ୍ଦଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସୋମବାର ସର୍ବସାଧାରଣଙ୍କ ପାଇଁ ଖୋଲିଛି। ତେବେ ଲଘୁଚାପ ଜନିତ ବର୍ଷା ଯୋଗୁ ପୂର୍ବାପେକ୍ଷା ଅଭିଯୋଗକାରଙ୍କ ସଂଖ୍ୟା କମ୍ ଥିଲା। ବିଭିନ୍ନ ଜିଲାରୁ ଆସିଥିବା ଲୋକେ ୧୫୦ରୁ ଊର୍ଦ୍ଧ୍ୱ ଅଭିଯୋଗ କରିଥିବାବେଳେ ସ୍ୱତନ୍ତ୍ର ସଚିବ ଦିଲୀପ ମହାନ୍ତି ଏବଂ ଅତିରିକ୍ତ ସଚିବ ରୀତାରାଣୀ ମହାପାତ୍ର ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅଭିଯୋଗର ଶୁଣାଣି କରିଥିଲେ। ବର୍ଷାରେ ବହୁ ଦୂରରୁ ଲୋକେ ଓଦା ହୋଇ ଆସିଥିଲେ। ସାଢେ ୨ଟା ପରେ ଦୁଇଜଣ ସଚିବ କୌଣସି ଜରୁରୀ କାମରେ ଯାଇ ନ ଫେରିବାରୁ ବହୁ ଅଭିଯୋଗକାରୀ ଅପେକ୍ଷା କରି ନିରାଶରେ ଫେରିଥିଲେ।

ତେବେ ପ୍ରଥମ ଦିନରେ ଅଭିଯୋଗ ପ୍ରକୋଷ୍ଠ ପରିସରରେ କିଛି ସ୍ୱର୍ଶକାତର ଦୃଶ୍ୟ ଦେଖିବାକୁ ମିଳିଥିଲା। ସରକାରୀ ସ୍ୱାସ୍ଥ୍ୟ ସେବା ସହାୟତା ନେଇ ଯାଜପୁର ଅଞ୍ଚଳରୁ ଆସିଥିବା ଜଣେ ମହିଳା ସଚିବଙ୍କୁ ଭେଟିପାରି ନ ଥିଲେ। କୋଳରେ ଥିଲେ ତାଙ୍କର କୁନି ଝିଅ। ଘରକୁ ଫେରିବାକୁ ପାଖରେ ଟଙ୍କା ନ ଥିବାରୁ ଅନ୍ୟମାନଙ୍କୁ ନେହୁରା ହୋଇ କହୁଥିଲେ। ସେଠାରେ ଉପସ୍ଥିତ ଥିବା କେତେଜଣ ପୋଲିସ ଓ ଖବରଦାତା ତାଙ୍କୁ ସହଯୋଗର ହାତ ବଢାଇଥିଲେ। ସେହିପରି ଗଙ୍ଗନଗର ଛକ ଅଞ୍ଚଳର ବରିଷ୍ଠ ନାଗରିକ ନରସିଂହ ନନ୍ଦ (୮୦) ଗଣମାଧ୍ୟମ ଆଗରେ ନିଜ ସମସ୍ୟା କଥା କହି କାନ୍ଦି ପକାଇଥିଲେ। ନରସିଂହ ଓୟୁଏଟିର ଅବସରପ୍ରାପ୍ତ କର୍ମଚାରୀ। ତାଙ୍କ ପରିବାରର କେହି ନାହାନ୍ତି। ଭଲମନ୍ଦ ବୁଝୁଥିବା ଧରମ ଝିଅଙ୍କୁ ତାଙ୍କ ସମ୍ପତ୍ତିର ନୋମିନି ରଖିବାକୁ ଚାହୁଁଥିବାରୁ ଓୟୁଏଟି କର୍ତ୍ତୃପକ୍ଷ ବାରମ୍ବାର ଦୌଡ଼ାଇବା ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମତି ଦରକାର ବୋଲି କହିଥିଲେ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ବହୁଥର ଫେରିଥିବା ସେ କହିଛନ୍ତି।

## ଅଦାଲତରେ ହାଜର ହେଲେ ଧଳସାମନ୍ତ ଭ୍ରାତା

କଟକ ଅଫିସ, ୧।୭

ଜାଇକାର ଠିକା କାର୍ଯ୍ୟ କରୁଥିବା ତାନ୍ତିଆ-ଭୋଲଟାସ୍‌କୁ ଧମକେଇ ବାଲି, ଗୋଡି, ଇଟା ଆଦି ଯୋଗାଇଥିବା ଅଭିଯୋଗରେ ଧଳସାମନ୍ତ ଭ୍ରାତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ସାକ୍ଷ୍ୟଗ୍ରହଣ ସୋମବାର କଟକ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ହୋଇଥିଲା। ମାମଲାରେ ସୁଶାନ୍ତ ଓ ସୁଶୀଲ ଧଳସାମନ୍ତ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହୋଇଥିଲେ। ଉକ୍ତ ମାମଲାରେ ତାନ୍ତିଆ-ଭୋଲଟାସ୍‌ର ପ୍ରକଳ୍ପ ପରିଚାଳକ ବିନ୍ଦେଶ୍ୱର ସିଂହ କୋର୍ଟରେ ଉପସ୍ଥିତ ହୋଇ ସାକ୍ଷ୍ୟ ପ୍ରଦାନ କରିଥିଲେ। ସିଂହ କହିଥିଲେ, ଧଳସାମନ୍ତ ଭ୍ରାତାଙ୍କ ମାଲିକାନାରେ ଥିବା ମେଟାଫର୍ କମ୍ପାନୀ ତାଙ୍କୁ ଡରେଇ ଧମକେଇ ଇଟା, ବାଲି, ଗୋଡି ଆଦି ଯୋଗାଉଥିଲା। ଆସନ୍ତା ୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

# ୪ ହଜାର କୋଟିର ସଫ୍ଟୱେର ରପ୍ତାନି କରିଛି ଏସ୍‌ଟିପିଆଇ

ଭୁବନେଶ୍ୱର,୧।୭(ବ୍ୟୁରୋ)

**ଡିଜିଟାଲ୍ ଇଣ୍ଡିଆକୁ ୪ବର୍ଷ ପୂର୍ତ୍ତି**

■ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବାଲେଶ୍ୱର ଏସ୍‌ଟିପିଆଇ

■ କୃତ୍ରିମ ବୁଦ୍ଧିଶକ୍ତି ଉପରେ ଭୁବନେଶ୍ୱର ଆଇଆଇଟିର ଗବେଷଣା

■ ସଫ୍ଟୱେର ଆପ୍ଲିକେସନ୍ କ୍ଷେତ୍ରରେ ଫ୍ୟାବ୍ ଲ୍ୟାବ୍‌ର ସଫଳତା

ଯୁକ୍ତରାଷ୍ଟ୍ର ଆମେରିକାର ଫ୍ୟାବ୍ ଫାଉଣ୍ଡେସନ୍ ସହାୟତାରେ ଏବଂ ଓଡିଶା ସରକାରଙ୍କ ସହଭାଗିତାରେ ଏସ୍‌ଟିପିଆଇ ତରଫରୁ ପୂର୍ବ ଭାରତର ଭୁବନେଶ୍ୱର ସହରରେ ପ୍ରଥମ ଥର ପାଇଁ ଫ୍ୟାବ୍ ଲ୍ୟାବ୍‌ର ପ୍ରତିଷ୍ଠା କରାଯାଇଥିଲା। ଏହି ଲ୍ୟାବ୍‌ଟି ବୈଷୟିକ ଉପକରଣ, ହାର୍ଡୱେର ଏବଂ ସଫ୍ଟୱେର ଆପ୍ଲିକେସନ୍‌ରେ ବିକଶିତ ହୋଇଛି। ଔଦ୍ୟୋଗିକ ଉତ୍ପାଦଗୁଡିକୁ ଦ୍ରୁତ ଆଦିରୂପ ପ୍ରଦାନ ଏବଂ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ସ୍ୱଳ୍ପ ଖର୍ଚ୍ଚରେ ବ୍ୟବହାର ଉପଯୋଗୀ ଉତ୍ପାଦ ପ୍ରସ୍ତୁତି ଉକ୍ତ ଲ୍ୟାବ୍ ପ୍ରତିଷ୍ଠାର ମୂଳ ଲକ୍ଷ୍ୟ ଥିଲା। ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ଷ୍ଟାର୍ଟଅପ୍, ଉଦ୍ୟୋଗୀ, କର୍ପୋରେଟ୍, ଗବେଷକ, ଇନକ୍ୟୁବେଟର୍, ଗବେଷକ ଦଳ, ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟଗୁଡିକୁ ସହାୟତା ପ୍ରଦାନ ସହ ଏକ ଉତ୍ପ୍ରେରକ ଭାବରେ ଏହି ଲ୍ୟାବ ବର୍ତ୍ତମାନ କାର୍ଯ୍ୟ କରୁଥିବା ଏଠାରେ କୁହାଯାଇଛି।

ଡିଜିଟାଲ୍ ଇଣ୍ଡିଆର ଚତୁର୍ଥ ବାର୍ଷିକୀ ପୂର୍ତ୍ତି ଅବସରରେ ଓଡିଶାରେ ଡିଜିଟାଲ୍ ଇଣ୍ଡିଆର ବିକାଶ ସମ୍ପର୍କିତ ତଥ୍ୟ ପ୍ରଦାନ କରି ସଫ୍ଟୱେର ଟେକ୍ନୋଲୋଜି ପାର୍କ୍ସ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆଇଟି ଏବଂ ସଫ୍ଟୱେର ରପ୍ତାନି ବୃଦ୍ଧି, ଆଇଟି,ଆଇଟିଇଏସ୍, ଇଏସ୍‌ଡିଏମ୍ ଶିଳ୍ପଗୁଡିକୁ ପ୍ରୋତ୍ସାହନ ନିମନ୍ତେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଏସ୍‌ଟିପିଆଇ ପ୍ରତିଷ୍ଠା କରାଯାଇଥିଲା। ଗତ କିଛିବର୍ଷ ମଧ୍ୟରେ ଏସ୍‌ଟିପିଆଇ ଓଡିଶାରେ ୪୦୦୦ କୋଟି ଟଙ୍କାର ସଫ୍ଟୱେୟାର ରପ୍ତାନି କରି ରେକର୍ଡ ସ୍ଥାପନ କରିଛି। ରାଜ୍ୟର ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁରଠାରେ ୩ଟି କେନ୍ଦ୍ର ଏବଂ ସାରା ଦେଶରେ ମୋଟ ୫୯ଟି କେନ୍ଦ୍ର ସହ ଏସ୍‌ଟିପିଆଇ କାର୍ଯ୍ୟ କରୁଛି। ବାଲେଶ୍ୱର ଏସ୍‌ଟିପିଆଇ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ସୂଚନା ରହିଛି। ୨୦୧୫ରେ ଆରମ୍ଭ ହୋଇଥିବା ଡିଜିଟାଲ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଏସ୍‌ଟିପିଆଇ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ସରକାରୀ ବିଭାଗଗୁଡିକୁ ଏହା ନିରନ୍ତର ସେବା ଯୋଗାଣ କରିଆସୁଛି। ଏହି ଅବସରରେ ଉଭୟ ଏସ୍‌ଟିପିଆଇ ଏବଂ ଆଇଆଇଟି ଭୁବନେଶ୍ୱର ପରିସରରେ ଏକ ବୈଷୟିକ ଜ୍ଞାନକୌଶଳ ସମ୍ବଳିତ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ଆଇଆଇଟି ସମ୍ପୂର୍ଣ୍ଣ ଭାବରେ ଡିଜିଟାଲ୍ ଜ୍ଞାନକୌଶଳ ଆଧାରରେ କାର୍ଯ୍ୟ କରୁଥିବା ବେଳେ ଏବେ କୃତ୍ରିମ ବୁଦ୍ଧିମତ୍ତା ଉପରେ ଗବେଷଣା କରୁଥିବା ଏସ୍‌ଟିପିଆଇ ପକ୍ଷରୁ ସୂଚନା ଦିଆଯାଇଛି।






# ୧୯ରୁ କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ

ଭୁବନେଶ୍ୱର,୧।୭(ବ୍ୟୁରୋ)

■ ଯୋଗଦେବେ ଦେଶର ୨୫୦ ଖ୍ୟାତନାମା ବ୍ୟକ୍ତିତ୍ୱ

■ ୪ ବିଭାଗରେ ମର୍ଯ୍ୟାଦାଜନକ ପୁରସ୍କାର

■ ଦାସ୍ତାନଗୋଇ, 'ନୋ ଫାଦର୍ସ ଇନ୍ କଶ୍ମୀର' ମୁଖ୍ୟ ଆକର୍ଷଣ

କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ (କେଏଲ୍‌ଏଫ୍)ର ୬ଷ୍ଠ ସଂସ୍କରଣ ଆସନ୍ତା ଜୁଲାଇରୁ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବ। ଚଳିତବର୍ଷ ସମଗ୍ର ବିଶ୍ୱ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରୁଥିବାବେଳେ 'ଗାନ୍ଧୀଙ୍କ ଆଇଡିଆ ଅଫ୍ ଇଣ୍ଡିଆ' ବା 'ଗାନ୍ଧିଜୀଙ୍କ ଦୃଷ୍ଟିରେ ଭାରତ: ସତ୍ୟ, ସଦ୍‌ଭାବନା, ଅହିଂସା' ଏଥର କେଏଲ୍‌ଏଫ୍‌ର ମୁଖ୍ୟ ବିଷୟବସ୍ତୁ ରହିବ। ସାହିତ୍ୟ, ସିନେମା, ଗଣମାଧ୍ୟମ ଏବଂ ରାଜନୀତି ଜଗତରୁ ଦେଶର ୨୫୦ଜଣ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଯୋଗଦେଇ ସାହିତ୍ୟ, ଗଣତନ୍ତ୍ର, ଗାନ୍ଧୀବାଦ, ସତ୍ୟ, ଏକତା ଏବଂ ଅହିଂସା ଉପରେ ଆଲୋଚନା କରିବେ। ୨୦ରୁ ଊର୍ଦ୍ଧ୍ୱ ପୁସ୍ତକ ଏବଂ ପ୍ରବନ୍ଧର ଉନ୍ମୋଚନ ସହ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ।

ଚଳିତବର୍ଷ ଷ୍ଟୋରି ଟେଲିଂ ସେସନ୍ କେଏଲ୍‌ଏଫ୍‌ର ଅନ୍ୟତମ ଆକର୍ଷଣ ରହିବ। ନମିତା ଗୋଖଲେ, ଯଶୱନ୍ତ ସିହ୍ନା, ପବନ କେ.ବର୍ମା, ଆନନ୍ଦ ନୀଳକାନ୍ତନ୍, କ୍ରିଷ୍ଟୋଫର ସି. ଡୋୟଲ, ଶୁଭା ବିଳାସ, ରିୟା ଶର୍ମା, ଭାବନା ଆରୋରା, ରଶ୍ମି ବଂଶଲ, ରାଧେଶ୍ୟାମ ଯାଦବ, ଅନିର୍ବାଣ ଗାଙ୍ଗୁଲି, ଅଂଶୁମାନ ତିୱାରୀ, ଅରୁଣ ରାମ, ରାଜାଶେଖର ଭୁନ୍ଦ୍ରୁ, ପ୍ରିୟା ସୋମାୟା, ଟି.ଏନ୍. ହରି, ପାରମିତା ଶତପଥୀ, ସ୍ୱାନନ୍ଦ କିରକିରେ, ଆର୍ ଜେ ସାୟମା, ନୀତା ଗୁପ୍ତା, ଦାଶ ବେନହୁର, ରାଜେନ୍ଦ୍ର ପଣ୍ଡା ଓ ୟୁନୁସ ଖାନ୍‌ଙ୍କ ଭଳି ଖ୍ୟାତନାମା ଲେଖକ, ବକ୍ତା ଏବଂ କଳାକାରମାନେ ମହୋତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କଳିଙ୍ଗ ସାହିତ୍ୟ ପୁରସ୍କାର, କଳିଙ୍ଗ ଅନ୍ତର୍ଜାତୀୟ ସାହିତ୍ୟ ପୁରସ୍କାର, କଳିଙ୍ଗ କାରୁବାକୀ ସାହିତ୍ୟ ପୁରସ୍କାର ଓ କଳିଙ୍ଗ ସାହିତ୍ୟ ଯୁବ ପୁରସ୍କାର ପ୍ରଦାନ କରାଯିବ। ଗଳ୍ପ ବିନ୍ୟାସ ଅଧିବେଶନରେ ସୟଦ ସଦାବ ହୁସେନ ଏବଂ ମୀରା ରିଜ୍‌ଭିଙ୍କ ଦ୍ୱାରା 'ଦାସ୍ତାନଗୋଇ-ଦାସ୍ତାନ-ଇ-ତକ୍‌ସିମ୍-ଇ-ହିନ୍ଦ୍' ଏବଂ ଓସ୍କାର ମନୋନୀତ ନିର୍ଦ୍ଦେଶକ ଅଶ୍ୱିନ କୁମାରଙ୍କ 'ନୋ ଫାଦର୍ସ ଇନ୍ କଶ୍ମୀର' ପ୍ରଦର୍ଶିତ ହେବ। କେଏଲ୍‌ଏଫ୍‌ରେ ଯୋଗଦେବାକୁ ଥିବା ଅତିଥିମାନେ ହେରିଟେଜ୍ ୱାକ୍ ସହ ସାଇକେଲ୍ ଟ୍ରେଲ୍‌ରେ ଯୋଗଦେଇ ଓଡ଼ିଶାର ପ୍ରାଚୀନ ଐତିହ୍ୟ, ସଂସ୍କୃତି ଓ କଳା ସମ୍ପର୍କରେ ଜାଣିବାର ସୁଯୋଗ ପାଇବେ ବୋଲି ପ୍ରତିଷ୍ଠାତା ରଶ୍ମି ରଞ୍ଜନ ପରିଡ଼ା କହିଛନ୍ତି।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଭଗବାନଙ୍କ ନାମ ଜପିଲେ ମିଣଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।

-ରାମକୃଷ୍ଣ ପରମହଂସ



# କଏଦୀଙ୍କୁ ସୁରକ୍ଷା ଦେଇପାରୁନାହାନ୍ତି ଜେଲ କର୍ତ୍ତୃପକ୍ଷ

**କଟକ ଅଫିସ,୧।୭**




■ଦୁର୍ଦ୍ଦାନ୍ତଙ୍କୁ ଠିକ୍ ଭାବେ କାଉନସିଲିଂ କରାଯାଉନି

■ଜେଲ ଭିତରୁ ହେଉଛି ଆପରାଧିକ ଷଡଯନ୍ତ୍ର

ଜେଲ ଭିତରେ କଏଦୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ହତ୍ୟାକାଣ୍ଡ ଘଟୁଛି। କଏଦୀଙ୍କୁ ସୁରକ୍ଷା ଯୋଗାଇବାରେ ଜେଲ୍ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ନିକଟ ଅତୀତରେ ଘଟିଥିବା ଘଟଣାରୁ ସ୍ପଷ୍ଟ ହେଉଛି। କେତକ କ୍ଷେତ୍ରରେ ବଡ ବଡ ଅପରାଧୀମାନେ ଜେଲ୍ ଭିତରେ ରହି ଅପରାଧ ଘଟାଇବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି। ପରବର୍ତ୍ତି ସମୟରେ ଏହା ସଫଳ ମଧ୍ୟ ହେଉଛି। ଏପରି ସ୍ଥଳେ ରାଜ୍ୟର ଏବେ ବହୁ ଜେଲ୍‌ରେ ବିଚାରଧୀନ ବନ୍ଦି ଓ ସଜା କାଟୁଥିବା କଏଦୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜେଲରେ ଛୋଟ ଅପରାଧିଙ୍କ ଠାରୁ ଆରମ୍ଭ କରି ବହୁବଡ ବଡ ଦୁର୍ଦ୍ଦାନ୍ତ ଅପରାଧିମାନେ ରହିଥାନ୍ତି। କୁଖ୍ୟାତ ଅପରାଧି ଓ ସଜା କାଟୁଥିବା ଅପରାଧିଙ୍କୁ ସ୍ୱତନ୍ତ୍ର ସେଲ୍ ମଧ୍ୟରେ ରଖାଯିବାର ନିୟମ ରହିଛି। ଏହି କଏଦୀମାନଙ୍କ ଶାରୀରିକ ଓ ମାନସିକ ସ୍ଥିତି ଏବଂ ଲକ୍ଷଣକୁ ଭଲଭାବେ ପରଖାଯିବା ପରେ ମୁଖ୍ୟସ୍ରୋତରେ ସାମିଲ କରିବା ଲାଗି ଜେଲ ପରିସରରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇଥାଏ। ବିଶେଷଜ୍ଞମାନଙ୍କ କାଉନସିଲିଂ ପରେ ସେମାନଙ୍କୁ ମାଳି କାର୍ଯ୍ୟ, ବୁଟି କଟା, ରୋଷେଇ ଆଦି କାର୍ଯ୍ୟରେ ଲଗାଯିବାର ନିୟମ ରହିଛି। ହେଲେ ଏଭଳି ହାଡକୋର୍ ଅପରାଧିମାନଙ୍କୁ ଠିକ୍ ଭାବେ କାଉନ୍‌ସିଲିଂ କରା ନ ଯାଇ କାର୍ଯ୍ୟରେ ଲଗାଯାଉଥିବା ଅଭିଯୋଗ ହୋଇଛି। ଫଳରେ ମିଳିମିଶି କାର୍ଯ୍ୟ କରୁଥିବା ସମୟରେ ସେମାନେ ସାଧାରଣ କଥାକୁ ନେଇ ନିଜର ମାନସିକ ସ୍ଥିତି ହରାଇ ହତ୍ୟା ଭଳି ପନ୍ଥାକୁ ଆପଣାଉଛନ୍ତି।

ଜେଲରେ ଅପରାଧିମାନଙ୍କୁ ମୋବାଇଲ ଫୋନ୍ ବ୍ୟବହାର ନେଇ ବାରଣ ରହିଛି। ହେଲେ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ଅପରାଧିମାନେ ଜେଲ ଭିତରେ ରହି ମୋବାଇଲ ଯୋଗେ ଅନ୍ୟମାନଙ୍କ ସହ କଥା ହୋଇ ଅପରାଧ ଘଟାଇବାକୁ ପଛାଉନାହାନ୍ତି। ଯାହା କଟକର ପୂର୍ବତନ କର୍ପୋରେଟର ରଞ୍ଜିତା ବିଶ୍ୱାଳକୁ ଗିରଫ ପରେ ଜଣାପଡିଥିଲା। ଜେଲରେ ଥିବା ଧଳସାମନ୍ତ ଭ୍ରାତାଙ୍କ ସହ ରଞ୍ଜିତା ଯୋଗାଯୋଗରେ ରହି କଟକରେ ବେଆଇନ ବନ୍ଧୁକ କାରବାର, ଟେଣ୍ଡର ଫିକ୍ସିଂ ଭଳି ଅପରାଧ ଘଟାଇଥିବା ଡିସିପି ଅଖିଳେଶ୍ୱର ସିଂ କହିଥିଲେ। ଅନେକ ଘଟଣାରେ ତଦନ୍ତ ବେଳେ ଜେଲ ଭିତରୁ ଅପରାଧର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା ପୋଲିସ ତଦନ୍ତ ପରେ ଜଣାପଡିଛି। ଜେଲରେ ଏଭଳି ଘଟଣାର ଘଟୁଥିଲେ ମଧ୍ୟ କଏଦୀଙ୍କୁ ସୁରକ୍ଷା ଦେବାରେ କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି। ଯାହା ରାଜ୍ୟର ବିଭିନ୍ନ ଜେଲରେ ଥିବା ବନ୍ଦି ଓ କଏଦୀଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ସମ୍ପର୍କରେ ଚୌଦ୍ୱାର ଜେଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ ବେହେରା କୁହନ୍ତି, ଅପରାଧୀମାନଙ୍କୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ଜେଲ ପକ୍ଷରୁ ଚେଷ୍ଟା କରାଯାଉଛି। ମୁଁ ଏବେ ନୁଆ ଆସିଥିବାରୁ ନିକଟ ଅତିତରେ ଘଟିଥିବା ଘଟଣା ଉପରେ ଏତେଟା ଅବଗତ ନାହିଁ। ହେଲେ ଆମେ କାଉନ୍‌ସିଲିଂ ଉପରେ ଅଧିକ ଗୁରୁତ୍ୱ ଦେବା ସହ କଏଦୀମାନଙ୍କ ସୁରକ୍ଷା ପାଇଁ ଆବଶ୍ୟକୀୟ ପନ୍ଥା ଗ୍ରହଣ କରିବୁ।

ଏ ନେଇ ଅତିରିକ୍ତ ଡିଜି(କାରାଗାର) ମହେନ୍ଦ୍ର ପ୍ରତାପ କୁହନ୍ତି, ଜେଲରେ କଏଦୀମାନଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏହାକୁ ମଧ୍ୟ ପ୍ରତିବର୍ଷ ଯାଞ୍ଚ କରାଯାଉଛି। ଦୁର୍ଦ୍ଦାନ୍ତ ଅପରାଧିଙ୍କ ଗତିବିଧି, ଆଚରଣ, ବ୍ୟବହାରରେ ପରିବର୍ତ୍ତନ ଆସିବା ପରେ ସେମାନଙ୍କୁ କାଉନସିଲିଂ କରାଯାଇ ସେଲ ବାହାରେ ରଖାଯାଇଥାଏ। ହେଲେ ଚୌଦ୍ୱାର ଘଟଣା ଉପରେ ଆମେ ଦୃଷ୍ଟି ଦେବା ସହ କାର୍ଯ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛୁ। ଆଗାମୀ ଦିନରେ ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ମହେନ୍ଦ୍ର କହିଛନ୍ତି।

ଗତ ୨୪ ତାରିଖରେ ଏଭଳି ଏକ ଉଦାହରଣ ଚୌଦ୍ୱାର ଜେଲ ପରିସରରେ ଦେଖିବାକୁ ମିଳିଥିଲା। ଜେଲ ପରିସର ବଗିଚାରେ କାର୍ଯ୍ୟ କରୁଥିବା ବେଳେ ସଙ୍ଗିନ୍ ମାମଲାରେ ଆଜୀବନ ସଜା କାଟୁଥିବା ଜଳଧର ସାମଲଙ୍କ ଆକ୍ରମଣରେ ରମେଶ ପ୍ରଧାନ ନାମକ ଜଣେ କଏଦୀଙ୍କ ମୃତ୍ୟୁ ଘଟିଥିଲା। ସାଧାରଣ କଥାକୁ ନେଇ ଜଳଧର ଧରିଥିବା କୋଦାଳରେ ରମେଶଙ୍କ ବେକ ଓ ପେଟକୁ ଆକ୍ରମଣ କରିଥିଲେ। ରମେଶଙ୍କୁ ଗୁରୁତ୍ୱର ଅବସ୍ଥାରେ ଏସ୍‌ସିବି ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଗତ ଏପ୍ରିଲରେ ବହୁ ଚର୍ଚ୍ଚିତ ଶେଖବଜାର କେଶବ ବେହେରା(କେଶିଆ) ହତ୍ୟା ଘଟଣାରେ ଆଜୀବନ ସଜା କଟୁଥିବା ସୁଭ୍ରାଂଶୁ କୁମାର ଦାସଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଥିଲା। ତେବେ ଶୁଭ୍ରାଂଶୁ ମୃତ୍ୟୁର କିଛିଦିନ ପୂର୍ବରୁ ଜେଲ୍ ଭିତରୁ ଏକ ଭିଡିଓ ଭାଇରାଲ କରିଥିଲେ। ଜେଲ ଭିତରେ ବେଆଇନ୍ ନିଶାଦ୍ରବ୍ୟ କାରବାର ହେଉଥିବା ଉକ୍ତ ଭାଇରାଲ ଭିଡିଓରେ ଦେଖିବାକୁ ମିଳିଥିଲା। ଭିଡିଓ ଭାଇରାଲ ହେବା ପରେ ଜେଲରେ ଚଢାଉ କରାଯାଇଥିଲା। ଏହାର ୫ ଦିନ ପରେ ଶୁଭ୍ରାଂଶୁଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଜେଲ କର୍ତ୍ତୃପକ୍ଷ ତାଙ୍କୁ ମାଡ଼ ମାରିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହାପରଠାରୁ ସୁରକ୍ଷା ଦୃଷ୍ଟିରୁ ଜେଲରେ ସିସିଟିଭି, ସ୍କାନର ଲାଗାଯାଇଛି। ହେଲେ ଏହାର ଉପଯୁକ୍ତ ବ୍ୟବହାର କରାଯାଉ ନ ଥିବା ନେଇ ମଧ୍ୟ ବିଭିନ୍ନ ସମୟରେ ଅଭିଯୋଗ ହେଉଛି।

## ସଂକ୍ଷେପରେ

### କାର୍ଯ୍ୟରେ ଅବହେଳା ୨ ଜିଆରଏସ୍, ଜଣେ ଭିଏଲଡବ୍ଲ୍ୟୁଙ୍କୁ କାରଣଦର୍ଶାଅ ନୋଟିସ

**ନିଶ୍ଚିନ୍ତକୋଇଲି,୧।୭(ସ୍ୱ.ପ୍ର.):** କଟକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାଇ ସରକାରୀ କାର୍ଯ୍ୟରେ ଅବହେଳା କରିଥିବା ନିଶ୍ଚିନ୍ତକୋଇଲି ବ୍ଲକର ଜଣେ ଭିଏଲଡବ୍ଲ୍ୟୁ ଓ ଦୁଇ ଜଣ ଜିଆରଏସଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ଜିଆରଏସ୍ ରମାକାନ୍ତ ବେହେରା ଓ ସୁରେଶ କୁମାର ଶତପଥୀ ଦୀର୍ଘ ଦିନ ହେବ ସରକାରୀ କାର୍ଯ୍ୟରେ ଅବହେଳା କରିବା ସହ ୨୯ ତାରିଖ ବୈଠକରେ ଅନୁପସ୍ଥିତ ଥିଲେ। ସେହିପରି ମଣିଜଙ୍କ ପଞ୍ଚାୟତର ଭିଏଲଡବ୍ଲ୍ୟୁ ସୌମେନ୍ଦ୍ର ଜେନା ସରକାରୀ କାର୍ଯ୍ୟରେ ଅବହେଳା କରିଥିବାରୁ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ ସୋମବାର ଏହି ୩ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ନୋଟିସ୍‌ରେ ସେମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ବୋଲି କୈଫିୟତ ମଗାଯାଇଛି। ଏ ନେଇ ସମ୍ପୃକ୍ତ ୩ଜଣଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଅଗ୍ନିକାଣ୍ଡ: ୨ ବଖରା ଜଳିଗଲା

**ବାଙ୍କୀ,୧।୭(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ଅନ୍ତର୍ଗତ ଉପର ପାଥପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ସୁଜନ ଭୋଇଙ୍କ ୨ ବଖରା ଜଳି ଯାଇଛି। ଏଥିସହ ତାଙ୍କର ୨ଟି ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଗୋଟିଏ ଗାଈ ଅର୍ଦ୍ଧ ଦଗ୍ଧ ହୋଇଛି। ଖବର ପାଇ ଡମପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ନିଆଁକୁ ଆୟତ କରିଥିଲେ। ଏହି ଖବର ପାଇ ସାମାଜିକ କର୍ମୀ ଗୌତମ ମିଶ୍ର ଘଟଣା ସ୍ଥଳକୁ ଯାଇ ବିପନ୍ନ ପରିବାରକୁ ସମବେଦନା ଜଣାଇବା ସହିତ ଜରି ପାଲ, ଚୁଡା, ଗୁଡ, ମହମବତୀ, ଦିଆସିଲ୍ ଏବଂ ଔଷଧ ପ୍ରଦାନ କରିଥିଲେ। ମିଶ୍ରଙ୍କ ସହ ଦୀପକ କୁମାର ସାମନ୍ତରା ଓ ଅମିତ ସାହୁ ଉପସ୍ଥିତ ଥିଲେ।

### ୭ନଂ ଜୋନ ଜିଲା ପରିଷଦ ସଭ୍ୟଙ୍କ ପରଲୋକ

**କଟକସଦର,୧।୭(ଡି.ଏନ.ଏ.):** କଟକ ଜିଲା ପରିଷଦ ୭ ନଂ ଜୋନ୍ ସଭ୍ୟ ତଥା କଟକ ଜିଲା କିଶନନଗର ଥାନା ଅନ୍ତର୍ଗତ ଯଶପଡ଼ା ଗ୍ରାମର ଗୋବିନ୍ଦ ଚନ୍ଦ୍ର ସାମଲ(୫୫)ଙ୍କ ହୃଦଘାତରେ ସୋମବାର ପରଲୋକ ଘଟିଛି। ସ୍ୱର୍ଗତ ସାମଲ ୨୦୧୭ ମସିହାରେ ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୨ରେ ମଧ୍ୟ ସ୍ୱର୍ଗତ ସାମଲ କଟକ ସଦର ବ୍ଲକ ଯଶପଡ଼ା ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେ ୨ବର୍ଷ ହେବ କର୍କଟ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା, କଟକ ସଦର ନିର୍ବାଚନମଣ୍ଡଳୀ ବିଜେଡି ସଭାପତି ପ୍ରମୋଦ କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ସମର ବେହେରା ଓ ଯୁବନେତା ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶ୍ମଶାନରେ ଶବଦାହ କରିଥିବାବେଳେ ଜ୍ୟେଷ୍ଠ ପୁତ୍ର ଦୀପକ ସାମଲ ମୁଖାଗ୍ନି ଦେଇଥିଲେ।

## ବନ ମହୋତ୍ସବ

**ଚୌଦ୍ୱାର,୧।୭(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବାଣୀପଦା ପଞ୍ଚାୟତସ୍ଥିତ ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ୭୦ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। କଟକ ବନଖଣ୍ଡ ଅଧୀନ ଡାଳିଯୋଡ଼ା ବନାଞ୍ଚଳ ଆନୁକୂଲ୍ୟରେ ଚୌଦ୍ୱାର ବନପାଳ ରବି ନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ନବକିଶୋର ପଣ୍ଡା, ପୂର୍ବତନ ସରପଞ୍ଚ ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ ଏବଂ ଗ୍ରାମର ବହୁ ମୁରବୀ ଲୋକ ଯୋଗଦେଇ ବିଦ୍ୟାଳୟ ପରିସର ଓ ଏହାର ଆଖପାଖ ଅଞ୍ଚଳରେ ଆମ୍ବ, ଅଁଳା, ଜାମୁ, ଡାଳିମ୍ବ, ହରିଡ଼ା, ବାହାଡ଼ା, ରାଧାଚୂଡ଼ା, କୃଷ୍ଣଚୂଡ଼ା ଆଦି ୪୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ। ବନ କର୍ମଚାରୀ ରାଜୀବ ପ୍ରଧାନ, ରାଜେଶ ସ୍ୱାଇଁ, ରମେଶ ପ୍ରଧାନ, ବିଶ୍ୱଜିତ ପ୍ରଧାନଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆଗ୍ରାହାଟସ୍ଥିତ ବୈଦ୍ୟେଶ୍ୱର ମନ୍ଦିର ନିକଟରେ ଏକ ଚାରା ବିତରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇ ସୋମବାର ଅଞ୍ଚଳର ଶତାଧିକ ଲୋକଙ୍କୁ ୫ଟି ଚାରା ବୃକ୍ଷ ପ୍ରଦାନ କରାଯାଇଥିଲା। ଏହାସହ ପ୍ରତିଦିନ ଆଗ୍ରହୀ ଲୋକମାନଙ୍କୁ ଏହି କେନ୍ଦ୍ର ମାଧ୍ୟମରେ ମାଗଣାରେ ଚାରା ବିତରଣ କରାଯିବ ବୋଲି ବନପାଳ ମହାନ୍ତି ପ୍ରକାଶ କରିଛନ୍ତି।



କଟକ ମିଶନ ରୋଡ଼ସ୍ଥିତ ଷ୍ଟିୱାର୍ଟ ସ୍କୁଲ ଅଡିଟୋରିୟମରେ ଷ୍ଟିୱାର୍ଟ ସାଇନ୍ସ କଲେଜର ପ୍ଲାଟିନମ୍ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

# ନେତାଜୀ ସଂଗ୍ରହାଳୟ ଜଳାଶୟର ସୌନ୍ଦର୍ଯ୍ୟକରଣ ହେବ

**କଟକ ଅଫିସ, ୧।୭**

**ଗୋପଦ ଅଭିଯାନରେ ଜିଲାପାଳ**

ଜିଲାପାଳ ଭବାନୀ ଶଙ୍କର ଚଇନୀ ସୋମବାର ଗୋପଦ ଅଭିଯାନରେ ସୁତାହାଟ ପୋଲଠାରୁ ଓଡ଼ିଆ ବଜାର ଦେଇ ନେତାଜୀ ସଂଗ୍ରହାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ଉନ୍ନତ ଶୌଚାଳୟ, ପାନୀୟଜଳର ବ୍ୟବସ୍ଥା ତଥା ଉପରକୁ ଯିବା ଶିଡିରେ ଆବଶ୍ୟକ ବ୍ୟବସ୍ଥା କରାଯିବା ନେଇ ପ୍ରତ୍ନତତ୍ତ୍ୱ ବିଭାଗ ସହିତ ଆଲୋଚନା ପାଇଁ ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁନଶ୍ଚ ନେତାଜୀ ସଂଗ୍ରହାଳୟ ନିକଟରେ ଥିବା ଜଳାଶୟକୁ ସୌନ୍ଦର୍ଯ୍ୟୀକରଣ କରିବା ନିମନ୍ତେ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମର ସ୍ମୃତି ବହନ କରୁଥିବା ପୁରୁଣା ଜେଲ ନିକଟ ସିଡିଏ ଜମିରେ ଆବର୍ଜନା ସଫା, ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ଗଙ୍ଗାମନ୍ଦିର ଅଞ୍ଚଳ ପରିଦର୍ଶନ କରି ଜଣ୍ଡିସ ରୋଗୀଙ୍କ ଚିକିତ୍ସା ସମ୍ବନ୍ଧରେ ବୁଝିବା ସହ ପ୍ରତିଦିନ ମୋବାଇଲ ଭ୍ୟାନରେ ସ୍ୱାସ୍ଥ୍ୟ ଅଧିକାରୀମାନେ ରୋଗୀଙ୍କୁ ଔଷଧ ଯୋଗାଇବା ବିଷୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ପାଇପ୍ ଲାଇନର ସ୍ଥିତି ସମ୍ପର୍କରେ ସର୍ଭେ କରି ଯଥାଶୀଘ୍ର ରିପୋର୍ଟ ପ୍ରଦାନ କରିବାକୁ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗଙ୍ଗାମନ୍ଦିର ଗୁଜୁରାଟି ସ୍କୁଲ (ପୁରୁଣା ପିଟିଆଇ ଲାଇନ)ଠାରୁ କାଜିବଜାର ମଧ୍ୟରେ ଥିବା ଖାଲି ଜମିର ସ୍ଥିତି ଅନୁଧ୍ୟାନ କରି ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ଏବଂ ସ୍ଥାୟୀ ଡ୍ରେନେଜ ବ୍ୟବସ୍ଥା କରାଯିବା ପାଇଁ ସିଏମସି କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ଏତଦ୍‌ବ୍ୟତୀତ ଗୌରୀଶଙ୍କର ପାର୍କ ନିକଟ ଗଳିରାସ୍ତା ପରିଦର୍ଶନ ସମୟରେ ଜାଇକା ଏବଂ ଓପିଟିସିଏଲର ରାସ୍ତାକଡରେ ପଡିରହିଥିବା ସାମଗ୍ରୀ ତୁରନ୍ତ ଉଠାଇବାକୁ ଏବଂ ରାସ୍ତା ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ଏମ.ଆର. ଖାନ୍, ସିଏମ୍‌ସିର ନିର୍ବାହୀ ଯନ୍ତ୍ରୀ ମନୀଷ ସରକାର, ଦିବ୍ୟ ରଞ୍ଜନ ତ୍ରିପାଠୀ, ସ୍ୱାସ୍ଥ୍ୟ ଅଧିକାରୀ ଡ. ଉମେଶ ପାଣିଗ୍ରାହୀ, ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଘଡାଇଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ନାବାଳିକାଙ୍କୁ ଅପହରଣ ଘଟଣା: ଡିଜିପିଙ୍କୁ ସ୍ମାରକପତ୍ର ପ୍ରଦାନ

**କଟକ ଅଫିସ,୧।୭**

କଟକ ସଦର ଥାନା ଅଧୀନ ବେଷ୍ଟକାର ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ତେବେ ଉକ୍ତ ନାବାଳିକାଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନ୍‌ଏଲ୍‌ୟୁ)ର ଆଇନ ସହାୟତା କେନ୍ଦ୍ର ପକ୍ଷରୁ ସୋମବାର ଦାବି କରାଯାଇଛି। ଏ ନେଇ କେନ୍ଦ୍ରର ଏକ ପ୍ରତିନିଧି ଦଳ ସୋମବାର ପୋଲିସ ମୁଖ୍ୟାଳୟରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଅପହରଣକାରୀଙ୍କ କବଳରୁ ନାବାଳିକାକୁ ତୁରନ୍ତ ଉଦ୍ଧାର କରିବାକୁ ଉଲ୍ଲେଖ ରହିଛି। ଏଥିସହିତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ବିରୋଧରେ ପୋକ୍‌ସୋ ଆଇନ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ଏଭଳି ସମ୍ବେଦନଶୀଳ ଘଟଣାରେ ଡିଜିପି ହସ୍ତକ୍ଷେପ କରିବାକୁ ସ୍ମାରକପତ୍ରରେ ନିବେଦନ କରାଯାଇଛି । ସୂଚନାଯୋଗ୍ୟ, ବେଷ୍ଟକାର ଅଞ୍ଚଳରୁ ଜଣେ ୧୬ ବର୍ଷିୟା ନାବାଳିକାକୁ ଗତ ଫେବୃୟାରୀ ୧୮ ତାରିଖ ରାତିରେ ଅପହରଣ କରାଯାଇଥିଲା। ଆଠଗଡ ଥାନା ଅନ୍ତର୍ଗତ ଜେନାପଡା ଅଞ୍ଚଳର ଜଣେ ଯୁବକ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରି ନେଇଥିବା ନେଇ ତାଙ୍କ ବାପା ବେଷ୍ଟକାର ଫାଣ୍ଡିରେ ଅଭିଯୋଗ କରିଥିଲେ। ହେଲେ ଘଟଣାକୁ ଦୁଇ ମାସରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଏ ସମ୍ପର୍କରେ ତତ୍ପରତା ପ୍ରକାଶ କରୁନାହିଁ ।ଫଳରେ ତାଙ୍କ ଝିଅ ଜୀବନ ପ୍ରତି ବିପଦ ଦେଖା ଦେଇଛି ବୋଲି ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି।

## ଏମ୍‌ଭି ପଡ଼ିଆରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କଟକ ଅଫିସ, ୧।୭**

■ହତ୍ୟା ସନ୍ଦେହ

■ଘଟଣାସ୍ଥଳରେ ପୋଲିସ, ସାଇଣ୍ଟିଫିକ ଟିମ୍

ବାଦାମବାଡ଼ି ଥାନା ଅନ୍ତର୍ଗତ ଖାନ୍‌ନଗର ଏମ୍‌ଭି ପଡ଼ିଆରୁ ସୋମବାର ସକାଳେ ପୋଲିସ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଯୁବକଙ୍କ ମୁହଁ ଏବଂ ମୁଣ୍ଡରେ ଗଭୀର କ୍ଷତଚିହ୍ନ ରହିଛି। ତାଙ୍କୁ କେହି ଦୁର୍ବୃତ୍ତ ପିଟିପିଟି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଏ ନେଇ ପୋଲିସ ଆଇପିସି ଦଫା ୩୦୨ ଅନୁଯାୟୀ ଏକ ମାମଲା (ନଂ.୧୪୧/୧୯) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ପରିଚୟ ପାଇବା ପାଇଁ ଆସନ୍ତା ୯୬ ଘଣ୍ଟା ପର୍ଯ୍ୟନ୍ତ ଏସ୍‌ସିବି ଶବଗୃହରେ ମୃତଦେହ ରଖାଯିବ ବୋଲି ବାଦାମବାଡ଼ି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି।

ସୋମବାର ସକାଳ ୮ଟାରେ ଏମ୍‌ଭି ପଡ଼ିଆରେ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଥାନାକୁ ଆଣିଥିଲା। ପରେ କମିଶନରେଟ୍ ପୋଲିସର ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳ ପହଞ୍ଚି ତଦନ୍ତ କରିଥିବାବେଳେ ରକ୍ତ ନମୁନା ସଂଗ୍ରହ କରିଛି। ତେବେ ଯୁବକଙ୍କ ମୁହଁର ବିଭିନ୍ନ ସ୍ଥାନରେ ଲୁହାରଡରେ ମାଡ଼ ମରାଯାଇଥିବା ଦାଗ ଥିବାବେଳେ ଅଧିକ ରକ୍ତସ୍ରାବ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏମ୍‌ଭି ପଡ଼ିଆ ହେଉଛି ନିଶାସକ୍ତମାନଙ୍କ ଆଡ୍ଡାସ୍ଥଳ। ଏକ ବିଦେଶୀ ମଦ ଦୋକାନ ପଛ ପଟେ ଏମ୍‌ଭି ପଡ଼ିଆ ରହିଥିବାବେଳେ ସେଠାରେ ଗଞ୍ଜେଇ, ବ୍ରାଉନସୁଗାର, ମଦ କାରବାର ଚାଲିଥାଏ। ସନ୍ଧ୍ୟାରୁ ରାତି ୧ଟା ପର୍ଯ୍ୟନ୍ତ ସେଠାରେ ଅସାମାଜିକ ବ୍ୟକ୍ତିମାନେ ଆଡ୍ଡା ଜମାଇଥାନ୍ତି। ଏ ନେଇ ସ୍ଥାନୀୟ ଲୋକେ ବହୁବାର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଏହାକୁ ଗୁରୁତ୍ୱ ଦେଉନାହିଁ। ଉକ୍ତ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ହେଉ ନ ଥିବାରୁ ଏଭଳି ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏପରିସ୍ଥଳେ ରାତିରେ ଯୁବକଙ୍କୁ ସେଠାରେ ହତ୍ୟା କରାଯାଇଥିବା କେତେଜଣ କହୁଥିବାବେଳେ ଆଉ କେତେଜଣ କହିଛନ୍ତି ଯୁବକଙ୍କୁ ମାରିବା ପରେ ସେଠାରେ ଆଣି ପକାଇ ଦିଆଯାଇଛି।

## ନୀଳଶୈଳର ସାଧାରଣ ବୈଠକ

**କଟକ ଅଫିସ, ୧।୭**

ନୀଳଶୈଳର କେନ୍ଦ୍ରୀୟ କମିଟି ପକ୍ଷରୁ ସାଧାରଣ ବୈଠକ କଟକ ତଳତେଲେଙ୍ଗା ବଜାରର ଶ୍ରୀରଘୁନାଥଜୀୟୁଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ବିଭୂ ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ପୁରାତନ ଶାଖାର ପୁନରୁଦ୍ଧାର ସହିତ ନୂତନ ସଦସ୍ୟ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ନୂତନ ସଦସ୍ୟ ଗ୍ରହଣ ଆସନ୍ତା ଶ୍ରୀଗୁଣ୍ଡିଚା ଦିନକୁ ଧାର୍ଯ୍ୟ କରାଯାଇଛି। ଏହି ବୈଠକରେ ଅନୁଷ୍ଠାନର ଉପଦେଷ୍ଟା ସଜ୍ଜନ ଶର୍ମା, ଉପସଭାପତି ଦିଲ୍ଲୀପ ମହାପାତ୍ର, କୋଷାଧ୍ୟକ୍ଷ ଶକ୍ତିଶଙ୍କର ରାଜ, କାର୍ଯ୍ୟାଳୟ ସମ୍ପାଦକ ସୌମ୍ୟ ଶଙ୍କର ରାଜ, ଆଡଭୋକେଟ ମିଳନ ବଡୁ, ଭୁବନେଶ୍ୱର ଶାଖାର ସଭାପତି ରଜନୀକାନ୍ତ ପଣ୍ଡା ଏବଂ ଶାଖା ସମ୍ପାଦକ ଲଳିତ ପଟ୍ଟନାୟକ ଯୋଗଦେଇଥିଲେ।

## ■ କଟକରେ ରାଜ୍ୟଗୋଷ୍ଠୀ ଟିଟି ଗେମ୍ସ

# ବର୍ଷା ବାଧକ: ସଫେଇ ଚିନ୍ତାରେ ସିଏମ୍‌ସି

**କଟକ ଅଫିସ,୧।୭**

ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ(ଟିଟି) ଚାମ୍ପିୟନଶିପ୍‌ର ୨୦୧୯ ସଂସ୍କରଣ ଆସନ୍ତା ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ହେବ। ବିଶ୍ୱ ଟେବୁଲ ଟେନିସ କ୍ରୀଡ଼ାର ମହାକୁମ୍ଭ ଭାବେ ପରିଚିତ ଏହି ଅନ୍ତର୍ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟ ଓଡ଼ିଶାରେ ପ୍ରଥମଥର ନିମନ୍ତେ ଆୟୋଜନ ହେଉଛି। ତେବେ ଏତେବଡ଼ ଟୁର୍ନାମେଣ୍ଟ ପୂର୍ବରୁ କଟକ ମହାନଗର ନିଗମ(ସିଏମସି)ର ହାତ ବାନ୍ଧି ଦେଇଛି ଲଗାଣବର୍ଷା। ପୂର୍ବରୁ ଉନ୍ନୟନମୂଳକ କାର୍ଯ୍ୟ ସିଏମ୍‌ସି ପକ୍ଷରୁ ହୋଇ ନ ଥିବା ବେଳେ ଜୁଲାଇ ପହିଲାରୁ ହେବ ବୋଲି ଯୋଜନା ଥିଲା। ହେଲେ ବର୍ଷା ଯୋଗୁ ଏବେ ଏହି କାର୍ଯ୍ୟ ଆହୁରି ବିଳମ୍ବ ହେବ ବୋଲି ଆଶା କରାଯାଉଛି। ଶନିବାର ସିଏମ୍‌ସି କମିଶନର ଅନନ୍ୟା ଦାସ, ଡିସିପି ଅଖିଳେଶ୍ୱର ସିଂଙ୍କ ଉପସ୍ଥିତିରେ ଏକ ବୈଠକ ମଧ୍ୟ ଡକାଯାଇଥିଲା। ବୈଠକରେ ସିଏମ୍‌ସିର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ କମନୱେଲଥ ଗେମ୍ସ ପୂର୍ବରୁ କିପରି ଭାବେ ଷ୍ଟାଡିୟମ ସନ୍ନିକଟ ଅଞ୍ଚଳକୁ ସଫେଇ କରାଯିବ ତାହାକୁ ନେଇ ଆଲୋଚନା ହୋଇଥିଲା। ହେଲେ ବର୍ଷା ଯୋଗୁ ଏବେ ଏହା ସିଏମ୍‌ସି ନିମନ୍ତେ ଚ୍ୟାଲେଞ୍ଜି ପରିସ୍ଥିତି ସୃଷ୍ଟି କରିଛି ବୋଲି କମିଶନର ଅନନ୍ୟା କହିଛନ୍ତି। କମିଶନରଙ୍କ ସୂଚନା ମୁତାବକ, ସୋମବାର ଓଡ୍ରାଫର ଏକ ଟିମ ଷ୍ଟାଡିୟମ ପାଖ ଅଞ୍ଚଳ ପରିଦର୍ଶନ କରିବା ସହ ଗଛ କଟା କାର୍ଯ୍ୟ ଆରମ୍ଭ କରିଛି। ବଡ଼ ଗାଡ଼ି ଯାତାୟାତରେ କିପରି ସମସ୍ୟା ନ ହେବ ତାହାକୁ ଦୃଷ୍ଟିରେ ରଖାଯାଇ ପ୍ରାଥମିକ ପର୍ଯ୍ୟାୟରେ କିଛି ପଦକ୍ଷେପ ଗ୍ରହଣ କରାଯାଉଛି। ବର୍ଷା କମିବା ମାତ୍ରେ ପରବର୍ତ୍ତୀ ସମସ୍ତ ପଦକ୍ଷେପ ନିଆଯିବ ବୋଲି କମିଶନର କହିଥିଲେ। ସୂଚନାଥାଉ କି, ଏହି ଟୁର୍ନାମେଣ୍ଟରେ ୧୪ଟି ଦେଶ ଅଂଶ ଗ୍ରହଣ କରିବ। ଭାରତ, ପାକିସ୍ତାନ, ସିଙ୍ଗାପୁର, ମାଲେସିଆ, ବାଲାଂଦେଶ, ଶ୍ରୀଲଙ୍କା, ଇଂଲଣ୍ଡ, ସ୍କଟଲ୍ୟାଣ୍ଡ, ୱେଲସ୍, ଜର୍ସି, ଅଷ୍ଟ୍ରେଲିଆ, ସିପ୍ରସ୍, ଦକ୍ଷିଣଆଫ୍ରିକା ଓ ନାଇଜେରିଆ ଟିମ୍ ଭାଗ ନେବେ। ଅନ୍ତର୍ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ କରିବା କ୍ଷେତ୍ରରେ କଟକ ନିମନ୍ତେ ଏକ ବଡ଼ ସୁଯୋଗ ସୃଷ୍ଟି ହୋଇଥିବାବେଳେ ଏହାକୁ ସୁଚାରୁରୂପେ କରିବା ନିମନ୍ତେ ସିଏମ୍‌ସିର ଥିବା ଦାୟିତ୍ୱ କେତେ ମାତ୍ରାରେ ସଫଳ ହେବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ଜାତୀୟ ଚିକିତ୍ସକ ଦିବସ

**କଟକ ଅଫିସ, ୧।୭**

କଟକ ଓଏମ୍‌ପି ଛକ ମାର୍କେଟ କମ୍ପ୍ଲେକ୍ସ ପରିସରରେ ସୋମବାର ଜାତୀୟ ଚିକିତ୍ସକ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥା ପକ୍ଷରୁ ଅନୁଷ୍ଠିତ ଏହି ଦିବସକୁ ଛତିଆବଟ ଶ୍ରୀଜଗନ୍ନାଥ ମନ୍ଦିରର ମଣିମା ପ୍ରଦ୍ୟୁମ୍ନ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥାର ଅଧ୍ୟକ୍ଷ ତଥା ବିଶିଷ୍ଟ ଆୟୁର୍ବେଦ ଗବେଷକ ଡା. ଦୀନବନ୍ଧୁ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ, ଓଡ଼ିଶା ସରକାରଙ୍କ ବରିଷ୍ଠ ପ୍ରଶାସକ ପ୍ରସନ୍ନ କୁମାର ଜେନା, ଡା. ମିନତୀ ମହାରଣା, ଦୁର୍ଗାଚରଣ ଜେନା, ଜାତୀୟ ଚିକିତ୍ସକ ଦିବସ ଦିବ୍ୟଜ୍ୟୋତି ମହାରଣା ପ୍ରମୁଖ ଯୋଗଦେଇ ସମାଜରେ ଡାକ୍ତରଙ୍କ ଭୂମିକାକୁ ଗୁରୁତ୍ୱ ଦେବା ଏବଂ ସେମାନଙ୍କୁ ସମ୍ମାନ ଜଣାଇବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରକାଶିତ ଡା. ଦୀନବନ୍ଧୁ ମହାରଣାଙ୍କ ଲିଖିତ ସ୍ୱାସ୍ଥ୍ୟ ସନ୍ଦେଶ ପୁସ୍ତକ ଉନ୍ମୋଚନ କରାଯାଇଥିଲା ।



କଟକ ବାଦାମବାଡ଼ି ରାସ୍ତା ପାର୍ଶ୍ୱରେ ଗ୍ରାହକମାନେ ଛତା କିଣୁଛନ୍ତି।



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।
-ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଗଛରେ ପିଟି ହେଲା କାର୍, ୩ ଗୁରୁତର

ଆଠଗଡ଼,୧୭(ସ୍ୱ.ପ୍ର.): ଆଠଗଡ଼-ମୁଣ୍ଡଳି ରାସ୍ତାର ଡାଳଖାଇ ଠାକୁରାଣୀ ନିକଟରେ ସୋମବାର ଏକ ମାରୁତି ଏରଟିଗା କାର ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛରେ ପିଟି ହୋଇଛି। ଏଥିରେ ଥିବା ସିଲାଡିଆ କମ୍ପାନୀର ନିରଞ୍ଜନ ବେହେରା, ସୂର୍ଯ୍ୟକାନ୍ତ ମହାନ୍ତି ଓ ରାଜକିଶୋର ପାଇଟାଳ ଗୁରୁତର ହୋଇଛନ୍ତି। ସେମାନାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆଠଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସମସ୍ତଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଠିକା ସଂସ୍ଥା ଆର.କେ.ଡି କନ୍ଷ୍ଟ୍ରକସନ୍ ପକ୍ଷରୁ ନିର୍ମାଣାଧୀନ ରାସ୍ତାର ମାନ ଯାଞ୍ଚ କରୁଥିବା ସିଲାଡିଆ ଆସୋସିଏଟର ୩ କର୍ମଚାରୀ ଉକ୍ତ କାରରେ ଭୁବନେଶ୍ୱର ଯାଉଥିଲେ।

### ୨ ବଖରା ଜଳିଗଲା

ବାଙ୍କୀ,୧୭(ସ୍ୱ.ପ୍ର.): ଡମପଡ଼ା ବ୍ଲକ ଅନ୍ତର୍ଗତ ଉପର ପାଥପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ସୁଜନ ଭୋଇଙ୍କ ୨ ବଖରା ଜଳି ଯାଇଛି। ଏଥିସହ ତାଙ୍କର ୨ଟି ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଗୋଟିଏ ଗାଈ ଅର୍ଦ୍ଧ ଦଗ୍ଧ ହୋଇଛି। ଖବର ପାଇ ଡମପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ନିଆଁକୁ ଆୟତ କରିଥିଲେ। ଏହି ଖବର ପାଇ ସାମାଜିକ କର୍ମୀ ଗୌତମ ମିଶ୍ର ଘଟଣା ସ୍ଥଳକୁ ଯାଇ ବିପନ୍ନ ପରିବାରକୁ ସମବେଦନା ଜଣାଇବା ସହିତ ଜରି ପାଲ, ଚୁଡା, ଗୁଡ, ମହମବତୀ, ଦିଆସିଲ୍ ଏବଂ ଔଷଧ ପ୍ରଦାନ କରିଥିଲେ। ମିଶ୍ରଙ୍କ ସହ ଦୀପକ କୁମାର ସାମନ୍ତରା ଓ ଅମିତ ସାହୁ ଉପସ୍ଥିତ ଥିଲେ।

### ବାଙ୍କୀରେ ଡାକ୍ତର ଦିବସ ପାଳିତ

ବାଙ୍କୀ,୧୭(ସ୍ୱ.ପ୍ର.): ବାଙ୍କୀ ଉପଖଣ୍ଡ ଡାକ୍ତରଖାନା ପରିସରରେ ସାମାଜିକ କର୍ମୀ ଗୌତମ ମିଶ୍ରଙ୍କ ନେତୃତ୍ୱରେ ସୋମବାର ଡାକ୍ତର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉପଖଣ୍ଡ ଡାକ୍ତରଖାନାର ଡା. ବିଶ୍ୱମୋହନ ରାଉତରାୟଙ୍କୁ ଏକ ବୃକ୍ଷ ସହିତ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାଧାପକ ମନୋଜ ମହାପାତ୍ର, ଦୀପକ ସାମନ୍ତରା, କମଳାକାନ୍ତ ପ୍ରହରାଜ, ଉଲ୍ଲାସ ଚନ୍ଦ୍ର ବେହେରା ଓ ଅମିତ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

### ବନ ମହୋତ୍ସବରେ ଚାରାରୋପଣ

ବାଙ୍କୀ,୧୭(ସ୍ୱ.ପ୍ର.): ବାଙ୍କୀ ପରିବେଶ ସୁରକ୍ଷା ସମିତି ଓ ପାଟପୁର ଲୋକନାୟକ କ୍ଲବ ମିଳିତ ସହଯୋଗରେ କ୍ଲବ ପରିସରରେ ସୋମବାର ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କ୍ଲବ ପରିସରରେ ଥିବା ଶିଶୁ ଯତ୍ନ କେନ୍ଦ୍ରଠାରେ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ କ୍ଲବ ସଭାପତି କୃତ୍ତିବାସ ପଣ୍ଡା, ପ୍ରାଧାପକ ମନୋଜ ମହାପାତ୍ର, ସାମାଜିକ କର୍ମୀ ଗୌତମ ମିଶ୍ର, ପ୍ରକୃତି ବନ୍ଧୁ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଦୀପକ ସାମନ୍ତରା, ଧନେଶ୍ୱର ସାହୁ, ବେଣୁଧର ନାୟକ, ଉଲ୍ଲାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦାନ କରି ବନ ମହୋତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁଯତ୍ନ କେନ୍ଦ୍ରର ଅନ୍ତେବାସୀ ଯୋଗଦାନ କରିଥିଲେ।

### ରାମଲୀଳା କଳାକାରଙ୍କ ପରଲୋକ

ବଡ଼ମ୍ବା,୧୭(ଡି.ଏନ.ଏ.): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସନ୍ତରାବାଲୀ ଗ୍ରାମର ବିଶିଷ୍ଟ ରାମଲୀଳା କଳାକାର ଅନନ୍ତ ବେହେରାଙ୍କ ରବିବାର ୯୨ ବର୍ଷରେ ପରଲୋକ ଘଟିଛି। ବେହେରା ଜଣେ ମିଷ୍ଟଭାଷୀ, ମେଳାପୀ ଓ ପରୋପକାରୀ ବ୍ୟକ୍ତିଭାବେ ବେଶ୍ ଜଣାଶୁଣା ଥିଲେ। ସେ ରାମଲୀଳା, ଦଣ୍ଡନୃତ୍ୟ କଳାକାରଭାବେ ପରିଚିତ ହୋଇଥିଲେ। ସେହିପରି ଗ୍ରାମରେ ଲକ୍ଷ୍ମୀପୂଜା କରାଇବାରେ ତାଙ୍କର ବହୁ ଅବଦାନ ରହିଥିଲା। ବେହେରା ଅସୁସ୍ଥ ଥିବାରୁ ଘରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ସମସ୍ତ ପୁତ୍ର, ଝିଅ, ପୁତ୍ରବଧୂ, ନାତୁଣୀ ଓ ନାତିଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପ୍ରଚାରତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ■ ନିଶ୍ଚିନ୍ତକୋଇଲିରେ ଜନ ଅଭିଯୋଗ ଶୁଣାଣି ଶିବିର

# ଆସିଲେନି ଜିଲାପାଳ, କମିଲେ ଅଭିଯୋଗକାରୀ

ନିଶ୍ଚିନ୍ତକୋଇଲି,୧୭(ସ୍ୱ.ପ୍ର.)



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ ଯୋଗ ଦେବା କାର୍ଯ୍ୟକ୍ରମ ରହିଥିଲା। ହେଲେ ଶିବିରକୁ ଜିଲାପାଳ ଆସିଲେ ନାହିଁ। ଅନ୍ୟ ଅଧିକାରୀ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଶିବିରରେ ମୋଟ୍ ୫୦ ଅଭିଯୋଗ ହୋଇଥିଲା। ସେଥିରୁ ୨ଟିର ତ୍ୱରିତ ସମାଧାନ କରାଯାଇଥିଲା। ଅନ୍ୟପକ୍ଷରେ ଜିଲାପାଳ ଅନୁପସ୍ଥିତ ଜାଣିବା ପରେ ଅନେକ ଅଭିଯୋଗକାରୀ ଆସି ନ ଥିବା ଅଭିଯୋଗ ହୋଇଛି। ପୂର୍ବରୁ ମଧ୍ୟ କେତେକ ଶିବିରରେ ଜିଲାପାଳ ଅନୁପସ୍ଥିତ ରହିଥିବା ନଜିର ରହିଛି। ଏହି କାରଣରୁ ଅଭିଯୋଗକାରୀଙ୍କ ସଂଖ୍ୟା କମୁଥିବା କୁହାଯାଉଛି।

ପୂର୍ବାହ୍ନରେ ଅନୁଷ୍ଠିତ ଶିବିରରେ ଜିଲାପାଳଙ୍କ ପ୍ରତିନିଧିଭାବେ ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ ଓ ଆରକ୍ଷୀ ଅଧିକାରୀଙ୍କ ସ୍ଥାନରେ ଉପଆରକ୍ଷୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା ଯୋଗ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦୁଲ ଅକ୍ତାର, ଉପଜିଲାପାଳ ଅମୀୟ ସାହୁ, ବ୍ଲକ ଅଧ୍ୟକ୍ଷା ସବିତା ଓଝା, ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ତହସିଲଦାରଙ୍କ ଅନୁପସ୍ଥିତରେ ଅତିରିକ୍ତ ତହସିଲଦାର ନିହାର ରଞ୍ଜନ ମଲିକ ଯୋଗ ଦେଇଥିଲେ। ସେହିପରି କିଶୋରନଗର ଥାନା ଅଧିକାରୀ, କିଶୋରନଗର ତହସିଲଦାର, ଜିଲାଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ କାଡା ଏସଡିଓ ସମେତ ବହୁ ବିଭାଗର ବରିଷ୍ଠ ଅଧିକାରୀ ଅନୁପସ୍ଥିତ ଥିଲେ। ଶିବିରରେ ବ୍ୟକ୍ତିଗତ ଭାବେ ୪୦ ଅଭିଯୋଗର ଶୁଣାଣି ହୋଇଥିଲାବେଳେ ୧୦ ଗୋଷ୍ଠୀଗତ ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଟି ଅଭିଯୋଗର ତ୍ୱରିତ ଶୁଣାଣି କରାଯାଇ ଥିଲା। ପକ୍କାଘର ନିମିତ ୯, ଭତ୍ତା ୧୭, ରାଶନ କାର୍ଡ ୫, ଖାଉଟି ସାମଗ୍ରୀ ବଣ୍ଟନ ସମସ୍ୟା ଥିବା ୩, ରାସ୍ତାଘାଟ ନେଇ ୬, ପ୍ରକୃତିକ ବିପର୍ଯ୍ୟୟ ନେଇ ୧, ପାଇଖାନା ନିର୍ମାଣ ନେଇ ୪ ଓ ଅନ୍ୟାନ୍ୟ ୫ଟି ଅଭିଯୋଗ ହୋଇଥିଲା।

**■୪୦ ପଞ୍ଚାୟତରୁ ୫୦ ଅଭିଯୋଗ**

**■୨ ଅଭିଯୋଗର ତ୍ୱରିତ ସମାଧାନ**

ନେମାଳ ପଞ୍ଚାୟତର ଦିବ୍ୟାଙ୍ଗ କଳ୍ପନା ସେଠୀ ଓ ବଡକ୍ଷୀର ପଞ୍ଚାୟତର ଅଭିରାମ ସାହୁଙ୍କ ଅଭିଯୋଗର ତ୍ୱରିତ ଶୁଣାଣି କରାଯାଇ ଭତ୍ତା ପ୍ରଦାନ କରାଯାଇଥିଲା। ସେହିପରି କ୍ଷୀର ମୂଲ୍ୟ ବୃଦ୍ଧି ନେଇ ଦୁଗ୍ଧଚାଷୀ ଲିଖିତ ଅଭିଯୋଗ କରିବା ସହ ୧୫ ଦିନ ମଧ୍ୟରେ ସମାଧାନ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। ଅନ୍ୟପକ୍ଷରେ ଶିବିରରେ ଅଭିଯୋଗ ହେଉଥିଲେ ମଧ୍ୟ ସମାଧାନ ହେଉ ନ ଥିବାରୁ ଅଭିଯୋଗକାରୀ କ୍ଷୋଭ ପ୍ରକାଶ କରିଥିଲେ। ଅପରପକ୍ଷରେ ଜନ ଶୁଣାଣି ପ୍ରତିମାସରେ ନ ହୋଇ ଦୀର୍ଘ ଦିନ ବ୍ୟବଧାନରେ ହେଉଥିବାରୁ ସାଧାରଣ ଲୋକେ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ଦପ୍ତରକୁ ଦୌଡୁଥିବା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୬/୧୧/୨୦୧୮ରେ ହୋଇଥିବା ଶିବରରେ ୯୬ଟି ଅଭିଯୋଗ ଦାୟର କରାଯାଇଥିଲା ଓ ୧୬/୭/୨୦୧୮ ଶିବିରରେ ମାତ୍ର ୩୦ଟି ଅଭିଯୋଗ ହୋଇଥିଲା। ଏହି ଦୁଇ ଶିବିରରେ ଜିଲାପାଳଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ବିଡିଓ ପ୍ରଧାନ କହିଛନ୍ତି, କୌଣସି ଜରୁରୀ କାର୍ଯ୍ୟ ଯୋଗୁ ଜିଲାପାଳ ଆସି ନ ଥିଲେ। ତାଙ୍କ ପ୍ରତିନିଧି ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ।

## ଯୌତୁକଜନିତ ବଧୂହତ୍ୟା ଅଭିଯୋଗ: ସ୍ୱାମୀ, ଶାଶୁ ଗିରଫ

ତିଗିରିଆ,୧୭(ଡି.ଏନ.ଏ.)

ତିଗିରିଆ ଥାନା ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତ ସାନପାଟଣା ସାହିରେ ରବିବାର ଯୌତୁକ ଜନିତ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ସୋମବାର ମାଜିଷ୍ଟ୍ରେଟ ଭାବେ ତିଗିରିଆ ଅତିରିକ୍ତ ତହସିଲଦାର ହେମନ୍ତ ନାୟକଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ଏହାପରେ ପୋଲିସ ମୃତଦେହ ଜବତ କରି ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପାରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାରେ ସମ୍ପୃକ୍ତ ମୃତ ନବବଧୂଙ୍କ ସ୍ୱାମୀ ବଲ୍ଲଭ ବର୍ଦ୍ଧନ ଏବଂ ଶାଶୁ ସର ବର୍ଦ୍ଧନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ମୃତ ନବବଧୂ ପିତାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ଯୌତୁକ ଜନିତ ନିର୍ଯାତନା ଓ ହତ୍ୟା ମାମଲା ନଂ-୮୩/୧୯ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ରବୀନ୍ଦ୍ର ଭୁଜବଳ ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁସାରେ, ବଡ଼ମ୍ବା ଥାନା ଅନ୍ତର୍ଗତ ଅଭିମାନପୁର ମୁକ୍ତାନଗର ଗ୍ରାମର ପୂର୍ଣ୍ଣଚନ୍ଦ୍ର କରଙ୍କ ଝିଅ ଗୀତାଞ୍ଜଳିଙ୍କ ସହ ସାନପାଟଣା ସାହିର ପ୍ରଭାକର ବର୍ଦ୍ଧନଙ୍କ ପୁଅ ବଲ୍ଲଭଙ୍କ ଜାନୁୟାରୀ ୨୩ରେ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ଗୀତାଞ୍ଜଳିଙ୍କ ପରିବାର ଦାବି ମୁତାବକ ଯୌତୁକ ଦେଇଥିଲେ। ବିବାହର ଦୁଇମାସ ପରେ ଏକ ଗାଡ଼ି ବାବଦକୁ ଆଉ ୭୦ହଜାର ଟଙ୍କା ଆଣିବା ପାଇଁ ଗୀତାଞ୍ଜଳିଙ୍କୁ ଶାଶୁଘର ଲୋକେ ଚାପ ପ୍ରୟୋଗ କରିଆସୁଥିଲେ। ଏପରି କି ଏହାକୁ ନେଇ ଶାଶୁଘର ସଦସ୍ୟ ଗୀତାଞ୍ଜଳିଙ୍କୁ ନାନା ନିର୍ଯାତନା ଦେଇ ଆସୁଥିଲେ। ଏ ସମ୍ପର୍କରେ ଗୀତାଞ୍ଜଳି ବାପା ପୂର୍ଣ୍ଣଚନ୍ଦ୍ରଙ୍କୁ ଜଣାଇଥିଲେ। ମଝିରେ ପୂର୍ଣ୍ଣଚନ୍ଦ୍ର ଆସି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଶାଶୁଘର ଲୋକେ ଆଉ ସେଭଳି କିଛି ନ ହୋଇ ସବୁ ଠିକ୍ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରବିବାର ସକାଳେ ପୂର୍ଣ୍ଣଚନ୍ଦ୍ରଙ୍କ ଭାଇ ପ୍ରସନ୍ନ ଗୀତାଞ୍ଜଳିଙ୍କୁ ଘରକୁ ନେବା ପାଇଁ ଆସିଥିଲେ। ହେଲେ ଶାଶୁ ମନା କରିଦେଇଥିଲେ। ଯଦ୍ଦ୍ୱାରା ପ୍ରସନ୍ନ ନିରାଶ ହୋଇ ଫେରି ଯାଇଥିଲେ। ଅପରାହ୍ନ ୪ଟାରେ ଗୀତାଞ୍ଜଳିଙ୍କ ଶାଶୁ ତାଙ୍କ ବାପ ଘରକୁ ଫୋନ୍ କରି ଜଣାଇଥିଲେ ଯେ, ତୁମ ଝିଅ କବାଟ କିଳି ରହିଛି। ଡାକିଲେ ଖୋଲୁ ନାହିଁ। ଏହା ଶୁଣି ଗୀତାଞ୍ଜଳିଙ୍କ ବାପାମା' ଆସି ଦେଖିବା ବେଳକୁ ତାଙ୍କ ଝିଅ ଏକ ଲୁଗାରେ ଘର ଓରାରେ ମୃତ ଅବସ୍ଥାରେ ଝୁଲୁଥିଲେ। ଏହାପରେ ଶାଶୁଘର ଝିଅକୁ ମାରି ଆତ୍ମହତ୍ୟା ରୂପ ଦେବାଲାଗି ଏଭଳି ଝୁଲାଇ ଦେଇଥିବା ପୂର୍ଣ୍ଣଚନ୍ଦ୍ର ଥାନାରେ ଅଭିଯୋଗ କରିଥିଲେ।

## ମୁଖ୍ୟ ଡାକଘରେ ଗ୍ରାହକ ସଚେତନତା ଶିବିର





ସଚେତନତା ଶିବିରରେ ଜଣେ ଗ୍ରାହକଙ୍କୁ ନୂତନ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ କାର୍ଡ ପ୍ରଦାନ କରାଯାଉଛି।

ଆଠଗଡ଼,୧୭(ସ୍ୱ.ପ୍ର.)

ଆଠଗଡ଼ ମୁଖ୍ୟ ଡାକଘରେ ସୋମବାର ଡିଜିଟାଲ ଇଣ୍ଡିଆର ବାର୍ଷିକୋତ୍ସବ ପାଳନ ଅବସରରେ ଏକ ଗ୍ରାହକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଡାକଘରର ପ୍ରଧାନ ଡାକପାଳ ଦୁର୍ଗାପ୍ରସାଦ ପଣ୍ଡା ଶିବିରକୁ ଉଦ୍‌ଘାଟନ କରିବା ସହ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭାରତର ଡାକସେବା ଏବଂ ଡାକଘର ଗୁଡିକର ଲୋକଙ୍କ ସହିତ ଏବେବି ଭାବଗତ ସମ୍ପର୍କ ଅତୁଟ ରହିଛି। ଦେଶବ୍ୟାପୀ ପ୍ରାୟ ୧.୫୫ ଲକ୍ଷ ଡାକଘର ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଉଛି ବୋଲି ପଣ୍ଡା ପ୍ରକାଶ କରିଥିଲେ। ଏଥିସହିତ ସେ ଡାକଘର ଗୁଡିକରେ କିପରି ଡିଜିଟାଲ ସେବା ଏବଂ ଅନ୍ୟ ସେବା ଯୋଗାଇ ଦିଆଯାଉଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଉପଡାକପାଳ ଜୟନ୍ତ ସାମନ୍ତରାୟ ଡାକ ବିଭାଗ ଦ୍ୱାରା ଉପଲବ୍ଧ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଓ ଜୀବନ ଜ୍ୟୋତି ବୀମା ଯୋଜନା ସମ୍ପର୍କରେ ଉପସ୍ଥିତ ଗ୍ରାହକଙ୍କୁ ବୁଝାଇଥିଲେ। ସହଡାକପାଳ ମନୋରଞ୍ଜନ ସ୍ୱାଇଁ ସୁକନ୍ୟା ସମୃଦ୍ଧି ଯୋଜନା ଏବଂ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ଏହାର ସୁଯୋଗ ନେବାପାଇଁ ପରାମର୍ଶ ଦେଇଥିଲେ। ପରେ ଗ୍ରାହକ ସ୍ନିଗ୍ଧା ସାହୁଙ୍କ ପ୍ରଥମ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଆକାଉଣ୍ଟ ଖୋଲାଯିବା ସହ ତାଙ୍କୁ ନୂତନ (ଆଇପିପିବି) କାର୍ଡ ପ୍ରଦାନ କରାଯାଇଥିଲା। ଶେଷରେ ମୁଖ୍ୟ ଡାକଘରର ସିଷ୍ଟମ ପରିଚାଳକ ଶିଶିର ଦେହୁରୀ ଧନ୍ୟବାଦ ଦେଇଥିଲେ।

## କାର୍ଯ୍ୟରେ ଅବହେଳା ୨ ଜିଆରଏସ୍, ଜଣେ ଭିଏଲଡବ୍ଲ୍ୟୁଙ୍କୁ କାରଣଦର୍ଶାଅ ନୋଟିସ

ନିଶ୍ଚିନ୍ତକୋଇଲି,୧୭(ସ୍ୱ.ପ୍ର.)

କଟକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାଇ ସରକାରୀ କାର୍ଯ୍ୟରେ ଅବହେଳା କରିଥିବା ନିଶ୍ଚିନ୍ତକୋଇଲି ବ୍ଲକର ଜଣେ ଭିଏଲଡବ୍ଲ୍ୟୁ ଓ ଦୁଇ ଜଣ ଜିଆରଏସଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ଜିଆରଏସ୍ ରମାକାନ୍ତ ବେହେରା ଓ ସୁରେଶ କୁମାର ଶତପଥୀ ଦୀର୍ଘ ଦିନ ହେବ ସରକାରୀ କାର୍ଯ୍ୟରେ ଅବହେଳା କରିବା ସହ ୨୯ ତାରିଖ ବୈଠକରେ ଅନୁପସ୍ଥିତ ଥିଲେ। ସେହିପରି ମଣିଜଙ୍କ ପଞ୍ଚାୟତର ଭିଏଲଡବ୍ଲ୍ୟୁ ସୌମେନ୍ଦ୍ର ଜେନା ସରକାରୀ କାର୍ଯ୍ୟରେ ଅବହେଳା କରିଥିବାରୁ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ ସୋମବାର ଏହି ୩ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ନୋଟିସ୍‌ରେ ସେମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ବୋଲି କୈଫିୟତ ମଗାଯାଇଛି। ଏ ନେଇ ସମ୍ପୃକ୍ତ ୩ଜଣଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ରାମଚଣ୍ଡୀ ପୀଠରେ ବିଜେଡି କର୍ମୀ ସମ୍ମିଳନୀ

ବଡ଼ମ୍ବା,୧୭(ଡି.ଏନ.ଏ.)

ବଡ଼ମ୍ବା ବ୍ଲକ ଅଧୀନ ଭଟ୍ଟାରିକା ପଞ୍ଚାୟତ ଗମେଇ ଗ୍ରାମସ୍ଥିତ ରାମଚଣ୍ଡୀ ପୀଠରେ ରବିବାର ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ଉପସ୍ଥିତ ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏଠାରେ ବିଜେଡି ସଙ୍ଗଠନକୁ ସୁଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଅନୁସୟା ନାଏକ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ପର୍ଯ୍ୟବେକ୍ଷକ ରଜନୀକାନ୍ତ ବଳବନ୍ତରାୟ, ଜିଲା ବିଜେଡି ସମ୍ପାଦକ ପ୍ରଦୀପ ସ୍ୱାଇଁ, କରଡିବନ୍ଧ ସରପଞ୍ଚ ଆନନ୍ଦଚନ୍ଦ୍ର ରାଉତ, ସମିତିସଭ୍ୟ ବିଚିତ୍ର ରାଉତ, ରବୀନ୍ଦ୍ର ବେହେରା, ସମିତସଭ୍ୟ ସୁଧାଂସୁ ବେହେରା, ଓଗାଳପୁର ବିଜେଡି ସଙ୍ଗଠକ ଗୋଲକ ଧଳ, ଗମେଇ ବିଜେଡି ଉପଦେଷ୍ଟା ବୈକୁଣ୍ଠନାଥ ବାରିକ, ଶଶାଙ୍ଗ ବିଜେଡି ଉପଦେଷ୍ଟା ଗୋଲେଖ ସାହୁ, ଗୋପପୁର ବିଜେଡି କର୍ମକର୍ତ୍ତା ସର୍ବେଶ୍ୱର ସ୍ୱାଇଁ ଓ ପ୍ୟାରୀ ସ୍ୱାଇଙ୍କ ସମେତ ବହୁ କର୍ମୀ ସମ୍ମିଳନୀରେ ଉପସ୍ଥିତ ଥିଲେ।



କର୍ମୀ ସମ୍ମିଳନୀରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ କର୍ମକର୍ତ୍ତା ଉପସ୍ଥିତ।

## ବୟୋଜ୍ୟେଷ୍ଠ ନାଗରିକ ସଂଘ ବୈଠକ

ବାଙ୍କୀ,୧୭(ସ୍ୱ.ପ୍ର.)

ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘର ୨୦ତମ ସାଧାରଣ ପରିଷଦ ବୈଠକ ସଭାପତି ବିରଞ୍ଚି ଦାଶଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଧାରଣ ସମ୍ପାଦକ କୃତ୍ତିବାସ ପଣ୍ଡା ବିବରଣୀ ପାଠ କରି ଆସନ୍ତା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ତଥା ସଂଘ ସଭ୍ୟ ଦେବେନ୍ଦ୍ର ବେହେରା ୯୦ବର୍ଷରେ ପଦାର୍ପଣ କରିଥିବାରୁ ତାଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ବାଙ୍କୀର ପଶ୍ଚିମ ପାର୍ଶ୍ୱ ରାସ୍ତା ଉପରେ ପଣ୍ଡିତ ନୀଳମଣି ବିଦ୍ୟାଣନ୍ଦଙ୍କ ନାମରେ ତୋରଣ ନିର୍ମାଣ ପାଇଁ ଏନଏସି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି। ସେହିପରି ବାଙ୍କୀ ଷ୍ଟେଟ୍ ବ୍ୟାଙ୍କ୍ ସମେତ ଅନ୍ୟ ଜାତୀୟ କରଣ ବ୍ୟାଙ୍କରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯିବା, ଉପଖଣ୍ଡ ଚିକିତ୍ସାଳୟ ସମେତ ବାଙ୍କୀର ଅନ୍ୟ ଡାକ୍ତରଖାନା ଗୁଡିକରେ ବୟୋଜ୍ୟେଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ଚିକିତ୍ସା ପ୍ରଦାନ କରାଯିବା ପାଇଁ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ନିବେଦନ କରାଯାଇଛି। ବାଙ୍କୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଚାରାରୋପଣ, ବାଙ୍କୀ ଉପଖଣ୍ଡର ବିଭିନ୍ନ ଜାଗାରେ ବହୁବିଧ(ମେଗା) ଜାତୀୟ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୟୋଜ୍ୟେଷ୍ଠ ନାଗରିକ ସଂଘ ସଭ୍ୟମାନଙ୍କୁ ତୁରନ୍ତ ପରିଚୟ ପତ୍ର ପ୍ରଦାନ କରାଯିବା ନିମନ୍ତେ ଗ୍ରାମାଞ୍ଚଳ ଏସ୍.ପିଙ୍କୁ ଅନୁରୋଧ କରାଯାଇଛି। ବୈଠକରେ କିଶୋର ନୀଳମାଧବ ମିଶ୍ର, ଶରତ ବାରିକ, ଦେବେନ୍ଦ୍ର ନାଥ ବେହେରା, ହରେକୃଷ୍ଣ ମହାପାତ୍ର, ପ୍ରମୋଦ ଚନ୍ଦ୍ର ମହାପାତ୍ର, ସୁବାସ ଚନ୍ଦ୍ର ପ୍ରହରାଜ ଓ ଉମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଜଣେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ■ ଚୋରାମଦ କାରବାର ରୋକିବା ଦାବି

# ଥାନା ଘେରିଲେ ମହିଳା ସଙ୍ଗଠନ



ବଡ଼ମ୍ବା ଥାନା ଘେରାଉ କରିଥିବା ମହିଳା ସଦସ୍ୟା।

ବଡ଼ମ୍ବା,୧୭(ଡି.ଏନ.ଏ.)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ବ୍ୟାପକ ଚୋରାମଦ କାରବାର ହେଉଛି। ଏଥିଯୋଗୁ ଦିନକୁ ଦିନ ମଦ୍ୟପଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଏହାକୁ ପ୍ରତିହତ କରିବା ପାଇଁ ବିଭିନ୍ନ ମହିଳା ସଙ୍ଗଠନ ଆଗେଇ ଆସୁଥିବାବେଳେ ସେମାନଙ୍କୁ ମଦ୍ୟପଙ୍କ ଅଶ୍ଳୀଳ ବ୍ୟବହାର ଶୁଣିବାକୁ ପଡୁଛି। ଯାହାକୁ ନେଇ ସେମାନେ ଥାନା ଦ୍ୱାରାସ୍ଥ ହେଉଛନ୍ତି। ଏଭଳି ଘଟଣା ଶନିବାର ଦେଖିବାକୁ ମିଳିଛି ବ୍ଲକ ଅଧୀନ କୋଲେଶ୍ୱର ପଞ୍ଚାୟତ ବଡବାରେଣା ଗ୍ରାମର ଆଞ୍ଚଳିକ ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟାଙ୍କ କ୍ଷେତ୍ରରେ। ପଞ୍ଚାୟତର ବଡବାରେଣା ଗ୍ରାମ ସହିତ ଅନ୍ୟ ଗ୍ରାମରେ ଦେଶୀ ଓ ବିଦେଶୀ ମଦର ଚୋରା କାରବାର ବୃଦ୍ଧି ପାଇବା ସହ ମଦ୍ୟପଙ୍କ ଦୌରାତ୍ମ୍ୟ ନେଇ ଗ୍ରାମରେ ଅସନ୍ତୋଷ ଦେଖାଯାଇଥିଲା। ଏହାକୁ ନେଇ ମହିଳାମାନେ ସେହିଦିନ ଏକ ବୈଠକ କରିଥିଲେ। ଏହି ବୈଠକକୁ ଭଣ୍ଡୁର କରିବା ପାଇଁ ଗୁଣ୍ଡଦ୍ୱାର ଗ୍ରାମର ପ୍ରାୟ ୩ ମଦ୍ୟପ ସେଠାରେ ପହଞ୍ଚି ସଙ୍ଗଠନ ସସସ୍ୟାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦରେ ସମ୍ପୃକ୍ତ ସଂଘର ଶତାଧିକ ସଦସ୍ୟା ରାତିରେ ଥାନା ଘେରାଉ କରିବା ସହିତ ଚୋରା ମଦ କାରବାର ବନ୍ଦ କରିବା ଓ ମଦ୍ୟପଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। ସଂଘର ସଭାନେତ୍ରୀ ମିନତୀ ବେହେରାଙ୍କ ନେତୃତ୍ୱରେ ଏହି ଘେରାଉ କରାଯାଇଥିଲା। ସଂଘ ଅଭିଯୋଗକ୍ରମେ ଏ ଦିଗରେ ତଦନ୍ତ ଆରମ୍ଭ ହୋଇଥିବା ଥାନା ପକ୍ଷରୁ କୁହାଯାଇଛି।

## ବ୍ୟାଙ୍କ ଦିବସରେ ଚାରାରୋପଣ

ଆଠଗଡ଼,୧୭(ସ୍ୱ.ପ୍ର.)

ଜାତୀୟ ବ୍ୟାଙ୍କ ଦିବସ ଏବଂ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ସୋମବାର ଆଠଗଡ଼ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ବ୍ୟାଙ୍କ ପରିସରରେ ଚାରାରୋପଣ କରାଯାଇଛି। ଏଥିସହିତ ଅଧିକାରୀ/କର୍ମଚାରୀଙ୍କୁ ଶପଥ ପାଠ କରାଯାଇଛି। କାର୍ଯ୍ୟକ୍ରମରେ ଶାଖା ମୁଖ୍ୟ ପ୍ରବନ୍ଧକ ହରପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ସଚେତନ ହେବା ସହ ବ୍ୟାପକ ସବୁଜ ବଳୟ ସୃଷ୍ଟି ଲାଗି ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ବରିଷ୍ଠ ଅଧିକାରୀ ଫକୀର ମୋହନ ମେହେର, ସୁରେଶ ଜେନା, ସୁଶାନ୍ତ ସାହୁ, ଗିରିଜା ଶଙ୍କର ସାହୁ, ଦୀପ୍ତିମୟୀ ବେହେରା, ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ବ୍ୟାପକ ବନୀକରଣ, ଜଙ୍ଗଲ ଓ ଆର୍ଦ୍ରଭୂମିର ସୁରକ୍ଷା ଏବଂ ଜନସଚେତନତା ଦ୍ୱାରା ବିଶ୍ୱତାପ ବୃଦ୍ଧି ଓ ଜଳ ସଙ୍କଟକୁ ରୋକାଯାଇ ପାରିବ ବୋଲି ମତପ୍ରକାଶ କରିଥିଲେ। ବ୍ୟାଙ୍କ ପରିସରରେ ମୁଖ୍ୟ ପ୍ରବନ୍ଧକ ମିଶ୍ର ଓ ଅନ୍ୟ ଅଧିକାରୀମାନେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ପରେ ମୁଖ୍ୟ ଶାଖାରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀ ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଇ ଦେବା ସହ ନିଜର ଆଚାର ଓ ବ୍ୟବହାର ଦ୍ୱାରା ଲୋକଙ୍କ ହୃଦୟ ଜୟ କରିବା ପାଇଁ ଶପଥ ପାଠ କରିଥିଲେ।



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ ।

-ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଯୌତୁକ ପାଇଁ ବଧୂ ହତ୍ୟା ଅଭିଯୋଗ

**କୃଷ୍ଣପ୍ରସାଦ,୧୭.(ଡି.ଏନ୍.ଏ.)-** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଶିଆଳ ଗାଁରେ ଜଣେ ନବ ବିବାହିତା ବଧୂଙ୍କୁ ଅଧିକ ଯୌତୁକ ଦାବି କରି ସୋମବାର ହତ୍ୟା କରାଯାଇଥିବା କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ମୋରଡ଼ା ଅଞ୍ଚଳ ନୂଆଗାଁ ବଟକୃଷ୍ଣ ପଲେଇଙ୍କ ସାନ ଝିଅ ମାମାଲି ପଲେଇ(୨୦) । ଶିଆଳଗାଁ ଅଞ୍ଚଳର ଜଣେ ଯୁବକଙ୍କ ସହ ମେ ୧୭ରେ ମାମାଲିଙ୍କ ବିବାହ ହୋଇଥିଲା। ବାହାଘରବେଳେ ଯୌତୁକ ଖର୍ଚ୍ଚ ବାବଦକୁ ୫୦ ହଜାର ଟଙ୍କା ସହ ସୁନା, ରୁପା ଅଳଙ୍କାର ଓ ବାସନ କୁସନ ଦିଆଯାଇଥିଲା । ତେବେ ବିବାହର କିଛି ଦିନ ପରେ ଅଧିକ ୫୦ ହଜାର ଟଙ୍କା ଯୌତୁକ ଦାବି କରି ଶ୍ୱଶୁର ଘର ଲୋକେ ବୋହୂଙ୍କୁ ନିର୍ଯାତନା ଦେଇ ଆସୁଥିବା ମାମାଲି ବାପଘର ଲୋକେ ଅଭିଯୋଗ କରିଛନ୍ତି। ସୋମବାର ସକାଳ ୫ଟାରେ ନବ ବଧୂଙ୍କ ଶ୍ୱଶୁର ମାମାଲିଙ୍କ ବାପଘର ପରିବାରକୁ ଖବର ଦେଇଥିଲେ ଯେ, ତୁମ ଝିଅଙ୍କ ଦେହ ଖରାପ ଅଛି ଶୀଘ୍ର ଆସ ଦେଖିବ । ତେବେ ବାପଘର ଲୋକେ ପହଞ୍ଚିବା ପରେ ମାମାଲିଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ । ତାଙ୍କ ମୁଣ୍ଡରେ ମାଡ଼ ମରାଯାଇଥିବା କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ଏ ଘଟଣା ନେଇ ଶ୍ୱଶୁର, ସ୍ୱାମୀ ଓ ଶାଶୁଙ୍କ ନାମରେ ମୃତକାଙ୍କ ଭାଇ ପ୍ରକାଶ କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ଲେଖା ହେବା ପର୍ଯ୍ୟନ୍ତ ମୃତଦେହକୁ ଅଟକ ରଖିପୋଲିସ ତଦନ୍ତ ଆରମ୍ଭ କରୁଥିଲା।

### ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ବନ ସପ୍ତାହ ପାଳନ

**ବେଗୁନିଆ,୧୭(ଡି.ଏନ୍.ଏ.):** ପ୍ରକୃତି ଦତ୍ତ ଜଙ୍ଗଲ ଏବେ ନିଶ୍ଚିହ୍ନ ହେବାକୁ ବସିଲାଣି। ଆଧୁନିକତା ଓ ବାସ ଉପଯୋଗୀ ପାଇଁ ହେଉଥିବା ରାସ୍ତା ପ୍ରଶସ୍ତୀକରଣ ପାଇଁ ଗଛ କଟାଯାଉଛି। ଏହା ସହ ପ୍ରାକୃତିକ ବିପର୍ଯ୍ୟୟରେ ବହୁ ଗଛ ଭାଙ୍ଗି ପଡୁଛି। ଫଳରେ ପରିବେଶ ଧ୍ୱଂସ ପାଇବାକୁ ବସିଲାଣି। ଆସ ସମସ୍ତେ ଜଣଙ୍କ ପିଛା ଗୋଟିଏ ଗଛ ଲଗାଇ ତା'ର ଯତ୍ନ ନେବା ବୋଲି ସୋମବାର ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀ ଉତ୍ତମ କୁମାର ଗଡନାୟକ କହିଛନ୍ତି। ବେଗୁନିଆ ସଦର ମହକୁମାରେ ଥିବା ଗୋପବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ସପ୍ତାହ ପାଳନ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମାଣ୍ଡୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡ. ହରି ପ୍ରସାଦ ଦାସ, ମୁଖ୍ୟ ବକ୍ତା ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀ ଗଡନାୟକ, ଅତିଥିଭାବେ ବନପାଳ ଅନୀତି କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ୨୦ଟି ଚାରାରୋପଣ କରିଥିଲେ।

### ମାଗଣା ଚାରା ବଣ୍ଟନ



**ଖୋର୍ଦ୍ଧା ଅଫିସ/ଜଟଣୀ,୧୭(ଡି.ଏନ୍.ଏ):** ଫନୀ ପ୍ରଭାବିତ ଅଞ୍ଚଳରେ ସୋମବାରଠାରୁ ମାଗଣା ଚାରା ବଣ୍ଟନ ଆରମ୍ଭ ହୋଇଛି। ଜିଲା ସଦର ମହକୁମାର ଡିଏଫଓ କାର୍ଯ୍ୟାଳୟ ସମ୍ମୁଖ ଓ ଜଟଣୀର ସ୍ଥାନୀୟ ଉତ୍ତରାୟଣୀ ମନ୍ଦିର ନିକଟ ମୁଖ୍ୟରାସ୍ତା ପାର୍ଶ୍ୱରେ ହୋଇଥିବା ଏକ ଅସ୍ଥାୟୀ କେନ୍ଦ୍ରରେ ଖୋଲାଯାଇଛି। ଖୋର୍ଦ୍ଧାରେ ଡିଏଫଓ ସୁଦୀପ୍ତ ନାୟକ ଓ ଜଟଣୀରେ ବିଧାୟକ ସୁରେଶ କୁମାର ରାଉତରାୟ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ୧୫ଦିନ ପର୍ଯ୍ୟନ୍ତ ଏହି କେନ୍ଦ୍ରରେ ଲୋକଙ୍କୁ ଚାରା ବଣ୍ଟନ କରାଯିବ। ଚାରା ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଅଧାର କାର୍ଡ, ଭୋଟ ପରିଚୟ ପତ୍ର ଦେଖାଇ, ଫୋନ ନଂ. ଓ ଠିକଣା ଦେଇ ୫ଟି ଗଛ ନେଇପାରିବେ ବୋଲି ସହକାରୀ ବନ ସଂରକ୍ଷକ ଦିଲ୍ଲୀପ ରାଉତ କହିଛନ୍ତି। ଜଟଣୀରେ ୧୫ଦିନ ମଧରେ ୩୫ହଜାରରୁ ଅଧିକ ଚାରା ବଣ୍ଟନ କରାଯିବା ଲକ୍ଷ୍ୟ ରଖାଯାଇଥିବା ରେଞ୍ଜ ଅଫିସର ଉତ୍ତମ କୁମାର ଗଡ଼ନାୟକ କହିଛନ୍ତି। ବିଧାୟକଙ୍କ ମ୍ୟୁନିସିପାଲିଟି ପ୍ରତିନିଧି ଲକ୍ଷ୍ମୀଧର ବିଶ୍ୱାଳ, ସାମାଜିକ କର୍ମୀ ବୃନ୍ଦାବନ ସାହୁ, ଦୀନେଶ ପଟେଲ, ରସିକ ପଟେଲ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ■ ହୃଦ୍‌ରୋଗରେ ଘରର ମୁଖିଆ ଆକ୍ରାନ୍ତ

# ରଘୁନାଥ ଜୀଉଙ୍କ ଶରଣରେ ପରିବାର

**ଖୋର୍ଦ୍ଧା ଅଫିସ/ନିରାକାରପୁର/ଓଡଗାଁ, ୧୭ (ଡି.ଏନ୍.ଏ./ସ୍ୱ.ପ୍ର.)**

ହୃଦ୍‌ରୋଗରେ ଆକ୍ରାନ୍ତ ହୋଇଛନ୍ତି ଗୋଟିଏ ପରିବାରର ମୁଖିଆ। ରୋଗରୁ ମୁକ୍ତି ପାଇଁ ଜଣେ ମଠାଧୀଶଙ୍କ ନିର୍ଦ୍ଦେଶ ଅନୁଯାୟୀ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ସୋରଣ ଗାଁର ଏହି ପରିବାରର ୫ଜଣ ସଦସ୍ୟ ନୟାଗଡ ଜିଲା ଓଡ଼ଗାଁସ୍ଥିତ ଶ୍ରୀରଘୁନାଥଜୀଉଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାୟ ୪ମାସ ହେଲା ଅଧିଆ ପଡିଛନ୍ତି। ବାପାଙ୍କୁ ରୋଗମୁକ୍ତ କରିବା ପାଇଁ ଦୁଇ ନାବାଳିକା ଝିଅ ଓ ନାବାଳକ ପୁଅର ପାଠପଢ଼ାରେ ଡୋରି ବନ୍ଧା ହେଲାଣି। ପିଲାଙ୍କ ପରିବାରର ଚିନ୍ତା ନ ଥିବାବେଳେ ଖୋର୍ଦ୍ଧା ଓ ନୟାଗଡ ଶିକ୍ଷା ବିଭାଗର ମଧ ଏଥିପ୍ରତି କିଛି ନାହିଁ।

ସୂଚନା ଅନୁଯାୟୀ, ସୋରଣ ଗୋପୀନାଥସାହିର ପ୍ରଫୁଲ ମହାରଣା(୫୦) କାମଧନ୍ଦା କରି ପରିବାର ଚଳାଇ ନେଉଥିଲେ। ଭଉଣୀ ବାହାଘର ଯୋଗୁ ତାଙ୍କୁ ଘର ବିକିବାକୁ ପଡିଲା। ଅନ୍ୟଭାଇମାନେ ଭଉଣୀ ବାହାଘର ପାଇଁ ସଞ୍ଚିତ ଅର୍ଥ ଦେଇଥିବାବେଳେ ପ୍ରଫୁଲ ଦେଇ ନ ପାରି ଘରକୁ ବିକିବାକୁ ବାଧ ହୋଇଥିଲେ। ପରେ ସ୍ତ୍ରୀ, ଦୁଇ ନାବାଳିକା ଝିଅ ଓ ନାବାଳକ ପୁଅକୁ ଧରି ଶ୍ୱଶୁର ଘର ନିରାକାରପୁର ଥାନା ବଡପୋଖରିଆ ମୌଜାର ବୋଡଙ୍ଗରା ବିନ୍ଧାଣିସାହିରେ ୨୦୧୬ରୁ ଭଡାରେ ରହୁଥିଲେ। ଦୁଇ ଝିଅ ଓ ପୁଅ ବଡ ପୋଖରିଆ ନୋଡାଲ ହାଇସ୍କୁଲ ଓ ୟୁପି ସ୍କୁଲରେ ପାଠ ପଢୁଥିଲେ। ଏହି ସମୟରେ ପ୍ରଫୁଲଙ୍କୁ ରୋଗ ହେବାରୁ ପରିବାର ଚଳାଇବା କାଠିକର ପାଠ ହୋଇଗଲା। ଦୁଇ ଦିନ ଖାଇଲେ ଦିନେ ଉପବାସ ରହିବାକୁ ପଡିଲା। ବନ୍ଧୁବାନ୍ଧବଙ୍କ ସହଯୋଗ ମିଳିଥିଲେ ମଧ ସବୁଦିନ ପାଇଁ ଏହା ସମ୍ଭବ ନ ଥିଲା। ପରବର୍ତ୍ତୀ ସମୟରେ ଏହି ପରିବାର ଘର ଛାଡି ଗତ ମାର୍ଚ୍ଚରୁ ଓଡଗାଁ ରଘୁନାଥ ମନ୍ଦିର ସମ୍ମୁଖରେ ରହି ଆସୁଛନ୍ତି। ଏହି ପରିବାରର ସଦସ୍ୟମାନେ ମନ୍ଦିର ଛାଡି କୁଆଡେ ଯାଉନାହାନ୍ତି। ମନ୍ଦିରରୁ ମିଳୁଥିବା ଥାଳିଏ ପ୍ରସାଦରେ ଏମାନଙ୍କର ଭୋକ ମେଣ୍ଟେ। ଓଡଗାଁ ମନ୍ଦିର ନିକଟରେ ପଡି ରହିବାର କାରଣ ସମ୍ପର୍କରେ ପ୍ରଫୁଲଙ୍କୁ ପଚାରିବାରୁ କହିଥିଲେ, ହୃଦରୋଗରେ ପୀଡିତ ହେତୁ ଶ୍ରୀରଘୁନାଥଜୀଉଙ୍କ ବରଣ ପଡ଼ିଛି। ଧୀରେ ଧୀରେ ରୋଗମୁକ୍ତ ହେବାରେ ଲାଗିଛି। ଦୁଇ ଝିଅ ଓ ପୁଅ ମାମୁ ଘର ବଡ ପୋଖରିଆ ନୋଡାଲ ହାଇସ୍କୁଲ ଓ ୟୁପି ସ୍କୁଲରେ ନାମ ଲେଖାଇଥିଲେ ମଧ ଚାରିମାସ ହେଲା ସ୍କୁଲ ଯାଇନାହାନ୍ତି। ପ୍ରଫୁଲଙ୍କ ସ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଜଣେ ମଠାଧୀଶଙ୍କ ନିର୍ଦ୍ଦେଶାନୁସାରେ ଆରୋଗ୍ୟ ନିମନ୍ତେ ଓଡଗାଁ ଆସିଛନ୍ତି। ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର କୁହନ୍ତି, ବହୁବାର ସେମାନଙ୍କୁ ମନ୍ଦିର ଛାଡି ଯିବାକୁ ଅନୁରୋଧ କରିଥିଲେ ସୁଦ୍ଧା ସେ ପରିବାର ଶୁଣୁ ନାହାନ୍ତି। ବୋଡଙ୍ଗରାପାଟଣା ଉପ୍ରା ପ୍ରାଇମେରୀ ସ୍କୁଲ ଓ ଉଚ୍ଚ ନୋଡାଲ ସ୍କୁଲ ନୀଳଗିରି ପାଟଣା ବୋଡଙ୍ଗରାର ପ୍ରଧାନ ଶିକ୍ଷକଦ୍ୱୟଙ୍କ ସୂଚନା ଅନୁଯାୟୀ, ବାତ୍ୟା ପରଠାରୁ ପ୍ରଫୁଲଙ୍କ ପୁଅଝିଅମାନେ ସ୍କୁଲକୁ ଆସି ନାହାନ୍ତି। ସେମାନଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରୁ ନାହିଁ । ମାମୁ ସୁରିଆ ମହାରଣା କୁହନ୍ତି, ବାତ୍ୟା ପୂର୍ବରୁ ଭଣଜା ଭାଣେଜୀ, ଭଉଣୀ ଭିଣୋଇ କେଉଁଆଡେ ଗଲେ ଖୋଜଖବର ନାହିଁ । ବହୁଦିନ ପରେ ଧରିତ୍ରୀ ଖବରଦାତାଙ୍କ ଯୋଗୁ ଭଉଣୀ ଭିଣୋଇଙ୍କର ଠିକଣା ହସ୍ତଗତ ହେଲା, ଦାରିଦ୍ର୍ୟ ଯୋଗୁ ଘର ଛାଡି ଭଡାରେ ରହିଥିବା ମୋ ଭଉଣୀ ଭିଣୋଇ ବଞ୍ଚିବାକୁ ଲଢ଼େଇ କରି କେଉଁଆଡେ ପଳାଇଯାଇଥିଲେ। ଏ ସମ୍ପର୍କରେ ତହସିଲଦାର ପ୍ରମୋଦ କୁମାର ନାୟକ କୁହନ୍ତି, ପୁରୀରେ ରଥଯାତ୍ରା ଡ୍ୟୁଟିରେ ଥିବାରୁ ସେ ଏନେଇ ମନ୍ଦିର ସୁପରଭାଇଜର ସହିତ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଥିଲେ।

### ୩ ପିଲାଙ୍କ ପାଠପଢ଼ାରେ ଡୋରି ବନ୍ଧା ହେଲାଣି



ମନ୍ଦିର କାର୍ଯ୍ୟାଳୟ ପରିସରରେ ଆଶ୍ରିତ ପରିବାର ।

## ବଳରାମପୁର ପଥର ଖାଦାନରେ ଏସ୍‌ଟିଏଫ୍‌ର ଚଢ଼ାଉ

- ■ ୩ ଖଣିମାଫିଆ ଗିରଫ
- ■ ପଥର ବୋଝେଇ ଟ୍ରକ, ଟ୍ରାକ୍ଟର ଜବତ

**ଭୁବନେଶ୍ୱର,୧୭(ବ୍ୟୁରୋ)**

ଗତ ଶନିବାର ରାତିରେ ଖୋର୍ଦ୍ଧା ଏଲ୍‌ଆଇସି ପଡିଆରେ ଡ୍ରଗ୍ସ ମାଫିଆ ସଞ୍ଜୟ ପ୍ରଧାନ, ଅନିଲ ବରାଳ ଓ ତା'ର ସହଯୋଗୀଙ୍କୁ ଧରିବାକୁ ଯାଇ ଏସ୍‌ଟିଏଫ୍ ଟିମ୍ ଏନ୍‌କାଉଣ୍ଟର କରିଥିଲା। ହେଲେ ଏଥିରେ ଆହତ ହୋଇ ସଞ୍ଜୟ ଓ ତା'ର ସହଯୋଗୀ ଖସିଯାଇଥିବା ବେଳେ ଜନ୍ ଖୁଣ୍ଟିଆକୁ ଗିରଫ କରାଯାଇଥିଲା। ସୋମବାର ଏସ୍‌ଟିଏଫ୍ ଖୋର୍ଦ୍ଧା ଟାଙ୍ଗୀ ତହସିଲ ଅନ୍ତର୍ଭୁକ୍ତ ବଳରାମପୁର ପଥର ଖାଦାନରେ ଅତର୍କିତ ଚଢାଉ କରିଛି। ଏସ୍‌ଟିଏଫ୍ ଇନ୍ସପେକ୍ଟର ଆଲୋକ ଜେନାଙ୍କ ନେତୃତ୍ୱରେ ଏହି ଟିମ୍ ଚଢାଉ କରିଥିଲା। ଚଢାଉ ସମୟରେ ୩ଜଣ ଖଣି ମାଫିଆଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡର ଶ୍ୟାମବନ୍ଧୁ ଡାକୁଆ, ମାନସ ରଞ୍ଜନ ପ୍ରଧାନ, ଓ ଖୋର୍ଦ୍ଧା ଜଙ୍କିଆର ମୁକୁନ୍ଦ ଖଣ୍ଡାୟତ ରାୟ। ପଥର ଖାଦାନରେ ବ୍ୟବହୃତ କରାଯାଉଥିବା କ୍ରସର ଫିଟେଡ ଟ୍ରାକ୍ଟର, ପଥର ବୋଝେଇ ଟ୍ରକ, ଅଟୋକଟ ଷ୍ଟାବିଲାଇଜର, ଇଲେକ୍ଟ୍ରିକ ୱାୟାର, ହାମର, ଜ୍ୟାକ, ଡ୍ରିଲର, ଡିଜେଲ କମ୍ପ୍ରେସର ଆଦି ସାମଗ୍ରୀ ଜବତ ହୋଇଛି। ଏହି ତିନିଜଣ ଖଣି ମାଫିଆ ବଳରାମପୁର ପଥର ଖାଦାନରେ ନିୟମିତ ଭାବେ ପଥର ଚୋରା ଚାଲାଣ କରୁଥିଲେ। ଏପରିକି ସେମାନେ ଜିଲା ପ୍ରଶାସନ ଓ ସ୍ଥାନୀୟ ପୋଲିସକୁ ମୋଟା ରକମର ଟଙ୍କା ଦେଇ ଏଭଳି କାରବାର କରୁଥିଲେ। ଜିଲା ପ୍ରଶାସନ ଓ ପୋଲିସ ସବୁ ଜାଣିଥିଲେ ମଧ ଚୁପ ରହୁଥିଲେ। ଏହି ବେଆଇନ ପଥର ଖାଦାନ ପଛରେ ବହୁ କୁଜି ନେତାଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଛି। ସୋମବାର ଖୋଲା ଚାଲୁଥିବା ନେଇ ଏସ୍‌ଟିଏଫ୍ ଖବରପାଇ ଚଢାଉ କରିଥିଲା। ଚଢାଉ ସମୟରେ ଗିରଫ ୩ଜଣ ଖଣିମାଫିଆ ଖସି ଯିବାକୁ ଉଦ୍ୟମ କରିବା ସମୟରେ ଏସ୍‌ଟିଏଫ୍ ଟିମ୍ ସେମାନଙ୍କୁ ଘେରି ଗିରଫ କରିଥିଲେ। ଗିରଫ ଅଭିଯୁକ୍ତଙ୍କୁ ସୋମବାର ଟାଙ୍ଗି ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଛି। ସେମାନଙ୍କ ବିରୋଧରେ ଏସ୍‌ଟିଏଫ୍ କେସ୍ ନଂ-୯ ଦଫା ୩୭୯,୪୪୭,୩୪ ଓ ଆର୍ମସ ଆକ୍ଟ ୨୫,୨୭ ଏବଂ ଇଣ୍ଡିଆନ ଏକ୍ସପ୍ଲୋସିଭ ଆକ୍ଟ ୩,୪,୫ ଲଗାଇ କୋର୍ଟ ଚାଲାଣ କରିଥିଲା। ସୂଚନାଯୋଗ୍ୟ, ପୂର୍ବରୁ ଖୋର୍ଦ୍ଧା ତହସିଲ ଟାପଙ୍ଗ ଖଣିରେ ଚଢାଉ ବେଳେ ଜଣେ ଖଣି ମାଫିଆକୁ ଏସ୍‌ଟିଏଫ ଗିରଫ କରିଥିଲା। ଗିରଫ ୩ଜଣ ଅଭିଯୁକ୍ତଙ୍କ ଲିଙ୍କରେ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ଖୋଳତାଡ କରୁଛି। ସେମାନଙ୍କୁ ଧରିବା ପାଇଁ ଏସ୍‌ଟିଏଫ୍ ଦୁଇଟି ଟିମ ବିଭିନ୍ନ ସ୍ଥାନରେ ଚଢାଉ କରୁଛି। ପୂର୍ବରୁ ଏସ୍‌ଟିଏଫ୍ ନଜରରୁ ଖସିଯାଇଥିବା ଖଣିମାଫିଆ ସଞ୍ଜୟଙ୍କ ମଧ ଏହି ୩ ଅଭିଯୁକ୍ତଙ୍କ ଲିଙ୍କରେ ରହିଥିଲେ। ସେମାନେ ସଞ୍ଜୟ ସହ ମିଶି ଏଭଳି କାରବାର କରୁଥିବା କୁହାଯାଉଛି।

## ଏଫ୍‌ସିଆଇ ଡିପୋ ସମ୍ମୁଖରେ ସିକ୍ୟୁରିଟି ଗାର୍ଡଙ୍କ ଧାରଣା



ଧାରଣାରେ ବସିଥିବା ସିକ୍ୟୁରିଟି ଗାର୍ଡ ।

**ଜଟଣୀ,୧୭(ଡି.ଏନ୍.ଏ.)**

ଛଟେଇ ଆଶଙ୍କାରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡମାନେ ଜଟଣୀସ୍ଥିତ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଡିପୋ ସମ୍ମୁଖରେ ସୋମବାର ଧାରଣା ଦେଇଥିଲେ। ନୂତନ ଠିକା ସଂସ୍ଥା ଦାୟିତ୍ୱ ନେବା ପରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ଠିକାସଂସ୍ଥା ଅଧୀନରେ ଏହି ଡିପୋରେ ୧୦ବର୍ଷରୁ ଅଧିକ ହେବ ୧୨ଜଣ ସିକ୍ୟୁରିଟି ଗାର୍ଡଭାବେ କାର୍ଯ୍ୟ କରୁଥିଲେ। ଧାରଣା ଦେଇଥିବା ସିକ୍ୟୁରିଟି ଗାର୍ଡ ଶିଶିର ବେହେରା, ବିଶ୍ୱଜିତ୍ ବେହେରା, ମହମ୍ମଦ ୟୁନୁସ୍, ବାଙ୍କନିଧି ବେହେରା କୁହନ୍ତି, ବିଭିନ୍ନ ସିକ୍ୟୁରିଟି ଏଜେନ୍ସି ଅଧୀନରେ ୨୦୦୮ରୁ ସେମାନେ କାର୍ଯ୍ୟ କରିଆସୁଛନ୍ତି। ଦୀର୍ଘବର୍ଷ ଧରି ୨୧ଶହ ଟଙ୍କାରେ କାର୍ଯ୍ୟ କରିଆସୁଥିଲେ। ୨ବର୍ଷ ହେବ ୧୦ହଜାର ଟଙ୍କାକୁ ଏହା ବୃଦ୍ଧି ହୋଇଛି। ନୂତନ ଭାବେ ଦାୟିତ୍ୱ ନେଇଥିବା ଏକ ସିକ୍ୟୁରିଟି ଏଜେନ୍ସି ସେମାନଙ୍କୁ କାର୍ଯ୍ୟରେ ନେବାକୁ ମନା କରୁଛି। ଏହା ବିରୋଧରେ ସେମାନେ ହାଇକୋର୍ଟରେ କେସ୍ କରିଥିବା ବେଳେ ଏହା ବିଚାରାଧୀନ ରହିଛି। ନୂତନ ଠିକାସଂସ୍ଥା ଅନ୍ୟ ସିକ୍ୟୁରିଟି ଗାର୍ଡଙ୍କୁ ଆଣି ସୋମବାରଠାରୁ ଏଠାରେ କାର୍ଯ୍ୟ କରାଇବା ଖବର ଶୁଣିବା ପରେ ପ୍ରତିବାଦରେ ଏହି ଧାରଣା ଦିଆଯାଇଥିବା କହିଥିଲେ। ଏନେଇ ଡିପୋ ମ୍ୟାନେଜର ଶ୍ୟାମସୁନ୍ଦର ମିଶ୍ର କୁହନ୍ତି, ଏନେଇ ସେ ତାଙ୍କ ଉଚ୍ଚ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି । ଏମାନେ କିପରି କାର୍ଯ୍ୟରୁ ଛଟେଇ ନ ହେବେ ସେଥିପାଇଁ କଥାବାର୍ତ୍ତା ଚାଲିଛି। ଡିପୋ ମ୍ୟାନେଜରଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା, ସ୍ୱାମୀ ଅଟକ

**ଖୋର୍ଦ୍ଧା ଅଫିସ,୧୭**

ବାଣପୁର ଥାନା ଅଧୀନ ଶାଳିଆଡ୍ୟାମ ସାହିରେ ଜଣେ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ମୃତଦେହ ଜବତ୍ କରିବା ସହ ତାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି। ରିପୋର୍ଟ ଲେଖା ହେବା ବେଳକୁ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା ନା ଆତ୍ମହତ୍ୟା ଜଣାପଡିବ ବୋଲି ପୋଲିସ କହିଛି। ଅଭିଯୋଗ ଅନୁଯାୟୀ, ବାଣପୁର ଥାନା ଶାଳିଆଡ୍ୟାମ ସାହିରେ ୧୧ବର୍ଷ ପୂର୍ବେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଆମ୍ବଝରର ନୁଆପଲ୍ଲୀ ଗ୍ରାମର ନର୍ମଦା ପ୍ରଧାନ ବିବାହ କରିଥିଲେ। ବିବାହ ବେଳେ ଶାଶୁଘର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବିବାହର କିଛି ବର୍ଷ ପରେ ଅଧିକ ଯୌତୁକ ଆଣିବା ପାଇଁ ନର୍ମଦାଙ୍କୁ ଶଶୁଘରଲୋକେ ବାଧ କରୁଥିଲେ। ଏଥିରେ ନର୍ମଦା ଅରାଜି ହେବାରୁ ତାଙ୍କୁ ଶାଶୁଘରଲୋକେ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସେ ଅସୁସ୍ଥ ହୋଇ ପଡିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଗଞ୍ଜାମ ଜିଲା ସୁମଣ୍ଡଳ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଯୌତୁକ ପାଇଁ ତାଙ୍କ ଝିଅକୁ ହତ୍ୟା କରାଯାଇଛି ବୋଲି ଖବରପାଇ ନର୍ମଦାଙ୍କ ବାପା କେଶବ ପ୍ରଧାନ ଥାନାରେ ଅଭିଯୋଗ କରଛନ୍ତି। ଅନ୍ୟପକ୍ଷରେ ନର୍ମଦାଙ୍କ ସ୍ୱାମୀଙ୍କ କହିବା ଅନୁଯାୟୀ, ଘରୋଇ କଳିକୁ ନେଇ ନେଇ ସୋମବାର ପୂର୍ବାହ୍ନ ୮ଟାରେ ନର୍ମଦା ବିଷ ଖାଇଦେଇଥିଲେ। ନର୍ମଦାଙ୍କ ମୃତ୍ୟୁ ମେଡିକାଲରେ ହୋଇଥିଲା। ନର୍ମଦାଙ୍କ ବାପ ଘର ଏହାକୁ ସନ୍ଦେହ କରି ହତ୍ୟା ଅଭିଯୋଗ ଆଣିଛନ୍ତି।

## ସହରର ବିକାଶ ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର

**ଖୋର୍ଦ୍ଧା ଅଫିସ,୧୭**

ଖୋର୍ଦ୍ଧା ସହରର ରାସ୍ତା ପ୍ରଶସ୍ତୀକରଣ, ଟ୍ରାଫିକ ସମସ୍ୟାର ସମାଧାନ, ସହର ସୌନ୍ଦର୍ଯ୍ୟକରଣ, ଜବରଦଖଲ ଉଚ୍ଛେଦ ପରି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଅନୁଷ୍ଠାନ, ରାଜନୈତିକ ଦଳ ଆଗେଇ ଆସିଛନ୍ତି। ଏଭଳିସ୍ଥଳେ ବିକାଶ ପରିଷଦ ନାମକ ଅନୁଷ୍ଠାନ ଖୋର୍ଦ୍ଧା ସହରର ବିକାଶ ପାଇଁ ଆଗ୍ରହ ପ୍ରକାଶ କରିଛି। ସୋମବାର ଅନୁଷ୍ଠାନ ସଦସ୍ୟମାନେ ଜିଲାପାଳଙ୍କୁ ଭେଟି ଆଲୋଚନା କରିବା ସହ ସହରର ବିକାଶ ପାଇଁ ୬ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଦେଇଛନ୍ତି। କୋଲକାତା ମାନ୍ଦ୍ରାସ ୧୬ନଂ. ଜାତୀୟ ରାଜପଥର ପିତାପଲ୍ଲୀ ଛକଠାରୁ ଜିଲାପାଳ ଅଫିସ ଓ ସହରର ବିଭିନ୍ନ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏସ୍‌ପିଙ୍କ ଜରିଆରେ ଏହାର ସମାଧାନ କରିବାକୁ ପ୍ରସ୍ତାବ ରଖାଯାଇଛି। ସହରକୁ ନରାଜ ପାଣି ଆସିଛି। ହେଲେ ପରିଚାଳନାଗତ ଅଭାବ ଓ ସୁବିନିଯୋଗ ଅଭାବରୁ ପାନୀୟଜଳ ଅପଚୟ ହେଉଛି। ପାନୀୟ ଜଳ ଅପଚୟକୁ ରୋକିବା ପାଇଁ ସ୍ଥାୟୀ ସମାଧାନ କରିବାକୁ ଅନୁରୋଧ କରାଯାଇଛି। ସେହିଭଳି ଜିଲା ସଦର ମହକୁମା ହୋଇ ବି ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଫଳରେ ବ୍ୟବସାୟୀମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ କାଟ ବନ୍ଦ କରିବାକୁ ଦାବି କରାଯାଇଛି। ସହରରେ ନିଶା ବେପାରୀ ଓ ସେବନକାରୀଙ୍କ ଆଡ୍ଡାସ୍ଥଳି ପାଲଟି ସାରିଲାଣି। ଫଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧିପାଉଛି। ନିଶା କାରବାର ବନ୍ଦ କରାଯିବାକୁ ପଦକ୍ଷେପ ସହ ସହରର ପ୍ରତ୍ୟେକ ଗଳିରାସ୍ତାରେ ପୋଲିସ ପାଟ୍ରୋଲିଂ କରାଯିବାକୁ ଦାବି ରହିଛି । ଜିଲା ମୁଖ୍ୟ କାର୍ଯ୍ୟାଳୟର ଟ୍ରମାକେୟାରକୁ ନିୟମିତ କାର୍ଯ୍ୟକ୍ଷମ କରାଯାଉ ବୋଲି ଅନୁରୋଧ କରାଯାଇଛି। ଅନୁଷ୍ଠାନର ଆବାହକ ଶକ୍ତି ଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଦେବ ପ୍ରସାଦ ମଜୁମଦାର, ନିକୁଞ୍ଜ ପଟ୍ଟନାୟକ, ସୀତାକାନ୍ତ ପଣ୍ଡା, ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ।



ଜିଲାପାଳଙ୍କୁ ବିକାଶ ପରିଷଦ ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି ।

## ଦୂର ସଞ୍ଚାର ଅସ୍ଥାୟୀ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଖୋର୍ଦ୍ଧା ଅଫିସ,୧୭**

ରାଜ୍ୟ ଦୂର ସଞ୍ଚାର ଅସ୍ଥାୟୀ କର୍ମଚାରୀ ସଂଘର ଡାକରା କ୍ରମେ ଜିଲା ଶାଖା ଖୋର୍ଦ୍ଧା ପକ୍ଷରୁ ୬ଦଫା ଦାବି ନେଇ ଦୂର ସଞ୍ଚାର ଅସ୍ଥାୟୀ କର୍ମଚାରୀ ସୋମବାର କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଜିଲା ସଂଘର ସଭାନେତ୍ରୀ ଗୀତାଞ୍ଜଳି ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ଖୋର୍ଦ୍ଧା ଡିଭିଜନରେ ୩୮ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଥିଲେ। ଏହି ଦୂର ସଞ୍ଚାର ଅସ୍ଥାୟୀ କର୍ମଚାରୀ ଗତ ଜାନୁୟାରୀରୁ ଦରମା ପାଇ ନାହାନ୍ତି। ଏଭଳିସ୍ଥଳେ ସମାନ କାମକୁ ସମାନ ଦରମା, ଶ୍ରମ ନିୟମ ଅନୁଯାୟୀ ଇପିଏଫ୍, ଇଏସ୍‌ଆଇ, ଗ୍ରଚୁଇଟ୍, ବୋନସ ପ୍ରଦାନ, ଅସ୍ଥାୟୀ କର୍ମଚାରୀଙ୍କୁ ଛଟେଇ ବନ୍ଦ କରିବା, ୧୬ ଦିନ ପରିବର୍ତ୍ତେ ୩୦ ଦିନର ପାରିଶ୍ରମିକ ଦେବାକୁ ସଂଘ ଦାବି ରଖିଛି। ଦେବସ୍ମିତା ସାମଲ, ଗୋବିନ୍ଦ ଚନ୍ଦ୍ର ବେହେରା, କପିଳ ବେହେରା, ନିରଞ୍ଜନ ନାୟକ, ମହେନ୍ଦ୍ର ଜେନା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ସଚେତନତା ଅଭିଯାନ

**ଖୋର୍ଦ୍ଧା ଅଫିସ,୧୭:**

ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ(ଏମ୍‌ଡିଡି)ସଚେତନତା ଅଭିଯାନ ଜୁଲାଇ ୨ରୁ ଆରମ୍ଭ ହୋଇ ୧୬ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ଜିଲାର ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪୬ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୧୧୯୮ ଆଶ କର୍ମୀ, ୨୦୨ ସବସେଣ୍ଟର, ୧୩୨୮ ଗାଁ କଲ୍ୟାଣସମିତି ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯିବାକୁ ସ୍ୱାସ୍ଥ୍ୟ ବିଭାଗ ଲକ୍ଷ୍ୟ ରଖିଛି । ଆଶ କର୍ମୀମାନେ ଘରକୁ ଘର ଯାଇ ଗୋଟିଏ ଲେଖାଏଁ ଓଆରଏସ୍ ଓ ୫ବର୍ଷରୁ କମ ବୟସ ଶିଶୁଥିଲେ ଅତିରିକ୍ତ ଓଆରଏସ୍ ପ୍ୟାକ ଦେବା ସହ ୭ଟି ଜିଙ୍କ ବଟିକା ଦେବେ। ପ୍ରତିଦିନ ଅତି କମରେ ୧୦ଟି ଘର ବୁଲିବାର ରହିଛି। ହାତଧୁଆ , ଓଆରଏସ୍, ଜିଙ୍କର ବିପଦ ଲକ୍ଷଣ ଗୁଡିକ ସମ୍ପର୍କରେ ମା ଓ ପରିବାରକୁ ପରାମର୍ଶ ଦିଆଯିବ। ସ୍ୱାସ୍ଥ୍ୟକାନ୍ଥରେ ସୂଚନା ଲିଖନ ଓ କ୍ରମାଗତ ପରିବର୍ତ୍ତନ କରାଯିବ। ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀମାନେ ସରପଞ୍ଚ ଓ ୱାର୍ଡମେମ୍ବରଙ୍କୁ ସଚେତନ କରାଇବେ। ଗାଁ କଲ୍ୟାଣ ସମିତି ମାଧ୍ୟମରେ ଗାଁ ସଫେଇ ଓ ବ୍ୟବହୃତ ମଶାରିକୁ ଔଷଧ ବୁଡାଇ ଦିଆଯିବ। ପ୍ରତି ସ୍କୁଲକୁ ଆଶା ଏବଂ ସ୍ୱାସ୍ଥ୍ୟକର୍ମୀମାନେ ପରିଭ୍ରମଣରେ ଯାଇ ସ୍ୱାସ୍ଥ୍ୟବାର୍ତ୍ତା ପ୍ରଦାନ କରିବେ। ଏହି ଅବସରରେ ସିଡିଏମଓଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସିଡିଏମଓ ବିଜୟ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଡାଇରିଆ ଜନିତ ଶିଶୁ ମୃତ୍ୟୁର ମୂଳୋତ୍ପାଟନ, ମ୍ୟାଲେରିଆ ଓ ଡେଙ୍ଗୁରୋଗର ନିରାକରଣ ପାଇଁ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି । ଗତ ଜୁନ ୧୭ରେ ଜିଲା ସ୍ତରରେ ଏହା ଜିଲାପାଳଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଛି।





ସମ୍ମିଳନୀରେ ସିଡିଏମ୍‌ଓ ଅନ୍ୟମାନେ।

## ଜିଲାପାଳଙ୍କୁ ଭେଟିଲେ ବାତ୍ୟା କ୍ଷତିଗ୍ରସ୍ତ



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବାତ୍ୟା କ୍ଷତିଗ୍ରସ୍ତ ବିପନ୍ନ ।

**ଖୋର୍ଦ୍ଧା ଅଫିସ,୧୭**

ବାତ୍ୟା 'ଫନୀ'ରେ ପ୍ରଭାବିତ ଖୋର୍ଦ୍ଧା ପୌର ପରିଷଦର ବିଭିନ୍ନ ବର୍ଗର ପରିବାର ସଦସ୍ୟମାନେ ସୋମବାର ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିଥିଲେ। ସରକାରୀ ଯୋଜନାରୁ ସେମାନଙ୍କୁ ବଞ୍ଚିତ କରାଯାଉଥିବା ବେଳେ ତଦନ୍ତ ପ୍ରହସନ ପାଲଟିଛି ବୋଲି ଅଭିଯୋଗ କରିଥିଲେ। ପୌର ପରିଷଦରେ ଅନେକ ଭୂମିହୀନ ରହିଛନ୍ତି। ସେମାନଙ୍କୁ ଘରଡିହ ଜମି ଯୋଗାଇ ଦେବା ପାଇଁ ତଦନ୍ତ ଶେଷ ହୋଇଥିବା ବେଳେ ଭୂମି ଅଧିକାର ପ୍ରମାଣପତ୍ର ଦେବା ପାଇଁ ପୌର ପରିଷଦ କାଳକ୍ଷେପଣ ନୀତି ଅବଲମ୍ବନ କରୁଛି। ବାତ୍ୟାରେ ପୌର ପରିଷଦର ୯ହଜାର ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ବାତ୍ୟା ପରେ ଅଧିକାଂଶ କ୍ଷତିଗ୍ରସ୍ତ ଅଞ୍ଚଳକୁ ରାଜସ୍ୱ କର୍ମଚାରୀ ନ ଯିବା ଓ କମ୍ପ୍ୟୁଟର ତ୍ରୁଟି ଯୋଗୁ ଅନେକ କ୍ଷତିଗ୍ରସ୍ତ ବିପନ୍ନ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ପୌର ପରିଷଦରେ ନାଳ ନର୍ଦ୍ଦମା, ରାସ୍ତାଘାଟ, ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇ ରହିଥିଲେ ମଧ ଏହାର ପ୍ରତିକାର କରାଯାଉ ନାହିଁ ବୋଲି ଅଭିଯୋଗ କରିଥିଲେ।

## ସ୍କୁଲଗୃହ ନିର୍ମାଣରେ ନିମ୍ନମାନର କାର୍ଯ୍ୟ ପ୍ରତିବାଦରେ କାମ ବନ୍ଦ କରାଇଲେ ଲୋକେ

**ଖୋର୍ଦ୍ଧା ଅଫିସ/ବୋଲଗଡ, ୧୭ (ଡି.ଏନ୍.ଏ.**

ବୋଲଗଡ ବ୍ଲକ ଗେଡିଆପଲୀ ସରକାରୀ ବିଦ୍ୟାଳୟରେ ନିର୍ମାଣଧିନ ସ୍କୁଲଗୃହ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇ ଆସୁଛି। ଏହା ସତ୍ତ୍ୱେ ଠିକାଦାର ଭଲକାମ ନ କରି ନିମ୍ନମାନର କାର୍ଯ୍ୟ କରୁଛନ୍ତି। ସ୍କୁଲ ଗୃହର ସ୍ଥାୟିତ୍ୱ ନେଇ ଶେଷରେ ସ୍ଥାନୀୟ ବାସିନ୍ଦା ସୋମବାର କାମ ବନ୍ଦ କରିଛନ୍ତି। ଏହି ସ୍କୁଲର ଗୃହ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୭୬ଲକ୍ଷ ଟଙ୍କା ବ୍ୟୟରେ ଶ୍ରେଣୀଗୃହ ନିର୍ମାଣ ଚାଲିଛି। ଏହି ସ୍କୁଲରେ ସାନତରା, ଗେଡିଆପଲ୍ଲୀ ପାଟଣା, ସାମୁକାପାଟଣା, ଗୌଡ ନୂଆଗାଁ , ଗେଡିଅପଲ୍ଲୀ ଅଞ୍ଚଳର ଛାତ୍ରୀଛାତ୍ର ପାଠ ପଢ଼ନ୍ତି।



ଭଗବାନଙ୍କ ନାମ ଜପିଲେ ମିଣଷର ଦେହ,
ମନ ସବୁ ଶୁଦ୍ଧ ହୋଇଯାଏ ।
-ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଘରଭଙ୍ଗା ତଦନ୍ତରେ ଅନିୟମିତତା ଅଭିଯୋଗ

କଣାସ, ୧୭(ସ୍ୱ.ପ୍ର.): ଫଣୀରେ ପୁରୀ ଜିଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ରାଜ୍ୟ ସରକାର କ୍ଷେତିଗ୍ରସ୍ତ ପରିବାରମାନଙ୍କୁ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ବିଭିନ୍ନ ସ୍ଥାନରେ ଅଧିକାରୀମାନେ ତଦନ୍ତ କରିଥିବାବେଳେ ତଦନ୍ତରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ଆସିଥିଲା। କଣାସ ବ୍ଲକରେ ତଦନ୍ତ ରିପୋର୍ଟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ କଣାସ ତହସିଲଦାରଙ୍କ ନିକଟରେ ଶହ ଶହ ଅଭିଯୋଗଦାଖଲ ହୋଇଥିବା ଜଣାପଡିଛି। ଖବର ନେବାରେ ଜଣାପଡିଛି ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶପରେ କଣାସ ବିଡିଓ ଓ ତହସିଲଦାର ଏକ ତଦନ୍ତ କମିଟି ଗଠନ କରିଥିଲେ। ତଦନ୍ତ କମିଟି ବାରମ୍ବାର ପଞ୍ଚାୟତର ଗାଁମାନଙ୍କୁ ଯାଇ ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ପ୍ରତ୍ୟେକ ପଞ୍ଚାୟତରେ ମରାଯିବା ପରେ ଏଥିରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କ ନାମ ଥିବାବେଳେ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଥିବା ଜଣାପଡ଼ିଥିଲା। ପରେ ଏନେଇ ବିଭିନ୍ନ ପଞ୍ଚାୟତରେ ଉତ୍ତେଜନା ପ୍ରକାଶ ପାଇବା ସହ ପ୍ରକୃତ ହିତାଧିକାରୀମାନେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଗାଁ ଗହଳିର ଦଲାଲ୍‌ମାନେ ତଦନ୍ତକାରୀ ଅଧିକାରୀଙ୍କୁ ଉତ୍କୋଚ ଦେଇ ଏପରି ଅନିୟମିତତା କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତହସିଲଦାର ଅନିମା ପଣ୍ଡାଙ୍କୁ ପଚାରିବାରୁ ଅଭିଯୋଗ ପାଇଛି ତାହାର ସତ୍ୟାସତ୍ୟ ପାଇଁ ମୁଁ ନିଜେ ତଦନ୍ତ କରିବି ବୋଲି କହିଥିଲେ।

### ଡକାୟତି ଯୋଜନା ପଣ୍ଡ
### ବୋମା ଭିଡୁଥିବା ବେଳେ ୫ ଗିରଫ

ପୁରୀ ଅଫିସ,୧୭: ଡକାୟତି ଲାଗି ଏକାଠି ବୋମା ଭିଡୁଥିବାବେଳେ ୫ଜଣଙ୍କୁ ଗିରଫ କରିଛି ବାସେଲି ସାହି ଥାନା ପୋଲିସ। ଫଳରେ ପୁରୀ-ସାତପଡ଼ା ରାସ୍ତାରେ ଡକାୟତି ଯୋଜନା ପଣ୍ଡ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାସେଲି ସାହି ମୁଦୁଲି ଜାଗାର କିଶୋର ମହାନ୍ତି(୪୩), ହରଚଣ୍ଡି ସାହିର ଆଶିଷ ମହାପାତ୍ର(୩୬), ଢିପଜାଗାର ଉମାଶଙ୍କର ଦାସ (୨୬), ଚୁଡ଼ଙ୍ଗ ସାହିର ଅଜିତ୍ ଦାସ(୧୯), ଦାମୋଦର ରୋଡ଼ ଅଞ୍ଚଳର ରଞ୍ଜିତ ସାହୁ (୨୨)। ଏମାନଙ୍କଠାରୁ ଗୋଟିଏ ଖଣ୍ଡା, ମଦ ବୋତଲ ଓ ବୋମା ତିଆରି ସାମଗ୍ରୀ ଜବତ ହୋଇଛି। ଏହି ଘଟଣାରେ ୩ଜଣ ଫେରାର ଅଛନ୍ତି। ସୂଚନା ଅନୁଯାୟୀ, ଡକାୟତି ପାଇଁ ଯୋଜନା କରି ୮ଜଣ ଡକାୟତ ରବିବାର ବିଳମ୍ବିତ ରାତିରେ ବାସେଲି ସାହି ଥାନା ଅଧୀନ ସ୍ୱେରେଜ ବୋର୍ଡ ନିକଟରେ ବୋମା ଭିଡୁଥିଲେ। କୌଣସି ସୂତ୍ରରୁ ଏହି ସୂଚନା ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୫ଜଣଙ୍କୁ କାବୁ କରିଥିବାବେଳେ ଅନ୍ୟ ୩ଜଣ ଖସିଯାଇଥିଲେ। ଫେରାରମାନେ ହେଲେ ଗୋଖା ସାହିର ସୁବାସ ବେହେରା, ଦିବାନା ବେହେରା ଓ ମାର୍କଣ୍ଡେଶ୍ୱର ସାହି ଜଗନ୍ନାଥ ବସ୍ତିର ଦିବାକର ସ୍ୱାଇଁ। ପୁରୀ-ସାତପଡ଼ା ରାସ୍ତାରେ ଡକାୟତି ଲାଗି ସେମାନେ ବୋମା ଭିଡୁଥିଲେ ବୋଲି ଜେରା ବେଳେ ଗିରଫ ଅଭିଯୁକ୍ତମାନେ ସ୍ୱୀକାର କରିଥିବା ପୋଲିସ କହିଛି।

### ନିଖୋଜ ନାବାଳିକା ଉଦ୍ଧାର

ଗୋପ, ୧୭(ଡି.ଏନ୍.ଏ.): ଗୋପ ଥାନା ଅଧୀନ ଏକ ଗ୍ରାମରୁ ଗତ ୨୭ ତାରିଖରେ ନିଖୋଜ ହୋଇଥିବା ଜନୈକ ନାବାଳିକାଙ୍କୁ ଗୋପ ପୋଲିସ ରବିବାର ବିଳମ୍ବିତ ରାତ୍ରିରେ ଉଦ୍ଧାର କରିଛି। ନାବାଳିକା ଜଣଙ୍କ ଗୋପା ଅଞ୍ଚଳର ଏକ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ୨୭ତାରିଖ ଦିନ ହଠାତ୍ ଛାତ୍ରୀ ଜଣଙ୍କ ନିଖୋଜ ହୋଇଯିବା ପରେ ତାଙ୍କ ବାପା ଏନେଇ ଗୋପ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ଅଭିଯୋଗକୁ ନେଇ ଥାନାରେ ୮୫/୧୯ରେ ଏକ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ରବିବାର ନିଖୋଜ ନାବାଳିକାଙ୍କ ସୁରାକ ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଉଦ୍ଧାର କରିବା ସହ ଏହି ଥାନା ଅଞ୍ଚଳର ଜନୈକ ଯୁବକଙ୍କୁ ଗିରଫ କରିଛି। ସୋମବାର ପୋଲିସ ନାବାଳିକାଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଇଥିବାବେଳେ ମଙ୍ଗଳବାର ଗିରଫ ଯୁବକଙ୍କୁ କୋର୍ଟ ଚାଲଣ କରିବ ବୋଲି ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ କହିଛନ୍ତି।

### ବର୍ଷାରେ ଭିଜିଲା ୩ ରଥ

ପୁରୀ ଅଫିସ,୧୭: ପୁରୀରେ ସୋମବାର ବର୍ଷାରେ ଭିଜିଛି ତିନିରଥ। ସନ୍ଧ୍ୟାରୁ ରାତି ସାଢେ ୧୦ଟା ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିଲା। ଫଳରେ ସହରର ବିଭିନ୍ନ ରାସ୍ତାରେ ପାଣି ଜମିଥିଲା। ରାତିରେ ମାଉସୀ ମା ମନ୍ଦିର ସମ୍ମୁଖରେ ଅଳ୍ପ ପାଣି ଜମିଥିବା ବେଳେ ଗଳିକନ୍ଦି ଓ ରାସ୍ତାରେ ପାଣି ରହିଥିବା ଦେଖିବାକୁ ମିଳିଥିଲା।

# ସବୁଜିମା ଫେରାଇ ଆଣିବାକୁ ପ୍ରୟାସ

- ଚାରା ବାଣ୍ଟିଲା ବନ ବିଭାଗ
- ସହରାଞ୍ଚଳରେ ଜଣଙ୍କୁ ୫ଟି, ଗ୍ରାମାଞ୍ଚଳରେ ୧୦ଟି ଗଛ ଦିଆଯିବ
- ୫ ଲକ୍ଷ ଚାରା ବଣ୍ଟାଯିବ: ଡିଏଫ୍‌ଓ

ପୁରୀ ଅଫିସ,୧୭:

ଆଉ ଦିନକ ପରେ ବାତ୍ୟା ଫଣୀକୁ ଦୁଇମାସ ପୂରିବ। ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ପୁରୀ ଜିଲା। ଲକ୍ଷ ଲକ୍ଷ ଗଛ ଭାଙ୍ଗିପଡ଼ିବାରୁ ଶ୍ରୀହୀନ ହୋଇଯାଇଥିଲା ପୁରୀ। ଏବେ ଜିଲାରେ ସବୁଜିମା ଫେରାଇ ଆଣିବାକୁ ଅଣ୍ଟାଭିଡ଼ିଛି ପୁରୀ ବନ୍ୟପ୍ରାଣୀ ବନଖଣ୍ଡ। ସୋମବାର ବନଖଣ୍ଡ ପକ୍ଷରୁ ଚାରା ବଣ୍ଟା ଆରମ୍ଭ ହୋଇଛି। ଲୋକଙ୍କୁ ମାଗଣାରେ ଚାରା ଦେଇ ଏହାକୁ ରୋପଣ କରିବାକୁ ପରାମର୍ଶ ଦିଆଯାଉଛି। ସହରାଞ୍ଚଳରେ ଜଣଙ୍କୁ ୫ଟି ଏବଂ ଗ୍ରାମାଞ୍ଚଳରେ ୧୦ଟି ଲେଖାଏ ଗଛ ପ୍ରଦାନ କରାଯିବ। ଚଳିତବର୍ଷ ପ୍ରାୟ ୫ଲକ୍ଷ ଚାରା ବାଣ୍ଟିବାକୁ ଯୋଜନା ହୋଇଥିବା ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି ।

ବାତ୍ୟାରେ ପୁରୀ-କୋଣାର୍କ ରାସ୍ତା ପାର୍ଶ୍ୱସ୍ଥ ୮୭ବର୍ଗ କିମି ପରିବ୍ୟାପ୍ତ ବାଲୁଖଣ୍ଡ ଅଭୟାରଣ୍ୟ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ପ୍ରାୟ ୫ହଜାର ହେକ୍ଟର ଅଞ୍ଚଳର ଲକ୍ଷ ଲକ୍ଷ ଗଛ ଧରାଶାୟୀ ହୋଇପଡ଼ିଥିଲା। ବ୍ୟାପକ ମାତ୍ରାରେ କାଜୁ ବଗିଚା, ନଡ଼ିଆ ବଗିଚା ଛାରଖାର ହୋଇଯାଇଥିଲା। ତେଣୁ ଜିଲାରେ ସବୁଜିମା ଫେରାଇ ଆଣିବା ଲାଗି ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଲୋକଙ୍କୁ ଚାରା ବଣ୍ଟାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁଯାୟୀ, ସୋମବାର ୬ଟି ଚାରା ବିତରଣ କେନ୍ଦ୍ର ଖୋଲାଯାଇଛି। ଏଥିମଧ୍ୟରୁ ପୁରୀ ସହରସ୍ଥ ଡାକ୍ତରଖାନା ଛକ, ଭିଆଇପି ରୋଡ଼ ଆଦି ୪ଟି ସ୍ଥାନରେ ଖୋଲାଯାଇଥିବା ବିତରଣ କେନ୍ଦ୍ରରେ ଚାରା ବଣ୍ଟନ କରାଯାଉଛି। ଏ ସମ୍ପର୍କରେ ସହକାରୀ ବନ ସଂରକ୍ଷକ ପ୍ରଶାନ୍ତ କୁମାର ସ୍ୱାଇଁ କହିଛନ୍ତି, ବାତ୍ୟାରେ ଜିଲାରେ ବ୍ୟାପକ ମାତ୍ରାରେ ଗଛ ନଷ୍ଟ ହୋଇଛି। ତେଣୁ ପୁନଶ୍ଚ କିପରି ଗଛ ସୃଷ୍ଟି କରାଯାଇପାରିବ ସେ ଦିଗରେ ସମସ୍ତେ ଯତ୍ନବାନ ହେବା ଦରକାର। ବନଖଣ୍ଡ ପକ୍ଷରୁ ଚାରା ବିତରଣ କେନ୍ଦ୍ର ଖୋଲାଯାଇଛି। ଲୋକମାନେ ଆସି ସେମାନଙ୍କ ପସନ୍ଦର ଚାରା ନେଇ ନିଜ ବାଡ଼ିରେ ଲଗାଇପାରିବେ। କେବଳ ଲଗାଇଦେଲେ ହେବନି ଏହାର ଯତ୍ନ ନେବା ଦରକାର। ଚାରା ନେବା ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଙ୍କ ପରିଚୟପତ୍ର ଦେବାକୁ ପଡ଼ିବ। ତେବେ ସହରାଞ୍ଚଳରେ ଜଣଙ୍କୁ ୫ଟି ଏବଂ ଗ୍ରାମାଞ୍ଚଳରେ ଜଣଙ୍କୁ ୧୦ଟି ଚାରା ଦିଆଯିବ। ଆବଶ୍ୟକ ସ୍ଥଳେ ଅଧିକ ଚାରା ଦିଆଯାଇପାରିବ। ଯଦି କୌଣସି ବ୍ୟକ୍ତିବିଶେଷ କିମ୍ବା ସଙ୍ଗଠନକୁ ଅଧିକ ଚାରା ଦରକାର ପଡ଼େ ତେବେ ସେମାନେ ନିକଟସ୍ଥ ରେଞ୍ଜରଙ୍କୁ ଲିଖିତ ଭାବେ ଜଣାଇଲେ ତାହାର ବିଚାର କରାଯିବ। ଏହାବ୍ୟତୀତ ବିଭିନ୍ନ ଅଞ୍ଚଳରେ ନର୍ସରୀ ମଧ୍ୟ ଖୋଲାଯାଇଛି। ସେଠାରେ କ'ଣ କ'ଣ ଚାରା କେତେ ପରିମାଣରେ ରହିଛି ତାହା ବିଭାଗ ୱେବ୍ ପୋର୍ଟାଲରେ ଅପ୍‌ଲୋଡ଼ କରାଯାଇଛି । ତେଣୁ ଜିଲାର ଜନସାଧାରଣ ନିକଟସ୍ଥ ନର୍ସରୁ ମଧ୍ୟ ଚାରା ନେଇପାରିବେ ବୋଲି ସ୍ୱାଇଁ ସୂଚନା ଦେଇଛନ୍ତି।



ପୁରୀ ବନବିଭାଗ ପକ୍ଷରୁ ଚାରା ବଣ୍ଟନ କରାଯାଉଛି।



ବର୍ଷାଯୋଗୁ ପୁରୀ ବଡ଼ଦାଣ୍ଡ ସୋମବାର ଜଳମଗ୍ନ ହୋଇଛି।

# ଯାଞ୍ଚ ହେଲେ ଖୋଲିବ ଜାଲ୍ ରାଶନ କାର୍ଡ ଗୁମର

## ଜିଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର

ଗୋପ, ୧୭(ଡି.ଏନ୍.ଏ.)

ଗୋପ ବ୍ଲକର ଜନୈକ ଡିଲର ରାସନ କାର୍ଡ଼ ହିତାଧିକାରୀଙ୍କର ଚାଉଳ ହଡ଼ପ କରିବା ଅଭିଯୋଗ ଆସିବା ପରେ ପୁରୀ ଉପ-ଜିଲାପାଳ ଭବତାରଣ ସାହୁ ସଂପୃକ୍ତ ଡିଲରକୁ ନିଲମ୍ବିତ କରିଥିଲେ। ଏହା ପରେ ଅନେକ ଅଭିଯୋଗ ଆସିଥିଲେ ବି ପ୍ରସାଶନ ଚୁପ୍ ହୋଇ ବସିପଡିଛି। ଫଳରେ ଏହି ଦୁର୍ନୀତୀର ଗୁମର ପରଦା ଆଢୁଆଳରେ ରହିଯାଇଥିବା ଜଣାପଡ଼ିଛି।

ଗୋପ ବ୍ଲକ୍‌ରେ ଶହ ଶହ ଗରିବ ଲୋକଙ୍କ ନାଁରେ ଜାଲ୍ ରାସନକାର୍ଡ଼ ମାଧ୍ୟମରେ କେତେକ ଡିଲର ପିଏସ୍‌ଓ ମେସିନ୍ ଦ୍ୱାରା ଜାଲ୍ ଟିପ ଚିହ୍ନ ମାଧ୍ୟମରେ ରାସନ ସାମଗ୍ରୀ ହଡ଼ପ କରୁଥିବା ଅଭିଯୋଗ ହୋଇଥିଲା। ୨୦୧୬ ରୁ ସରକାର ଖାଦ୍ୟ ସୁରକ୍ଷା ଆଇନ୍ ଶୃଙ୍ଖଳିତ କରିବା ନିମନ୍ତେ ଏହି ଯୋଜନା ପ୍ରଣୟନ କରିଥିଲେ। ସେହି ସମୟରେ କେତେଜଣ ଲାଭଖୋର ଡିଲରମାନେ ଯୋଗାଣ ବିଭାଗ ଅଧିକାରୀଙ୍କୁ ହାତ କରି ଶହ ଶହ ଭୁତ କାର୍ଡ଼ ସୃଷ୍ଟି କରିଥିଲେ। ଏହି ଭୁତ କାର୍ଡ଼ ମାଧ୍ୟମରେ ଶହ ଶହ କୁଇଣ୍ଟାଲ ଚାଉଳ ହଡ଼ପ କରି ଆସୁଥିବାବେଳେ ଫଣୀ ପରେ ଏପରି ଦୁର୍ନୀତୀ ଘଟଣା ପଦାକୁ ଆସିଥିଲା। ଗୋପ ବ୍ଲକ୍‌ରେ ଥିବା ୮୦ ଜଣ ଡିଲରଙ୍କ ମଧ୍ୟରୁ ଅଧିକାଂଶ ଡିଲର ଅପ୍ରେଲ ଓ ମଇ ମାସରେ ଦିଆଯାଇଥିବା ରାସନ ସାମଗ୍ରୀରେ ମଧ୍ୟ ଚାଉଳ ଏବଂ କିରୋସିନି ହଡ଼ପ କରିଥିବା ଅଭିଯୋଗ ରହିଛି। ଏପରି ଗୁରୁତର ଅଭିଯୋଗ ଆସିବା ପରେ ପୁରୀ ଜିଲାପାଳ ବଲୱନ୍ତ ସିଂ ସମସ୍ତ ଡିଲର କେନ୍ଦ୍ରରେ ଲାଗିଥିବା ପିଏସ୍‌ଓ ମେସିନ୍ ସମ୍ପର୍କରେ ତଦନ୍ତ କରି କେତେଜଣ ଟିପ ଚିହ୍ନ ମାଧ୍ୟମରେ ରାସନ କାର୍ଡ଼ ସାମଗ୍ରୀ ନେଉଛନ୍ତି ତାହା ଜଣାଇବାକୁ ଗୋପ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜିଲାପାଳଙ୍କ ଏହି ନିର୍ଦ୍ଦେଶକୁ ଏ ପର୍ଯ୍ୟନ୍ତ ବିଡିଓ ଦୀପ୍ତିରାଣୀ ଦାସ ତଦନ୍ତ କରି ନାହାନ୍ତି। ଏ ସମ୍ପର୍କରେ ତାଙ୍କୁ ପଚରାଯିବାରୁ ଖୁବ୍ ଶୀଘ୍ର ତଦନ୍ତ କରାଯିବ ବୋଲି କହିଥିଲେ। ତେଣୁ ପଞ୍ଚାୟତରେ ଥିବା ଡିଲର କେନ୍ଦ୍ରଗୁଡ଼ିକର ପିଏସ୍‌ଓ ମେସିନ୍‌କୁ ଯାଞ୍ଚ କରାଗଲେ ଜାଲ୍ କାର୍ଡ଼ ସମ୍ପର୍କରେ ଗୁମର ଖୋଲିବ। ଏପରି ଅଭିଯୋଗକୁ ନେଇ ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓଙ୍କୁ ପଚାରିବାରେ ଟିପ ଚିହ୍ନ ତଦନ୍ତ କରିବା ଲାଗି ଜିଲାପାଳ ବିଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କରାଯାଇନାହିଁ। କିନ୍ତୁ ଗୋପ ବ୍ଲକ୍‌ରେ ଥିବା ଏନେଇ ଖୁବ୍ ଶିଘ୍ର ତଦନ୍ତ କରାଯାଇ ରାସନ ସାମଗ୍ରୀ ହଡ଼ପ କରୁଥିବା ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଥିଲେ।

## ବିଦ୍ୟାଳୟରେ ଚାରାରୋପଣ

ପୁରୀ ଅଫିସ,୧୭:

ରୋଟାରୀ କ୍ଲବ ଓ ଇନର ହୁଇଲ କ୍ଲବ ପକ୍ଷରୁ ସୋମବାର ମାର୍କଣ୍ଡେଶ୍ୱର ସାହି ବାଳିକା ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ଏତଦ୍‌ବ୍ୟତୀତ ସିଟି ରୋଡ଼୍‌ସ୍ଥିତ ଏସ୍‌ବିଆଇର ହଲିଡ଼େ ହୋମ୍ ପରିସରରେ ରକ୍ତ ଶିବିର ଏବଂ ଦଣ୍ଡତୋଟାସ୍ଥିତ ସ୍ୱାଧାର ଗୃହର ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ରକ୍ତଦାନ ଶିବିରକୁ ଏସ୍‌ବିଆଇ ପୁରୀ ଶାଖା ମୁଖ୍ୟ ସମ୍ବିତ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ରୋଟାରୀ କ୍ଲବ ସଭାପତି ରବିନାରାୟଣ ମିଶ୍ର, ସମ୍ପାଦକ ସନ୍ତୋଷ କୁମାର ଲେଙ୍କା, ଚକ୍ରଧର ମହାପାତ୍ର, ଭକ୍ତ ଚରଣ ଦାସ, ଦେବୀପ୍ରସନ୍ନ ନନ୍ଦଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

## ଯୌତୁକ ପାଇଁ ବଧୂଙ୍କୁ ହତ୍ୟା ଅଭିଯୋଗ

କୃଷ୍ଣପ୍ରସାଦ,୧୭.(ଡି.ଏନ୍.ଏ.):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଶିଆଳ ଗାଁରେ ଜଣେ ନବ ବିବାହିତା ବଧୂଙ୍କୁ ଅଧିକ ଯୌତୁକ ଦାବି କରି ସୋମବାର ହତ୍ୟା କରାଯାଇଥିବା କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ମୃତା ବଧୂ ଜଣକ ହେଉଛନ୍ତି ମୋରଡ଼ା ଅଞ୍ଚଳ ନୂଆଗାଁ ବଟକୃଷ୍ଣ ପଲେଇଙ୍କ ସାନ ଝିଅ ମାମାଲି ପଲେଇ(୨୦) । ଶିଆଳଗାଁ ଭ୍ରମର ବିଶ୍ୱାଳଙ୍କ ପୁଅ ମିଟୁ(୨୫)ଙ୍କ ସହ ମେ ୧୭ ରେ ମାମାଲିଙ୍କ ବିବାହ ହୋଇଥିଲା। ବାହାଘରବେଳେ ଯୌତୁକ ଖର୍ଚ୍ଚ ବାବଦକୁ ୫୦ ହଜାର ଟଙ୍କା ସହ ଆସବାବପତ୍ର ଦିଆଯାଇଥିଲା । ତେବେ ବିବାହର କିଛି ଦିନ ପରେ ଅଧିକ ୫୦ ହଜାର ଟଙ୍କା ଦାବି କରି ଶ୍ୱଶୁର ଘର ଲୋକେ ବୋହୂଙ୍କୁ ନିର୍ଯାତନା ଦେଇ ଆସୁଥିବା ମାମାଲି ବାପଘର ଲୋକେ ଅଭିଯୋଗ କରିଛନ୍ତି।

# ବେଡ୍‌ରୋଲ୍ କର୍ମଚାରୀଙ୍କ ଧାରଣା

ପୁରୀ ଅଫିସ,୧୭:

ଇଷ୍ଟକୋଷ୍ଟ ରେଲୱେ ଅସ୍ଥାୟୀ ଶ୍ରମିକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ସିନିୟର କୋଚିଂ ଡିପୋଟ୍ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ଶ୍ରମିକ ଓ କର୍ମଚାରୀମାନେ ଦୀର୍ଘ ସମୟ ଧରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବାରମ୍ବାର ଦାବି ସତ୍ତ୍ୱେ ଶ୍ରମିକ ଓ କର୍ମଚାରୀଙ୍କ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ ବୋଲି ସଂଘ ଅଭିଯୋଗ କରିଛି। ସର୍ବନିମ୍ନ ମଜୁରି, ବକେୟା ଦରମା, ଇଏସ୍‌ଆଇ ଏବଂ ଇପିଏଫ୍ ସମେତ ପୁନଃ ନିଯୁକ୍ତି ନିମନ୍ତେ ଦାବି କରାଯାଇଛି। ସଂଘର ଆବାହକ ଆଇନଜୀବୀ ଶ୍ରୀକାନ୍ତ ପରିଜା ଏବଂ ଯୁବ ଆଇନଜୀବୀ ସାମ୍ମୁଖ୍ୟ ଆବାହକ କାଳିପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ତପନ ସେଠୀ, କୃପାସିନ୍ଧୁ ପ୍ରଧାନ, ବୀରେନ୍ଦ୍ର ପାଣିଗ୍ରାହୀ, ଲକ୍ଷ୍ମୀଧର ମହାନ୍ତିଙ୍କ ସମତେ ଶତାଧିକ ଶ୍ରମିକ ଓ କର୍ମଚାରୀମାନେ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆବାହକ ପରିଜା କହିଛନ୍ତି।



ଶ୍ରମିକ ଓ କର୍ମଚାରୀମାନେ କାର୍ଯ୍ୟାଳୟ ଆଗରେ ଧରଣା ଦେଇଛନ୍ତି।

- ଓପନ ଶେଲ୍‌ଟରରୁ ଦିବ୍ୟାଙ୍ଗ ଶିଶୁ ଚମ୍ପଟ

# ୯ ଦିନ ପରେ ବି ଦିଆଯାଇନି ଏତଲା

## ଜିଲାରେ ଶିଶୁ ସୁରକ୍ଷା ପାଲଟିଛି ପ୍ରହସନ

ପୁରୀ ଅଫିସ, ୧୭:

ଶିଶୁଙ୍କ ସୁରକ୍ଷା ଓ ଉପଯୁକ୍ତ ଥଇଥାନ ଉପରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଏଥିପାଇଁ ବିଭିନ୍ନ ପଦକ୍ଷେପ ମଧ୍ୟ ନେଉଚନ୍ତି। ମାତ୍ର ପୁରୀ ଜିଲାରେ ଶିଶୁ ସୁରକ୍ଷା ପ୍ରହସନ ପାଲଟିଛି। ଓପନ ଶେଲ୍‌ଟରରୁ ଶିଶୁ ଚମ୍ପଟ ମାରୁଥିଲେ ମଧ୍ୟ ଥାନାରେ ଏତଲା ଦିଆଯାଉନାହିଁ। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ କର୍ତ୍ତୃପକ୍ଷ ନିଦାବିଷ୍ଟୁ ସାଜିଛନ୍ତି। ଜୁନ ୨୨ତାରିଖଠାରୁ ଓପନ ଶେଲ୍‌ଟରରୁ ଜଣେ ୯ ବର୍ଷୀୟ ଦିବ୍ୟାଙ୍ଗ ନାବାଳକ ଚମ୍ପଟ ମାରିଥିଲେ। ତାଙ୍କର କୌଣସି ଖୋଜ୍ ଖବର ନ ଥିଲେ ମଧ୍ୟ ଓପନ ଶେଲ୍‌ଟର ପକ୍ଷରୁ ସ୍ଥାନୀୟ ଥାନାରେ ଏତଲା ଦିଆଯାଇନାହିଁ। ସେହିପରି ଏ ନେଇ ଚାଇଲ୍ଡଲାଇନ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ କିମ୍ବା ଜିଲା ଶିଶୁ ମଙ୍ଗଳ କମିଟିକୁ ମଧ୍ୟ ଅବଗତ କରାଯାଇ ନ ଥିବା ଅଭିଯୋଗ ହେଉଛି। ଆଉ ଦୁଇଦିନ ପରେ ରଥଯାତ୍ରା। ପୁରୀ ସହରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏହି ସମୟରେ ଭିଡ଼ ଭିତରେ ବହୁ ଶିଶୁ ନିଖୋଜ ହେବାର ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଶିଶୁଙ୍କ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ।

ସୂଚନା ଅନୁଯାୟୀ, ପୁରୀ ରେଲୱେ ଷ୍ଟେଶନରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ଜଣେ ଦିବ୍ୟାଙ୍ଗ ନାବାଳକଙ୍କୁ ଚାଇଲ୍ଡଲାଇନ ପକ୍ଷରୁ ଉଦ୍ଧାର କରାଯାଇଥିଲା। ଜିଲା ଶିଶୁ ମଙ୍ଗଳ କମିଟି(ସିଡବ୍ଲ୍ୟୁସି) ନିର୍ଦ୍ଦେଶ କ୍ରମେ ନାବାଳକ ଜଣକ ଓପନ ଶେଲଟରରେ ରହିଥିଲେ। ଅନ୍ୟପଟେ ସେହି ଦିନ ଜିଲା ଶିଶୁ ମଙ୍ଗଳ କମିଟିର ଦୁଇଜଣ ସଦସ୍ୟ ଓପନ ଶେଲଟର ଯାଞ୍ଚ ଲାଗି ଯାଇଥିଲେ। ଏହାର କିଛି ସମୟ ପରେ ନାବାଳକ ଜଣକ ସେଠାରୁ ଚମ୍ପଟ ମାରିଥିଲେ। ଏହି ଘଟଣା ସମ୍ପର୍କରେ ସିଡବ୍ଲ୍ୟୁସି, ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ଖବର ରହିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପ୍ରକାଶ ଯେ, ନିକଟରେ ଦୁଇଜଣ ନାବାଳକ ଓପନ ଶେଲଟରରୁ ଚମ୍ପଟ ମାରିଥିଲେ। ସେହି ଦିନ ବିଳମ୍ବିତ ରାତିରେ ବସଷ୍ଟାଣ୍ଡରୁ ଡିସିପିଓ ମନୋଜ ତ୍ରିପାଠୀ ସେମାନଙ୍କୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତରିତ କରିଥିଲେ। ଏହି ନେଇ ମଧ୍ୟ ଥାନାରେ ଅଭିଯୋଗ ହୋଇ ନ ଥିଲା। ଓପନ ଶେଲଟରରୁ ଏବେ କୌଣସି ଅନ୍ତେବାସୀ ଖସିଯିବା ସମ୍ପର୍କରେ କିଛି ଅଭିଯୋଗ ହୋଇ ନ ଥିବା ତାଳବଣିଆ ଥାନା ଅଧିକାରୀ ଧିରଜ ଲେଙ୍କା କହିଛନ୍ତି। ଏଥିରୁ ଓପନ ଶେଲଟର କର୍ତ୍ତୃପକ୍ଷ ଶିଶୁଙ୍କ ସୁରକ୍ଷା ଦିଗରେ କେତେ ତତ୍ପର ତାହା ସ୍ପଷ୍ଟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କହିଛନ୍ତି, ଘଟଣା ସମ୍ପର୍କରେ ଓପନ ଶେଲଟର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବି। କାହିଁକି ପିଲା ପଳାଉଛନ୍ତି ସେ ସମ୍ପର୍କରେ ବିଚାର ବିମର୍ଷ କରାଯିବ। ଆବଶ୍ୟକ ପଡ଼ିଲେ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ୭୦ତମ ବନ ମହୋତ୍ସବ

- ବିଭିନ୍ନ ସ୍ଥାନରେ ଚାରା ରୋପଣ ସହ ବଣ୍ଟନ

ସାକ୍ଷୀଗୋପାଳ/ କଣାସ /କୋଣାର୍କ, ୧୭(ଡି.ଏନ୍.ଏ.)

ଫଣୀରେ ଧରାଶାୟୀ ହୋଇଛି ଲକ୍ଷ ଲକ୍ଷ ବୃକ୍ଷ। ଉଜୁଡ଼ିଯାଇଛି ଶାନ୍ତ ସବୁଜ ପରିବେଶ। ପ୍ରକୃତିର ତାଣ୍ଡବରେ ସବୁକିଛି ଧ୍ୱଂସ ହୋଇଯାଇଛି। ବନବିଭାଗ ପକ୍ଷରୁ ପୁଣି ସବୁଜ ପରିବେଷ ସୃଷ୍ଟିକରିବା ନେଇ ଲୋକଙ୍କୁ ସଚେତନ କରାଯାଉଛି। ସୋମବାର ୭୦ତମ ବନ ମହୋତ୍ସବ ସପ୍ତାହ ଆରମ୍ଭ ଅବସରରେ ପୁରୀ ଜିଲାର ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯିବା ସହ ଲୋକମାନଙ୍କୁ ମାଗଣା ଚାରା ବଣ୍ଟନ କରାଯାଇଛି।

**ସାକ୍ଷୀଗୋପାଳ**

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ଶ୍ରେଣୀ କକ୍ଷ ନିକଟରେ ସୁନ୍ଦର ସବୁଜିମା ଓ ଛାୟା ପ୍ରଦାନ ନିମନ୍ତେ ବିଦ୍ୟାଳୟର ଛାତ୍ରମାନେ କୃଷ୍ଣଚୁଡ଼ା, ପାଟେଳୀ, ବଉଳ, କରଞ୍ଜ ଓ ନିମ୍ବ ଆଦିର ଚାରା ରୋପଣ କରିଥିଲେ। ମୁଖ୍ୟ ଅତିଥି ଭାବରେ ପୁରୀ ବାଲୁଖଣ୍ଡ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ମନୋଜ କୁମାର ମହାନ୍ତି ଯୋଗଦେଇଥିଲେ। ଲଗାଯାଇଥିବା ଚାରା ଗୁଡିକର ଯତ୍ନ ନେବାକୁ ସେ ପରାମର୍ଶ ଦେବା ସଙ୍ଗେସଙ୍ଗେ ଜୀବ ଜଗତ ପାଇଁ ବୃକ୍ଷର ଆବଶ୍ୟକତା ନେଇ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବନପାଳ ପ୍ରଦୀପ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭବମ୍ ପ୍ରଧାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ପରିଚାଳନା କରିଥିଲେ ସହକାରୀ ଶିକ୍ଷକ ସତ୍ୟବାଦୀ ଦାଶ ଓ ଏନ୍‌ସିସି ଶିକ୍ଷକ ବିଜୟ କୁମାର ପରିଡା।

**କଣାସ**

କଣାସ ପଞ୍ଚାୟତସମିତି ନିକଟବର୍ତ୍ତୀ ପେଟ୍ରୋଲପମ୍ପ ପରିସରରେ ୭୦ତମ ବନମହୋତ୍ସବ ଉପଲକ୍ଷେ ଡେଲାଙ୍ଗ ବନାଅଞ୍ଚଳ ପକ୍ଷରୁ ଏକ ମାଗଣା ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କେନ୍ଦ୍ରକୁ କଣାସ ମଣ୍ଡଳ ଉନ୍ନୟ ଅଧିକାରିଣୀ ପ୍ରତିଭା ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରମେଶଚନ୍ଦ୍ର ସେଠୀ, କଣାସ ତହସିଲଦାର ଅନିମା ପଣ୍ଡା, ବନାଞ୍ଚଳ ଅଧିକାରୀ ଶଶିଭୂଷଣ ବଳିୟାରସିଂହ, ବନପାଳ ଗଗନ ବିହାରୀ ମହାପାତ୍ର ଯୋଗଦେଇ ବିଭିନ୍ନ ଚାରା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ପରିବେଶବିଦ୍ ଅପର୍ଣ୍ଣା ମହାପାତ୍ର, ବନପାଳ ଅକ୍ଷୟ କୁମାର ମୁଦୁଲି ପରିଚାଳନା କରୁଛନ୍ତି।

**କୋଣାର୍କ**

ବନବିଭାଗ ପକ୍ଷରୁ ବାଲିଦୋକାନସ୍ଥିତ ବଟେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ କରଞ୍ଜ, ନିମ୍ବ, ଅଁଳା, ବାଟୁଳି, ପୁତ୍ରଞ୍ଜିବା ଆଦି କିସମର ୬୦ଟି ଚାରା ରୋପଣ କରାଯାଇଛି। କୋଣାର୍କ ବନାଞ୍ଚଳ ଅଧିକାରୀ ଆଦିତ୍ୟ ନାରାୟଣ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ବରିଷ୍ଠ ନାଗରିକ ଓ ବିଭାଗୀୟ କର୍ମଚାରୀମାନେ ସାମିଲ ହୋଇଥିଲେ। ବିଭାଗ ପକ୍ଷରୁ କୋଣାର୍କ ଡାକ୍ତରଖାନା ଛକରେ ଏକ ମାଗଣା ଚାରା ବିତରଣ କେନ୍ଦ୍ର ଖୋଲାଯାଇ ସୋମବାର ଦୁଇହଜାର ବୃକ୍ଷ ଚାରା ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ବିତରଣ କରାଯାଇଛି। ଏକ ସପ୍ତାହ ଧରି ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ସାଧାରଣରେ ୪୦ହଜାର ଚାରା ମାଗଣା ବିତରଣ କରାଯିବ। ଏହି ଅବସରରେ ବନବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ୪୫୦ଟି ଚାରା ରୋପଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ମିଶ୍ର ପ୍ରକାଶ କହିଛନ୍ତି।



କୋଣାର୍କ ବନବିଭାଗ ପକ୍ଷରୁ ଡାକ୍ତରଖାନା ଛକରେ ମାଗଣା ଚାରା ବିତରଣ କେନ୍ଦ୍ର ଖୋଲାଯାଇଛି।



ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ବନ ମହୋତ୍ସବ କାର୍ଯ୍ୟକ୍ରମ।